# ତପସ୍ୱିନୀ

ଗଙ୍ଗାଧର ମେହେ



# ତପସ୍ୱିନୀ

( ପର୍ଯ୍ୟାପ୍ତ ମୁଖବନ୍ଧ ଓ ପାଦଟୀକା ସହ )

ସ୍ୱର୍ଗତ ଗଙ୍ଗାଧର ମେହେର

ବିନୋଦ ବିହାରୀ, କଟକ-୨

ପ୍ରକାଶକ
ନାଳନ୍ଦା
ବିନୋଦବିହାରୀ
କଟକ-୨

ପ୍ରଥମ ସଂସ୍କରଣ—୧୯୭୫
ଶ୍ରୀଗୁଣ୍ଡିଚ୍ଚ

ମୁଦ୍ରଣ :
ବ୍ରଜେନ୍ଦ୍ର ପ୍ରେସ
କଟକ-୨

●

ପ୍ରଥମ ସର୍ଗ—୧
ଦ୍ୱିତୀୟ ସର୍ଗ—୧୫
ତୃତୀୟ ସର୍ଗ—୩୩
ଚତୁର୍ଥ ସର୍ଗ—୪୭
ପଞ୍ଚମ ସର୍ଗ—୫୭
ଷଷ୍ଠ ସର୍ଗ—୬୮
ସପ୍ତମ ସର୍ଗ—୮୧
ଅଷ୍ଟମ ସର୍ଗ—୧୦୪
ନବମ ସର୍ଗ—୧୨୦
ଦଶମ ସର୍ଗ—୧୩୫
ଏକାଦଶ ସର୍ଗ—୧୪୨

ମୂଲ୍ୟ—ଚାରି ଟଙ୍କା ମାତ୍ର

# ଉତ୍ସର୍ଗ

ଭକ୍ତଭାଜନ ଶ୍ରୀମାନ୍ ରମନାରାୟଣ ମିଶ୍ର, M A.; B.L.

ମହୋଦୟେଷୁ

ସବିନୟ ନିବେଦନମିଦମ୍

ମହାତ୍ମନ୍ !

ଆପଣ ଅନେକ ଦରିଦ୍ର ଛାତ୍ରଙ୍କୁ ଅର୍ଥ ସାହାଯ୍ୟ କରି ସେମାନଙ୍କର ଶିକ୍ଷାର ପଥ ପ୍ରଶସ୍ତ ଓ ସୁଗମ କରୁଥିବାର ମୁଁ ଅବଗତ ହୋଇଅଛି । ପଥପାର୍ଶ୍ୱରେ ରୋପଣ କରିବା ନିମନ୍ତେ ନାନାପ୍ରକାର ବାଲ ପାଦପ ଆବଶ୍ୟକ ହୋଇଥାଏ, ଏହା ଭାବି ମୁଁ ଏହି ତପସ୍ୱିନୀ-ନାମ୍ନୀ ପୁସ୍ତିକାକୁ ଆପଣଙ୍କ କରକମଳରେ ଅର୍ପଣ କଲି । ଫଳ ପୁଷ୍ପର ଆଶା ନ ଥିଲେ ସୁଦ୍ଧା ଆପଣ ଏହାକୁ ସାମାନ୍ୟ ଛାୟାର ଉପଯୋଗୀ ବାଲ-ତରୁ ରୂପେ ଗ୍ରହଣ କରି ମୋତେ କୃତାର୍ଥ କରିବା ହେବେ ।

। ଇତି ।

ପଦ୍ମପୁର
ତା୫।୧୦।୧୯୧୪ରିଖ

ଭବଦୀୟ ଚିର-କୃତଜ୍ଞ
ଶ୍ରୀ ଗଙ୍ଗାଧର ମେହେର

# ମୁଖବନ୍ଧ

ପିତୃସତ୍ୟ-ରକ୍ଷା ନିମନ୍ତେ ବନବାସୀ ହେବାରୁ ରାମଙ୍କର ଓ ସ୍ୱାମୀଙ୍କର ଅନୁଗାମିନୀ ହେବାରୁ ସୀତାଙ୍କର ଯେଉଁ ମାହାତ୍ମ୍ୟ ପରିସ୍ଫୁଟ ହୋଇଥିଲା, ସୀତାଙ୍କର ନିର୍ବାସନରେ ତାହା ଗୌରବମୟ ହେଲା । ନିର୍ବାସନ-କଷ୍ଟ ସହିବାଦ୍ୱାରା ସୀତାଙ୍କର ପତିଭକ୍ତି ଯେପରି ତେଜୋମୟୀ ହୋଇଗଲା, ତାଙ୍କର ହିରଣ୍ମୟୀ ପ୍ରତିକୃତି ରଖି ଅଶ୍ୱମେଧ-ଯଜ୍ଞ ନିର୍ବାହ କରିବାଦ୍ୱାରା ରାମଙ୍କର ପତ୍ନୀ-ପ୍ରେମ ସେହିପରି ପ୍ରଦୀପ୍ତ ହୋଇଉଠିଲା । ଉପଯୁକ୍ତ ପତିଙ୍କର ଉପଯୁକ୍ତ ପତ୍ନୀ ସୀତା ମିଥ୍ୟାପବାଦରେ ସ୍ୱାମୀକର୍ତ୍ତୃକ ପରିତ୍ୟକ୍ତା ହୋଇଥିଲେ ହେଁ ସ୍ୱାମୀଙ୍କ ହୃଦୟର ପ୍ରେମ ଲୁଟି ପାରିଥିଲେ । ସେ ନିର୍ବାସନକୁ ନିଜର ଭାଗ୍ୟଦୋଷ ବୋଲି ପତିଭକ୍ତିକୁ କିପରି ଦୃଢ଼ତର ଓ ଉଚ୍ଚତର କରିଥିଲେ, ବନବାସକୁ ପତି-ବ୍ରତ-ସାଧନା ତପସ୍ୟାରେ ପରିଣତ କରି ତପସ୍ୱିନୀରୂପେ କିପରି ଦିନ ଯାପନ କରିଥିଲେ, ତାହା ପ୍ରକଟ କରିବା ଏହି ପୁସ୍ତକର ପ୍ରଧାନ ଉଦ୍ଦେଶ୍ୟ । ସୀତା ଯେପରି ସ୍ୱାମୀଙ୍କର କରୁଣା ଲାଭର ଆଶା ତ୍ୟାଗ କରିଥିଲେ, ମୁଁ ସେହିପରି ତାଙ୍କର ଉଚ୍ଚ ଚରିତ୍ର ପ୍ରକଟ କରିବାରେ କୃତକାର୍ଯ୍ୟ ହେବାର ଆଶା ତ୍ୟାଗ କରିଅଛି । ତେବେ ରାମ ତପସ୍ୱିନୀ ସୀତାଙ୍କ ପରିବର୍ତ୍ତିରେ ହୃଦୟ ଜ୍ୟୋତ୍ସ୍ନାକୁ ମନୋହାରିଣୀ ମୂର୍ତ୍ତି କରି ଯଜ୍ଞ ସମାଧାନ କରିଥିଲେ । ବିଜ୍ଞ ପାଠକବୃନ୍ଦ, ଏଥିରେ ମୋର କୃତିତ୍ୱକୁ ଲକ୍ଷ୍ୟ ନ କରି ନିଜ ନିଜର ହୃଦୟସ୍ପୃଷ୍ଟଃ ସୀତାଙ୍କର ଉଜ୍ଜ୍ୱଳ, ନିର୍ମଳ ଓ ପବିତ୍ର ଚରିତ୍ର-ଚିତ୍ର-ସ୍ଫୁଟପଟକୁ ଥରେ ଥରେ ଉଦଘାଟନ କରି ନାରୀ-ହୃଦୟର ଉନ୍ନତି ବିଧାନ କରିବେ, ଏହିମାତ୍ର ଆଶା ।

ଉପସଂହାରରେ ବକ୍ତବ୍ୟ ଏହି ଯେ, ମୋର ପ୍ରିୟ ସୁହୃଦ ଶ୍ରୀଯୁକ୍ତ ବ୍ରଜମୋହନ ପଣ୍ଡା ଏହି ପୁସ୍ତକ-ରଚନା ନିମନ୍ତେ ମୋତେ ଯେଉଁ ଓଜସ୍ୱୀ ଉତ୍ସାହ ଦେଇଅଛନ୍ତି, ତାହା ସର୍ବଥା ଅତୁଳନୀୟ । ମୁଁ ତହିଁ ନିମନ୍ତେ ତାଙ୍କଠାରେ ଗଭୀର କୃତଜ୍ଞତା ପ୍ରକାଶ କରୁଅଛି । ଇତି ।

ପଦ୍ମପୁର
ତା ୫ । ୧୦ । ୧୯୧୪

ବିନୀତ
**ଶ୍ରୀ ଗଙ୍ଗାଧର ମେହେର**

# ମୁଖବନ୍ଧ

## ଗଙ୍ଗାଧରଙ୍କ ମାନସକନ୍ୟା "ତପସ୍ୱିନୀ"

କବି ଗଙ୍ଗାଧର ମେହେରଙ୍କର ସର୍ବଶ୍ରେଷ୍ଠ କୃତି ତପସ୍ୱିନୀ । ମାତ୍ର ଏହାର ଜନ୍ମଜାତକ ପରୀକ୍ଷା କଲେ କବିଙ୍କର ସଂଘର୍ଷପୂର୍ଣ୍ଣ ସାଧନାପୂତ ଜୀବନର ଇତିବୃତ୍ତ ସଂପର୍କରେ ଅନେକ ସୂଚନା ମିଳିଥାଏ । କବି ଥିଲେ ଅତ୍ୟନ୍ତ ଦରିଦ୍ର ପରିବାରର ସନ୍ତାନ । ତେଣୁ ଜୀବନରେ ଅନ୍ନଚିନ୍ତା ଥିଲା ପ୍ରଧାନ ତପସ୍ୟା । ଉଚ୍ଚ ଶିକ୍ଷାଲାଭ କରିବାପାଇଁ ସେ ଆଦୌ ସୁଯୋଗ ଲାଭ କରିପାରି ନ ଥିଲେ । ତେବେ ଏ ସବୁ ସତ୍ତ୍ୱେ ତାଙ୍କର ମନୋରାଜ୍ୟରେ ଭବିଷ୍ୟତର ଅନାଗତ "ତପସ୍ୱିନୀ" ପାଇଁ ସତେ ଯେପରି ଏକ ପରିବେଶ ସୃଷ୍ଟି ହୋଇ ଯାଉଥିଲା ।

୧୮୭୫ ଖ୍ରୀଷ୍ଟାବ୍ଦରେ ବରଗଡ ତହସିଲଦାରଙ୍କ ପ୍ରରୋଚନାରେ ଗଙ୍ଗାଧର ବରପାଲି ସ୍କୁଲରେ ଭର୍ତ୍ତି ହୋଇଥିଲେ । ଏହି କାଳର ଅନୁଭୂତି କବି ନିଜର ସଂକ୍ଷିପ୍ତ ଆତ୍ମଜୀବନୀରେ ଏହିପରି ଲେଖିଅଛନ୍ତି :—

"ପ୍ରଥମେ ବ୍ରାଞ୍ଚ ସ୍କୁଲକୁ କିଛିଦିନ ନିୟମିତରୂପେ ଗଲି । ପରେ ମଧ୍ୟାହ୍ନ ସମୟରେ ପଡ଼ାରେ ବଳରାମ ଦାସଙ୍କ ରାମାୟଣ ପାଠ ହେଉଥିବାରୁ ତାହା ଶୁଣିବାର ଇଚ୍ଛାରେ ଓ ଅବହେଳାରେ କିଛିଦିନ ଅନୁପସ୍ଥିତ ମଧ୍ୟ ହେଲି । କିନ୍ତୁ ପିତାଙ୍କର ପ୍ରେରଣାରେ ପୁନର୍ବାର ଉପସ୍ଥିତ ହେଲି । ବ୍ରାଞ୍ଚସ୍କୁଲ ଶିକ୍ଷକ ଆମ୍ଭମାନଙ୍କୁ ପଢ଼ାଉଥିବା ସମୟରେ ଅନ୍ୟମାନଙ୍କୁ ପାଠ ଘୋଷିବାକୁ କହି କେତେକ ଦିନ "ସୀତା ବନବାସ" (ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ବଙ୍ଗଳା ପୁସ୍ତକ, ଯାହା ବିଚ୍ଛନ୍ଦ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଆରେ ଅନୁବାଦିତ ହୋଇଥିଲା) ପାଠ କରିଥିଲେ । ମୁଁ ତାହା ଶୁଣି ତହିଁରୁ ଅନେକ କଥା ବୁଝିପାରିଥିଲି ।"—

(ଆତ୍ମଜୀବନୀ—ଗ୍ରନ୍ଥାବଳୀ)

ଏ ଦେଶରେ ପ୍ରାଚୀନ ପୁରାଣ ସର୍ବତ୍ର ପ୍ରଚଳିତ ହୋଇଥାଏ । ବିଶେଷତଃ ରାମାୟଣ ମହାଭାରତର ଆଦର୍ଶ ଯୁଗ ଯୁଗ ଧରି ଭାରତୀୟ ସମାଜକୁ ଆଲୋଡ଼ିତ ଓ ଅନୁପ୍ରାଣିତ କରିଆସିଛି । ତେଣୁ ଏ ଦେଶର ଶିଶୁ ବାଲ୍ୟକାଳରୁ ପୁରାଣର କାହାଣୀ ଶୁଣିବାକୁ ଆଗ୍ରହୀ ହୋଇଥାଏ । ଆଲୋଚ୍ୟ ଆତ୍ମଜୀବନୀ ପାଠକଲେ ଜଣାଯାଏ ଯେ ଅତି ବାଲ୍ୟକାଳରୁ ଗଙ୍ଗାଧର ରାମାୟଣ-ପାଠ ଶ୍ରବଣ କରିବାରେ ଆଗ୍ରହୀ ହୋଇ ସ୍କୁଲପାଠ ପ୍ରତି ଅମନୋଯୋଗୀ ହୋଇଥିଲେ ଏବଂ ସେହି ସ୍କୁଲରେ ମଧ୍ୟ ପାଠ୍ୟପୁସ୍ତକ ହିସାବରେ ରାମାୟଣ କଥା "ସୀତା ବନବାସ" ପାଠ କରିଥିଲେ । ତେଣୁ ପ୍ରଥମରୁ ତାଙ୍କର ମନରେ ସୀତାଙ୍କର ଆଦର୍ଶ ଜୀବନର ଉଜ୍ଜ୍ୱଳ କାହାଣୀ ଗଭୀର ଭାବରେ ରେଖାପାତ କରିଥିଲା । ସତେ ଯେପରି ସେହିଦିନୁ ତାଙ୍କର ମାନସ-ଭୂମିରେ ରାମାୟଣ-କଥାର ବୀଜ ବପିତ ହୋଇଥିଲା । ପରବର୍ତ୍ତୀକାଳର ଏହି ବୀଜ ବୃଦ୍ଧି ହୋଇ "ତପସ୍ୱିନୀ" ରୂପକ ମନୋହର ବୃକ୍ଷରେ ପରିଣତ ହେବାପାଇଁ ଅନୁକୂଳ ପାଣିପାଗ ସୃଷ୍ଟି ହୋଇଗଲା । ଯେଉଁ କାରଣଗୁଡ଼ିକ ଏହି ପରିବେଶକୁ ପ୍ରକୃଷ୍ଟ ଭାବରେ ସାହାଯ୍ୟ କରିଥିଲେ, ସେଥିମଧ୍ୟରୁ ହୁଏତ ଏକ କାରଣ ହୋଇପାରେ କାଳିଦାସଙ୍କର ସାହିତ୍ୟର ପ୍ରଭାବ ।

"ମୋର ପଢ଼ା ଏକବର୍ଷ ପୂର୍ତ୍ତି ହେଲାରୁ ଶିକ୍ଷକ ମହାଶୟ ନିଜ ଇଚ୍ଛାରେ ୬ଷ୍ଠ ଶ୍ରେଣୀର ଉଦ୍‌ଘାଟନ କଲେ । ୬ଷ୍ଠରେ ସାହିତ୍ୟ ରଘୁବଂଶ, କ୍ଷେତ୍ରତତ୍ତ୍ୱ, ବୀଜଗଣିତ ପଢ଼ାଇଲେ । କିନ୍ତୁ ଅଳ୍ପଦିନ ପରେ ଅବକାଶ ନେଇ ଗୃହକୁ ଚାଲିଯିବାରୁ ସ୍କୁଲଟି କର୍ତ୍ତୃପକ୍ଷଙ୍କର ନିୟମାନୁସାରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ରହିଲା । ମୋର ପଢ଼ା ମଧ୍ୟ ଶେଷ ହେଲା ।"—

(ଆତ୍ମଜୀବନୀ—ଗ୍ରନ୍ଥାବଳୀ)

ତେବେ ସୁଯୋଗକ୍ରମେ ଗଙ୍ଗାଧର କାଳିଦାସଙ୍କ ରଚିତ ରାମାୟଣ ଅବଲମ୍ବିତ କାବ୍ୟ "ରଘୁବଂଶ" ମଧ୍ୟ ପାଠ କରିଥିଲେ ବାଲ୍ୟଜୀବନରେ । ଓଡ଼ିଆ ରାମାୟଣ, ବିଦ୍ୟାସାଗରଙ୍କ 'ସୀତା ବନବାସ' ସହିତ ମହାକବି କାଳିଦାସଙ୍କର ମନୋଜ୍ଞ କାବ୍ୟରସ ପାଠ କରିବା ଫଳରେ ମେହେରଙ୍କ

କବିପ୍ରାଣ ଉଲ୍ଲସିତ ହୋଇ ଉଠୁଥିଲା । ତାଙ୍କର ମାନସ-ହ୍ରଦରେ ସେତେ-ବେଳେ ଯେଉଁ ତରଙ୍ଗ ସୃଷ୍ଟ ହୋଇଥିଲା, ତାହାର ବର୍ଣ୍ଣିଳ-ରୂପଚ୍ଛଟା ସତେଯେପରି "ତପସ୍ୱିନୀ" କାବ୍ୟରୂପେ ରୂପ ପରିଗ୍ରହ କଲା ।

## "ତପସ୍ୱିନୀ"ର ଆଦ୍ୟ ଝଙ୍କାର

ସେ ହେଉଛି ୧୮୯୨ ଖ୍ରୀଷ୍ଟାବ୍ଦର କଥା । ଗଙ୍ଗାଧରଙ୍କ କବିପ୍ରାଣ ଉଲ୍ଲସି ଉଠିଲା । ସେ ସଂସ୍କୃତ ସାହିତ୍ୟ ଦ୍ୱାରା ପରିପୁଷ୍ଟ ହୋଇଥିଲେ । ତେଣୁ ସେହି ସାହିତ୍ୟର ଶାର୍ଦ୍ଦୂଳ ବିକ୍ରୀଡ଼ିତ ଛନ୍ଦରେ "ଅହଲ୍ୟାସ୍ତବ" ରଚନା କରିଥିଲେ । ଏଥିରେ ପୁରୁଷୋତ୍ତମ ରାମଚନ୍ଦ୍ରଙ୍କର ମହତ୍ତ୍ୱ କୀର୍ତ୍ତିତ ହୋଇଥିଲା । ଭକ୍ତପ୍ରାଣ କବି ଅହଲ୍ୟା ଉଦ୍ଧାରକର୍ତ୍ତା ରାମଚନ୍ଦ୍ରଙ୍କର ଗୁଣଗାନ କରିବାପାଇଁ ଆଗ୍ରହୀ ହୋଇଥିଲେ । ରାମଚନ୍ଦ୍ରଙ୍କର ଦୁଃଖପୂର୍ଣ୍ଣ ଜୀବନ କବିଙ୍କ ମନକୁ ବିଚଳିତ କରିଥିଲା । ବିଶେଷକରି ସୀତାଙ୍କ ଅପହରଣ ଯୋଗୁ ତାଙ୍କ ବିରହରେ ଯେଉଁ ମର୍ମନ୍ତୁଦ ଯାତନା ଅନୁଭବ କରିଥିଲେ ତାହା ଥିଲା କଳ୍ପନାତୀତ । ଏହି କଥାବସ୍ତୁ ଅବଲମ୍ବନରେ ସେ ଲେଖିଲେ "ବିରହବ୍ୟଥିତ ରାମ" । ସଂସ୍କୃତ ଶାର୍ଦ୍ଦୂଳ ବିକ୍ରୀଡ଼ିତ ଛନ୍ଦରେ ଲେଖା "ଅହଲ୍ୟାସ୍ତବ" କବି ମେହେର ରାଧାନାଥଙ୍କ ଅଭିମତ ପାଇଁ ପ୍ରେରଣ କରିଥିଲେ ଏବଂ ୧୮୯୩ ସାଲ ଜାନୁଆରୀ ମାସ ୩୧ 'ତାରିଖରେ ରାଧାନାଥ ତାହାର ପ୍ରାପ୍ତି ସ୍ୱୀକାର କରିଥିଲେ । ମାତ୍ର ସଂସ୍କୃତର ଏହି ଛନ୍ଦ ଲୋକପ୍ରିୟ ହୋଇ ପାରିବ ନାହିଁ ବୋଲି ରାଧାନାଥ ସନ୍ଦେହ ପ୍ରକାଶ କରିଥିବାରୁ ପରେ କବି ଗଙ୍ଗାଧର "ଅହଲ୍ୟାସ୍ତବ" 'ଲେଖିଥିଲେ ବଙ୍ଗଳାଶ୍ରୀ ରାଗରେ । ସେହିପରି 'ବିରହବ୍ୟଥିତ ରାମ' ମଧ୍ୟ ଏହି କାଳରେ ଶାର୍ଦ୍ଦୂଳ ବିକ୍ରୀଡ଼ିତ ବୃତ୍ତରେ ଲିଖିତ ହୋଇଥିଲା । ଉଦାହରଣ ସ୍ୱରୂପ—

"କେ ଆସି ପ୍ରିୟ୍ସୁ ପତ୍ନୀକି କପଟେ ମୋ
ଅଜ୍ଞାତେ ନେଇଗଲା,
ଆନନ୍ଦାଚଳେ ମୋ ହ୍ଲାଦାରୁଣ ପଣେ
କୁଳିଶ ବର୍ଷା କଲା,

କାହାକୁ କହିବ ମନୋଗତ କଥା
ମୋ ଦୁଃଖ କେ ବୁଝିବ
ଶାନ୍ତ ବାରକ ଶୋକତପ୍ତ ହୃଦରେ
ଆହ୍ଲାଦେ କେ ସିଞ୍ଚିବ ।
ହା ଶିରୀଷ ସୁକୋମଲାଙ୍ଗି ! ନଳିନୀ—
ନେତ୍ରି ! ଧର୍ମମନ୍ତ୍ରନେ !
ହା ବିମ୍ବାଧରି ! ହା ଚିକୁର ଶୋଭନ !
ଦୁଃଖବଲୀ ଖଣ୍ଡନେ !
ହା ପ୍ରିୟେ ! ସ୍ମିତହାସିନ ! ସୁବଚନ !
ହା ପୂର୍ଣ୍ଣଚନ୍ଦ୍ରାନନେ ।
ବନ୍ଧୁ ତୋ ବିନୁ ଶୋକସିନ୍ଧୁ ଜଳରେ
ଭାସିଲି ମୁଁ କାନନେ ।”

ଊନବିଂଶ ଶତାବ୍ଦୀର ଶେଷ ଦଶକରେ ଯେଉଁ କବିତ୍ୱ-ବୀଜ ବପିତ ହୋଇଥିଲା, ତାହା ପରେ 'ତପସ୍ୱିନୀ'ର ବିଶାଳ ମହୀରୁହରେ ପରିଣତ ହୋଇ ରାମ ହୃଦୟର ଉଚ୍ଛ୍ୱାସକୁ ଅତ୍ୟନ୍ତ ରସାଳ ଏବଂ ମାର୍ମିକ ଭାବରେ ରୂପାୟିତ କରିପାରିଥିଲା ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ, (ତପସ୍ୱିନୀ କାବ୍ୟ ୧୯୧୪ ସାଲରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇଥିଲା ।) ତାହା ଏହି କାବ୍ୟର କେବଳ ରାମଙ୍କ ବିରହ-ବ୍ୟଥା ସମ୍ପର୍କରେ କେତେକ ପଂକ୍ତି ଉଦାହରଣ ଦେଲେ ହୃଦୟଙ୍ଗମ ହୋଇପାରିବ ।

“ନାହିଁ ସିନା ଘରେ, ହୃଦ-ପ୍ରେମ-ସରେ
ମୋ ପ୍ରିୟା-କମଳ-କଳି
ପଡ଼ିଅଛି ଫୁଟି, ମକରନ୍ଦ ଲୁଟି
କରୁଅଛି ମନ-ଅଳି ।
ନୟନ ଯୁଗଳ କାହିଁକି ବିକଳ
ହୋଇ ଗୁଡ଼ୁଅଛି ଜଳ,
ଶୁଖିଗଲେ ସର କମଳିନୀ ମୋର
ହୋଇଯିବ ଟଳ ଟଳ ।

ବକ୍ଷ ତୁ ପଥର— ବନ୍ଦ ହୋଇ କର
ରୁଦ୍ଧ ନେତ୍ର-ଜଳ-ନାଳୀ,
ନାସିକା-ପବନ ନ ବହିବୁ ଘନ
କମ୍ପିବ ପ୍ରାଣ-ସଙ୍ଗାଲି ।"
(ତପସ୍ୱିନୀ-ତୃତୀୟ ସର୍ଗ)

**'ତପସ୍ୱିନୀ'ର ପରିକଳ୍ପନା—**

ଗଙ୍ଗାଧର ୧୮୯୪-୧୯୦୪ ଖ୍ରୀଷ୍ଟାବ୍ଦ ମଧ୍ୟରେ 'ମହିମା' ଓ 'କୀଚକ-ବଧ' ପ୍ରକାଶ କରିଥିଲେ । ଏ ଦୁଇଟି କାବ୍ୟ ଓଡ଼ିଶାର ରସିକ ପାଠକମଣ୍ଡଳୀ ନିକଟରେ କବିଙ୍କୁ ଚହ୍ଲାଇ ଦେଇଥିଲା । ବାସ୍ତବିକ ସେ କାଳର ସାହିତ୍ୟରଥୀଗଣ ସମ୍ବଲପୁରର ଏହି ଦରିଦ୍ର ଅବହେଳିତ କବି ପୁରୁଷଙ୍କର ଭାବ-କଳ୍ପନା ସନ୍ଦର୍ଶନ କରି ଅତ୍ୟନ୍ତ ମୁଗ୍ଧ ହୋଇ ପଡ଼ିଥିଲେ ଏବଂ ଏହି ବ୍ୟକ୍ତିତ୍ୱ ଯେ ନିଜେ ଓଡ଼ିଆ ଭାଷା ଓ ସାହିତ୍ୟର ମୁଖ ଉଜ୍ଜ୍ୱଳ କରିବ ଏପରି ଆଶା ପୋଷଣ କରିବା ମଧ୍ୟ ସ୍ୱାଭାବିକ ହୋଇଥିଲା । ଜୀବନର ଉତ୍ତର କାଳରେ ଏହି ପ୍ରତିଭା ଯେ ବାସ୍ତବିକ ବିକଶିତ ହୋଇଥିଲା, ଏହା ତାଙ୍କର ସାହିତ୍ୟ-ସୃଷ୍ଟି ପ୍ରମାଣିତ କରିଅଛି ।

୧୯୦୯ ସାଲ ପୂର୍ବରୁ କେହି କେହି ବନ୍ଧୁ କବିଙ୍କୁ ରାମାୟଣର ଅନୁବାଦ କରିବା ପାଇଁ ପ୍ରସ୍ତାବ କରିଥିଲେ । ସେମାନେ ମନେ କରିଥିଲେ, ଗଙ୍ଗାଧର ନିଜର ସ୍ୱଭାବସୁନ୍ଦର ଶୈଳୀ ମାଧ୍ୟମରେ ବହୁ ଜନପ୍ରିୟ ରାମାୟଣର ଅନୁବାଦ କଲେ ତାହା ପାଠକ କୁଳର ଅଧିକ ଶ୍ରେୟ ହୋଇ ପାରିବ । ମାତ୍ର ଗଙ୍ଗାଧର ଥିଲେ ବାସ୍ତବିକ ରତ୍ନର ଗ୍ରାହକ । ସେ ରାମାୟଣ ମହାସାଗରରୁ ତପସ୍ୱିନୀ-ହୀରା ସଂଗ୍ରହ କରିବାକୁ କ୍ଷମ ହୋଇଥିଲେ । ରାମାୟଣର ଉତ୍ତାଳ ତରଙ୍ଗ ବିକ୍ଷୁବ୍ଧ ରାଜ୍ୟରେ ସେ ଦିଗ୍‌ଭ୍ରାନ୍ତ ହୋଇ ଆଆନ୍ତେ କାହିଁକି ?

୨୭-୧୨-୧୯୦୯ ଖ୍ରୀଷ୍ଟାବ୍ଦରେ ସେ ତାଙ୍କର ବନ୍ଧୁଙ୍କ ନିକଟକୁ ଯେଉଁ ପତ୍ର ଲେଖିଥିଲେ, ତହିଁରୁ କବିଙ୍କର କଳ୍ପନା ରାଜ୍ୟର ଆନ୍ଦୋଳନ ସମ୍ପର୍କରେ 'ସମ୍ୟକ' ପରିଚୟ ମିଳିପାରିବ ।

"ମୁଁ ନିଜର ଦୁରବସ୍ଥା, ମନଃପୀଡ଼ା ଓ ସୁବିଧାର ପ୍ରତିକୂଳତା ଯୋଗୁ କିଛି ଲେଖିପାରି ନାହିଁ । ରାମାୟଣ ଅନୁବାଦ କରି ନାହିଁ କି କରୁନାହିଁ । ଫକୀରମୋହନ ବାବୁ ରାମାୟଣ ଅନୁବାଦ କରି ପ୍ରକାଶ କରି ସାରିଥିବାରୁ ଲେ ଆଉ ସେହି ଅନୁବାଦର ବିଶେଷ କିଛି ଫଳ ହେବ ବୋଲି ବୋଧ କରେନାହିଁ । ଶ୍ରୀକୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ଅନୁବାଦିତ ରାମାୟଣ ମଧ୍ୟ ଅତି ସୁନ୍ଦର ଅଟେ । ମହାଭାରତର କଥା ମଧ୍ୟ ତାହି । ତେବେ ଉକ୍ତଗ୍ରନ୍ଥ ଦ୍ୱୟର କୌଣସି ଉପାଖ୍ୟାନ ସୁନ୍ଦରତର କଲେ କିଛି ଫଳ ଲାଭ ହୋଇପାରେ ।"

(ଗଙ୍ଗାଧର ପତ୍ରାବଳୀ—ଶିବପ୍ରସାଦ ଦାସ—୧୯୬୬)

ଆଲୋଚ୍ୟ ଚିଠିରୁ ଗଙ୍ଗାଧରଙ୍କର ରସପାୟୀ ମନ କପରି ଚିନ୍ତାର ଗ୍ରାହକ ରୂପରେ ଆତ୍ମପ୍ରତିଷ୍ଠା କରୁଥିଲା, ତାହାର ପ୍ରମାଣ ମିଳେ । ଏହି ଚିନ୍ତା ଓ ଚିନ୍ତନରୁ ପରବର୍ତ୍ତୀ କାଳରେ ବାସ୍ତବିକ ମହାଭାରତ ଓ ରାମାୟଣ କଥା ଅଧିକ ସୁନ୍ଦରତର ହୋଇ ପ୍ରଣୟବଲ୍ଲରୀ ଓ ତପସ୍ୱିନୀ ରୂପରେ ଆତ୍ମପ୍ରକାଶ କରିପାରିଥିଲା ।

## ତପସ୍ୱିନୀର ଐଶ୍ୱର୍ଯ୍ୟ –

କାବ୍ୟରେ କବିର ଜୀବନଦର୍ଶନ ପ୍ରତିଫଳିତ ହୁଏ । ତାହାହିଁ ଥିଲା ପ୍ରାଚୀନ କବିତାର ଆଦର୍ଶ । ତପସ୍ୱିନୀର କାବ୍ୟ-ପୀଠିକା ଆଲୋଚନା ପ୍ରସଙ୍ଗରେ କବି ଗଙ୍ଗାଧରଙ୍କର ଜାଗତିକ ମନୋଭାବକୁ ଉପେକ୍ଷା କରାଯାଇପାରିବ ନାହିଁ । କବି ଦରିଦ୍ର କୁଳରେ ଜନ୍ମଗ୍ରହଣ କରିଥିଲେ । ନାନା ଦୁଃଖ ଦୁର୍ଦ୍ଦିନ ମଧ୍ୟରେ ତାଙ୍କର ଜୀବନ ଅତିବାହିତ ହୋଇଥିଲା । ତଥାପି ସେ କେବେହେଲେ ଭୌତିକ ଐଶ୍ୱର୍ଯ୍ୟ ଓ ପ୍ରତିପତ୍ତିକୁ ବଡ଼ ମନେ କରି ନ ଥିଲେ । ଭାରତୀୟ ପ୍ରାଚୀନ ସଂସ୍କୃତିର ଉଜ୍ଜ୍ୱଳ ଆଦର୍ଶ ତାଙ୍କୁ ସର୍ବଦା ପ୍ରେରଣା ଯୋଗାଇ ଆସିଥିଲା । କଠୋର ତ୍ୟାଗପୂତ ଶୃଙ୍ଖଳିତ ଜୀବନ ଏବଂ ନୈତିକ ଜୀବନର ମୂଲ୍ୟବୋଧ ମେହେର କବିଙ୍କ ପକ୍ଷରେ ଥିଲା ଅତ୍ୟନ୍ତ ମୂଲ୍ୟବାନ । ତେଣୁ ଥରେ ପ୍ରସଙ୍ଗକ୍ରମେ ନିଜ ମନୋଭାବ ବ୍ୟକ୍ତ କରି ସେ ୧୧-୧-୧୯୧୦ ଚିଠିରେ ଲେଖିଥିଲେ ।

"...ଅର୍ଥ ବଡ଼ ନୁହେଁ, ଆଉ ବଡ଼ ଅଛି । ଯେଉଁମାନଙ୍କର ଧନର ସମବ୍ୟବହାର ହେଉଅଛି ସେମାନେ ପ୍ରକୃତ ଧନୀ । ଦୈବଧନ ଓ ଅସୁର ଧନ—ଏପରି ଦୁଇ ପ୍ରକାର ଧନ ଅଛି । ଦୈବଧନରେ ସଂସାର କଲ୍ୟାଣ ସାଧିତ ହୁଏ । ଜଗତ ସେହି ଧନରେ ଆଶ୍ରିତ । ଆଉ ଅସୁର ଧନରେ ଲୋକର ଭୂରି ଭୂରି ଅନିଷ୍ଟ ହୁଏ । ତହିଁରେ ଜଗତ ଖିନ୍ନ । ଦୈବଧନର ଅଧିକାରୀଙ୍କୁ ସଜ୍ଜନମାନେ ପୂଜା କରନ୍ତି ।" (ଗଙ୍ଗାଧର ପତ୍ରାବଳୀ—

ଶିବପ୍ରସାଦ ଦାସ—୧୯୫୫)

ଏହି ଚିଠି ଲେଖିବାର ଗୃଶଟି ବର୍ଷ ପରେ ତପସ୍ୱିନୀ କାବ୍ୟ ପ୍ରକାଶିତ ହୋଇଥିଲା । କେଉଁ ପରିକଳ୍ପନା ହୃଦୟରେ ରଖି ତପସ୍ୱିନୀ କାବ୍ୟର କଙ୍କାଳ ନିର୍ମିତ ହୋଇଥିଲା, ସେଇ କଥାର ସୂଚନା ପ୍ରଦାନ କରି କବି ମୁଖବନ୍ଧରେ ଲେଖିଥିଲେ ଏହିପରି—

"ପିତୃସତ୍ୟ—ରକ୍ଷା ନିମନ୍ତେ ବନବାସୀ ହେବାରୁ ରାମଙ୍କର ଓ ସ୍ୱାମୀଙ୍କର ଅନୁଗାମିନୀ ହେବାରୁ ସୀତାଙ୍କର ଯେଉଁ ମାହାତ୍ମ୍ୟ ପରିସ୍ଫୁଟ ହୋଇଥିଲା, ସୀତାଙ୍କର ନିର୍ବାସନରେ ତାହା ସୌରଭମଣ୍ଡିତ ହେଲା । ନିର୍ବାସନ-କଷ୍ଟ ସହିବା ଦ୍ୱାରା ସୀତାଙ୍କର ପତିଭକ୍ତି ଯେପରି ତେଜୋମୟୀ ହୋଇଗଲା, ତାଙ୍କର ହିରଣ୍ମୟୀ ପ୍ରତିକୃତି ରଖି ଅଶ୍ୱମେଧ-ଯଜ୍ଞ ନିର୍ବାହ କରିବା ଦ୍ୱାରା ରାମଙ୍କର ପତ୍ନୀପ୍ରେମ ସେହିପରି ପ୍ରଦୀପ୍ତ ହୋଇଉଠିଲା । ଉପଯୁକ୍ତ ପତିଙ୍କର ଉପଯୁକ୍ତ ପତ୍ନୀ । ସୀତା ମିଥ୍ୟାପବାଦରେ ସ୍ୱାମୀକର୍ତ୍ତୃକ ପରିତ୍ୟକ୍ତା ହୋଇଥିଲେ ହେଁ ସ୍ୱାମୀଙ୍କର ହୃଦୟର ପ୍ରେମ ବୁଝିପାରିଥିଲେ । ସେ ନିର୍ବାସନକୁ ନିଜର ଭାଗ୍ୟଦୋଷ ବୋଲି ପତିଭକ୍ତିକୁ କିପରି ଦୃଢ଼ତର ଓ ଉଚ୍ଚତର କରିଥିଲେ—ବନବାସକୁ ପତି-ହିତ-ସାଧିନୀ ତପସ୍ୟାରେ ପରିଣତ କରି ତପସ୍ୱିନୀ ରୂପେ କିପରି ଦିନ ଯାପନ କରିଥିଲେ, ତାହା ପ୍ରକଟିତ କରିବା ଏହି ପୁସ୍ତକର ପ୍ରଧାନ ଉଦ୍ଦେଶ୍ୟ ।"

ମହାମୁନି ବାଲ୍ମୀକି ସୀତାଙ୍କୁ ବର୍ଣ୍ଣନା କରି ଲେଖିଥିଲେ—
ଧର୍ମପତ୍ନୀ ପ୍ରିୟା ନିତ୍ୟଂ ଭର୍ତ୍ତୁଃ ପ୍ରିୟହିତେ ରତା ।"

ରାମଚନ୍ଦ୍ର ବନବାସ ଉଦ୍ଦେଶ୍ୟରେ ସୀତାଙ୍କ ମନ୍ଦିରରେ ପ୍ରବେଶ କରି ତାଙ୍କଠାରୁ ବିଦାୟ ମାଗିଲେ । ଏହି ସମୟରେ ସେ ଦୀର୍ଘ ଚଉଦ ବର୍ଷକାଳ ବ୍ରତ, ଉପବାସ, ଦେବପୂଜା ପ୍ରଭୃତି କରି ଆତ୍ମନିୟୋଗ କରିବେ, ଏ ସମ୍ପର୍କରେ ରାମଚନ୍ଦ୍ର ପରାମର୍ଶ ଦେଇଥିଲେ । ମାତ୍ର ଏହି ପ୍ରସ୍ତାବର ଉତ୍ତରରେ ସତୀ ସୀତା ତାଙ୍କୁ କହିଲେ ଯେ ଭାରତୀୟ ସଂସ୍କୃତି ଓ ସଭ୍ୟତାର ପରମ୍ପରାରେ ନାରୀ ନିଜ ସ୍ୱାମୀର କର୍ମଫଳ ଭୋଗ କରେ, ବୋଲି ସେ ବିଶ୍ୱାସ କରନ୍ତି । ଏଣୁ ପତିଙ୍କ ସହିତ ବନବାସ ହିଁ ତାଙ୍କର ଏକମାତ୍ର ଧ୍ୟେୟ । ଏହି ଦୃଷ୍ଟିରୁ ବନବାସ କ୍ଳେଶକୁ ସୀତା ଅକାତରେ ସହ୍ୟ କରି ପାରିଥିଲେ ।

ତେବେ ଅଶୋକ ବନରେ ବନ୍ଦିନୀ ଅବସ୍ଥାରେ ସୀତା ଅତ୍ୟନ୍ତ ମର୍ମାହତ ହୋଇ ଏପରି କେତେକ ଭାବ ପ୍ରକାଶ କରିଥିଲେ, ଯାହା ତାହାଙ୍କୁ ସାଧାରଣ ମାନବୀ ସ୍ତରକୁ ଓହ୍ଲାଇ ଆଣିଛି । ଏକଦା ବିଳାପ କରୁ କରୁ ସୀତାଙ୍କ ମୁଖରେ ଏହିପରି ବାକ୍ୟ ରାମାୟଣକାର ମହର୍ଷି ବାଲ୍ମୀକି ଶୁଣାଇଛନ୍ତି—

ପିତୃର୍ନିର୍ଦ୍ଦେଶଂ ନିୟମେନ କୃତ୍ୱା
ବନାନ୍ନିବୃତଶ୍ଚରିତବ୍ରତଶ୍ଚ
ସ୍ତ୍ରୀଭିସ୍ତୁ ମନ୍ୟେ ବିପୁଲେ କ୍ଷଣାଭିଃ
ସଂରଂସ୍ୟସେ ବୀତଭୟଃ କୃତାର୍ଥଃ । ଇତ୍ୟାଦି

ହେ ବୀର ରାମଚନ୍ଦ୍ର, ମୋର ମନେ ହେଉଛି, ପିତାଙ୍କ ଆଦେଶ ପାଳନ ପୂର୍ବକ ବନରୁ ଫେରିଯାଇ ତୁମେ ଅତ୍ୟନ୍ତ ସନ୍ତୋଷ ସହକାରେ ସୁନ୍ଦରୀ ରମଣୀମାନଙ୍କ ସହିତ କାମକ୍ରୀଡ଼ାରେ ରତ ରହିବ । ମୁଁ କେବଳ ଆପଣଙ୍କର ଅନୁରକ୍ତା । ମୋର ଭାର୍ଯ୍ୟା ଓ ବ୍ରତ ବୋଧହୁଏ ବିଫଳ ହୋଇଅଛି । ଏହି ଦୁଃଖରେ ମୁଁ ଜୀବନ ହାରିଦେବି ।”

ସେ ଯାହାହେଉ, ଏଠାରେ ବାଲ୍ମୀକିଙ୍କ ସୀତା ରାମଙ୍କ ପବିତ୍ର ଚରିତ୍ରରେ ସନ୍ଦେହ ଆକ୍ଷେପ କରିଛନ୍ତି । ଅତୀତରେ ବନ ମଧ୍ୟରେ ଲକ୍ଷ୍ମଣଙ୍କୁ

ମଧ୍ୟ ସେ ସନ୍ଦେହ କରିଥିଲେ । କାରଣ ସ୍ୱର୍ଣ୍ଣମୃଗ ଶିକାର କରିବା ପାଇଁ ରାମଚନ୍ଦ୍ର ବହିର୍ଗତ ହେଲା ପରେ ମାୟାବୀ ରାକ୍ଷସର "ଲକ୍ଷ୍ମଣ ରକ୍ଷ" ଶବ୍ଦ ଶୁଣି ସୀତା ବିଚଳିତା ହୋଇପଡ଼ିଲେ ଏବଂ ସେ ଲକ୍ଷ୍ମଣଙ୍କୁ ରାମଙ୍କ ସମୀପକୁ ଯିବାପାଇଁ ଅନୁରୋଧ କଲେ । ମାତ୍ର ଲକ୍ଷ୍ମଣ ତାହା ରାମଙ୍କର ବାକ୍ୟ ନୁହେଁ ବୋଲି ଯେତେ ବୁଝାଇ କହିଲେ ମଧ୍ୟ ବିଚଳିତା ସୀତା ଇତର ନାରୀଙ୍କ ପରି ଲକ୍ଷ୍ମଣଙ୍କୁ ଅତ୍ୟନ୍ତ ଅଭିଯୋଗ ବାକ୍ୟମାନ ଶୁଣାଇଥିଲେ ।

ବାଲ୍ମୀକି ଲେଖିଛନ୍ତି ଏହିପରି—

ତମୁବାଚ ତତ ସ୍ତତ୍ର କ୍ଷୁଭିତା ଜନକାତ୍ମଜା
ସୌମିତ୍ରେ ମିତ୍ରରୂପେଣ ଭ୍ରାତୁସ୍ତ୍ୱମସି ଶତ୍ରୁବତ୍ ।

ଲକ୍ଷ୍ମଣଙ୍କୁ ଅବିଚଳିତ ଦେଖି ସୀତା ଅତ୍ୟନ୍ତ କ୍ରୋଧ ପରବଶ ହୋଇ କହିଲେ—ହେ ଲକ୍ଷ୍ମଣ ! ଏହି ପ୍ରକାର ବିପଦରେ ତୁମେ ବଡ଼ଭାଇଙ୍କର ସାହାଯ୍ୟ ପାଇଁ ଅଗ୍ରସର ହେଉ ନାହଁ । ଏଥିରୁ ଜଣାଗଲା ତୁମେ ପ୍ରକାଶ୍ୟରେ ମିତ୍ରଭାବ ଅବଲମ୍ବନ କରି ଗୋପନରେ ତାଙ୍କର ପରମ ଶତ୍ରୁତା ଆଚରଣ କରୁଅଛ । ବୋଧହୁଏ ମୋ ପ୍ରତି ଲୋଭପରବଶ ହୋଇ ତୁମେ ରାମଙ୍କୁ ବିନାଶ କରିବାକୁ ଇଚ୍ଛା କରୁଛ ।

ପୁନର୍ବାର ସେ କହିଛନ୍ତି—

ଅନାର୍ଯ୍ୟ କରୁଣାରମ୍ଭ ନୃଶଂସ କୁଳପାଂସନ
ଅହଂ ତବ ପ୍ରିୟଂ ମନ୍ୟେ ରାମସ୍ୟ ବ୍ୟସନଂ ମହତ୍"

ସୀତାଙ୍କୁ ଏକାକୀ ବନରେ ରଖି ଲକ୍ଷ୍ମଣ ଯିବେ ନାହିଁ ବୋଲି କହିବାରୁ ସୀତାଦେବୀ ଲକ୍ଷ୍ମଣଙ୍କୁ ନିର୍ଦ୍ଦୟ, ଅନାର୍ଯ୍ୟ ବୋଲି ସମ୍ବୋଧନ କରିଛନ୍ତି । ଏପରି ଅନୁକମ୍ପା ପ୍ରଦର୍ଶନ ମୂଳରେ ଯେ ଲକ୍ଷ୍ମଣଙ୍କର ନିଶ୍ଚୟ ଅସଦ୍ ଅଭିପ୍ରାୟ ନିହିତ ଅଛି, ଏହାହିଁ ସୀତାଙ୍କର ଅଭିଯୋଗ । ତାଙ୍କପରି କନ୍ଦର୍ପ ଗୁପ୍ତ ଶତ୍ରୁ ମନରେ ଯେ ନିଶ୍ଚୟ ଅସଦ୍ ଅଭିପ୍ରାୟ ଲୁକ୍‌କାୟିତ ଥିବ ଏଥିରେ ବିଚିତ୍ରତା କଣ ଅଛି ।

ଲଙ୍କାଯୁଦ୍ଧର ଅବସାନ ପରେ ରାମ ଅସୁର ଓ ବାନରଗଣ, ସମସ୍ତଙ୍କ ସମ୍ମୁଖରେ ସୀତାଙ୍କ ଚରିତ୍ରରେ ସନ୍ଦେହ ପ୍ରକାଶ କରି ତାହାଙ୍କୁ ପରିତ୍ୟାଗ

କରିଛନ୍ତି ବୋଲି କହିଲେ । କାରଣ ସେ ଏତେକାଳ ଅସୁର ଗୃହରେ ବନ୍ଦିନୀ ଥାଇ ଦୂଷିତା ହୋଇପଡ଼ିଥିବା ସ୍ୱାଭାବିକ । ଏଥିରେ ବାଲ୍ମୀକିଙ୍କ ସୀତା ଅତ୍ୟନ୍ତ ଲଜ୍ଜା ଓ କ୍ରୋଧରେ ରାମଚନ୍ଦ୍ରଙ୍କୁ ଧିକ୍କାର କରିଛନ୍ତି—

କିଂ ମାମସଦୃଶଂ ବାକ୍ୟମୀଦୃଶଂ ଶ୍ରୋତ୍ରଦାରୁଣମ୍
ରକ୍ଷଂ ଶ୍ରାବୟସେ ବୀର ପ୍ରାକୃତଃ ପ୍ରକୃତାମିବ ।”

ହେ ବୀର ରାମଚନ୍ଦ୍ର ! ନିମ୍ନ ଶ୍ରେଣୀର ପୁରୁଷ ନିମ୍ନଶ୍ରେଣୀର ନାରୀକୁ ଯେଉଁରୂପେ କହିଥାଆନ୍ତି, ଆପଣ ମୋତେ ସେହିପରି କଠୋର, ଅନୁଚିତ ଓ ଶ୍ରୁତିକଟୁ ବାକ୍ୟ ଶୁଣାଉଛନ୍ତି । ମୁଁ ଶପଥ କରି କହିବି । ମୋ ଚିତ୍ତ ଆପଣଙ୍କ ପ୍ରତି ସ୍ଥିର ରହିଅଛି ।

ଯାହାହେଉ, ସେ ଲକ୍ଷ୍ମଣଙ୍କୁ ଉଦ୍ଦେଶ୍ୟ କରି କହିଛନ୍ତି ଯେ ସ୍ୱାମୀ ପରିତ୍ୟକ୍ତା ଓ ଅପବାଦଗ୍ରସ୍ତା ସୀତାର ଜୀବନରେ ରହିବାର ଆଉ କି ମୂଲ୍ୟଅଛି । ହେ ଲକ୍ଷ୍ମଣ ! ତୁମେ ଅଗ୍ନି ପ୍ରସ୍ତୁତ କର । ତହିଁରେ ପ୍ରବେଶ କରି ମୋର କର୍ମଫଳ ଭୋଗ କରିବି ।

ରାମାୟଣର ଉପସଂହାର ଅତ୍ୟନ୍ତ ଦୁଃଖପ୍ରଦ । ଦୁଃଖିନୀ ସୀତା ଦୀର୍ଘ ବାରବର୍ଷ କାଳ ବାଲ୍ମୀକି ଆଶ୍ରମରେ ପତିପରିତ୍ୟକ୍ତା ହୋଇ ଜୀବନ ଯାପନ କଲାପରେ ଅଶ୍ୱମେଧ ଯଜ୍ଞ ସ୍ଥଳରେ ବାଲ୍ମୀକି ମହର୍ଷି ତାଙ୍କର ସତୀତ୍ୱ ଏବଂ ନିଷ୍ପାପ ଜୀବନ ସଂପର୍କରେ ସାଧାରଣ ସଭାସ୍ଥଳରେ ବିବୃତି ଦେବାରୁ ମନେ ହେଉଥିଲା, ବୋଧହୁଏ ଏଣିକି ସୀତାଙ୍କର ଦୁଃଖାନ୍ଧକାର ଅପସରିଯିବ । ମାତ୍ର ସେଠାରେ ମଧ୍ୟ ରାମଚନ୍ଦ୍ର ପ୍ରଜାନୁରଞ୍ଜନ ଉଦ୍ଦେଶ୍ୟରେ ସୀତାଙ୍କର ସତୀତ୍ୱର ପରୀକ୍ଷା ମାଗିଲେ । ତେଣୁ ସେ ଦାରୁଣ ଅଭିମାନରେ ପୃଥିବୀ ଗର୍ଭରେ ଲୀନ ହୋଇଗଲେ ବୋଲି ରାମାୟଣକାର ଲିପିବଦ୍ଧ କରିଯାଇଅଛନ୍ତି ।

“ଯଥାହଂ ରାଘବାଦନ୍ୟଂ ମନସାପି ନ ଚିନ୍ତୟେ
ତଥା ମେ ମାଧବୀ ଦେବୀ ବିବରଂ ଦାତୁମର୍ହତି
ମନସା କର୍ମଣା ବାଚା ଯଥା ରାମଂ ସମର୍ଚ୍ଚୟେ
ତଥା ମେ ମାଧବୀ ଦେବୀ ବିବରଂ ଦାତୁମର୍ହତି

ଯଥୈତସ୍ତ୍ୱଂ ସ୍ମୁକ୍ତଂ ମେ ବେଦ୍ଧ ରାମାତ୍ ପରଂ ନ ଚ
ତଥା ମେ ମାଧବୀ ଦେବୀ ବିବରଂ ଦାତୁ ମର୍ହତି ।

ସୀତା କହୁଛନ୍ତି—ରାମଚନ୍ଦ୍ରଙ୍କ ଭିନ୍ନ ଅନ୍ୟ କୌଣସି ପୁରୁଷକୁ ସ୍ୱପ୍ନରେ ସୁଦ୍ଧା ସ୍ଥାନ ଦେଇନାହିଁ । ମନରେ, ବଚନରେ, କର୍ମରେ କେବଳ ରାମଙ୍କର ଆରାଧନା କରିଆସିଛି । ରାମଚନ୍ଦ୍ରଙ୍କ ବିନା ଆଉ କାହାକୁ ଜାଣେ ନାହିଁ । ଯେବେ ଏହା ସତ୍ୟ, ତେବେ ହେ ପୃଥିବୀମାତା ମୋତେ କୋଳରେ ସ୍ଥାନ ଦିଅ ।

## ରଘୁବଂଶରେ ସୀତାଙ୍କର ଆକ୍ଷେପ

ବାଚ୍ୟସ୍ତ୍ୱୟା ମଦ୍‌ବଚନାତ୍ସ ରାଜା ବହ୍ନୌ ବିଶୁଦ୍ଧାମପି ଯତ୍ସମକ୍ଷଣମ୍
ମାଂ ଲୋକବାଦ ଶ୍ରବଣାଦହାସୀଃ ଶ୍ରୁତସ୍ୟ କିଂ ତତ୍‌ସଦୃଶଂ କୁଳସ୍ୟ
(ରଘୁବଂଶ)

ଲକ୍ଷ୍ମଣ ଅତ୍ୟନ୍ତ ଦୁଃଖପୂର୍ଣ୍ଣ ହୃଦୟରେ ସୀତାଙ୍କୁ ରାମଚନ୍ଦ୍ର ପରିତ୍ୟାଗ କରିଛନ୍ତି ବୋଲି ଜଣାଇଲେ । ଲୋକାପବାଦ ଭୟରେ ରାମଚନ୍ଦ୍ର ପତ୍ନୀଙ୍କୁ ବିସର୍ଜନ କରିଥିବାରୁ କାଳିଦାସଙ୍କର ସୀତା ପ୍ରବଳ ପ୍ରତିବାଦ କରିଛନ୍ତି । ସେ ଲକ୍ଷ୍ମଣଙ୍କୁ ଅନୁରୋଧ କରିଛନ୍ତି ରାମଚନ୍ଦ୍ରଙ୍କୁ ଏହି ବାର୍ତ୍ତା ଜଣାଇବା ପାଇଁ – "ରାମଚନ୍ଦ୍ର ଲଙ୍କାପୁରୀରେ ସୀତାଙ୍କୁ ଅଗ୍ନିରେ ପରୀକ୍ଷା କରିଥିଲେ । ଅଗ୍ନିସ୍ନାନ କରି ସୀତାଦେବୀ ନିଜର ବିଶୁଦ୍ଧତା ସଂପର୍କରେ ଦେବତା, ବାନର ଏବଂ ଅସୁରମାନଙ୍କ ଆଗରେ ରାମଚନ୍ଦ୍ରଙ୍କୁ ପ୍ରମାଣ ପ୍ରଦାନ କରିଥିଲେ । ଏ ସବୁ ସତ୍ତ୍ୱେ ଜନ ଅପବାଦ ଭୟରେ ରାମଚନ୍ଦ୍ର ସୀତାଙ୍କୁ ପରିତ୍ୟାଗ କରିବା ଆଦୌ ସମୀଚୀନ ହୋଇନାହିଁ । ରାମଚନ୍ଦ୍ର ବିଖ୍ୟାତ ସୂର୍ଯ୍ୟବଂଶର ଦାୟାଦ୍ । ସେହି ବଂଶର ଅଧିକାରୀ ହୋଇ ଏପରି ଅନ୍ୟାୟ କର୍ମ କରିବା ଆଦୌ ବିଧିସଙ୍ଗତ ହୋଇନାହିଁ ।

ରାମାୟଣରେ ମଧ୍ୟ ସୀତା ରାମଚନ୍ଦ୍ରଙ୍କୁ ନୀଚଜାତିର ପୁରୁଷ ପରି ରୁକ୍ଷ ବଚନ କହୁଛନ୍ତି ବୋଲି ଅଭିଯୋଗ କରିଥିଲେ । ମାତ୍ର ଗଙ୍ଗାଧର ମେହେର ତପସ୍ୱିନୀରେ ସୀତାଙ୍କୁ ଅତ୍ୟନ୍ତ ମହନୀୟା ଏବଂ ଆଦର୍ଶସ୍ଥାନୀୟ ରମଣୀ ଭାବରେ ଚିତ୍ରଣ କରିଛନ୍ତି ।

## ତପସ୍ୱିନୀରେ ସୀତାଙ୍କର ଆଦର୍ଶ

ସମଗ୍ର ବାଲ୍ମୀକି ରାମାୟଣ ଏକ ଦୁଃଖାତ୍ମକ କାବ୍ୟ । ଏଥିରେ ରାମଚନ୍ଦ୍ର ବେଳେ ବେଳେ ଦୁଃଖର ଭାରରେ ବିଚଳିତ ହୋଇ ଭାଗ୍ୟବାଦୀ ହୋଇ ପଡ଼ିଛନ୍ତି । ରାମାୟଣର ପ୍ରାୟ ପ୍ରତ୍ୟେକଟି ଚରିତ୍ର ଏଥିରୁ ମୁକ୍ତ ହୋଇ ପାରି ନାହାନ୍ତି । କିନ୍ତୁ ତପସ୍ୱିନୀର ସୀତା ଏଥିରେ ସମ୍ପୂର୍ଣ୍ଣ ବ୍ୟତିକ୍ରମ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ଧୀରଚିତ୍ତରେ ନିଜ ଜୀବନର ଦୁଃଖରାଶିର ସମ୍ମୁଖୀନ ହୋଇଛନ୍ତି । ଏଥିପାଇଁ ଗଭୀର ଆତ୍ମସମୀକ୍ଷା କରି ନିଜର କ୍ରିୟାକଳାପର ହିସାବନିକାଶ କରିଛନ୍ତି । ସେଠାରେ ଅନ୍ୟକୁ ଅଭିଯୋଗ କରି ସେ ଚାରିତ୍ରିକ ଦୁର୍ବଳତା ଅଥବା ଚିତ୍ତ-ଚାଞ୍ଚଲ୍ୟ ପ୍ରକାଶ କରି ନାହାନ୍ତି ବରଂ ଅନୁତାପ-ଅଗ୍ନିରେ ବାରମ୍ବାର ନିଜକୁ ପରିଖ କରିଛନ୍ତି ।

ସେଥିପାଇଁ ଆଶ୍ରମରେ ସଖୀ ଆଗରେ ନିଜର ଜୀବନର କାହାଣୀ ବର୍ଣ୍ଣନା କଲାବେଳେ ସୀତା ଘୋଷଣା କରିଛନ୍ତି—

"ବୋଇଲେ ସତୀ, ସଖି, ମୋ' ଦୁର୍ବିପାକ<br>
ଘଟାଇଅଛି ଏକା ମୋ' ଦୁଃଖପାକ;<br>
ମୋ କର୍ମ ପାଇଁ ଦୋଷୀ ନୁହନ୍ତି ବିଧି,<br>
କାନ୍ତ ତ ସ୍ୱଭାବେ ମୋ କରୁଣା-ନିଧି ଗୋ ।"

ମେହେତୁ ସୀତାଙ୍କ ଦୃଷ୍ଟିରେ ରାମଚନ୍ଦ୍ର କରୁଣାର ଅବତାର । ସେ କେବେହେଲେ କାହାରି ପ୍ରତି ଅବିଚାର କରିବା ସମ୍ଭବ ନୁହେ । ପରିତ୍ୟକ୍ତା ଜୀବନର ଦୁଃଖରେ ସୀତା ଜର୍ଜରିତା ହେଉଥିଲେ ହେଁ ଆଦୌ ବିଧି-ନିନ୍ଦା କରିନାହାନ୍ତି । ବରଂ ଏଥିପାଇଁ ସେ ନିଜର କର୍ମକୁ ଦାୟୀ କରିଛନ୍ତି । ପ୍ରିୟସଖୀ ଆଶ୍ଚର୍ଯ୍ୟ ହୋଇ ମତାମତ ଦେଇଛି—

"ତୋ ପରି ସାଧ୍ୱୀ ପାଇ ଦାରୁଣ ବ୍ୟଥା<br>
ନ ନିନ୍ଦୁ ବିଧି, ଏ ତ ବିଚିତ୍ର କଥା ଗୋ ।"

ସୀତା ସତୀକୁଳର ଅଗ୍ରଗଣ୍ୟା ମହୀୟସୀ ନାରୀ । ସେ ନିଜେ ଆଶ୍ଚର୍ଯ୍ୟ ହୋଇଛନ୍ତି ଯେତେବେଳେ ରାବଣ ତାଙ୍କୁ ଅପହରଣ କରିନେଲା,

ରାମଙ୍କର ଅବର୍ତ୍ତମାନରେ ସେ ଦେହ ଧାରଣ କରି ବଞ୍ଚିଲେ କିପରି ? ଏହି ପାପର ଦୁଃଖ ସେ ଭୋଗ କରୁ ନାହାନ୍ତି କି ? ସତୀ ସୀତା ସର୍ବଦା ରାମଗତପ୍ରାଣା ଥିଲେ । ଆଜୀବନ ତାଙ୍କର ଏହି ନିଷ୍ଠା ଚିରଜାଗ୍ରତ ଥିଲା । ତେଣୁ ସେ ସ୍ମରଣ କରିଛନ୍ତି—

"ଯାବତ ଜୀବନେ ମୋ ଥିବ ସ୍ମରଣ
କୌଶଲ୍ୟାସୁତ ଏକା ମୋର ସ୍ମରଣ ।"

ଭାରତୀୟ ସଂସ୍କୃତିରେ ସତୀ ସ୍ତ୍ରୀ ପକ୍ଷରେ ପତିଆନୁଗତ୍ୟ ଓ ବିଶ୍ୱାସ ପ୍ରଶସ୍ତ ରାଜ୍ୟରେ ସର୍ବଶ୍ରେଷ୍ଠ ସାଧନା । ସୀତା ଏହି କ୍ଷେତ୍ରରେ ସର୍ବଶ୍ରେଷ୍ଠ ସାଧିକା ।

ସୀତା ଏଠାରେ ଶକ୍ତିରୂପିଣୀ ଦୁର୍ଗା । ସେ ସାଧାରଣ ଦୁର୍ବଳା ନାରୀପରି ବିଚଳିତା ହୋଇ ନାହାନ୍ତି କିମ୍ବା ଅଭିଯୋଗ କରିନାହାନ୍ତି । ସୂର୍ଯ୍ୟବଂଶର ଯୋଗ୍ୟ ଦାୟାଦ୍ ରୂପେ କୀର୍ତ୍ତି ପ୍ରତିଷ୍ଠା କରିଛନ୍ତି ବୋଲି ସେ ରାମଙ୍କୁ ସ୍ମରଣ କରି ଗର୍ବିତା ହୋଇଛନ୍ତି । ତେଣୁ ନିର୍ବାସିତା ସୀତା ଜଗତ ସମକ୍ଷରେ ବୁଝାଇଛନ୍ତି—

"କୀର୍ତ୍ତି-ଅନୁରୋଧେ ସିନା କଲ ମୋତେ ତ୍ୟାଗ
ଏ ତୁମ୍ଭର ଉପଯୁକ୍ତ କର୍ମ ମହାଭାଗ ।"

ବରଂ ରାମଚନ୍ଦ୍ରଙ୍କ ସହଧର୍ମିଣୀ ଭାବରେ ସେ ତାଙ୍କର ବହୁ ଦୁଃଖର କାରଣ ହୋଇଥିବାରୁ ବିଚଳିତା ହୋଇଛନ୍ତି । ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର ଅକଳଙ୍କ ହେଲେହେଁ ତାଙ୍କର କୀର୍ତ୍ତିରୂପକ ପତାକାରେ ସୀତାଙ୍କର କଳଙ୍କିତ ଜୀବନର ଚିହ୍ନ ଲିପିବଦ୍ଧ ହୋଇଯିବାର ଆଶଙ୍କା ପୋଷଣ କରି ସେ ନିଜକୁ ଧିକ୍କାର କରିଛନ୍ତି । ବନ୍ଦନୀୟା ସୀତାଙ୍କର ସ୍ୱାମୀଅନୁରକ୍ତି ବାସ୍ତବିକ ଅନନ୍ୟ ସାଧାରଣ । ସେ ନିଜର ଅପବାଦ ବିଷୟରେ ଆଦୌ କ୍ଷୁବ୍ଧା ହୋଇ ନାହାନ୍ତି । ଅଗ୍ନିପରୀକ୍ଷା ଦ୍ୱାରା ନିଜର ସତୀତ୍ୱର ପରାକାଷ୍ଠା ପ୍ରଦର୍ଶିତ ହୋଇଛି ବୋଲି ସେ ସର୍ବଦା ସଚେତନ । ବରଂ ସ୍ୱାମୀଙ୍କ ପାଇଁ ସେ ଯେ କୌଣସି ପ୍ରକାର ଦୁଃଖ ବରଣ କରିବେ ବୋଲି ପ୍ରତିଶ୍ରୁତା ହୋଇଛନ୍ତି । ତାଙ୍କର କାମନା ଏହିପରି—

"ମୁଁ କି ସ୍ଥିର, ହେଉ ତୁମ୍ଭ ପ୍ରକୃତି-ରଞ୍ଜନ
ମୁଁ ମରେ, ତୁମ୍ଭର ହେଉ କଳଙ୍କ-ଭଞ୍ଜନ ।"

ସୀତା ଜାଣନ୍ତି ଯେ ରାମଚନ୍ଦ୍ର ତାଙ୍କର ଅବର୍ତ୍ତମାନରେ ଅତ୍ୟନ୍ତ ଦୁଃଖ ଅନୁଭବ କରୁଥିବେ । କର୍ତ୍ତବ୍ୟର ଅନୁରୋଧରେ ସୀତାଙ୍କୁ ପରିତ୍ୟାଗ କଲେ ହେଁ ସେ ବାରମ୍ବାର ବିବେକ-ଦଂଶନ ଦୁଃଖରେ ବିଚଳିତ ହୋଇପଡ଼ୁଥିବେ । ରାମଙ୍କର ସେହି ଦୁଃଖାନୁଭୂତି "ଉତ୍ତର ରାମଚରିତରେ"ରେ ସାର୍ଥକ ଭାବରେ ବର୍ଣ୍ଣିତ ହୋଇଅଛି ।

"ଶୋକେ ବିଦଳିତ ହୃଦୟ ଯାଉନାହିଁ ତ ଫାଟି"
ମୋହେ ବାରମ୍ବାର ପୀଡ଼ିତ ସଂଜ୍ଞା ନ ଯାଏ ତୁଟି ।
ଅନ୍ତର୍ଦାହେ ସଦା ସନ୍ତପ୍ତ ଭସ୍ମ ନୋହିଲା ତନୁ
ମର୍ମ କରନ୍ତୁଛି ଦଇବ ମାରୁନାହିଁ ଜୀବନୁ ।"

(ଅନୁବାଦ—ମଧୁସୂଦନ ରାଓ)

ତେଣୁ ମେହେରଙ୍କର ସୀତା ରାମଙ୍କୁ କାତର ଭାବରେ ଅନୁରୋଧ କରିଛନ୍ତି ତାଙ୍କୁ ସଂପୂର୍ଣ୍ଣ ଭୁଲିଯିବାପାଇଁ । ରାମଙ୍କର ଦୁଃଖ ତାଙ୍କ ପକ୍ଷରେ ଏକାନ୍ତ ଅସହ୍ୟ ।

ମୂଳ ରାମାୟଣ ଓ ଅନ୍ୟାନ୍ୟ ରାମାୟଣ-କଥା ଗୁଡ଼ିକରେ ସୀତା ରାମଚନ୍ଦ୍ରଙ୍କୁ ଧିକ୍କାର କରିବାବେଳେ ଗଙ୍ଗାଧର ସୀତାଙ୍କୁ କରିଛନ୍ତି ସହନଶୀଳତା ଓ ଉଦାରତାର ଅପୂର୍ବ ଦେବୀମୂର୍ତ୍ତି । ବରଂ ତାଙ୍କ ଦୃଷ୍ଟିରେ ରାମଚନ୍ଦ୍ର ଅମୃତର ଝରଣା । ସୀତା-ଅପବାଦ ସଂବାଦ ଶ୍ରବଣ କଲେ ହେଁ ଏବଂ ସେଥିପାଇଁ ହୃଦୟରେ ଅମାପ ଅଶାନ୍ତି ଭୋଗ କଲେ ହେଁ ସେ ସୀତାଙ୍କ ପ୍ରତି ଆଦୌ କଠୋର ବାକ୍ୟ ପ୍ରୟୋଗ କରିନାହାନ୍ତି । ବରଂ ମଧୁମୟୀ ଭାଷା ଶୁଣାଇ ସେ ସୀତାଙ୍କୁ ବିଦାୟ ପ୍ରଦାନ କରିଛନ୍ତି । ମନୁଷ୍ୟ ହେଉଛି ଅବସ୍ଥାର ଦାସ ଏବଂ ସର୍ବଦା କର୍ମଫଳ ଭୋଗ କରିବାକୁ ବାଧ୍ୟ । ସୀତା ଏହି ଦର୍ଶନରେ ସର୍ବଦା ବିଶ୍ୱାସ କରିଆସିଛନ୍ତି । ତେଣୁ ଭାଗ୍ୟକୁ ନିନ୍ଦା ନ କରି ସେ କହିଛନ୍ତି —

"ମୋ ଅର୍ଜିତ ପାପ ମୋର ଦୁଃଖର କାରଣ
ସେହି ପାପ ଏବେ ମୋର ହେଉଛି ସ୍ମରଣ ।"

କାରଣ ସ୍ନେହର ଦୁର୍ବଳତାବଶତଃ ସେ ସେ ରାମଚନ୍ଦ୍ରଙ୍କ ପରି ଅଲୌକିକ ବ୍ୟକ୍ତିତ୍ୱ ପୁରୁଷୋତ୍ତମଙ୍କୁ ସାଧାରଣ ମାନବ ବୋଲି ବିଚାରିବା ଏକ ଗର୍ହିତ ଅପରାଧ । ସ୍ୱର୍ଣ୍ଣମୃଗରୂପୀ ଅସୁର ଯେ ତାଙ୍କର କିଛି କ୍ଷତି ସାଧନ କରିନପାରେ, ଏକଥା ସୀତା ଭାବିପାରିଲେ ନାହିଁ । ପୁନଶ୍ଚ ଅକାରଣ ଲକ୍ଷ୍ମଣଙ୍କୁ ନିନ୍ଦିତ କରିବାର ପ୍ରତିଫଳ ଭୋଗ କରୁଛନ୍ତି ବୋଲି ସେ ସ୍ୱୀକାର କରିଛନ୍ତି । ତେଣୁ ସୀତା କହୁଛନ୍ତି—

"ଦୋଷହୀନ ଲକ୍ଷ୍ମଣଙ୍କୁ, ଯେଉଁ ତିରସ୍କାର
ଦେଇଥିଲି, ପାଇଲି ତା' ଯୋଗ୍ୟ ପୁରସ୍କାର ।'

କେବଳ ସେତିକି ନୁହେଁ, ଲଙ୍କାପୁରୀରେ ଅଶୋକ ବନରେ ବନ୍ଦିନୀ ସୀତାଙ୍କୁ ପ୍ରହସ୍ତ ଅସୁର ମାୟା ପ୍ରଦର୍ଶନ ପୂର୍ବକ ରାମଙ୍କର ଛିନ୍ନଶିର ପ୍ରଦର୍ଶନ କରିଥିଲା । ସେଥିରେ ସୀତା ବିଚଳିତ ହୋଇ କ୍ରନ୍ଦନ କରିଥିଲେ । ସାମାନ୍ୟ ଅସୁର ଯେ ରାମଙ୍କର କିଛି କ୍ଷତି କରିପାରିବ ନାହିଁ, ସୀତା ଏକଥା ସେହି ଦୁର୍ବଳ ମୁହୂର୍ତ୍ତିରେ ହୃଦୟଙ୍ଗମ କରିପାରିଲେ ନାହିଁ । ସେଥିପାଇଁ ଅବା ସୀତାଙ୍କର ନିର୍ବାସନ ଦୁଃଖ ହେଲା କି ?

"ସ୍ୱାମୀଙ୍କର ଛିନ୍ନ ଶିର ବୋଲି ମୁଁ ଅଧୀରେ
କାନ୍ଦିଲି ବିକଳ ପ୍ରାଣେ ଭାସି ନେତ୍ରନୀରେ
ସେ ଶିର ଅନାଇ ଯାହା ନ ମଲି ବହ୍ନନ
ସେହି ପାପେ ହେଲି ଏବେ ଜୀବନ୍ତ ଦହନ ।"

କେବଳ ସେତିକି ନୁହେ, ସତୀ ସ୍ତ୍ରୀ ପକ୍ଷରେ ସ୍ୱାମୀ ହେଉଛି ସ୍ୱର୍ଗ, ସମସ୍ତ ସୁଖର ମୂଳାଧାର । ଅଥଚ ସୀତା ଆଶ୍ରମ-ଦର୍ଶନ-ସୁଖ ଅଭିଳାଷ କରି ରାମଚନ୍ଦ୍ରଙ୍କର ଅନୁମତି ପ୍ରାର୍ଥନା କରିଥିଲେ । ସେହି ଦୋଷରୁ ବୋଧହୁଏ ତାଙ୍କୁ ପରିତ୍ୟକ୍ତାର ଦୁଃଖମୟ ଜୀବନ ଯାପନ କରିବାକୁ ହୋଇଥିଲା । ତେବେ ସୀତା ଯେଉଁଠାରେ ଅବସ୍ଥାନ କରନ୍ତୁ ନା କାହିଁକି, ରାମଙ୍କ ସ୍ୱାର୍ଥପାଇଁ ସେ ଚରମ ତ୍ୟାଗ ସ୍ୱୀକାର କରିବାକୁ ପ୍ରସ୍ତୁତ । ସେ ତାଙ୍କର ଉପଯୁକ୍ତ ସହକର୍ମିଣୀ ଏବଂ ସହଧର୍ମିଣୀ ହେବାକୁ ଇଚ୍ଛା କରିଛନ୍ତି । ସୀତାଙ୍କୁ ପରିତ୍ୟାଗ କରିବା ଫଳରେ ଯଦି ପ୍ରଜାରଞ୍ଜନ

ଆଦର୍ଶ ନରପତି ରାମଚନ୍ଦ୍ରଙ୍କର ବ୍ରତ ରକ୍ଷା ହୁଏ, ତାହା ହେବ ସୀତାଙ୍କର ସର୍ବଶ୍ରେଷ୍ଠ ଆନନ୍ଦ ।

ସୀତା ଥିଲେ ଧର୍ମପରାୟଣା, ସତ୍ୟପଥରେ ନ୍ୟାୟ-ନିଷ୍ଠ ସାଧିକା । ସତୀତ୍ୱ ଆଲୋକର ଉଜ୍ଜ୍ୱଳ ମହିମାରେ ସେ ଉଦ୍ଭାସିତ । ପୁଣ୍ୟ ଆଚରଣ ଏବଂ ନିଷ୍ଠାପର ଜୀବନ ଥିଲା ତାଙ୍କର ଭାବୀ ତପସ୍ୟା । ତେଣୁ ରାମଚନ୍ଦ୍ର ସୀତାଙ୍କର ମହତ୍ତ୍ୱ କୀର୍ତ୍ତନ କରି କହିଥିଲେ ଅଯୋଧ୍ୟାର ରାଜଲକ୍ଷ୍ମୀ ସୀତାଙ୍କର ପଦବନ୍ଦନା କରି ଧନ୍ୟା ହେବ ।

"ସେ ବୋଇଲେ, 'ସ୍ୱାଭାବିକ ହେଲେ ହେଁ ସେ କଥା
ସୀତା ପଦେ ନତ ହୁଏ ରାଜଲକ୍ଷ୍ମୀ-ମଥା ।"

ପର୍ବତ ପ୍ରମାଣେ ତୂଳା ଥିଲେ ହେଁ ସାମାନ୍ୟ ପୁଣ୍ୟ-ଅଗ୍ନିରେ ତାହା ଭସ୍ମୀଭୂତ ହୋଇଯାଏ । ତେଣୁ ସୀତାଦେବୀ ଅଗ୍ନି-ପ୍ରବେଶକୁ ଆଦୌ ଭୟ କରି ନ ଥିଲେ । ଅଗ୍ନି-ସ୍ନାନ ପାଇଁ ତାଙ୍କର ଆଦୌ କୁଣ୍ଠିତ ଭାବ ପ୍ରକାଶିତ ହୋଇନାହିଁ ।

ବାଲ୍ମୀକି ଅଗ୍ନିପ୍ରବେଶ କାଳରେ ସୀତା ଏହିପରି ପ୍ରାର୍ଥନା କରୁଥିବା ଜଣାଇଛନ୍ତି—

"ଯଥା ମେ ହୃଦୟଂ ନିତ୍ୟଂ ନାପସର୍ପତି ରାଘବାତ୍
ତଥା ଲୋକସ୍ୟ ସାକ୍ଷୀ ମାଂ ସର୍ବତଃ ପାତୁ ପାବକଃ ।" ଇତ୍ୟାଦି

ସୀତାଙ୍କର ପ୍ରାର୍ଥନା ହେଲା—ମୋର ମନ ଯଦି କେବେହେଲେ ରାଘବଙ୍କଠାରୁ ବିଚଳିତ ହୋଇନାହିଁ, ତେବେ ହେ ଲୋକସାକ୍ଷୀ ଅଗ୍ନିଦେବ, ମୋତେ ସର୍ବୋତଭାବରେ ରକ୍ଷାକର । ମୋର ଚରିତ୍ର ଯଥାର୍ଥ ବିଶୁଦ୍ଧ ସତ୍ତ୍ୱେ ପ୍ରଭୁ ରାମଚନ୍ଦ୍ର ମୋତେ ଯଦି ସନ୍ଦେହ କରନ୍ତି, ତେବେ ସକଳ ପାପପୁଣ୍ୟର ସାକ୍ଷୀ ଅଗ୍ନିଦେବ ମୋତେ ରକ୍ଷାକର । କାୟମନୋବାକ୍ୟରେ ରଘୁନନ୍ଦନଙ୍କ ବ୍ୟତୀତ ଅନ୍ୟ କାହାକୁ ଚିନ୍ତା କରିନାହିଁ । ତେଣୁ ହେ ଅଗ୍ନିଦେବ, ମୋତେ ରକ୍ଷାକର । ସମସ୍ତ ଦିଗ୍‌ପାଳ, ସୂର୍ଯ୍ୟ ଚନ୍ଦ୍ର ଇତ୍ୟାଦି ଯଦି ମୋତେ ପତିବ୍ରତା ବୋଲି ଜାଣନ୍ତି, ତେବେ ହେ ଅଗ୍ନିଦେବ, ମୋତେ ରକ୍ଷାକର ।

କିନ୍ତୁ 'ତପସ୍ୱିନୀ' କାବ୍ୟରେ ସୀତା ନିଜର ତନୁ ବଞ୍ଚାଇବା ପାଇଁ ଆଦୌ ବ୍ୟାକୁଳ ହୋଇ ନାହାନ୍ତି । ସେ ଆଜୀବନ ଧର୍ମ ଓ ସତ୍ୟ ପଥରେ ପଥିକା । ସେହି ଲକ୍ଷ୍ୟରେ ଅଟଳ ଥାଇ ଯଦି ତାଙ୍କର ଦେହର ଅବସାନ ହୋଇଯାଏ ଚିରକାଳ ପାଇଁ, ତେବେ ସେ ନିଜକୁ ଧନ୍ୟା ମନେ କରିବେ । ସେ ଅନୁଭବ କରୁଥିଲେ ଯେ ସତ୍ୟ ଓ ଧର୍ମର ଅନୁରୋଧରେ ନିଜର ଏହି ମାଟିର ଦେହକୁ ହସି ହସି ଅଗ୍ନିଗର୍ଭରେ ଆହୁତି ଦେଇ-ପାରିଲେ ସେ ପରମସ୍ୱରୂପ ଶ୍ରୀରାମଚନ୍ଦ୍ରଙ୍କର ଅଙ୍ଗରେ ଲୀନ ହୋଇଯିବେ, ତାଙ୍କର ଅପାର କରୁଣାର ଅଧିକାରିଣୀ ହୋଇପାରିବେ । କାରଣ ରାମଙ୍କର ପାଦସ୍ପର୍ଶ କରିବା ପାଇଁ ଯଦି ସେ ଯୋଗ୍ୟା ହେଲେ ନାହିଁ, ତେବେ ବଞ୍ଚିରହିବା ନିରର୍ଥକ । ସତୀ ନାରୀର ପତିସେବା ହେଉଛି ପରମ ସାଧନା । ଯଦି ସେ ସୌଭାଗ୍ୟ ନ ମିଳିଲା, ତେବେ ବରଂ ରାମଙ୍କୁ ଦର୍ଶନ କରି ଅଗ୍ନିଗର୍ଭରେ ଝାସ ଦେଲେ ତାଙ୍କର ଜୀବନ ସାର୍ଥକ ହୋଇଯିବ । ସୀତାଙ୍କର ଏ ଆତ୍ମତ୍ୟାଗର ତୁଳନା ନାହିଁ ।

"ଦହିବ ଦେହ ଚାହିଁ ଚାହିଁ ଶ୍ରୀମୁଖ
ଏଥୁଁ ଅଧିକ ମୋର କି ଅଛି ସୁଖ ?
ଦଗ୍‌ଧ ହେଲେ ଦେହ, ଅବଶ୍ୟ ପ୍ରାଣ
ପ୍ରଭୁ ଶ୍ରୀଅଙ୍ଗେ ଯାଇ ପାଇବ ସ୍ଥାନ ଗୋ ।"

ଅବଶ୍ୟ ସୀତା ଦୁଃଖବାଦିନୀ ନୁହଁନ୍ତି । ହା ହୁତାଶ ଓ ଅବିଶ୍ୱାସରେ ସେ ଭାଙ୍ଗିପଡ଼ି ନାହାନ୍ତି । ତାଙ୍କର ହୃଦୟକୁ କୌଣସି ପ୍ରକାର ଗ୍ଳାନି ସ୍ପର୍ଶ କରି ନାହିଁ । ସାରା ଜଗତ ଯଦି ବି ତାଙ୍କୁ ଅବିଶ୍ୱାସ କରେ, ସେ ଜାଣନ୍ତି ଯେ ପ୍ରଭୁ ରାମଚନ୍ଦ୍ର ହିଁ ତାଙ୍କର ଏକମାତ୍ର ତପସ୍ୟା । ଏହି ତପସ୍ୟାରେ ଦେହ ଧ୍ୱଂସ ହେଲେ ଯେତିକି ଲଭ, ରକ୍ଷା ହେଲେ ମଧ୍ୟ ସେତିକି ଲଭ । ତେଣୁ ଧର୍ମରେ ଅସ୍ଥା ସ୍ଥାପନ କରି ସେ କାମନା କରିଛନ୍ତି –

"ଧରମ ବଳେ ଯେବେ ରହିବ ଦେହ
ଲଭିବ ପ୍ରଭୁଙ୍କର ଦ୍ୱିଗୁଣ ସ୍ନେହ ।"

ମେହେର କବି ସନାତନ ଧର୍ମର ଜୟଜୟକାର ଘୋଷଣା କରିଛନ୍ତି । ସୀତାଦେବୀଙ୍କର ଐକାନ୍ତିକ କାମନା, ଯଦି ବାସ୍ତବିକ ଲଙ୍କାପୁରୀରେ ତାଙ୍କର ମନ ତିଳେମାତ୍ର କଳୁଷିତ ହୋଇଥାଏ, ଯଦି ରାମଚନ୍ଦ୍ରଙ୍କ ବିନା ସେ ମୁହୂର୍ତ୍ତିକ ପାଇଁ ଆଉ କାହାକୁ ହୃଦୟରେ ସ୍ଥାନ ଦେଇଥାଆନ୍ତି, ତେବେ ହେ ଅଗ୍ନିଦେବ, ତୁମେ ମୋତେ ଜାଳିପୋଡ଼ି ଧ୍ୱଂସ କରିଦିଅ । କିନ୍ତୁ ସେ ଜାଣନ୍ତି ଯେ ଅଗ୍ନି, ଜଳ, ଆକାଶ ଯେଉଁଠାରେ ରହନ୍ତୁ, ସନାତନ ଧର୍ମଦେବ ତାଙ୍କ ସହିତ ନିଶ୍ଚୟ ରହିବେ । ସେହି ଧର୍ମ ବଳରେ ସେ ଏହି ମହାନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ବୋଲି ବିଶ୍ୱାସ କରିଛନ୍ତି । ପରିଶେଷରେ ସତୀତ୍ୱର ପରାକାଷ୍ଠା ଘୋଷିତ ହୋଇଛି ।

“ଅନଳ ଧର୍ମ-ବଶେ ହେଲା ନିର୍ବାଣ
ବଞ୍ଚିଲା ଧର୍ମବଳେ ତହିଁ ମୋ ପ୍ରାଣ ଗୋ”

**ଆହରଣରେ ସ୍ୱକୀୟ ମହିମା :**

ବିନା ଆଶ୍ରୟରେ କବିତା, ବନିତା, ଲତା, ବିକଶିତ, ପରିବର୍ଦ୍ଧିତ ହେବା ସମ୍ଭବ ନୁହେଁ । ତେଣୁ ଗଙ୍ଗାଧରଙ୍କର କାବ୍ୟଲତିକା ଯଦି କାହାରି ଆଶ୍ରୟରେ ପ୍ରତିପାଳିତା ହୁଏ, ଏଥିରେ କେବଳ ପରଂପରାର ସ୍ୱୀକୃତି ଲକ୍ଷ୍ୟ କରାଯାଏ । ତପସ୍ୱିନୀର କଥାବସ୍ତୁ ଭାରତୀୟ ସମାଜରେ ନୂତନ ନୁହେଁ । ପୁରାଣସେବିତ ଭାରତବର୍ଷରେ ରାମାୟଣ କଥାକୁ ଅବଲମ୍ବନ କରି ଯୁଗେ ଯୁଗେ ବହୁ କାବ୍ୟ, ନାଟକ, ପୁରାଣ ରଚିତ ହୋଇ ଯାଇଅଛି । ଗଙ୍ଗାଧର ବାଲ୍ମୀକିଙ୍କ ରଚନା ଦ୍ୱାରା କେବଳ ପ୍ରଭାବିତ ହୋଇ ନାହାନ୍ତି, ସେ ମହାକବି କାଳିଦାସ ଏବଂ ଭକ୍ତକବି ତୁଳସୀଦାସଙ୍କ ଦ୍ୱାରା ରଚିତ ରାମକଥା ଅବଲମ୍ବିତ କାବ୍ୟାବଳୀ ଦ୍ୱାରା ମଧ୍ୟ ଅନୁପ୍ରାଣିତ ହୋଇଛନ୍ତି । ନିମ୍ନରେ କେତେକ ସମଧର୍ମୀ ପଦ ତୁଳନାତ୍ମକ ବିଚାରରେ ଉଦ୍ଧାର କରାଗଲା—

“ସେହି ବାଲମୀକି ଋଷି ଆସିଥିଲେ ବନେ
ସଂଗ୍ରହ କରିବା ପାଇଁ କୁଶ ହୋମ କାଠ

ଶୁଣି ସମୀପରେ ଏହି କ୍ରନ୍ଦନର ଧ୍ୱନି
ସୀତାଙ୍କ ନିକଟେ ଆସି ହେଲେ ଉପସ୍ଥିତ ।"
(ରଘୁବଂଶ – ବଳଭଦ୍ର ଗ୍ରନ୍ଥାବଳୀ)

କାଳିଦାସ ବାଲ୍ମୀକି ଆଶ୍ରମରେ ପରିତ୍ୟକ୍ତା ସୀତାଙ୍କ ସହିତ ପ୍ରଥମେ ବାଲ୍ମୀକିଙ୍କୁ ଭେଟ କରାଇଛନ୍ତି ।

ସ୍ୱୟଂ ବାଲ୍ମୀକି ତାଙ୍କ ରାମାୟଣରେ ପ୍ରଥମେ ମୁନିକୁମାରମାନଙ୍କ ସହିତ ସୀତାଙ୍କୁ ଭେଟ କରାଇଛନ୍ତି । ସେମାନେ ମୁନିଶ୍ରେଷ୍ଠ ବାଲ୍ମୀକିଙ୍କୁ ଅନୁରୋଧ କରନ୍ତେ ସେ ଆସି ସୀତାଙ୍କୁ ଆଶ୍ୱାସନା ପ୍ରଦାନ କରିଥିବା ଜଣାଯାଏ ।

"ଶୁଣି ସେ ବିଳାପଧ୍ୱନି ତାପସ-ସନ୍ତାନେ
ଦେଖିଲେ କାନ୍ଦଇ ଏକ ନାରୀ ସେ ବିଜନେ
ଚଳିଲେ ସରବେ ତହୁଁ ବାଲ୍ମୀକିଙ୍କ ପାଶେ
କହିଲେ ପ୍ରଣମି ତାଙ୍କ ଶ୍ରୀପଦ-ସାରସେ—
ନାରୀ ଏକ କାହୁଁ ଆସି ହେ ମୁନିପ୍ରବର
କାନ୍ଦୁଛି ଆକୁଳେ ଏଥି ଉଚ୍ଚେ ତୋଳି ସ୍ୱର ।"
(ସାରସ୍ୱତ ରାମାୟଣ– ଉତ୍ତରାକାଣ୍ଡ)

ମାତ୍ର କବି ଗଙ୍ଗାଧର ଏ ସବୁ କଥାବସ୍ତୁର ବ୍ୟତିକ୍ରମ କରିଛନ୍ତି । ତାଙ୍କର ଋଷିକୁମାରୀମାନେ ପ୍ରଥମେ ଆସି ଦୁଃଖିନୀ ସୀତାଙ୍କୁ ସାକ୍ଷାତ କରିଛନ୍ତି । ନାରୀର ଦୁଃଖ ନାରୀଗଣ ଅଧିକ ବୁଝନ୍ତି । ଏଥିପାଇଁ ବୋଧହୁଏ ସୀତାଙ୍କ ଦୁଃଖରେ ସମଦୁଃଖିନୀ ହେବା ପାଇଁ କବି ସେହିପରି ଲେଖିଛନ୍ତି—

"କୁମାରୀଏ ଯାଇ ଅନତିଦୂରେ କଲେ ଦର୍ଶନ
ଅପୂର୍ବ ନାରୀଏ କରୁଛି ଘୋର ଅଶ୍ରୁ ବର୍ଷଣ ।"

× × × ×

ଭାବି ଭାବି ମୁନିସୁତାଏ ଗଲେ ଜାନକୀ ପାଖ
ସାହସ ନ ହେଲା ଦେବାକୁ କିନ୍ତୁ ତାଙ୍କୁ ଆଶ୍ୱାସ ।"

× × × ×

ସଙ୍ଖ ଏକ ସହ୍ଯ ନ ପାର ଯାଇ ବାଲ୍ମୀକ ପାଶେ
ଜଣାଇଲ ଖେଦପୂରିତ କ୍ଳେଶ ଚଞ୍ଚଳା ଘପେ ।

ନଜର ଶିଷ୍ୟଶିଷ୍ୟା ପରିବେଷ୍ଟିତ ହୋଇ ମହର୍ଷି ବାଲ୍ମୀକ ଆଶ୍ରମର ଉପବନରେ ସୀତାଦେବୀଙ୍କୁ ସ୍ୱାଗତ କରିଛନ୍ତି । ରାମାୟଣରେ କୁହାଯାଇଛି—

ସ୍ନୁଷା ଦଶରଥସ୍ୟ ତ୍ୱଂ ରାମସ୍ୟ ମହିଷୀ ପ୍ରିୟା
ଜନକସ୍ୟ ସୁତା ରାଜ୍ଞି ସ୍ୱାଗତଂ ତେ ପତିବ୍ରତେ ।

(ଉତ୍ତରକାଣ୍ଡ)

ହେ ପତିବ୍ରତେ ! ତୁମେ ଦଶରଥଙ୍କର ପୁତ୍ରବଧୂ ଅଟ । ପୁରୁଷୋତ୍ତମ ରାମଚନ୍ଦ୍ରଙ୍କର ପ୍ରିୟ ପଟ୍ଟମହିଷୀ ଏବଂ ରାଜର୍ଷି ଜନକଙ୍କର କନ୍ୟା ଅଟ । ମୁଁ ତୁମକୁ ସ୍ୱାଗତ କରୁଅଛି ।

ମହାକବି କାଳିଦାସ ରଘୁବଂଶରେ କହିଛନ୍ତି—

ତବୋରୁକୀର୍ତ୍ତିଃ ଶ୍ୱଶୁରଃ ସଖାମେ
ସତାଂ ଭବୋଚ୍ଛେଦକରଃ ପିତା ତେ
ଧୁରି ସ୍ଥିତା ତ୍ୱଂ ପତି ଦେବତାନାଂ
କିଂ ତନ୍ନ ଯେ ନାସି ମମାନୁକମ୍ପ୍ୟା ”

ଗଙ୍ଗାଧର ‘ତପସ୍ୱିନୀ’ କାବ୍ୟରେ କବି କାଳିଦାସଙ୍କୁ ଅନୁସରଣ କରିଥିବା ମନେ ହୁଏ ।

“ଶ୍ୱଶୁର ତୋ ମୋର ସୁହୃଦ,
ସେହିପରି ତୋ ପିତା ;
ଅଙ୍ଗକୋଚେ ରହ ଆଶ୍ରମେ
ମଣି ହସାର ପିତା ।

ତପସ୍ୱିନୀରେ ବାଲ୍ମୀକଙ୍କର ଏହି କଥାଗୁଡ଼ିକ ଅଧିକ ଆନ୍ତରିକତା ପୂର୍ଣ୍ଣ ଏବଂ ଦୁଃଖିନୀ ମନରେ ଶାନ୍ତିର ପ୍ରଲେପ ଦେବା ପାଇଁ ଅଧିକ କ୍ଷମ ।

ପରବର୍ତ୍ତୀରେ ରାମାୟଣର କବି କହିଛନ୍ତି—

ଆଶ୍ରମସ୍ୟାବିଦୂରେ ମେ ତାପସ୍ୟସ୍ତପସି ସ୍ଥିତାଃ
ତା ସ୍ତ୍ୱାଂ ବତ୍ସେ ଯଥା ବତ୍ସଂ ପାଲୟିଷ୍ୟନ୍ତି ନିତ୍ୟଶଃ ।

(ଉତ୍ତରକାଣ୍ଡ)

ମୋ ଆଶ୍ରମ ନିକଟରେ ଅନେକ ତପସ୍ୱିନୀ ତପଃ କରୁଛନ୍ତି । ସେମାନେ କନ୍ୟାସମ ତୋତେ ପାଳନ କରିବେ । ତେଣୁ ଏହି ଆଶ୍ରମକୁ ନିଜର ଘର ପରି ମନେ କରି ରହ । କିନ୍ତୁ ଗଙ୍ଗାଧର ଅତ୍ୟନ୍ତ ଚତୁରତାର ସହିତ ମୁନିପତ୍ନୀମାନଙ୍କ କଥା ଏଡ଼ାଦେଇ ଋଷିଙ୍କ ମୁହଁରେ କୁହାଇଛନ୍ତି—

"ମୁନିଶ୍ରେଷ୍ଠ ବୋଇଲେ, "ଆସ ମା,
ଆଉ ନ କର ମଠ !
କୁମାରୀମଣ୍ଡଳ ମଧ୍ୟରେ
ରହି ମଣ୍ଡ ଗୋ ମଠ ।"

ନିଜର ସମବୟସୀମାନଙ୍କ ଗହଣରେ ରହିବା ପାଇଁ ସୂଚନା ଦିଆଯାଇଛି । ସ୍ୱଭାବତଃ ନିଜର ବନ୍ଧୁଗହଣରେ ମନ କଥା କହି ଲୋକେ ଦୁଃଖ ଭୁଲିଯାଆନ୍ତି, ତପସ୍ୱିନୀରେ ଏହିପରି ଜଣେ ସଖୀ ଆଗରେ ସମଗ୍ର ଜୀବନଚରିତ ବର୍ଣ୍ଣନା କରି ସୀତା ଶାନ୍ତି ଲାଭ କରିଛନ୍ତି ।

ଦୁଃଖ ଭୁଲିବାକୁ ହେଲେ ସର୍ବଦା କର୍ମରତ ହେବା ଆବଶ୍ୟକ । ଆଶ୍ରମର ଉପବନରେ ପ୍ରକୃତିର କୋଳରେ ଏଥିପାଇଁ ଅପୂର୍ବ ସୁଯୋଗ ପଡ଼ି ରହିଛି ବୋଲି ମହର୍ଷି ଉପଦେଶ ଦେଇଛନ୍ତି । କାଳିଦାସ କହିଛନ୍ତି—

"ପୟୋଘଟୈରାଶ୍ରମବାଲବୃକ୍ଷାନ୍ ସଂବର୍ଦ୍ଧୟନ୍ତୀ ସ୍ୱବଲାନୁରୂପୈଃ
ଅସଂଶୟଂ ପ୍ରାକ୍ ତନୟୋପପତ୍ତେଃ, ସ୍ତନନ୍ଧୟ-ପ୍ରୀତି-ମବାପ୍ସ୍ୟସି ତ୍ୱମ୍ ।"

(ରଘୁବଂଶ-୧୪ । ୭୮)

ତୋର ଶକ୍ତି ଅନୁସାରେ ମାଠିଆରେ ପାଣି ବହନ କରି ଆଶ୍ରମଜାତ ଶିଶୁ ବୃକ୍ଷମାନଙ୍କୁ ପାଳନ କରିବୁ । ତେଣୁ ସନ୍ତାନବତୀ ହେବାପୂର୍ବରୁ ନିଃସନ୍ଦେହ ରୂପେ ସନ୍ତାନ ପାଳନର ସୁଖ ଉପଲବ୍‌ଧି ହୋଇ ପ ରିବ ।

ଭକ୍ତକବି ମଧୁସୂଦନ ଏହି ଭାବକୁ ଚମତ୍କାର ଭାବରେ ଉଲ୍ଲେଖ କରିଛନ୍ତି—

"ଆଶ୍ରମର ତରୁଣ ତରୁ ନିକର
ଯତନେ ବଢ଼ାଇଣ ଘଟ ଜଳର
ନିରେଖିବା ଆଗରୁ ତନୟ ମୁଖ
ଲଭିବୁ ତନୟର ପାଳନ ସୁଖ ।"

(ସୀତା ବନବାସ)

ଗଙ୍ଗାଧର ସେହି ପଥର ପଥିକ ହେଲେ ହେଁ ସେ ସାମାନ୍ୟ ଅଗ୍ରସର ହୋଇ ଅନଭିଜ୍ଞା ସୀତାଙ୍କ ସହିତ ସାହାଯ୍ୟ କରିବା ପାଇଁ ପଦେ ପଦେ ବୃଦ୍ଧା ତପସ୍ୱିନୀ ଅନୁକମ୍ପା ଥିବେ ବୋଲି ଭରସା ଦେଇଛନ୍ତି । ପରିତ୍ୟକ୍ତା ସୀତାଙ୍କ ପାଇଁ ଏହି ସଙ୍ଗିନୀମାନଙ୍କର ସ୍ନେହ ଏବଂ ଅନୁକମ୍ପାଙ୍କର ମାତୃବତ୍ସଳତା ଦୁଃଖ ଲଘବ କରିବାରେ ଯଥେଷ୍ଟ ସାହାଯ୍ୟ କରିଅଛି । ତେଣୁ 'ତପସ୍ୱିନୀ'ର କଳ୍ପନା ଅଧିକ ହୃଦ୍ୟ ହୋଇଅଛି ।

"ନନ୍ଦନ ! ତୁ ଏ ଆଶ୍ରମ — ପାଦପଙ୍କୁ ସ୍ନେହ ଶ୍ରମ
ପ୍ରୟୋଗେ ନନ୍ଦନୋପମ କର ଯତନ,
ସେ ଭାବେ ତୋ ଅନୁଭବ ସ୍ୱଭାବେ ହେବ ସମ୍ଭବ
ଭାବେ କେମନ୍ତ ଦୁର୍ଲଭ ସୁତ-ରତନ,
ଅନୁକମ୍ପା ଥିବେ ନିତ୍ୟ
ସକଳ ଅଭାବ ତୋର ମୋଚନେ ରତ ।"

ଗଙ୍ଗାଧର ଥିଲେ ସ୍ୱଭାବତଃ କବି । ସେ ସଂସ୍କୃତ କାବ୍ୟକାନନରେ ଭ୍ରମଣ କରି ଯେଉଁ ରସୋପଲବ୍‌ଧି କରିଥିଲେ ତାହା ଉତ୍କଳୀୟ ପାଠକ-ମାନଙ୍କ ଉଦ୍ଦେଶ୍ୟରେ ପରିବେଷଣ କରିଅଛି ।

ତପସ୍ୱିନୀ କାବ୍ୟରେ ପ୍ରକୃତି ପ୍ରାଣତା ଅନବଦ୍ୟ । ସେଠାରେ ପ୍ରକୃତି ଚଳନଶୀଳ ବ୍ୟକ୍ତିତ୍ୱ । ମନୁଷ୍ୟର ସୁଖ ଦୁଃଖରେ ସେମାନେ ହୋଇଛନ୍ତି ସମଦୁଃଖୀ । ଏ କ୍ଷେତ୍ରରେ ରାଧାନାଥ ମଧୁସୂଦନ, ନନ୍ଦକିଶୋର ପ୍ରଭୃତି ଆଧୁନିକଯୁଗର କବିଗଣ ପାଶ୍ଚାତ୍ୟ ସାହିତ୍ୟଦ୍ୱାରା ପ୍ରଭାବିତ ହୋଇଥିବା ଜଣାଯାଏ । ମାତ୍ର ଗଙ୍ଗାଧର ପାଶ୍ଚାତ୍ୟ ଶିକ୍ଷାରୁ ବଞ୍ଚିତ ଥିଲେ । ତାଙ୍କ ପାଇଁ ସଂସ୍କୃତ ସାହିତ୍ୟ ପ୍ରଚୁର ପ୍ରେରଣାର କ୍ଷେତ୍ର ଯୋଗାଇ ଦେଇଥିଲା । ଏଠାରେ ଉଦାହରଣ ପାଇଁ ରାମାୟଣର ଏକ ଉଦାହରଣ ଦିଆଯାଇ ପାରେ ।

"ଜଳପ୍ରପାତା ଶ୍ରୁମୁଖାଃ ଶୃଙ୍ଗୈରୁଚ୍ଛ୍ରିତବାହବଃ
ସୀତାୟାଂ ହ୍ରିୟମାଣାୟାଂ ବିକ୍ରୋଶନ୍ତୀବ ପର୍ବତାଃ ।"

(ଅରଣ୍ୟକାଣ୍ଡ)

ରାବଣ ବଳପ୍ରୟୋଗ କରି ସୀତାଙ୍କୁ ଅପହରଣ କରି ନେଉଥିଲା । ସେ ଅନୁଶୋଚନାରେ କ୍ରନ୍ଦନ କରି ସମଗ୍ର ପ୍ରକୃତି ସଂସାରକୁ ବିଚଳିତା କରିଦେଲେ । ସେମାନେ ମଧ୍ୟ ସହାନୁଭୂତି ପ୍ରଦର୍ଶନ କରି ଅଶ୍ରୁବର୍ଷଣ କଲେ । ଏଠାରେ ଦୁଃଖୀ ପର୍ବତଶ୍ରେଣୀ ଶିଖରରୂପକ ଭୁଜତୋଳି ନିର୍ଝର ଛଳରେ ଅଶ୍ରୁମୋଚନ କରୁଛନ୍ତି ବୋଲି କବି କଳ୍ପନା କରିଛନ୍ତି । ତପସ୍ୱିନୀରେ ପ୍ରକୃତିର ଏହିପରି ସମଦର୍ଶିତାର ରାଶି ରାଶି ଉଦାହରଣ ଦିଆଯାଇପାରିବ । ଗଙ୍ଗାଧରଙ୍କ କଳ୍ପନାରେ କେବଳ ଆଶ୍ରମର ପ୍ରକୃତି ବାବଦୁକ ହୋଇନାହାନ୍ତି, । ଅଯୋଧ୍ୟା, ତମସା, ଚିତ୍ରକୂଟ, ଗୋଦାବରୀ, ମହାନଦୀ ପ୍ରଭୃତି ସମସ୍ତ ବ୍ୟକ୍ତିତ୍ୱମୟୀ ହୋଇଛନ୍ତି ।

କବିତ୍ୱ, କଳ୍ପନାବିଳାସ, ଉପମା, ଅନୁପ୍ରାସ ଓ ଅଳଙ୍କାରର ଯଥାର୍ଥ ସଂଯୋଜନା ଏବଂ ବିଭିନ୍ନ ରସର ଅବତାରଣା ପାଇଁ ତପସ୍ୱିନୀ ଏକ ଅନବଦ୍ୟ କାବ୍ୟରୂପେ ସ୍ୱୀକୃତି ଲାଭ କରିଅଛି । ବିଶେଷକରି ତପସ୍ୱିନୀ ଏକ ଟ୍ରାଜିକ କାବ୍ୟ । ଏଥିରେ ଶୋକଗୀତି ପ୍ରଚୁର । ତଥାପି ପ୍ରାଚୀନ ପାରିବାରିକ ଆଦର୍ଶ ଅନୁସରଣ କରି ସେ କାବ୍ୟଟିକୁ ବିୟୋଗାନ୍ତକ କରିନାହାନ୍ତି । ସୀତାଙ୍କର ମହାଯାତ୍ରା ହିଁ ସର୍ବଶେଷ କଥା ହୋଇଥିଲେହେଁ ଗଙ୍ଗାଧର ଯୋଗମାୟାଙ୍କର ଅବତାରଣା କରି ରାମସୀତାଙ୍କର ଏକ

ଅପୂର୍ବ ମିଳନର ଚିତ୍ର ଉପସ୍ଥାପନ କରିଛନ୍ତି । ଦୁଃଖିନୀ ସୀତାଙ୍କୁ ସ୍ୱପ୍ନର ଇନ୍ଦ୍ରଜାଲ ମଧ୍ୟରେ ଅଲୌକିକ ବିଭୂତି ଅର୍ପଣ କରିଛନ୍ତି ଯୋଗମାୟା । ତେଣୁ ସୀତାଙ୍କର ସ୍ୱପ୍ନ ଏହିପରି ସାର୍ଥକତା ଲାଭ କରିଅଛି—

"ଦେଖିଲି ଜାନକୀ ହୋଇଛନ୍ତି ଜ୍ୟୋତିର୍ମୟୀ
ତାଙ୍କ ଜ୍ୟୋତି ଆଲୋକିତ କରୁଅଛି ମହୀ ।
ଜ୍ୟୋତିର୍ମୟ ରାମଚନ୍ଦ୍ର ରତ୍ନ-ସିଂହାସନେ
ବସିଛନ୍ତି ଯେନ ତାଙ୍କୁ ପ୍ରସନ୍ନ ଆନନେ ।
ରାମଚନ୍ଦ୍ର-କୋଳେ କୁଶ । ସୀତା କୋଳେ ଲବ
ଛତ୍ର ଧରି ପାଶେ ଉଭା ଉର୍ମିଳା-ବଲ୍ଲଭ ।

ଦୁଃଖିନୀ ସୀତାଙ୍କର ମନରେ ହାସ୍ୟ ଉଜୁଟାଇ କବି ଏହି କାବ୍ୟର ଉପସଂହାର କରିଛନ୍ତି ।

ଏହି ପ୍ରସଙ୍ଗରେ ମହାକବି ଭବଭୂତିଙ୍କର ନିର୍ଦ୍ଦେଶ ଅଧିକ ସ୍ମରଣୀୟ । କାବ୍ୟ ସଂସାରରେ ଗୋଟିଏ ରସ ହେଉଛି ମୁଖ୍ୟ । ତାହା ହେଉଛି କରୁଣ । ଏହି ରସପରି ହୃଦ୍ୟ ଏବଂ ସ୍ୱାଦ୍ୟ ରସ ଆଉ ନାହିଁ ।

"ଏକୋରସଃ କରୁଣ ଏକ ନିମିତ୍ତ ଭେଦାତ୍
ଭିନ୍ନଃ ପୃଥକ୍ ପୃଥଗିବ ଶ୍ରୟତେ ବିବର୍ତ୍ତାନ
ଆବର୍ତ୍ତ ବୁଦ ବୁଦ୍ ତରଙ୍ଗ ମୟାନ ବିକାରାନ୍
ଅାମ୍ଭୋ ଯଥା ସଲିଲମେବ ହିତତ୍ ସମସ୍ତଂ ।

(ଭବଭୂତି)

ଜଳ ଏକ ମାତ୍ର, ରୂପଭେଦରେ ତାହା ଭଉଁରୀ, ବୁଦ୍‌ବୁଦ୍, ତରଙ୍ଗ ଆଦି ନାମରେ କଥିତ ହୋଇଥାଏ । ସେହିପରି ରସ ମଧ୍ୟ ଗୋଟିଏ । ତାହାହେଲା କରୁଣ ରସ । ବିଷୟ ଭେଦରେ ତାହା ଭିନ୍ନ ରୂପ ଧାରଣ କରିଥାଏ ମାତ୍ର ।

ବାସ୍ତବିକ 'ତପସ୍ୱିନୀ' କରୁଣରସାଶ୍ରିତ ଏକ ସାର୍ଥକ କାବ୍ୟ ଓଡ଼ିଆ କାବ୍ୟ ସଂସାରରେ ଏହାର ସ୍ଥାନ ଅନନ୍ୟସାଧାରଣ ।

# ତପସ୍ୱିନୀ

## ସୀତା

### ପ୍ରଥମ ସର୍ଗ

[ ରାଗ—ମଙ୍ଗଳ ଗୁର୍ଜ୍ଜରୀ ]

କିଏ ଗୋ ତୁ ଜ୍ୟୋତିର୍ମୟୀ ଶୁଚି-ଶୁଭ-ବେଶା,
ଇନ୍ଦ୍ରନୀଳ-ଦ୍ୟୁତି-ଜିତ-ମନୋହର-କେଶା ? ୧ ।
ତନୁକାନ୍ତି ଭେଦି ତୋର ଶୁଭ୍ର ସୂକ୍ଷ୍ମ ବାସ,
ଆହ୍ଲାଦ ଦେଉଛି ହୃଦେ ହୋଇ ସୁପ୍ରକାଶ । ୨ ।
କୌମୁଦୀ କି ଘନ ହୋଇ ବହିଛି ଶରୀର ?
କେଶଛଳେ ଚରଣେ ତୋ ଲୋଟୁଛି ତିମିର । ୩ ।
ସୁବିରଳ ସମୁଜ୍ଜ୍ୱଳ ଗୁରୁ ତାରାଗ୍ରହ,
ମଣ୍ଡିଛନ୍ତି-ରତ୍ନ-ଭୂଷା-ରୂପେ ତୋ ବିଗ୍ରହ । ୪ ।

---

୧ । ଜ୍ୟୋତିର୍ମୟୀ—ଆଲୋକମୟୀ, ଶୁଚି—ପବିତ୍ର, ଇନ୍ଦ୍ରନୀଳ-ଦ୍ୟୁତି-ଜିତ—ଇନ୍ଦ୍ରନୀଳ ମଣିକୁ ଜିଣିଥିବା ଶୋଭା ।

୨ । ତନୁକାନ୍ତି—ଶରୀରର ଜ୍ୟୋତି, ସୂକ୍ଷ୍ମବାସ—ଅତି ସରୁ ଲୁଗା ।

୩ । କୌମୁଦୀ—ଚନ୍ଦ୍ରକିରଣ, ତିମିର—ଅନ୍ଧକାର ।

୪ । ସୁବିରଳ—ଛଡ଼ାଛଡ଼ି, ରତ୍ନଭୂଷା—ସ୍ୱର୍ଣ୍ଣ ଅଳଙ୍କାର, ବିଗ୍ରହ—ଶରୀର ।

ଅସଂଖ୍ୟ ଧବଳ ପୁଷ୍ପହାର ଶୋଭେ ଗଳେ,
ଗ୍ରଥିତ ହୋଇଛି ସବୁ ଅଦ୍ଭୁତ କୌଶଳେ । ୫ ।
ଶ୍ରୀଅଙ୍ଗ-ସୌରଭେ ମୁଗ୍ଧ ହେଉଛି ଜଗତ,
ପ୍ରଫୁଲ୍ଲତା ହେଉଅଛି ପ୍ରାଣେ ଉପଗତ ।୬।
କି ଶାନ୍ତିକୁ କରେ ଧରି, ଲୋକେ କରି ପାନ,
ଦୈବତ ସଦୃଶ ହେଉଛନ୍ତି ତେଜୀୟାନ । ୭ ।
କି ମନ୍ତ୍ର ଦେଇଛୁ ପୁଣି ବାଛି ବାଛି ଲୋକ,
ତମ ନାଶି ସୃଜୁଛନ୍ତି ସେମାନେ ଆଲୋକ । ୮ ।
ପଦାଙ୍କେ ତୋ ଫୁଟୁଅଛି ଶ୍ୱେତ ଶତଦଳ,
କୌମୁଦୀ ବୋଲିବା ତେଣୁ ନୋହୁଛି ସଫଳ । ୯ ।
ଦରିଦ୍ରତା-ପଙ୍କ-ପୂର୍ଣ୍ଣ ମୋ' ଜୀବନ-ସର,
ଜଞ୍ଜାଳ-ଜଳଦ-ଜଳେ ଆବିଳ ଉଦର । ୧୦ ।
ଶରଦ ସଦୃଶ ତୋତେ କରି ଦରଶନ,
ହୋଇ ଯାଉଅଛି ସେ ତ ସ୍ୱତଃ ପରସନ୍ନ । ୧୧ ।
ବିକଶିତ ହେଉଅଛି ହୃଦୟ-କମଳ,
ସତେ କି ପାଇଲି ଦେବି, ତୋ ପଦ-ସମ୍ବଳ ? ୧୨ ।
ପୟର-ସ୍ମରଣେ ପ୍ରାଣ ହେଲାଣି ମୋହିତ,
ଇଚ୍ଛାମତେ କର ଯାହା ବିଚାରୁ ବିହିତ । ୧୩ ।

---

୫ । ଗ୍ରଥିତ—ଗୁନ୍ଥା ହୋଇଛି ।
୬ । ଉପଗତ—ପ୍ରାପ୍ତ ।
୭ । ଦୈବତ—ଦେବତାଙ୍କ ପରି ।
୯ । ଶତଦଳ—ପଦ୍ମ, ପଦାଙ୍କେ—ପାଦ ଚିହ୍ନରେ ।
୧୦ । ଜୀବନ-ସର—ଜୀବନ ରୂପକ ପୁଷ୍କରିଣୀ, ଜଳଦ—ମେଘ, ଆବିଳ—କଳୁଷିତ ।
୧୧ । ଶରଦ—ଶରତକାଳୀନ, ପରସନ୍ନ—ପ୍ରଫୁଲ୍ଲ ।
୧୩ । ପୟର—ପାଦ, ବିହିତ—ଉପଯୁକ୍ତ ।

ବାଲମୀକି ଆଶ୍ରମକୁ ଧାଇଁଅଛି ମନ,
କରିବାକୁ ନିର୍ବାସିତା ସୀତାକୁ ଦର୍ଶନ । ୧୪ ।

କେମନ୍ତେ ସେ କଲେ ଶୀର୍ଣ୍ଣ ହୃଦୟ ସୀବନ ?
କାହା ସଙ୍ଗେ କେମନ୍ତେ ବା ଯାପିଲେ ଜୀବନ ? ୧୫ ।

କୃପା କର କୃପାମୟୀ, ଶକ୍ତି ଦାନ କର,
ପବିତ୍ର ହେଉ ମୋ ମନ ଦେଖି, ଲେଖି କର । ୧୬ ।

ବହୁଅଛି ଭାଗୀରଥୀ ବିପିନ ଭିତରେ,
ତଡ଼ି ତାଡ଼ି ତରଙ୍ଗ ତା ପଶ୍ଚିମ ତଟରେ । ୧୭ ।

ବନ-ଦୃଶ୍ୟ ଦେଖିବାକୁ ହୋଇ ଅଗ୍ରସର,
ବିକଳ ଜୀବନେ ଯେହ୍ନେ ଚଳୁଛି ପ୍ରସ୍ତର । ୧୮ ।

ଯେହ୍ନେ କୂଳେ ବଇଦେହୀ ଗାଢ଼ ମନୋଦୁଃଖେ,
ଉଭା ହୋଇ ରହୁଁ ଥିଲେ ପୂର୍ବ-ଅଭିମୁଖେ । ୧୯ ।

ଅବିରଳ ବହି ତାଙ୍କ ନେତ୍ର-ନୀର-ଝର,
ଅବିରତ ପଡ଼ୁଥିଲା ବକ୍ଷର ଉପର । ୨୦ ।

ଉଠି ଯେହ୍ନେ ଜଳଧର ପଶ୍ଚିମ-ଆଶାରେ,
ଅସ୍ତାଚଳ ପ୍ଲାବି ଦିଏ ଅଜସ୍ର-ଆସାରେ । ୨୧ ।

---

୧୪ । ନିର୍ବାସିତା—ପରିତ୍ୟକ୍ତା ।

୧୫ । ଶୀର୍ଣ୍ଣ—ଖଣ୍ଡବିଖଣ୍ଡିତ, ସୀବନ—ସିଲାଇ ।

୧୭ । ଭାଗୀରଥୀ—ଗଙ୍ଗା, ବିପିନ—ବଣ ।

* ବାଲ୍ମୀକି ଆଶ୍ରମ ଗରେସ୍ୱାଲ ନିକଟରେ ଗଙ୍ଗା ଦକ୍ଷିଣବାହିନୀ । ସେଠାରୁ ଅଯୋଧ୍ୟା ପୂର୍ବଦିଗ ।

୧୯ । ବଇଦେହୀ—ବିଦେହ ରାଜକନ୍ୟା ସୀତା ।

୨୦ । ଅବିରତ—ଅନବରତ ।

୨୧ । ଜଳଧର—ମେଘ, ପଶ୍ଚିମ-ଆଶାରେ—ପଶ୍ଚିମ ଦିଗରେ, ଅସ୍ତାଚଳ—ଅସ୍ତପର୍ବତ, ଆସାରେ—ଜଳଧାରରେ ।

କରୀନ୍ଦ୍ର-କର-ଶୀକର ସରସୀ-ଉରସେ,
ପଡ଼ି ସିକ୍ତକରେ କରେ ପ୍ରଦୋଷ-ସାରସେ । ୨୨ ।

"ହା ନାଥ" ଉଚ୍ଚାରି ଦେବୀ ବ୍ୟାକୁଳେ କୋମଳେ,
ଅବଶରେ ବସୁଁ ବସୁଁ ବସୁନ୍ଧରା ତଳେ । ୨୩ ।

ସଂଜ୍ଞାବିରହିତ ହୋଇ ପଡ଼ିଲେ ଉତ୍ତାନେ,
ନ ଥିଲେ ଧରିବା ପାଇଁ କେହି ସନ୍ନିଧାନେ । ୨୪ ।

ଶତ ଶତ ସେବିକା ଯା ସେବୁଥିଲେ ପଦ,
ଜଣେ ନ ଦେଖିଲେ ତାଙ୍କ ଦାରୁଣ ଆପଦ ! ୨୫ ।

ଆହେ ! ନଭସ୍ଥଳର ଏହି ଭୟଙ୍କର ରୀତ,
ଦେଖିଲେ କାହାର ହୃଦେ ନ ଆସିବ ଭୀତ ? ୨୬ ।

ତା ଶୁଣି ବିହଙ୍ଗ-ମୁଖେ କାନ୍ଦିଲା ସେ ବନ,
ବହିଲା ନିଃଶ୍ୱାସ ରୂପେ ପ୍ରଖର ପବନ । ୨୭ ।
ଶୁଭିଲା ପ୍ରଶ୍ୱାସ ରୂପେ ସର ସର ସ୍ୱର;
କାରୁଣ୍ୟ-ଲହରୀ ପ୍ରାୟେ ଚଳିଲେ ପତର । ୨୮ ।
ଏ ଦିଗେ ସେ ଦିଗେ ଗୁହିଁ ଚକିତ-ଲୋଚନେ,
ମୃଗମାନେ ରହିଗଲେ ବିଚଳିତ ମନେ । ୨୯ ।
ଜନନୀ-ରୋଦନ ଶୁଣି ନ ବୁଝି ତା ମାନେ,
ବ୍ୟସ୍ତ ଯଥା ହୋଇଥାନ୍ତି ତା ସନ୍ତାନମାନେ । ୩୦ ।

---

୨୨ । କରୀ-କର-ଶୀକର—ହସ୍ତିଶୁଣ୍ଢ ଜଳ, ସରସୀ—ପୁଷ୍କରିଣୀ, ପ୍ରଦୋଷ-ସାରସେ—ସନ୍ଧ୍ୟାକାଳୀନ ପଦ୍ମ ଉପରେ ।

୨୩ । ଅବଶ—ନିସ୍ତେଜ, ବସୁନ୍ଧରା—ପୃଥିବୀ ।

୨୪ । ସଂଜ୍ଞାବିରହିତ—ଚେତାଶୂନ୍ୟ, ଉତ୍ତାନେ—ଚିତ୍‌ହୋଇ ।

୨୫ । ଦାରୁଣ ଆପଦ—ଭୟଙ୍କର ଦୁଃଖ ।

୨୬ । ନଭସ୍ଥଳ—ସ୍ୱର୍ଗ୍ୟ ।

୨୭ । ବିହଙ୍ଗ—ପକ୍ଷୀ ।

କରିବାକୁ ନୟୃତର ସହିତ ସମର,
ତୃଣରାଜ ଖଡ୍ଗ-କରେ ଗର୍ଜିଲା ପ୍ରଖର । ୩୧ ।
ବାୟୁବଶୀ ତୂଣୀରକୁ ଝାଡ଼ି ବାରମ୍ବାର,
ପତ୍ର-କଙ୍କପତ୍ର କଲା କି ଅବା ବାହାର । ୩୨ ।
କମ୍ପିତ ସରିତ-ବୀଚି-ଉତ୍‌ଥିତ ଶୀକର,
ପଡ଼ିଲା ପୁଳିନେ ତେଜି ତରଙ୍ଗ-ଶିଖର । ୩୩ ।
ଭରି କି ସୀସକ-ଗୁଳି ତରଙ୍ଗର ତୋପେ
ନୟୃତକୁ ଭାଗୀରଥୀ ପ୍ରହାରିଲା କୋପେ ? ୩୪ ।
କମଳ ସକଳ ହୋଇ ବିଚଳିତ ସରେ,
ପଦ୍ମ-ବ୍ୟୂହ ରଚି ଯୁଦ୍ଧ କଲେ ଅଳି ଶରେ । ୩୫ ।
ବନଫୁଲେ ବୃନ୍ତ ତେଜି ଭୂମିତଳେ ପଡ଼ି,
ଧୂଳି ମାଖି ମଲ୍ଲଯୁଦ୍ଧେ ହେଲେ ଗଡ଼ାଗଡ଼ି । ୩୬ ।
ଲତା ଲୂତା-ତନ୍ତୁ-ରୂପ ନୟୃତ-ବନ୍ଧନ
ଛିନ୍ନ କରି କ୍ରୋଧଭରେ କଲା ଅସ୍ଫାଳନ । ୩୭ ।
ବ୍ୟାହତ ହୃଦୟ ଶୀର୍ଣ୍ଣ ଶରିର ବାଦଲ,
ଦଉଡ଼ି ଆସିଲା କୋପେ ଘେନି ଦଳବଳ । ୩୮ ।
ଚକ୍ଷୁ ଚମକାଇ, କରି ଗମ୍ଭୀର ଗର୍ଜ୍ଜନ,
ଦେଖାଇଲା ନୟୃତର ଉପରେ ତର୍ଜନ । ୩୯ ।
ସପ୍ତ-ମୁଖେ ସୁଶୀତଳ ବିନ୍ଦୁ ବିନ୍ଦୁ ପାଣି,
ସିଞ୍ଚି ସିଞ୍ଚି ଜୀବନରେ ସଞ୍ଜ୍ଞା ଦେଲା ଆଣି । ୪୦ ।

---

୩୧ । ତୃଣରାଜ—ତାଳବୃକ୍ଷ, ତୂଣୀର—ଶରମୁଣା ।

୩୨ । କଙ୍କପତ୍ର—ବାଣ ।

୩୩ । ଶୀକର—ଜଳକଣା, ପୁଳିନେ—ଉପକୂଳରେ ।

୩୫ । ପଦ୍ମ-ବ୍ୟୂହ—ପ୍ରାଚୀନକାଳରେ ସୈନ୍ୟ-ସଜ୍ଜାର କୌଶଳ ।

୩୭ । ଲୂତା—ମାଙ୍କଡ଼ସା ।

ସାଧ୍ୱୀ କୁଳବଧୂଙ୍କର ଦୁର୍ବିପାକ ଚାହିଁ,
ଲଜ୍ଜାଭରେ ଭାନୁ ଦେଲେ ବଦନ ଲୁଚାଇ । ୪୧ ।

ଦିଗ୍‌ବଧୂ ସକଳ ବସି ବିଷଣ୍ଣ ବଦନେ
ନଭ ବିକମ୍ପିତ କଲେ ସ୍ତନିତ ରୋଦନେ । ୪୨ ।

ସଞ୍ଜ୍ଞା ଲଭି ମହାଦେବୀ କେତେକାଳ ପରେ
ଅନାଇଲେ ଦଶ ଦିଶ ନୟନେ କାତରେ । ୪୩ ।

ଦିଶିଲା ସକଳ ଦିଗ ରାମଚନ୍ଦ୍ରମୟ ।
ବସିଛନ୍ତି ପ୍ରଭୁ ହୋଇ ବିଷଣ୍ଣ ହୃଦୟ । ୪୪ ।

ଯୁଗ୍ମକରେ ଆଗେ ଉଭା ସୁଧୀର ଲକ୍ଷ୍ମଣ,
ହୋଇଛି ଦୁହିଙ୍କ ନେତ୍ର ଲୋତକଝରଣ । ୪୫ ।

ନ ପାରନ୍ତି ପୁଚ୍ଛି ରାମ ସୀତାର ଖବର,
କହିବାକୁ ବାକ୍ୟ ସ୍ଫୁରୁ ନାହିଁ ଲକ୍ଷ୍ମଣର । ୪୬ ।
ରବି କି ରାହୁଁଗ୍ରାସନ୍ତେ, ରବି କୋଳେ ରଘୁନାଥ
ନତମୁଖେ ବସିଛନ୍ତି ଶିରେ ଦେଇ ହାତ । ୪୭ ।
ଦିଶିଲା ପଡ଼ନ୍ତେ ନେତ୍ର ଭାଗୀରଥୀ ପ୍ରତି,
ଚାଲିଛନ୍ତି ଭଗୀରଥ ପଛେ ରଘୁପତି । ୪୮ ।
ଗଙ୍ଗାଧାର ସମ ରାମନେତ୍ର-ଜଳ-ରାଶି,
ତହିଁ ଯାନ୍ତି ରାମ ଥରେ ମଜ୍ଜି, ଥରେ ଭାସି, ୪୯ ।
ଫେରାଇ ତହିଁରୁ ସତୀ ଗର୍ଭେ ଦେଇ ଦୃଷ୍ଟି
ଅନର୍ଗଳ ଧାରେ ନେତ୍ରେ କଲେ ଅଶ୍ରୁ ବୃଷ୍ଟି । ୫୦ ।
ଶ୍ୟାମଦୂର୍ବା ଚାହିଁ ସୀତା ହୋଇ ସଙ୍କୁଚିତ
ପାଷାଣକୁ ଯିବାପାଇଁ ବଳାଇଲେ ଚିତ୍ତ । ୫୧ ।

---

୪୧ । ସାଧ୍ୱୀ—ସତୀ, ଦୁର୍ବିପାକ—ବିପଦ, ମନ୍ଦ ଅବସ୍ଥା, କୁଳବଧୂ—ସୂର୍ଯ୍ୟବଂଶର ବୋହୂ, ସୀତା, ଭାନୁ—ସୂର୍ଯ୍ୟ ।
୪୨ । ସ୍ତନିତ—ମେଘ ଗର୍ଜନ ।

ନ ଗଲେ ତେଣିକି ମଧ୍ୟ ମନରେ କି ଭାଳି;
ନ ପାରିଲେ ବେଦନର ଆବେଗ ସମ୍ଭାଳି । ୫୨ ।
ଆରତ ବିକଳ ସ୍ୱରେ ବିଦଗ୍ଧ ଲପନେ
ବନ ସ୍ତବ୍ଧ କରିଦେଲେ ଘୋର ବିଳପନେ । ୫୩ ।
ବୋଲୁଥାନ୍ତି ସେ ଦୁଃଖିନୀ, "ହା ହା ପ୍ରାଣେଶ୍ୱର !
କରୁଣା-ସରିତ-ପତି, ସ୍ନେହ ଜଳଧର, ୫୪ ।
କି ଭୁଲନ୍ତେ ଧରିଥିଲ ଅଭାଗିନୀ କର ।
ତା ଲାଗି ଆଳସ୍ୟ ହେଲା ଦାରୁଣ ଦୁଃଖର । ୫୫ ।
ନ ଜାଣି ମୁଁ ପ୍ରଭୁଙ୍କର ପ୍ରଭୂତ ମହିମା,
ଧନୁଟିଏ ରଖିଥିଲି ଆବର ଗରିମା । ୫୬ ।
ଭାଙ୍ଗିଦେଇ ସେ ଧନୁକୁ ଇକ୍ଷୁ-ଦଣ୍ଡପରି,
ତା'ରସ—ମାଧୁର୍ଯ୍ୟ ମୋତେ ଥିଲ ମନେ କରି । ୫୭ ।
କି ନନ ଭ୍ରମଣେ ପଦ-ଶୃଙ୍ଖଳ ନ ମଣି,
ସ୍ନେହେ ସଙ୍ଗେ ନେଲ ମୋତେ ବୀର ଚୂଡ଼ାମଣି । ୫୮ ।
ପଦ ଶାଙ୍କୁଳିକୁ କରି ହୃଦୟର ହାର,
କଲ ପୁଣ୍ୟ-ତୀର୍ଥ ପୁଣ୍ୟ-ଆଶ୍ରମ ବିହାର । ୫୯ ।
କେତେ ସ୍ନେହ ଢାଳୁଥିଲ ମୋ ଉପରେ ବନେ,
କେମନ୍ତେ ଭୁଲିବି ତାହା ଭେଦଛୁ ଜୀବନେ । ୬୦ ।
ସ୍ତ୍ରୀର ଦାସୀ ହେବ ବୋଲି କ୍ଷୁଧାରେ ଆକୁଳ;
ଗହନେ ସହଳେ ଆଣୁଥିଲ ଫଳମୂଳ । ୬୧ ।

---

୫୩ । ଲପନ—ମୁଖ ।
୫୪ । ଅଭାଗିନୀ—ଭାଗ୍ୟହୀନା ।
୫୫ । ଆଳସ୍ୟ—ଗୃହ ।
୫୬ । ଗରିମା—ଅଭିମାନ ।
୬୧ । ଗହନ—ଜଙ୍ଗଲ, ସହଳ—ଚଞ୍ଚଳ ।

ପଲ୍ଲବ-ଆସନେ ସୁପ୍ତି ହେବନାହିଁ ବୋଲି,
ଅଙ୍କ-ପଲଙ୍କେ ତା ପାଇଁ ସାଜୁଥିଲ ଦୋଳି । ୬୨ ।

ତୁମର ମୋହ ସ୍ନେହେ ପଡ଼ି ଲଙ୍ଘି ମହାର୍ଣ୍ଣବ
ଦଶବଦନର ସଙ୍ଗେ କଲ ମହାହବ । ୬୩ ।

ସହିଲ ତହିଁରେ କେତେ ମହାସ୍ତ୍ର-ପ୍ରହାର,
ମଣୁଥିଲ ତା’ କ୍ଷତକୁ ହୃଦୟର ହାର । ୬୪ ।

ସେ ହାର-ପଦକ ପାଇଁ ଉପଯୁକ୍ତ ମଣି ।
ମୋତେ ରଖୁଥିଲ ତହିଁ କରି ମଧ୍ୟ-ମଣି । ୬୫ ।

କ୍ଷତ-ଚହ୍ନ ଚୁହିଁ ମୋର କ୍ଷୋଭ ହେଲେ ମନେ,
ତୋଷୁଥିଲ ସଦା ସୁଧା-ପୂରିତ ବଚନେ । ୬୬ ।

ବୋଲୁଥିଲ, ‘ରଣଯଜ୍ଞେ ଦେଇ ରକ୍ତାହୁତି
ଲଭିଅଛୁ ପରା ତୋତେ ଦୁର୍ଲଭ ବିଭୂତି !’ ୬୭ ।

ମେଣ୍ଟି ନାହିଁ ଅଦ୍ୟାପି ସେ ଶର-ମୁଖ-ଚହ୍ନ,
ମୁହିଁ ଅଭାଗିନୀ ହାୟ ହୋଇଗଲି ଭିନ୍ନ ! ୬୮ ।

ମୋ ସ୍ମୃତି ମେଣ୍ଟାଇ ଦେବ ହୃଦୟ-ଫଳକେ,
ତା’ ନ କଲେ ଦୁଃଖ ହେବ ପଲକେ ପଲକେ । ୬୯ ।

ମୁଁ କି ଛାର, ହେଉ ତୁମ ପ୍ରକୃତି-ରଞ୍ଜନ;
ମୁଁ ମରେ, ତୁମ୍ଭର ହେଉ କଳଙ୍କ-ଭଞ୍ଜନ । ୭୦ ।

ଏଥିରୁ ଜନ୍ମିବ ଯେଉଁ ଅକ୍ଷୟ କୀରତି,
ହୃଦେ ରଖ ଗଢ଼ି ତାର ଅଲକ୍ଷ୍ୟ ମୂରତି । ୭୧ ।

---

୬୨ । ସୁପ୍ତି – ନିଦ୍ରା ।

୬୩ । ମହାର୍ଣ୍ଣବ—ମହାସାଗର, ମହାହବ—ଘୋରତର ଯୁଦ୍ଧ ।

୬୯ । ଫଳକ – ପଟା, ପଲକେ – କ୍ଷଣମାତ୍ର ।

୭୦ । ପ୍ରକୃତି-ରଞ୍ଜନ—ପ୍ରଜାମାନଙ୍କର ସୁଖବିଧାନ ।

ବଂଶର ଜନକ ତୁମ୍ଭ ଏହି ଦିବାକର,
ଭୁବନ-ମଙ୍ଗଳ ଦାନେ ସଦା ମୁକ୍ତକର । ୭୨ ।
ଧରା-ଧାତ୍ରୀ-ସ୍ୱରୂପିଣୀ ଏହି ଭାଗୀରଥୀ;
ତୁମ୍ଭର ବଂଶର ଚିର-ବିଖ୍ୟାତ କୀରତି । ୭୩ ।
କୀର୍ତ୍ତି ଅନୁରୋଧେ ଯିନା କଲ ମୋତେ ତ୍ୟାଗ,
ଏ ତୁମ୍ଭର ଉପଯୁକ୍ତ କର୍ମ ମହାଭାଗ । ୭୪ ।
ଏହି କୀର୍ତ୍ତି—ପତାକାରେ ପାପିନୀର ଚିହ୍ନ,
ରହିଯିବ, ଏହା କିନ୍ତୁ ବିଷମ ବିଚିହ୍ନ ! ୭୫ ।
ଧିକ ମୋ ଜୀବନ, ନାଥ ! ଏକା ମୋହ ଲାଗି,
ଅକଳଙ୍କ ଆଇ ହେଲ ଅପଯଶଭାଗୀ । ୭୬ ।
ତୁମ ଶ୍ରୀଚରଣ ତେଜ କାହିଁରେ ରହିବ ?
ଅନଳ ନ ଦହେ ତନୁ, କାହିଁରେ ଦହିବ ? ୭୭ ।
ତୁମ୍ଭ କାନ୍ତ ଧରିଛନ୍ତି ଏହି ଦୂର୍ବାଚୟ;
ତାଙ୍କୁ ଛାଡ଼ି ବନେ ନେବ କାହାର ଆଶ୍ରୟ ? ୭୮ ।
ପାଷାଣେ ଫଳିତ ହୁଏ ତୁମ୍ଭ ଅନୁଗ୍ରହ;
ମୋତେ ଦେଖି କାହିଁକି ତ୍ୱେଷ ଲଭିବେ ନିଗ୍ରହ ? । ୭୯ ।
ଗର୍ଭେ ମୋର ଥୋଇଅଛ ଯେ ରତ୍ନନିଧାନ,
ନ କହିଲ ତା' ରକ୍ଷଣେ କି ପ୍ରତିବିଧାନ । ୮୦ ।

---

୭୨ । ଦିବାକର—ସୂର୍ଯ୍ୟ ।

୭୩ । ଧରା-ଧାତ୍ରୀ-ସ୍ୱରୂପିଣୀ—ପୃଥିବୀର ସେବିକା ସ୍ୱରୂପା, ସୂର୍ଯ୍ୟ-ବଂଶର ପୂର୍ବପୁରୁଷ ଭଗୀରଥ ତପସ୍ୟା ବଳରେ ଗଙ୍ଗାକୁ ଆନୟନ କରିଥିଲେ ।

୭୭ । ଲଙ୍କାରେ ଅଗ୍ନି ପରୀକ୍ଷାରେ ସୀତା ଦଗ୍ଧ ହୋଇ ନ ଥିଲେ ।

୭୯ । ରାମଚନ୍ଦ୍ର ପାଷାଣ ପାଲଟିଥିବା ଅହଲ୍ୟାକୁ ଉଦ୍ଧାର କରିଥିଲେ, ନିଗ୍ରହ—ନିନ୍ଦା ।

୮୦ । ପ୍ରତିବିଧାନ—ପ୍ରତିକାର ।

ଦୃଢ଼ ଆଶା ଥିଲା ମୋର ହୃଦୟେ ପୋଷିତ,
ପ୍ରଭୁକୋଳ କରିଥାନ୍ତି ଏ ରତ୍ନେ ଭୂଷିତ । ୮୧ ।
ଆକାଶ-କୁସୁମ ହେଲା ଆଶା-ପରିଣାମ,
ଧନ୍ୟ ରେ ଦଇବ ତୋତେ ସହସ୍ର ପ୍ରଣାମ । ୮୨ ।
ପିତା ଯାର ମହାରାଜ ମନ୍ତ୍ରୀ-ମହାଯଶା,
କି କରିବୁ ବଧି ତାଙ୍କ କୁମରର ଦଶା ! ୮୩ ।
ଗିରି-ଅଙ୍ଗେ ହୁଏ ଯିନା ବଜ୍ରର ପ୍ରହାର,
ହା ହା ତହିଁ ସଙ୍ଗେ ଗିରିବାସୀର ସଂହାର । ୮୪ ।
ଧନ୍ୟ ନାଥ, ମୁଖ ତୁମ୍ଭ ପୀୟୂଷ-ନିର୍ଝର,
ହୃଦୟାଦ୍ରି ସୁଧା ହିମ ଶିଳାର ଆକାର । ୮୫ ।
ହେଲେ ହେଁ ସେ ହୃଦୟରେ ସନ୍ତାପ ପତିତ,
ଅନ୍ୟ ନ ବାହାରେ ମୁଖେ ଅମୃତ ବ୍ୟତୀତ । ୮୬ ।

ସହସା ଶୁଣିଲ ମୋର ଅପବାଦ କଥା,
ଅବଶ୍ୟ ହୃଦୟେ ଲଗିଥିବ ମହାବ୍ୟଥା । ୮୭ ।

ତଥାପି ନ କହ ପଦେ ନିଦାରୁଣ ଭାଷା,
ତ୍ୟାଗକଲ ଦେଇ ମୋତେ ମଧୁମୟୀ ଆଶା । ୮୮ ।

ମୋ ଅର୍ଜିତ ପାପ ମୋର ଦୁଃଖର କାରଣ,
ସେହି ପାପ ଏବେ ମୋର ହେଉଛି ସ୍ମରଣ । ୮୯ ।

ମହିମାସାଗର ନାଥେ ମଣି ମୁଁ ଇତର,
"ଜାହ ରେ ଲକ୍ଷ୍ମଣ" ରବ ମଣିଲି ତାଙ୍କର । ୯୦ ।

---

୮୩ । ବଧି—ଦୈବ, ନିୟତି ।
୮୫ । ପୀୟୂଷ—ଅମୃତ, ହୃଦୟାଦ୍ରି—ହୃଦୟ ରୂପକ ପର୍ବତ ।
୮୬ । ସନ୍ତାପ—ଦୁଃଖ ।
୮୮ । ନିଦାରୁଣ—ନିଷ୍ଠୁର ।
୯୦ । ଇତର—ପର ।

ନୀଚ ମନେ ଲକ୍ଷ୍ମଣଙ୍କୁ କରି ନୀଚ ଜ୍ଞାନ,
ବଳାତ୍କାରେ ପଠାଇଲି ପ୍ରଭୁ ସନ୍ନିଧାନ । ୯୧ ।

ସେହି ପାପେ ସେ ନାଥଙ୍କ ମହିମା ବର୍ଦ୍ଧନ,
ଲାଗି ହେଲା ପାପିନୀର ଚିର ବିସର୍ଜନ ! ୯୨ ।

ଦୋଷହୀନ ଲକ୍ଷ୍ମଣଙ୍କୁ ଯେଉଁ ତିରସ୍କାର,
ଦେଇଥିଲି, ପାଇଲି ତା' ଯୋଗ୍ୟ ପୁରସ୍କାର । ୯୩ ।

ଲକ୍ଷ୍ମଣଙ୍କୁ କରିବାକୁ ମୋ ନିକଟୁ ଦୂର,
ହୃଦେ ତାଙ୍କ ମାରିଥିଲି ବଚନ-ଭିଦୁର । ୯୪ ।

ଭକ୍ତିଭରେ ସେ ଲକ୍ଷ୍ମଣ ପଡ଼ି ମୋ ଚରଣେ,
ଦୂର କରିଦେଲେ ମୋତେ ବିନୟ ବଚନେ । ୯୫ ।

ଛିନ୍ନ ଶିରଟିଏ ଆଣି ପାପୀ ଦଶାନନ,
ମୋ ପାପ ନୟନ ଅଗ୍ରେ କଲା ପ୍ରଦର୍ଶନ । ୯୬ ।

ସ୍ୱାମୀଙ୍କର ଛିନ୍ନ ଶିର ବୋଲି ମୁଁ ଅଧୀରେ,
କାନ୍ଦିଲି ବିକଳ ପ୍ରାଣେ ଭାସି ନେତ୍ରନୀରେ । ୯୭ ।
ସେ ଶିର ଅନାଇ ଯାହା ନ ମଲି ବହନ,
ସେ ପାପେ ହେଲି ଏବେ ଜୀବନ୍ତ ଦହନ । ୯୮ ।
ତୁମ୍ଭ ପଦ-ସେବା-ସୁଖ ମଣି ମୁଁ ଉଶ୍ୱାସ,
ଆଶ୍ରମ-ଦର୍ଶନ ସୁଖ କଲି ଅଭିଳାଷ । ୯୯ ।
ସେହି ପାପ ଶ୍ରୀଗୁରୁଙ୍କୁ କରାଇ ଅନ୍ତର,
ବୋଲୁଛି, 'ପାପିନୀ', ଯାହା ଇଚ୍ଛା ତାହା କର । ୧୦୦ ।
ଅଯୋଧ୍ୟାର ରାଜଲକ୍ଷ୍ମୀ-ପୀରତିରେ ବଶ,
ନ ହୋଇ ମୋ ସଙ୍ଗେ ଥିଲି ବହୁତ ଦିବସ । ୧୦୧ ।

---

୯୩ । ତିରସ୍କାର—ଗାଳି, ଭିଦୁର—ବଜ୍ର, ବଚନ-ଭିଦୁର—ଅତ୍ୟନ୍ତ ନିଷ୍ଠୁର କଥା ।
୯୯ । ଉଶ୍ୱାସ—ତୁଚ୍ଛ ।

ଅସୂୟାରେ ରାଜଲକ୍ଷ୍ମୀ ଲୋଡ଼ୁଥିଲା ଦାଉ,
ବହୁଦିନ ସମ୍ଭାଳି ତା' ନ ପାରିଲା ଆଉ । ୧୦୨ ।
ତା' ଦୁଃଖର ସଙ୍ଗୀ ଥିଲେ ଯେଉଁ ପୁରଜନେ,
ତାଙ୍କ ହେତୁ କରାଇଲା ମୋର ବିସର୍ଜନେ । ୧୦୩ ।
ଅଯୋଧ୍ୟାରେ ସପତ୍ନୀର ଶକ୍ତି ଗରୀୟସୀ,
ନ ପାରଇ ତାକୁ ପତି-ଶକ୍ତି ମହୀୟସୀ । ୧୦୪ ।
କୈକେୟୀଙ୍କ ପରାକ୍ରମ ଫଳିବାର ଶେଷେ,
ରାଜଲକ୍ଷ୍ମୀ ବଳ ଭଗ୍ନ ହେଲା ସେହି ଦେଶେ । ୧୦୫ ।
"ପ୍ରକୃତି-ରଞ୍ଜନେ ଯେବେ ହୁଏ ପ୍ରୟୋଜନ,
କରିପାରେଁ ପ୍ରାଣସମା ସୀତା ବିସର୍ଜନ" । ୧୦୬ ।
ଅଷ୍ଟାବକ୍ର ମୁନି ଆଗେ ଯାହା ଭଷିଥିଲ,
ସ୍ମରୁଥିବ ସେ ପ୍ରତିଜ୍ଞା ନ କରି ଶିଥିଲ । ୧୦୭ ।
ପିତୃ-ବାକ୍ୟ ପାଳନରେ ତୁମ୍ଭେ ଅବିମୁଖ,
ପତିବାକ୍ୟ ପାଳନରେ ନ ହେଲେ ମୋ ଦୁଃଖ, । ୧୦୮ ।

---

୧୦୨ । ଅସୂୟା—ଦ୍ୱେଷ, ଦାଉ—ପ୍ରତିଶୋଧ ନେବା ।

୧୦୪ । ସପତ୍ନୀ - ସଉତୁଣୀ, କୈକେୟୀଙ୍କ କଥାରେ ପରିଚାଳିତ ହୋଇ ରାଜା ଦଶରଥ ଜ୍ୟେଷ୍ଠପୁତ୍ର ରାମଚନ୍ଦ୍ରଙ୍କ ବନବାସର କାରଣ ହୋଇଥିଲେ ।

୧୦୭ । ଅଷ୍ଟାବକ୍ର—ମହାଭାରତ ମତରେ ଋଷି ଅଷ୍ଟାବକ୍ର କହୋଡ଼ ଋଷିଙ୍କ ଔରସରେ ସୁଜାତାଙ୍କ ଗର୍ଭରୁ ଜନ୍ମ । ଗର୍ଭରେ ଥାଇ ପିତାଙ୍କ ଅଧ୍ୟାପନାକୁ ସମାଲୋଚନା କରିବାରୁ ପିତୃ ଅଭିଶାପରେ ତାଙ୍କର ଶରୀର ଆଠଟି ସ୍ଥାନରେ ବକ୍ର ହୋଇ ଯାଇଥିଲା । ପରେ ପିତା କହୋଡ଼ ଜନକଙ୍କ ରାଜସଭାରେ ବନ୍ଦୀ ହେବାରୁ ଅଷ୍ଟାବକ୍ର, ରାଜସଭାରେ ଯୁକ୍ତିତର୍କ କରି ପିତାଙ୍କୁ ଉଦ୍ଧାର କରିଥିଲେ ତାହା 'ଅଷ୍ଟାବକ୍ର—ସଂହିତା' ନାମରେ ପରିଚିତ ।

୧୦୮ । ଅବିମୁଖ—ପ୍ରସନ୍ନ ।

ତେବେ ସିନା ତୁମ୍ଭ ପତ୍ନୀ ପଦର ଭାଜନ,
ମୁଁ ହେବ, ଏକଥା ନଷ୍ଟେ ବୁଝିବ ମୋ ମନ । ୧୦୯ ।

ପରଜାରଞ୍ଜନ ବ୍ରତେ ଅଟ ତୁମ୍ଭେ ବ୍ରତୀ,
ମୁଁ ସହଧର୍ମିଣୀ ତୁମ୍ଭ ପଦାଙ୍କେ ମୋ ଗତି । ୧୧୦ ।

ହେଉ ମୋର ନବାସନ ପ୍ରକୃତିର ତୋଷ,
ପ୍ରଭୁଙ୍କର ବ୍ରତ ହେଉ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ” । ୧୧୧ ।

ସତୀଙ୍କ ବେଦନେ ଗତି ସ୍ତମ୍ଭିଲା ବାତର,
ଜଳ ସ୍ଥଳ ଧେନ ହେଲେ ନିସର୍ଗ କାତର । ୧୧୨ ।

ସ୍ତମ୍ଭିଗଲା ଜାହ୍ନବୀର ତରଙ୍ଗଆବଳୀ,
ବନ୍ଦ ହୋଇଗଲା ବନେ ବିହଙ୍ଗ କାକଳି । ୧୧୩ ।

ନ ହଲିଲା ପାଦପର ଗୋଟିଏ ପତର,
ନ ଚଳିଲା ଲୀଳା-ଶିଳା-ବଲ୍ଲୀ-କଳେବର । ୧୧୪ ।

ଡାଳେ ଡାଳେ ବସି ପକ୍ଷୀ ପାତିଲେ ଶ୍ରବଣ,
ଡାଳେ ଡାଳେ ପ୍ରାଣେ ଭରି ଶୋକ-ପ୍ରସ୍ରବଣ । ୧୧୫ ।

ମୃଗଶିଶୁ ଜନନୀର ସ୍ତନ ମୁଖେ ଧରି,
ନଷ୍ଟିଲେ ରହିଲା କ୍ଷୀର ଶୋଷଣ ନ କରି । ୧୧୬ ।

---

୧୦୯ । ଭାଜନ—ଯୋଗ୍ୟ ।

୧୧୧ । ପ୍ରକୃତିର ତୋଷ— ପ୍ରଜାମାନଙ୍କର ସନ୍ତୋଷ ବିଧାନ ।

୧୧୨ । ବେଦନେ— କ୍ରନ୍ଦନରେ, ସ୍ତମ୍ଭିଲା— ଥମିଲା ।
ନିସର୍ଗ—ସୃଷ୍ଟି, କାତର - ବ୍ୟାକୁଳ ।

୧୧୩ । ଜାହ୍ନବୀ— ଗଙ୍ଗା, ଜହ୍ନୁ ଋଷିଙ୍କ ଅଙ୍ଗରୁ ଜାତ ହୋଇଥିବାରୁ ଗଙ୍ଗାଙ୍କ ଅନ୍ୟନାମ ଜାହ୍ନବୀ । ଆବଳୀ—ସମୂହ । ବିହଙ୍ଗ-କାକଳୀ—ପକ୍ଷୀମାନଙ୍କର କଳରବ ।

୧୧୫ । ପାତିଲେ ଶ୍ରବଣ—କାନ ଡେରିଲେ, ପ୍ରସ୍ରବଣ—ଝରଣା ।

ମୁଖ-ଦର୍ଭ ମୁଖେ ଧରି ମୃଗମୃଗୀମାନେ,
ଗ୍ରୀବା ଭଙ୍ଗି ରହିଗଲେ ଶୋକ-ଧ୍ୱନି-ଧ୍ୟାନେ । ୧୧୭ ।

ମୟୂର-ମୟୂରୀଗଣ ଶାବକ ସହିତ,
ଚକିତ ପର୍ଯ୍ୟସ୍ତେ ହେଲେ ଚାପଲ୍ୟରହିତ । ୧୧୮ ।

କରଭ କରିଣୀ କରୀ ହୋଇ ଉନ୍ମଥ ପର,
ପଥେ ରହିଗଲେ ଗଙ୍ଗା-ଗମନ ବିସ୍ମରି । ୧୧୯ ।

---

୧୧୭ । ଦର୍ଭ - କୁଶ, ଗ୍ରୀବା - ବେକ ।

୧୧୮ । ଶାବକ - ଶିଶୁ, ଚକିତ ପର୍ଯ୍ୟସ୍ତେ - ନିଶ୍ଚଳ ।

୧୧୯ । କରଭ—ହାତୀଛୁଆ, କରୀ—ହାତୀ, ଉନ୍ମଥ—କାଠହାତୀ
ବିସ୍ମରି— ଭୁଲିଗଲେ ।

## ଦ୍ୱିତୀୟ ସର୍ଗ

( ରାଗ—ରାମକେରୀ )

ବାଲ୍ମୀକି-ଆଶ୍ରମ-ରାଜ୍ୟରେ
ଶାନ୍ତି ରାଜତ୍ୱ କରେ,
କୋଷ ପୂର୍ତ୍ତି କରି ପାଦପ-
ଦଳ ସୁରକ୍ଷା କରେ । ୧ ।
ଅକପଟେ ତାହା ଦିଅନ୍ତି,
ସେହି ପାଦପମାନେ,
ଅଯାଚିତେ ନିଜ ଶରୀର-
ମାନଦଣ୍ଡର ମାନେ । ୨ ।
ପ୍ରକୃତି-ସମରେ ସେମାନେ
ପୁଣି ହୁଅନ୍ତି ସେନା,
ଆବରଣ କରି ଶରୀରେ
ଘନ-ପଲ୍ଲବ-ସେହ୍ନା । ୩ ।
କରି ବରଷାର ବ୍ୟାୟାମେ
ଅଙ୍ଗ-ପୁଷ୍ଟି-ସାଧନ,
ଆତପକୁ ଜିଣି ଆଣନ୍ତି
ତାର ଆଲୋକ-ଧନ । ୪ ।

---

୧ । ବାଲ୍ମୀକି—ଲୋକ ପ୍ରସିଦ୍ଧ ରାମାୟଣ ରଚୟିତା ମହାମୁନି, ଭାରତର ଆଦିକବି ରୂପେ ପରିଚିତ । ବିଖ୍ୟାତ ତମସାନଦୀର ତୀରରେ ତାଙ୍କର ଆଶ୍ରମ ଥିଲା । କୋଷ —ଧନାଗାର, ପାଦପ—ବୃକ୍ଷ ।

୨ । ଅକପଟ—ସରଳ ।

୩ । ସେହ୍ନା—କବଚ ।

୪ । ଆତପ—ସୂର୍ଯ୍ୟ କିରଣ ।

ଶୀତ-ଆକ୍ରମଣୁ କରିବା
ପାଇଁ ରାଜ୍ୟକୁ ତ୍ରାଣ,
ଧୂମରୂପେ ପୁଣି ହୁଅନ୍ତି
କେତେ ଅନଳ ବାଣ । ୫ ।

ବଳିତ ପ୍ରକୃତି ସମସ୍ତ
ଜାଣି ସମ୍ପାଦେ ତୋଷ,
ପାଦପଙ୍କ କରେ ସମର୍ପି
ଫଳ-ପ୍ରସୂନ-କୋଷ । ୬ ।

ଗର୍ଭେ ଧରି ତାରା-ରତନ
ପୂର୍ଣ୍ଣ-ଗଗନ-ସିନ୍ଧୁ,
ଅଗସ୍ତ୍ୟ-ଗରିମା ଶୋଷନ୍ତି
ପ୍ରତି ଶିଶିର-ବିନ୍ଦୁ । ୭ ।

ସାଗର ଗରବେ ପାଦପ
ଆଲବାଲର ଜଳ,
ପୋଷି ରଖୁଥିଲେ ଗରବେ
ସୁଧାକର ମଣ୍ଡଳ । ୮ ।

---

୬ । ସମ୍ପାଦେ - ନିର୍ବାହ କରେ ।

୭ । ଅଗସ୍ତ୍ୟ—ମିତ୍ରାବରୁଣ ଋଷିଙ୍କର ପୁତ୍ର । ତାଙ୍କୁ କୁମ୍ଭସୁତ ମଧ୍ୟ କୁହାଯାଏ । ବୃତ୍ରାସୁରର ନିଧନ ପରେ କାଳକେୟ ଅସୁରଗଣ ସମୁଦ୍ରରେ ଆତ୍ମଗୋପନ କରି ସ୍ୱର୍ଗପୁରକୁ ବାରମ୍ବାର ଆକ୍ରମଣ କଲେ ଏବଂ ମର୍ତ୍ତ୍ୟଭୂମିର ଋଷିମାନଙ୍କୁ ପରାଭବ ଦେଲେ । ଦେବତାମାନଙ୍କ ଅନୁରୋଧକ୍ରମେ ମହାତପସ୍ୱୀ ଅଗସ୍ତ୍ୟ ସମୁଦ୍ରକୁ ଚଳୁ କରି ଦେବାରୁ ନିରାଶ୍ରୟ ଅସୁରଗଣଙ୍କୁ ହତ୍ୟା କରିବା ସହଜ ହୋଇଥିଲା । ଇଲ୍ୱଳ ଓ ବାତାପି ଦୁଇ ମାୟାବୀ ଅସୁରଙ୍କୁ ମଧ୍ୟ ଅଗସ୍ତ୍ୟ ଧ୍ୱଂସ କରି ଦେଇଥିଲେ ।

୮ । ଆଲବାଲ—ଗଛମୂଳର ମନ୍ଦା, ସୁଧାକର—ଚନ୍ଦ୍ର ।

ଅକସ୍ମାତ କର ପ୍ରବେଶ
ରାମବଧୂ-ରୋଦନ
ଘନ ଘନ କଲା କମ୍ପିତ
ଶାନ୍ତ-ଦେବୀ-ସଦନ । ୯ ।

ବିଚଳିତ ହୋଇ କରୁଣା-
ବଶ ଶାନ୍ତ ବାହନ,
ଲୋଡ଼ିଲେ ରୋଦନ-ଲକ୍ଷ୍ୟରେ
ଯିବାପାଇଁ ବନ୍ଧନ । ୧୦ ।

ମୁନି-କୁମାରୀଏ ବାହାର
ଲାଗିଥିଲେ ସେ କ୍ଷଣେ,
ବାତ-ବ୍ୟସ୍ତ ନବ ବିଟପି-
ବଲ୍ଲୀ ପର୍ଯ୍ୟବେକ୍ଷଣେ । ୧୧ ।

ନବ ରବ ଏକ କର୍ଣ୍ଣରେ
ତାଙ୍କ ଯିବାରୁ ଲାଗି,
ମନ ନିଯୋଜିଲେ ତାହାକୁ
ଧରି ଚହ୍ନିବା ଲାଗି । ୧୨ ।

ଧରି ମନ ତାକୁ ଦେଖିଲା
ନୁହେଁ କପୋତ-ସ୍ୱନ,
ନୁହଇ କୋକିଳ-କାକଳି,
କିମ୍ବା ବୀଣା-କ୍ୱଣନ । ୧୩ ।

ନୁହେଁ ଶଙ୍ଖନାଦ, ନୁହଇ
ପୁଣି ମୟୂର କେକା,
ଲଳନା କରୁଣ-କଣ୍ଠର
ସ୍ୱର-ନିର୍ଝର ଏକା । ୧୪ ।

---

୯ । ରାମବଧୂ—ସୀତା ।

୧୧ । ଇତଃପୂର୍ବେ ପ୍ରଖର ପବନ ପ୍ରବାହିତ ହୋଇଥିବା ବିଷୟ ଉଲ୍ଲେଖ ଅଛି ।

କାନ୍ଦୁଚନ୍ତ୍ର ବିଷ୍ଣୁ-ବିରହେ
        ଅବା ହୋଇ ଆରତି ! ୨୬ ।

ଭାବି ଭାବି ମୁନିସୁତାଏ
        ଗଲେ ଜାନକୀ ପାଶ,
ସାହସ ନ ହେଲା ଦେବାକୁ
        କିନ୍ତୁ ତାଙ୍କୁ ଆଶ୍ୱାସ । ୨୭ ।

ବରଷାର ମହାନଦୀର
        ଗାଢ଼ ଆବିଲ ଜଳ,
ସ୍ୱଚ୍ଛ କରିବାକୁ କି ରୂପେ
        ହେବ ନିର୍ମଳୀ ବଳ ? ୨୮ ।

ଇବ, ଅଙ୍ଗ ତେଲ ସଙ୍ଗରେ
        ସେହୁ ନଦୀ ଯେସନ,
କୁମାରୀଙ୍କି ପାଇ ବଢ଼ିଲା
        ସୀତା-ଶୋକ ତେସନ । ୨୯ ।

କିଛି ନ ପରୁଁ କୁମାରୀ-
        ମାନେ ରହିଲେ ବେଢ଼ି,
ଯାଇ ନ ପାରିଲେ ସେନେହୁ
        ହେଲା ପାଦକୁ ବେଡ଼ି । ୩୦ ।

---

୨୬ । ଭାରତୀ—ସରସ୍ୱତୀ, ଆରତି-ବିହ୍ୱଳ ହୋଇ ।

୨୭ । ଜାନକୀ– ଜନକ ମହର୍ଷିଙ୍କର କନ୍ୟା ସୀତା, ଆଶ୍ୱାସ-ସାନ୍ତ୍ୱନା ।

୨୮ । ଆବିଳ—ଗୋଳିଆ, ନିର୍ମଳୀ-ଏକପ୍ରକାର ଫଳ ।

୨୯ । ଇବ, ଅଙ୍ଗ, ତେଲ, କିରା, ରସ, କମେଇ, ଋଣ—ଏହି ଛଅଟି ମହାନଦୀର ପ୍ରଧାନ ଉପନଦୀ ଭାବରେ ଖ୍ୟାତ ।

୩୦ । ବେଡ଼ି—ଶିଙ୍କୁଳି ।

କିଏ ବା ଭାବିଲା, "ଜାହ୍ନବୀ
ଅବା ମୂର୍ତ୍ତିମତୀ କି,
ଲୋତକ କଲ୍ଲୋଳ ଭସାଉ-
ଛନ୍ତି ବସୁମତୀ କି ? ୧୧ ।
କରକା ପରାୟେ କରୁଣା
କମ୍ପା ସ୍ୱର୍ଗରୁ ଗଳି,
ପର-ଦୁଃଖ ତାପେ କ୍ରମଶଃ
ଭବେ ଯାଉଛ ଗଳି ? ୧୨ ।
ନ ହେଲେ ଏ ଘନ-କୁନ୍ତଳା
ଘନ ସହିତ ତାର,
ଖସି ପଡ଼ିବାରୁ ଧରାରେ
ବହିଯାଉଛି ଧାର । ୧୩ ।
ହୋଇଥାନ୍ତା ଯଦି ରୋଦନ-
ଧ୍ୱନି ଚମକପ୍ରଦା,
ବୋଲନ୍ତୁ ଆସିଛି ଜଳଦ-
ସଙ୍ଗେ ଏ ଶତହ୍ରଦା । ୧୪ ।
ଶିଶିର-ବର୍ଷିଣୀ ଚନ୍ଦ୍ରିକା
ପିକ-ସ୍ୱର-ମୁଖରା,
କାହିଁ, କାହିଁ ଝିଲ୍ଲୀ- ରାବଣୀ
ଖର ନିଦାଘ ଖରା ? ୧୫ ।
ବୀଣା ଥାନ୍ତା ଯଦି ହସ୍ତରେ
ବୋଲିଥାନ୍ତୁ ଭାରତୀ,

---

୧୨ । କରକା—କୁଆପଥର, ଏହା ଭୂମିରେ ପଡ଼ିବା ସଙ୍ଗେ ସଙ୍ଗେ ମିଳାଇ ଯାଏ ।

୧୩ । ଘନ—କୁନ୍ତଳା-ମେଘବର୍ଣ୍ଣର କେଶ ଯାହାଙ୍କର ।

୧୪ । ଶତହ୍ରଦା —ବିଜୁଳି ।

୧୫ । ଖର—ନିଷ୍ଠୁର, ନିଦାଘ-ଗ୍ରୀଷ୍ମକାଳ ।

ପଦ୍ମ-ଗୁଣ, ପଦ୍ମ-ବାସ୍ତଲ୍ଲି
ସ୍ୱରୁ ଅଛି ଏକାନ୍ତେ । ୩୬ ।
ଲଳିତ ଦଶୁଛି ଲଲାଟେ
ତାର ସିନ୍ଦୂର-ବିନ୍ଦ,
ମୁଖ-କମଳକୁ ହୋଇଛି
ଯେସନ୍ତେ ପୂର୍ଣ୍ଣିମା ଇନ୍ଦୁ । ୩୭ ।
କରଯୁଗଳରେ ଶୋଭୁଛି
ସ୍ୱରୁ ରତନ ଚୂଡ଼ି,
ବିଷାଦ-ସାଗର-ପୁଳିନେ
ଝୁଲୁଅଛି ନ ବୁଡ଼ି । ୩୮ ।
ଦରବିକଶିତ କମଳେ
ବରାଟକ ପରାଏ,
ଶତଦଳ-ରୁଚି ରୁଚିର
ଚେଲେ ସେ ଶୋଭାପାଏ । ୩୯ ।
ଛନ୍ଦାଇ ଦେଉଛି ବାସକୁ
ତାର ନୟନ-ବାରି,
ଦେବୀ କି ମାନବୀ ସହଜେ
ହେଉ ନାହିଁ ତ ବାର ।" ୪୦ ।
ଶୁଣି ମୁନିବର ମଉନେ
ନିମୀଳିତ ଈକ୍ଷଣେ,
କାୟ, ଶିର, ଗ୍ରୀବା, ସଲଖି
ବସି ରହିଲେ କ୍ଷଣେ । ୪୧ ।

---

୩୬ । ଏକାନ୍ତେ—ନିର୍ଜନରେ ।

୩୯ । ବରାଟକ—ପଦ୍ମର ବୀଜକୋଷ, ଶତଦଳ-ପଦ୍ମ, ରୁଚି-କାନ୍ତି, ରୁଚିର-ସୁନ୍ଦର, ଚେଲେ-ପରିଚ୍ଛଦ ।

୪୦ । ବାସ – ପିନ୍ଧାଲୁଗା, ବାରହେଉ ନାହିଁ-ଜଣାଯାଉ ନାହିଁ ।

୪୧ । ନିମୀଳିତ ଈକ୍ଷଣେ—ଆଖି ବୁଜି କରି ।

ଉଠି ପୁଣି "ବୁଲି ଦେଖିବା"
ବୋଲି ହେଲେ ବାହାର,
ମୁନି ପଛେ ପଛେ ଚାଲିଲେ
ବହୁ ମୁନି କୁମାର । ୪୨ ।

କୌତୂହଳେ ଗଲେ ଯେ ଥିଲେ
ମଠେ ମୁନି ନନ୍ଦିନୀ,
ଡାକ ଆସିଥିଲା ଯେ ସଖୀ
ହୋଇ ତାର ସଙ୍ଗିନୀ । ୪୩ ।

ଚାଲିଲେ ହରିଣ ହରିଣୀ
ତାଙ୍କ ସଙ୍ଗେ ସାବକ,
ବୃକ୍ଷୁଁ ବୃକ୍ଷେ ଡେଇଁ ଚାଲିଲେ
ପିକ, ମୟୂର, ବକ । ୪୪ ।

ସମୀର-ସାଗରେ ଛୁଟିଲେ
ନିଜ ଶରୀର-ପୋତ,
ନୟନ-ରଞ୍ଜନ ଖଞ୍ଜନ,
ଶୁକ, ଶାରୀ, କପୋତ । ୪୫ ।

ଅଭିଯାନ କଲା ଶାନ୍ତିର
ଏହା ଧୀରବାହିନୀ,
ସୀତା-ଶୋକ-ଶିଳା ଶ୍ରେଣୀକୁ
ଯେସନ୍ତେ ଘୋର ବାହିନୀ । ୪୬ ।

ମହାନାଦୀ ମହାନଦୀର
ମହା ପ୍ରବାହ ଆସି,
ରାମେଶ୍ୱର-ଶିଳା-ସବୁକୁ
ଦେଲେ ସରିରେ ଗ୍ରାସି । ୪୭ ।

---

୪୫ । ଖଞ୍ଜନ—ପକ୍ଷୀବିଶେଷ ।
୪୬ । ବାହିନୀ—ସେନା, ବାହିନୀ-ନଦୀ ।
୪୭ । ସମ୍ବଲପୁର ନିକଟସ୍ଥ ମହାନଦୀର ଏକ ଭୟଙ୍କର ବିଷମ ସ୍ଥାନ ।

ଭିଜିଲେ ଅନାଇ ଦେବଳ
ତାଙ୍କ ଶାନ୍ତ ଲୋଚନ,
ଜାଣି ସୁ ଦୁଃଖ-ଦ୍ୱନ୍ଦ୍ୱ-ବେଦନା-
ଅଶ୍ରୁ-ଜଳ-ମୋଚନ । ୩୧ ।
ଲୋହିତ-ପ୍ଲାବିତା-ଲୁମାକ୍ଷି-
ଦୃଶ୍ୟ-ମଧ୍ୟରେ ଯତ୍ନା,
ବିକଳ ପରାଣେ କାଳିନ୍ଦୀ
ଶୋକ-ଜଳେ ବିଲପନ୍ତି । ୩୨ ।
ଚଣ୍ଡବାତ-ନାଡ଼ିତ ପୁଷ୍କର-
ସ୍ଫୁଟ ପଦ୍ମ-ମାନନେ,
ଜଳସ୍ତମ୍ଭଂଶୀ କୂଜଇ
କିବା ଆରତେ-ସ୍ୱନେ ? ୩୩ ।
ସହି ଏକ ମୁହୂ ନ ପାରି
ଯାଇ ବାଲ୍ମୀକି ପାଶେ,
ଜଣାଇଲ ପ୍ରେମପୂରିତ
ଉତ୍କଣ୍ଠ ଚଞ୍ଚଳା ଭାଷେ । ୩୪ ।
"ହେ ଗୁରୁ ! ଏବେନେ ନାହିଁଏ
ନବନୀତ-ପିତୁଳୀ,
ଯମ ଦଣ୍ଡେ, ଆସି କାନ୍ଦୁଛି
ସେବେଳୁ ହୋଇ ବାତୁଳୀ । ୩୫ ।
ସମ୍ବୋଧନ କରି ଅରକ୍ଷୁ
ଅର ଭା, ପ୍ରିୟ କାନ୍ତେ,

---

୩୨ । ବିଲପି—କ୍ରନ୍ଦନ କରି ।

୩୩ । ପୁଷ୍କର—ଜଳାଶୟ, ଆଉତ ପୁଣି-ବିକଳ ସ୍ଥଳ
ଚଣ୍ଡବାତ—ଘୂର୍ଣ୍ଣିବାୟୁ ।

୩୫ । ନବନୀତ— ଲହୁଣୀ ।

କାନ୍ଦୁଚନ୍ତି ବନ୍ଧୁ-ବିରହେ
ଅବା ହୋଇ ଆରତ ! ୨୬ ।

ଭାବି ଭାବି ମୁନିସୁତାଏ
ଗଲେ ଜାନକୀ ପାଶ,
ସାହସ ନ ହେଲା ଦେବାକୁ
କିନ୍ତୁ ତାଙ୍କୁ ଆଶ୍ୱାସ । ୨୭ ।

ବରଷାର ମହାନଦୀର
ଗାଢ଼ ଆବିଳ ଜଳ,
ସ୍ୱଚ୍ଛ କରିବାକୁ କି ରୂପେ
ହେବ ନିର୍ମଳୀ ବଳ ? ୨୮ ।

ଇବ, ଅଙ୍ଗ ତେଲ ସଙ୍ଗରେ
ସେହି ନଦୀ ଯେସନ,
କୁମାରୀଙ୍କି ପାଇ ବଢ଼ିଲା
ସୀତା-ଶୋକ ତେସନ । ୨୯ ।

କିଛି ନ ପଚାରି କୁମାରୀ-
ମାନେ ରହିଲେ ବେଢ଼ି,
ଯାଇ ନ ପାରିଲେ ସେନେହ
ହେଲା ପାଦକୁ ବେଡ଼ି । ୩୦ ।

---

୨୬ । ଆରତ—ସରସ୍ୱତ, ଆରତ-ବିହ୍ୱଳ ହୋଇ ।

୨୭ । ଜାନକୀ – ଜନକ ମହର୍ଷିଙ୍କର କନ୍ୟା ସୀତା, ଆଶ୍ୱାସ-ସାନ୍ତ୍ୱନା ।

୨୮ । ଆବିଳ—ଗୋଳିଆ, ନିର୍ମଳୀ-ଏକପ୍ରକାର ଫଳ ।

୨୯ । ଇବ, ଅଙ୍ଗ, ତେଲ, କିରା, ରସ, କମେଇ, ରଣ—ଏହି ଛଅଟି ମହାନଦୀର ପ୍ରଧାନ ଉପନଦୀ ଭାବରେ ଖ୍ୟାତ ।

୩୦ । ବେଡ଼ି—ଶିଙ୍କୁଳି ।

ବିକଳେ ଅନାଇ ଟେକବଲ
ତାଙ୍କ ଶାନ୍ତ ଲୋଚନ,
କଲା ସୂଚ୍ୟ ହୃଦ-ଦ୍ୱନ୍ଦ୍ୱ-ବେଦନା-
ଗ୍ରନ୍ଥି-ଜାଲ-ମୋଚନ । ୩୦ ।
ଲୋହିତକ-ପ୍ଳାବିତା-କୁମାସ୍ତ-
ବୃନ୍ଦ-ମଧ୍ୟରେ ସତ୍ତା,
ବିକଳ ପରାଣେ କାଳିଘି
ଶୋକ-ଜଳେ ଭ୍ରମନ୍ତି । ୩୧ ।
ଚଣ୍ଡବାତ-ନାତ ପୁଷ୍କର-
ସ୍ନାତ ପଦ୍ମ ମାନେ,
ଜଳସିକ୍ତାଂଶୀ କୂଳର
କିବା ଆହତେ-ସ୍ଥନେ ? ୩୨ ।
ସଖୀ ଏକ ସ୍ଥିର ନ ପାରି
ଧାଇ ବାଲ୍ମୀକି ପାଶେ,
ଜଣାଇଲା ଖେଦପୂରିତ
ଶୁଣ ଚିନ୍ତି ଚଞ୍ଚଳା ଭାଷେ । ୩୩ ।
"ହେ ଗୁରୁ ! ଏବେନେ ନାହିଁଏ
ନବନୀତ-ପିତୁଳୀ,
ଧମ ଦେଶେ,ଆସି କାହୁଁ
ସେବେଠୁ ହୋଇ ବାତୁଳୀ । ୩୪ ।
ସମ୍ବୋଧନ କରି ଥରେ
ଥର ଭା, ପ୍ରିୟ କାନ୍ତେ,

---

୩୧ । ଭ୍ରମସି—କ୍ରନ୍ଦନ କରି ।

୩୨ । ପୁଷ୍କର—ଜଳକଣା, ଆହତ ପୁନେ-ବିକଳ ସ୍ଥଳ ଚଣ୍ଡବାତ—ଘୂର୍ଣ୍ଣିବାୟୁ ।

୩୪ । ନବନୀତ— ଲହୁଣୀ ।

ପଞ୍ଚ-ଗୁଣ, ପଞ୍ଚ-ବାତ୍ସଲ୍ୟ
ସ୍ଥିରୁ ଅଛୁ ଏକାନ୍ତେ । ୩୬ ।
ଲଳିତ ଝଟୁଛି ଲଲାଟେ
ତାର ସିନ୍ଦୂର-ବିନ୍ଦୁ,
ମୁଖ-କମଳକୁ ଦ୍ୱୋଇଛି
ଯେସନ୍ତେ ପୂର୍ଣ୍ଣିମା ଇନ୍ଦୁ । ୩୭ ।
କରଯୁଗଳରେ ଶୋଭୁଛି
ସ୍ୱରୁ ରତନ ଚୂଡ଼ି,
ବିଷାଦ-ସାଗର-ପୁଳିନେ
ଝଣ୍ଟିଅଛି ନ ବୁଡ଼ି । ୩୮ ।
ଦରବିକଶିତ କମଳେ
ବରାଟକ ପରାଏ,
ଶତଦଳ-ରୁଚି ରୁଚିର
ଚେଲେ ସେ ଶୋଭାପାଏ । ୩୯ ।
ଢଳାଇ ଦେଉଛି ବାସକୁ
ତାର ନୟନ-ବାରି,
ଦେବୀ କି ମାନବୀ ସହଜେ
ହେଉ ନାହିଁ ତ ବାରି ।" ୪୦ ।
ଶୁଣି ମୁନିବର ମଉନେ
ନମୀଳିତ ଈକ୍ଷଣେ,
କାୟ, ଶିର, ଗ୍ରୀବା, ସଳଖି
ବସି ରହିଲେ କ୍ଷଣେ । ୪୧ ।

---

୩୬ । ଏକାନ୍ତେ—ନିର୍ଜନରେ ।

୩୯ । ବରାଟକ—ପଦ୍ମର ବୀଜକୋଷ, ଶତଦଳ-ପଦ୍ମ, ରୁଚି-କାନ୍ତି, ରୁଚିର-ସୁନ୍ଦର, ଚେଲେ-ପରିଚ୍ଛଦ ।

୪୦ । ବାସ – ପିନ୍ଧାଲୁଗା, ବାରିହେଉ ନାହିଁ-ଜଣାଯାଉ ନାହିଁ ।

୪୧ । ନମୀଳିତ ଇକ୍ଷଣେ—ଆଖି ବୁଜି କରି ।

ଉଠି ପୁଣି "ଗୃହଲ ଦେଖିବା"
ବୋଲି ହେଲେ ବାହାର,
ମୁନି ପଛେ ପଛେ ଗୃହଲଲେ
ବହୁ ମୁନି କୁମାର । ୪୨ ।
କୌତୂହଳେ ଗଲେ ଯେ ଥିଲେ
ମଠେ ମୁନି ନନ୍ଦନୀ,
ଡାକ ଆସିଥିଲା ଯେ ସଖୀ
ହୋଇ ତାର ସଙ୍ଗିନୀ । ୪୩ ।
ଗୃହଲଲେ ହରଣ ହରଣୀ
ତାଙ୍କ ସଙ୍ଗେ ସାବକ,
ବୃକ୍ଷୁଁ ବୃକ୍ଷେ ଉଡିଁ ଚଳିଲେ
ପିକ, ମୟୂର, ବକ । ୪୪ ।
ସମୀର-ସାଗରେ ଗ୍ରୁଡ଼ିଲେ
ନିଜ ଶରୀର-ପୋତ,
ନୟନ-ରଞ୍ଜନ ଖଞ୍ଜନ,
ଶୁକ, ଶାରୀ, କପୋତ । ୪୫ ।
ଅଭିଯାନ କଲା ଶାନ୍ତିର
ଏହା ବୀରବାହିନୀ,
ସୀତା-ଶୋକ-ଶିଳା ଶ୍ରେଣୀକୁ
ଯେହ୍ନେ ଘୋର ବାହିନୀ । ୪୬ ।
ମହାନ୍ଧାରୀ ମହାନଦୀର
ମହା ପ୍ରବାହ ଆସି,
ରାମେଶ୍ୱର-ଶିଳା-ସବୁକୁ
ଦେଲେ ସଶିରେ ଗ୍ରାସି । ୪୭ ।

---

୪୫ । ଖଞ୍ଜନ—ପକ୍ଷୀବିଶେଷ ।

୪୬ । ବାହିନୀ—ସେନା, ବାହିନୀ-ନଦୀ ।

୪୭ । ସମ୍ବଲପୁର ନିକଟସ୍ଥ ମହାନଦୀର ଏକ ଭୟଙ୍କର ବିଷମ ସ୍ଥାନ ।

ଟଳିବେ କି ଶିଳା ସକଳ
ସ୍ରୋତ କମ୍ପିବ ସିନା,
ବିଘୂର୍ଣ୍ଣିତ ଶିରେ ପଡ଼ିବ
ଗଣ୍ଡ ପଷଣ୍ଡ ବନା । ୪୮ ।
ସେ ଦଶା ଭୋଗିବ ନାହିଁ ତ
ଶାନ୍ତ ଏ ଅଭ୍ରଯାନେ ?
ଲଗୁ, ଲଗୁଛୁ ତ ପ୍ରମତ୍ତ
ହୋଇ ସ୍ୱ-ଅଭିମାନେ । ୪୯ ।
କିଛି ଦୂରେ ଯାଇ ମିଳିଲେ
ମୁନି ଜାନକୀ ପାଶେ,
ଆଉମାନେ ବେଢ଼ି ରହିଲେ
ତଳେ, ଡାଳେ, ଆକାଶେ । ୫୦
ଶ୍ୱେତ ଶ୍ମଶ୍ରୁ-କେଶ-ବିଭୂତ-
ବପୁ ସୌମ୍ୟ-ମୂରତି
ବାଲ୍ମୀକି ମହର୍ଷି ସମୀପେ
ହେମଗଉରୀ ସତୀ । ୫୧ ।
ଦିଶିଲେ ଯେମନ୍ତ ତୁଷାର-
ତନୁ ହିମାଦ୍ରି-ତଳେ,
ତପସ୍ୱିନୀ ଉମା ମଉନେ
ରହିଛନ୍ତି ନିଶ୍ଚଳେ । ୫୨ ।
ମୁନି ଆଗମନେ ଜାନକୀ
ଶୋକ କଲେ ନିବୃତ୍ତି,
ହୃଦୟରେ ହେଲା ସ୍ଥଗିତ
ଚିନ୍ତା-ଚକ୍ର-ଆବର୍ତ୍ତି । ୫୩ ।

---

୫୨ । ଉମା—ପାର୍ବତୀ ।
୫୩ । ନିବୃତ୍ତି—କ୍ଷାନ୍ତ, ବିରତ, ଆବର୍ତ୍ତି-ଜଳଭଉଁରୀ ।

ବୋଇଲେ ମହର୍ଷି ସୀତାଙ୍କୁ,
"ବତ୍ସେ, ପାରୁଛ ଜାଣି,
ବିରହ-ବିପଦ ତୋହର
ବହୁଅଛୁ ଉଜାଣି । ୫୪ ।

ସ୍ରୋତସ୍ୱତୀ-ଗତି ସହଜ
ଥାଏ ସାଗର ଆଶେ,
ଲଙ୍ଘେ ଶିଳା-ଶୈଳ-ସଙ୍କଟ,
ଯେବେ ବିରୁଦ୍ଧେ ଆସେ । ୫୫ ।

ବାରିଧି-ସଙ୍ଗମେ ବିସ୍ମରେ
ସବୁ ବିଗତ କ୍ଳେଶ,
ଉଭୟ ଜୀବନେ ନ ରହେ
ଆଉ ପ୍ରଭେଦ ଲେଶ । ୫୬ ।

ବିଧିବଶେ ଉଠି ମଧ୍ୟରେ
ଯେବେ ଊର୍ଦ୍ଧ୍ୱକୁ ଭେଦ,
ବାଲୁସ୍ତୂପ ଦିଏ ସରିତ
ସିନ୍ଧୁ-ହୃଦୟ ଛେଦ । ୫୭ ।

ସରିତ ମରି ତ ନ ପାରେ
ତାର ଜୀବନ-ଭାର,
ହୃଦୟ ପ୍ରସାର ରଖଇ
ହୋଇ ହ୍ରଦ ଆକାର । ୫୮ ।

ଅବିକଳ ସେହି ଦଶା ମା
ଭବେ ଘଟିଛି ତୋର,

---

୫୫ । ସ୍ରୋତସ୍ୱତୀ—ନଦୀ ।
୫୬ । ବାରିଧି—ସାଗର, ବିସ୍ମରେ—ଭୁଲିଯାଏ ।
୫୮ । ଚିଲିକାରେ ପତିତ ନଦୀମାନଙ୍କର ଅବସ୍ଥା ଏହାର ପ୍ରମାଣ ।

ଚିନ୍ତାକୁ ତୁ ବୃଥା ନ କର
ଚିତା ସ୍ୱରୂପ ଘୋର । ୫୯ ।
ଶ୍ୱଶୁର ତୋ ମୋର ସୁହୃଦ,
ସେହିପରି ତୋ ପିତା,
ଅସଂକୋଚେ ରହି ଆଶ୍ରମେ
ମଣି ସଂସାର ପିତା । ୬୦ ।
ମୋ, ଆଶ୍ରମେ ତୋର ନ ଥିବ
କଉଣସି ଭାବନା,
ଜନମିବ ଯେଉଁ ସନ୍ତାନ
ତାର ପାଇଁ ଭାବନା ।" ୬୧ ।
ମୁନି-ବାଣୀ ଶୁଣି ଜାନକୀ
ମୁନି-ଚରଣ-ତଳେ,
ପଡ଼ି, ଉଠି ଗଣ୍ଡ ପୋଛିଲେ
ନିଜ ବସନାଞ୍ଚଳେ । ୬୨ ।
"ବୀର ପ୍ରସବିନୀ ହୁଅ ମା"
ବୋଲି ଶୁଭ ଆଶିଷ,
ଦେଇ ଆଶ୍ୱାସିଲେ ମଧୁରେ
ମୁନି-ମଣ୍ଡଳାଧୀଶ । ୬୩ ।
ପୁନଶ୍ଚ ବୋଇଲେ, "ଆସ ମା,
ଆଉ ନ କର ମଠ;
କୁମାରୀମଣ୍ଡଳ ମଧ୍ୟରେ
ରହି ମଣ୍ଡ ମୋ' ମଠ ।" ୬୪ ।

---

୫୯ । ଚିତା – ଶ୍ମଶାନ, ଚିତା ସ୍ୱରୂପ ଘୋର—ଶ୍ମଶାନ ପରି ଭୟଙ୍କର ।
୬୦ । ସୁହୃଦ—ପରମ ବନ୍ଧୁ, ପିତା–ବାପା, ପିତା–ଭକ୍ତ ମନେକର ।
୬୩ । ମୁନି—ମଣ୍ଡଳାଧୀଶ—ମୁନିମାନଙ୍କ ମଧ୍ୟରେ ଶ୍ରେଷ୍ଠ ।
୬୪ । ମଣ୍ଡ—ଶୋଭାଯୁକ୍ତ କର ।

କସ କସ ଅଛୁ ଧର ଗୋ
ବେଗେ କୁମାରୀମାନେ,
ବୋଲନ୍ତେ ମହର୍ଷି, କନ୍ୟାଏ
ତାହା କଲେ ସମ୍ମାନେ । ୭୫ ।

ଟଣାଟଣି ହୋଇ ସତୀଙ୍କ
ଗୃରୁ ପେଟିକାମାନ,
ଧରି ବେଢ଼ି ତାଙ୍କୁ ସାଦରେ
କରାଇଲେ ପ୍ରସ୍ଥାନ । ୭୬ ।

ପ୍ରହାର ପ୍ରହାର ପାଦୁକା
ମୁନି ଦୁର୍ଗନ୍ଧ-ଶିରେ,
ରାମ-ହୃଦ-ପ୍ରେମ-ପ୍ରତିମା
ଆଗେ ଗୃଲିଲେ ଧୀରେ । ୭୭ ।

କଷାୟ୍-ବସନ ମହର୍ଷି
ହେଲେ ଅନୁରୂପମ,
ପଛେ ବଇଦେହୀ ଦଶିଲେ
ଭାନୁ-ଦୀଧିତି-ସମ । ୭୮ ।

ବୁଡ଼ିଥିଲା ସେହି ଦୀଧିତି
ଦୁଃଖ-ଅର୍ଣ୍ଣବ-ଅନ୍ତେ,
ଅନୁରୁ ତହିଁରେ ବରାକୁ-
ଥିଲେ ଉଜ୍ଜ୍ୱଳ ବର୍ଣ୍ଣେ । ୭୯ ।

ମହାଯତି ମହାସତୀଙ୍କ
କଥାବାର୍ତ୍ତା ସକଳ,

---

୭୮ । କଷାୟ୍ —ବସନ-ଗେରୁଆ ଲୁଗା, ଅନୁରୁ-ସୂର୍ଯ୍ୟଙ୍କର ସାରଥି, ବଇଦେହୀ-ସୀତା, ଭାନୁ-ସୂର୍ଯ୍ୟ, ଦୀଧିତି-କିରଣ ।

୭୯ । ଅର୍ଣ୍ଣବ—ସାଗର, ଅର୍ଣ୍ଣ-ଜଳ ।

- ଶୁଣୁଥିଲେ ବସି ବିହଙ୍ଗ-
ଦଳ ନ କରି କଳ । ୭୦ ।
ଦେଖନ୍ତେ ତାହାଙ୍କ ଆଶ୍ରମ-
ଅଭିମୁଖେ ଗମନ,
ପ୍ରମୋଦରେ କଲେ ନିସ୍ୱନ
ହୋଇ ପ୍ରଫୁଲ୍ଲ ମନ । ୭୧ ।
ବାଜିଗଲା ପରି ଶାନ୍ତିର
ରଣ-ବିଜୟ-ଘୋଷ !
ନାଚି ନାଚି ମୃଗ-ଶାବକେ
କଲେ ପ୍ରକାଶ ତୋଷ । ୭୨ ।
ନବ ଅତିଥିଙ୍କ ମୁଖକୁ
ମଣି ସ୍ନେହ-ସାଗର,
ସତୃଷ୍ଣ ନୟନେ ଅନାଇ-
ଥାନ୍ତି ଥରକୁ ଥର । ୭୩ ।
ଜୟ-ଲକ୍ଷ୍ମୀ-ରୂପେ କରନ୍ତି
ଶାନ୍ତ-ପୁରକୁ ବିଜେ,
ଅଶାନ୍ତ-ସାଗର-ଉତ୍ଥିତା
ରାମ-ରମଣୀ ନିଜେ । ୭୪ ।
ଟେକି ଚନ୍ଦ୍ରକିତ ବରହ
ବେନି ବୀଥିରେ ରହି,
ବୁଲିଲେ ଉଭୟ ପାର୍ଶ୍ୱରେ
ଶତ ଶତ ବରହୀ । ୭୫ ।

---

୭୦ । କଳ—ପକ୍ଷୀମାନଙ୍କର ରବ ।

୭୩ । ସତୃଷ୍ଣ ନୟନେ—ଅତ୍ୟନ୍ତ ଆଗ୍ରହଯୁକ୍ତ ଦୃଷ୍ଟିରେ ।

୭୫ । ବରହ—ମୟୂର ପୁଚ୍ଛ, ବରହୀ-ମୟୂର, ଚନ୍ଦ୍ରକିତ-ମୟୂରପୁଚ୍ଛର ଚନ୍ଦ୍ର ଚିହ୍ନ, ବୀଥି — ଉଭୟ ପାର୍ଶ୍ୱରେ ବୃକ୍ଷ ଥିବା ପଥ ।

ସୁକୁମାର କର-ଶାବକେ
କରେ ଟେକି କମଳ,
ଠେଲଠେଲି ହୋଇ ଚାଲିଲେ
ସଙ୍ଗେ ଦଳକୁ ଦଳ । ୭୬ ।

ପାଦପେ ଝୁଲିଲା ପଲ୍ଲବ
ଶୋଭି ପୁଷ୍ପ-ସ୍ତବକେ,
ଧାଡ଼ି ଧାଡ଼ି ଶ୍ୱେତ ପତାକା
ଉଭଁ ହୋଇଲେ ବକେ । ୭୭ ।

ମଧୁରେ ଗାଇଲେ କୋକିଳ
କୁଳ ମଙ୍ଗଳ-ଗୀତ,
ଅଳି-ସ୍ୱନେ ଜୟ-ଶଙ୍ଖର
ଧ୍ୱନି ହେଲା ବ୍ୟଞ୍ଜିତ । ୭୮ ।

ବାରମ୍ବାର ଉଡ଼ି ବୃକ୍ଷରୁ
ହୋଇ ଯୁକ୍ତ-ମୁଷ୍ଟି,
ଶୁକ ସାରୀ ଦଳ ମାର୍ଗରେ
କଲେ କୁସୁମ-ବୃଷ୍ଟି । ୭୯ ।

ବନ୍ଦାପନା-ଦୀପ ଜଳିଲା,
ଏଣେ ଗୋଧୂଳି-ତାରା,
ବରଜିଲେ ଋଷି-ଆଶ୍ରମେ
ରାମ-ନୟନ-ତାରା । ୮୦ ।

ବାଲ୍ମୀକି ନଦେଶେ ଉଟଜେ
ସବୁ ପେଟିକା ଥୋଇ,
କନ୍ୟା ଏକ ଦେଲା ସତୀଙ୍କ
ମୁଖ-ମଣ୍ଡଳ ଧୋଇ । ୮୧ ।

---

୮୧ । ଉଟଜେ – କୁଡ଼ିଆରେ, ନଦେଶେ–ଆଦେଶରେ ।

କନ୍ୟା ଏକ ଜଳ-କଳସ
ଥାନ୍ତୁଁ ଥାନ୍ତୁଁ ଚରଣେ,
ତା' ହସ୍ତରୁ-ନେଇ ସ୍ୱପଦ
ପ୍ରକ୍ଷାଳିଲେ ଆପଣେ । ୮୨ ।

ସତୀଙ୍କି ବସାଇ ସୁତାଏ
ମୃଦୁ ପଲ୍ଲବାସନେ,
ଫଳମୂଳ ଆଣି ସମକ୍ଷେ
ଦେଲି ପର୍ଣ୍ଣବାସନେ । ୮୩ ।

ଅନୁକମ୍ପା ନାମେ ବୃଦ୍ଧାଏ
କରି ସତୀଙ୍କି କୋଳ,
ପୋଛି ଦେଲେ କର କମଳେ
ତାଙ୍କ ଭାଲ କପୋଳ । ୮୪ ।

ମମତା-ପ୍ରପାତ-ହେନେନ୍ଦ୍ର
ସ୍ୱଚ୍ଛ ଉଜ୍ଜ୍ୱଳ ଜଳ,
ପକାଇ ସତୀଙ୍କ ପରାଣ
ପ୍ଲାବି କରି ଶୀତଳ । ୮୫ ।

ମୃଖ ଗୃହିଁ-ଗୃହିଁ ବୋଇଲେ,
ଧୀରେ କୋମଳ ଭାଷେ,
"ମୋ ଭାଗ୍ୟକୁ ମାଆ ଆସିଛୁ
ଆଜ ତୁ ମୋର ପାଶେ । ୮୬ ।

ରାଜ ରାଜେଶ୍ୱରୀ ମାଆ ତୁ
ସ୍ୱର୍ଣ୍ଣ ମନ୍ଦିର ତୋର,
ତମଃପୂର୍ଣ୍ଣ କରି ଉଜ୍ଜ୍ୱଳ
କଲୁ କୁଟୀର ମୋର । ୮୭ ।

---

୮୨ । ପ୍ରକ୍ଷାଳିଲେ—ଧୋଇଲେ ।

ଦିନଯାକ କରି ନ ଥିବୁ
ପରା କିଛୁ ଆହାର,
ପୁଅ କରୁଥିବ ଗରଭେ
ଚଳି ପାଦ-ପ୍ରହାର । ୮୮ ।
ଖାଆ ମା’ ! ଖାଆ ମା’ । ମା’ ଘରେ
ତୋର କି ଅଛି ଲାଜ,
ଚାହିଁ ରହିଛନ୍ତି ତୋତେ ତୋ’
ଏହି ସଖୀସମାଜ ।” । ୮୯ ।
ବୋଲି ନିଛି ଦେଇ ଧରାଇ
ଦେଲେ ନାରଙ୍ଗୀ-କଳି,
ଗୋଟି ଗୋଟି କରି କର୍ପୂର-
କାନ୍ତି ପକ୍ୱ କଦଳୀ । ୯୦ ।
ବୀଜ ଭିନ୍ନ କରି କୁଳକ
ଖଣ୍ଡ ଖଣ୍ଡ ପନସ,
ସୁମଧୁର ପିଣ୍ଡ ଖର୍ଜୁର
ସହକାର ସରସ । ୯୧ ।
ବାରମ୍ବାର ବୋଲି ମଧୁରେ
“ଧୀରେ ଭୁଞ୍ଜ ମା, ଭୁଞ୍ଜ”
କରେ ଦେଲେ ଭାଙ୍ଗି କରକ-
ମଞ୍ଜି ପୁଞ୍ଜକୁ ପୁଞ୍ଜ । ୯୨ ।
ଅବଶେଷେ “ଆଉ ଦିଓଟି,
- ଆଉ-ଦିଓଟି” ବୋଲି;

---

୮୮ । ଚଳି—ଗର୍ଭରେ ।
୯୦ । ନିଛି—ଚୋପା ଛଡ଼ାଇଦେଇ ।
୯୧ । କୁଳକ - କେନ୍ଦୁ, ସହକାର - ଆମ୍ବ ।
୯୨ । କରକ—ଡାଳିମ୍ବ ଫଳ ।

ଭୁଞ୍ଜାଇଲେ ସେହୁ ସତୀଙ୍କି
ଆଠ ଦଶୋଟି କୋଳି । ୯୩ ।
ମାତୃ-ସ୍ନେହ-ସୁଖ ନ ଥିଲେ
ବୁଝି ବାଲ୍ୟ-ଜୀବନେ,
ସେହି ସୁଖ ସତୀ ବୁଝିଲେ
ଆଜ ବାଲ୍ମୀକି-ବନେ । ୯୪ ।
ଆଚମନ କରି ଜାନକୀ
ଫଳ-ଭୋଜନ-ଶେଷେ,
କାଷ୍ଠ ଆସନରେ ବସିଲେ
ତାପସୀଙ୍କ ନିଦେଶେ । ୯୫ ।
କୁମାରୀ ଏ ଦେଲା କୋରଙ୍ଗୀ
ଫଳ ଦେବୀଙ୍କ କରେ,
ମୁଖେ ପକାଇଲେ ସୁମୁଖୀ
ତାହା ଘେନି ସାଦରେ । ୯୬ ।
କନ୍ୟା ଏକ ଆଣି କୋମଳ
ଶୁଷ୍କ ନୀବାର ନାଳ,
ଶଯ୍ୟା କରିଦେଲା ତହିଁରେ
ପାରି ହରିଣ-ଛାଲ । ୯୭ ।
ସଖୀ ଦୁଇ ତହିଁ ରହିଲେ
ବଇଦେହୀଙ୍କ ପାଶେ,
ଆଉମାନେ ହେଲେ ଅନ୍ତର
ନିଜ ନିଜ ଆବାସେ । ୯୮ ।

---

୯୫ । ଆଚମନ – ଆଞ୍ଚୋଇବା, ସୀତା ଗର୍ଭବତୀ ଥିବାରୁ ଉଚ୍ଚ ସ୍ଥାନ-ଆବଶ୍ୟକ ।

୯୬ । କୋରଙ୍ଗୀ— ଗୁଜୁରାଟ, ସାଦରେ—ଅତ୍ୟନ୍ତ ଯତ୍ନରେ ।

୯୭ । ନୀବାର—ତୃଣ, ନାଳ-ପଦ୍ମନାଡ଼ ।

୯୮ । ଅନ୍ତର—ଅଲଗା ହୋଇଗଲେ ।

# ତୃତୀୟ ସର୍ଗ

( ରାଗ-ବଙ୍ଗଳାଶ୍ରୀ )

ଭାଗୀରଥୀ-କୂଳେ   ଲକ୍ଷ୍ମଣ ଯେ କାଳେ
ବୈଦେହୀ ବିସର୍ଜି ଗଲେ,
ବ୍ୟାପିଥିଲା ଖରା   ସସାଗରା ଧରା
ନିର୍ମଳ ଅମ୍ବର ତଳେ । ୧ ।
ରାଘବ-ବଧୂର   ନିର୍ଯାତନ ସୁର-
ପୁରକୁ ଦିଶିଲେ ଲଙ୍କା
ହେବ ବୋଲି ଦିବା-   ନାଥଙ୍କ ସେ କିବା
ଶୁଭ୍ର ଯବନିକା-ସଜ୍ଜା । ୨ ।
ଜାଣି ସେ ରହସ୍ୟ   କରିବାକୁ ଦୃଶ୍ୟ
ଭାସ୍କର-ବଂଶର ଦୋଷ,
ଅଚିରେ ଅବନୀ-   ପୃଷ୍ଠୁ ସେ ଯବନୀ
ଉଠାଇ ଦେଲା ପ୍ରଦୋଷ । ୩ ।
ବିହଙ୍ଗମଗଣ   ଡାକନ୍ତେ ଗଗନ-
ପ୍ରାଙ୍ଗଣେ ତାରକାକୁଳ,
ଏକ ପଛେ ଏକ   ତା ପଛେ ଅନେକ
ଆସି ହୋଇଗଲେ ଠୁଳ । ୪ ।

---

୧ । ଭଗୀରଥୀ—ଗଙ୍ଗା, ଅମ୍ବର-ଆକାଶ ।

୨ । ରାଘବ—ବଧୂ-ସୀତା, ସୁରପୁର-ଇନ୍ଦ୍ରଙ୍କ ରାଜ୍ୟ, ସ୍ୱର୍ଗ ଭୁବନ । ନିର୍ଯାତନ—ଦୁଃଖ, ପୀଡ଼ା, ଯବନିକା-ପର୍ଦ୍ଦା ।

୩ । ଯବନୀ—ପରଦା, ପ୍ରଦୋଷ-ସନ୍ଧ୍ୟା,

ଦେଖିଲେ ଜନନେ ପ୍ରଶସ୍ତ ପ୍ରାଙ୍ଗଣେ
ରାମଚନ୍ଦ୍ର ରବି-ବଂଶୀ,
ବିଷଣ୍ଣ ବଦନେ ସଜଳ-ନୟନେ
ଏକାକୀ ଅଛନ୍ତି ବସି । ୫ ।

ଭାବୁଥିଲେ ରାଜ- ଅଧିକାର ବ୍ୟାଜ
ଅଟେ ମହାଦାସତ୍ୱର,
ଏଣୁ ଉଚ୍ଚ ପଦେ ପ୍ରକୃତିର ପଦେ
ଖଟିବା ହୁଏ ମାତର । ୬ ।

ମିଥ୍ୟା କଥା ଯେବେ ପ୍ରଜାଏ କହିବେ
ମେଳ ହୋଇ ଶତ ଶତ,
ମିଥ୍ୟା ଜାଣି ଜାଣି ତାଙ୍କୁ ମାନି ମାନି
ବୋଲିଯାଏ ସତ ସତ । ୭ ।

ପ୍ରକୃତିର ଶାନ୍ତି- ଯନ୍ତ୍ରରେ ନୃପତି-
ସୁଖଟି ସ୍ୱଭାବେ ବଳି,
ଦୃଢ଼ ଧର୍ମ-ଦାମେ ବନ୍ଧି ନିଜ କାମେ
ପାଦେ ନ ପାରଇ ଚଳି । ୮ ।

ଅଭିଷେକ ଯାହା କରିଥାନ୍ତି ତାହା
ପ୍ରୋକ୍ଷଣ ମାତର ସିନା,
ଭ୍ରମର ଛାଳିବା ଅନ୍ୟ କି ବୋଲିବା
ମକ୍ଷିକା ତଡ଼ିବା ବିନା ? ୯ ।

ସୁଖେ ନଇରାଶ୍ୟ ନ ଥିବ ଅବଶ୍ୟ
ଦେବତା ହୃଦୟେ ସୁଦ୍ଧା,
ସେ ହେତୁ ମହତି ଦେବତା ନୃପତି
ସେବଇ କ୍ଷୀରଧି-ସୁଧା । ୧୦ ।

---

୬ । ବ୍ୟାଜ—ଛଳ ।

୮ । ଦାମ—ଦଉଡ଼ି ।

୯ । ପ୍ରୋକ୍ଷଣ—ଶୁଦ୍ଧି ନିମିତ୍ତ ଜଳସେଚନ, ଭ୍ରମର-ଚଅଁର ।

ପ୍ରଜା ରକ୍ତ ଜଳ- କଣିକା ପଟଳ
ସିନା ଉଚ୍ଚାସନ ପାଇ,
ଜଳଧର ରୂପ ହୋଇଥାଏ ନୃପ
ପରଜାଙ୍କ ହିତ ପାଇଁ । ୧୧ ।
ଭୂମିଜଳେ ବଜ୍ର ନ ଥାଏ, ସମ୍ଭବ
ମାତ୍ର ତାହା ଜଳଧରେ,
ପ୍ରଜା-କର-ଦଣ୍ଡ ନ ହୁଏ ପ୍ରଚଣ୍ଡ
ପ୍ରଚଣ୍ଡ ନୃପତି କରେ । ୧୨ ।
ହୃଦ ପଛେ ଜ୍ୱଳେ ବିଦ୍ୟୁତ-ଅନଳେ
ଜଳଦାନେ ଘନ ବାଧ୍ୟ,
ସୁଖ ତେଜି ରାଜା ତୋଷିବ-ପରଜା
ତେବେ ତ ପରମାରାଧ୍ୟ । ୧୩ ।
ସ୍ୱର୍ଗନିଶ୍ରେଣୀର ସମୁନ୍ନତ ଶିର
ରାଜପଦ ଭୂମଣ୍ଡଳେ,
ହେଲେ ଲକ୍ଷ୍ୟଭ୍ରଷ୍ଟ, ପଡ଼ି ହୁଏ ନଷ୍ଟ
ନୃପତି ଗମ୍ଭୀର ତଳେ । ୧୪ ।
ମାନ୍ଧାତାକର ପରି ଦଣ୍ଡଗୋଟି ଧରି
ସମ ଦୃଷ୍ଟି ସମ ଭାବେ,
ରାଜତ୍ୱ ରଜ୍ଜୁରେ ବାଜିସି ଋଜ୍ଜୁରେ
ନିଜ ଜୀବନ ନ ଭାବେ । ୧୫ ।
ଯଦି ବାଜୀକର ରଜ୍ଜୁରେ ପଥର
ଦେଖାରୁ ନ ଯିବ ଗୁଳି,

---

୧୧ । ଜଳଧର—ମେଘ ।
୧୩ । ଘନ—ମେଘ ।
୧୪ । ଭୂମଣ୍ଡଳ—ପୃଥିବୀ ।
୧୫ । ଋଜୁ—ସରଳ, ବାଜିସି—କ୍ରୀଡ଼ାକର ।

ତାଳି ମାରି ଥୋକେ    ହସିଦେବେ ଲୋକେ
    ବାଦ୍ୟକାର ଦେବ ଗାଳି । ୧୬ ।
ପ୍ରିସ୍ୱା ମଇଥିଳୀ-    ବରହେ ଶିଥିଳୀ
    କୃତ କର ପ୍ରାଣ ଯେବେ,
ନ କରିବ କାର୍ଯ୍ୟ    ମାନବ-ସମାଜ
    ଆତୁର ଗଞ୍ଜିବେ ତେବେ । ୧୭ ।
ବୋଲିବ ସଂସାର    ରାମ କୁଳାଙ୍ଗାର
    ଜନ୍ମ ଲଭି ରଘୁବଂଶେ,
ବପ୍ପର କୃପଣ    ହୋଇ ରାଜପଣ
    ତ୍ୟାଗ କଲା ବଧୂବଶେ । ୧୮ ।
ବାନପ୍ରସ୍ଥାଶ୍ରମ    ହେଲେ ହେଁ ଉତ୍ତମ
    ସମୟ ମୋ ହୋଇ ନାହିଁ,
ମୋ କାର୍ଯ୍ୟେ ଭରତ    ହେବାକୁ ନିରତ
    ସମ୍ମତ ବା ହେବ କାହିଁ । ୧୯ ।
ଅଙ୍କଦ୍ରବ୍ୟେ ପ୍ରୀତି    ହ୍ରାସ ନିତି ନିତି
    ଦେଖି ଦେଖି ପୁନଃ ପୁନଃ,
ହେଲେ ଶୂନ୍ୟ ଅଙ୍କ    ଶୂନ୍ୟ ଯୋଗେ ଅଙ୍କ
    ପରି ହୃଦପ୍ରୀତି ଗୁଣ । ୨୦ ।
ସ୍ଥୂଳ କଳେବର    ନୁହଇ ଅମର,
    ଅମର କେବଳ ମନ,
ମନେ ଯେବେ ସଙ୍ଗ    ହୋଇ ନାହିଁ ଭଙ୍ଗ
    ସେହି ସୁଖ ସୁଖେ ଗଣ୍ୟ । ୨୧ ।

---

୧୬ । ବାଜୀକର—ଐନ୍ଦ୍ରଜାଳିକ, କେଳା ।

୧୭ । ଗଞ୍ଜିବେ—ନିନ୍ଦା କରିବେ, ପୀଡ଼ା ଦେବେ ।

୧୯ । ବାନପ୍ରସ୍ଥାଶ୍ରମ—ପରିଣତ ବୟସରେ ସଂସାର ଜଞ୍ଜାଳରୁ ମୁକ୍ତ ହୋଇ ବନବାସ କରିବା । ନିରତ—ନିଯୁକ୍ତ ।

କେ ରହୁଛୁ ଭବେ          ବାସ୍ତବ ବିଭବେ
ସୁବର୍ଣ୍ଣ ମୁକୁଟ ବାନ୍ଧି ?
ଯଶ ଅପଯଶ          ନୋହୁ କାଳବଶ
ହୁଅନ୍ତି ତା ପ୍ରତିବାଦୀ । ୧୨ ।
ସ୍ୱରଗ-ନରକ-          ଗତି-ନିର୍ଦ୍ଧାରକ
ସ୍ୱୀକରେ ଜଗତ-ଜନ,
ଏଣୁ ଜନରବ          ଅନିତ୍ୟ ବାସ୍ତବ
ସୁଖ ଲୋଡ଼େ ନୀଚ ମନ । ୧୩ ।
ନାହିଁ ସିନା ଘରେ          ହୃଦ-ପ୍ରେମ-ସରେ
ମୋ ପ୍ରିୟା-କମଳ-କଳି,
ପଡ଼ିଅଛୁ ଫୁଟି,          ମକରନ୍ଦ ଲୁଟି
କରୁଅଛୁ ମନ-ଅଳି । ୧୪ ।
ନୟନ-ଯୁଗଳ          କାହିଁକି ବିକଳ
ହୋଇ ଗୁଡ଼ୁଅଛୁ ଜଳ,
ଶୁଖିଗଲେ ସର          କମଳିନୀ ମୋର
ହୋଇଯିବ ଟଳଟଳ । ୧୫ ।
ବକ୍ଷ ତୁ ପଥର-          ବନ୍ଦ ହୋଇ କର
ରୁଦ୍ଧ ନେତ୍ର-ଜଳ-ନାଳୀ,
ନାସିକା-ପବନ          ନ ବହୁ ଘନ
କମ୍ପିବ-ପ୍ରାଣ-ସଞ୍ଚାଳି । ୧୬ ।
ଲକ୍ଷ୍ମଣ ଆସିବ          ସମସ୍ତ ଭାଷିବ
ଜୀବନ-ସଙ୍ଗିନୀ କଥା,
ଶ୍ରବଣ ଯୁଗଳ          ନ ହୁଅ ଚଞ୍ଚଳ
ଶୁଣିବ ମୁଞ୍ଚବ ବ୍ୟଥା । ୧୭ ।

---

୧୨ । ଭବେ—ସଂସାରରେ, ବିଭବ-ଐଶ୍ୱର୍ଯ୍ୟ, ପ୍ରତିବାଦୀ-ବିବାଦୀ ।
୧୩ । ଜନରବ—ଗୁଜବ, ଲୋକ ପ୍ରବାଦ ।
୧୪ । ମକରନ୍ଦ—ପଦ୍ମମଧୁ, ମନ-ଅଳି—ମନ ରୂପକ ଭ୍ରମର ।

ରେ ସନ୍ତପ୍ତ ଚର୍ମ !  ନାଶିବ ତୋ ଘର୍ମ
ସମୀର ଆସୁଛି ବନ୍ଧୁ,
ସନ୍ତାପ ନାଶିନୀ  ସରୋଜ ଯାମିନୀ
ଶ୍ରୀଅଙ୍ଗ-ସୌରଭ ବହୁ । ୨୮ ।

ଆଉ ଏକ କଥା  କହୁଛି, ଏକତା
ବାନ୍ଧ ତୁମ୍ଭେ ମନ ସଙ୍ଗେ,
ଗ୍ଳାନି ହୃଦସରେ  ଅନନ୍ତ ବାସରେ
ବିଳସିବ ରଙ୍ଗରସେ । ୨୯ ।

ମୋ ପ୍ରାଣ-ସଙ୍ଗିନୀ  ନବ କମଳିନୀ
ଫୁଟି ରହିଅଛି ତହିଁ,
ସ୍ମରଣ-ଭାସ୍କର  ଚିର ତେଜସ୍କର
ଅସ୍ତ ତାର ନାହିଁ ଯହିଁ । ୩୦ ।

ମୋ ବୋଲେ ରସନା  ତୁ ତହିଁ ରସ ନା,
ଖାଇଛୁ ପରନ୍ନା ବହୁ;
ଯା ଧନେ ପାଳିତ-  ତା ନାମେ ଗ୍ଳାନିତ
ହେବାରେ ନୁହ ଭାବିତ । ୩୧ ।

ଲୋକେ ଲୋକହିତ-  ସାଧନ ବିହିତ
ବୋଲି ସିନା ଅଛି ପ୍ରାଣ,
ନ ହେଲେ କି ପବି—  ଦ୍ରବ କରି ହବି-
ପ୍ରାୟେ କରିଥାନ୍ତା ପାନ । ୩୨ ।

ପିଞ୍ଜରୁ ବାହାରି  ଯିବେ ଶୁକ ସାରି,
ଗୁରୁଦେବ ରାଜ ପାଖୁ,
ତୋତେ ଉତ୍ତେଜିତ  କରିବା ନିମିତ୍ତ
ନ ବୋଲିବେ "ସୀତା" ଆଉ । ୩୩ ।

---

୨୭ । ଶ୍ରବଣ – କାନ, ମୁଞ୍ଚିବ—ଦୂର ହେବ ।

୨୮ । ଘର୍ମ – ଝାଳ, ସମୀର-ପବନ, ସନ୍ତାପ-ଦୁଃଖ, ସରୋଜ-ପଦ୍ମ ।

୩୨ । ପବି—ବଜ୍ର, ହବି-ଘିଅ, ଦ୍ରବ-ତରଳ ।

ହରିଣ-ଶାବକ    ଯିବ ସେ ଯାବକ—
ରଞ୍ଜିତ ଚରଣ ପାଶ,
ଅଲକ୍ତକ ଧାର    ଅଟେ ତା ଗଳାର
ରଙ୍ଗ ପାଟ-ଡୋରି-ଫାଶ । ୩୪ ।

ମୟୂର-ଯୁଗଳ    ଗ୍ରୀବ ଅନର୍ଗଳ
କାହିଁକି ରହିବେ ଆଉ,
ଉଚ୍ଚାରିବ ସ୍ୱନ    କା' ଅନୁକରଣ
କରି, ଭ୍ରମରାଜ ଯାଉ । ୩୫ ।

ସଙ୍ଗୀତ-ପ୍ରବୀଣା    କଣ୍ଠ ସଙ୍ଗ ବିନା
ପାଇବ ନାହିଁ ଗୌରବ ?
ବୀଣା ତାହା ଜାଣି    ଭାଗ୍ୟ-ଦୋଷ ମାନି
ରହିବ ହୋଇ ନୀରବ । ୩୬ ।

ତହୁଁ ଶ୍ରମ କ୍ଷଣେ    ମୁଦ୍ରିତ ଈକ୍ଷଣେ
ଚନ୍ଦ୍ରାଚଳ-ଚୂଳେ ଚଢ଼ି,
ଦେଖିଲେ କାଳର    ସ୍ରୋତ ଭୟଙ୍କର
ବେଗେ ଯାଉଅଛି ଗଡ଼ି । ୩୭ ।

ଚରାଚର ସର୍ବେ    ତା ଗଭୀର ଗର୍ଭେ
ଉଇଁ ହେଉଛନ୍ତି ଲୀନ,
ବୁଦ୍‌ବୁଦ ପରାଏ    କେହି କ୍ଷଣେ ଥାଏ
କେବା ରହେ କିଛି ଦିନ । ୩୮ ।

କ୍ଷୀରଢ-ଶଇଳ    ସେ ଘୋର ସଲିଳ-
ସ୍ରୋତ ମଧ୍ୟେ ଟେକି ଶିର,

---

୩୪ । ଯାବକ—ଅଳତା, ଅଲକ୍ତକ—ଅଳତା ।
୩୫ । ଭ୍ରମରାଜ—କୃଷ୍ଣବର୍ଣ୍ଣ ପକ୍ଷୀ ବିଶେଷ ।
୩୮ । ବୁଦ୍‌ବୁଦ—ପାଣି ଫୋଟକା ।

ନ ଗଣି ଆପଦ     ଚୁମ୍ବି ବିଷ୍ଣୁପଦ
ରହିଅଛୁ ହୋଇ ସ୍ଥିର । ୩୯ ।
ଶୈଳ-ସାନୁଦେଶେ     ଜ୍ୟୋତିର୍ମୟ ବେଶେ
ପତି ସଙ୍ଗେ ସପ୍ତଗଣ,
ହୋଇ ଯୁଗ ଯୁଗ     ସୁଖେ ଯୁଗ ଯୁଗ
କରୁଛନ୍ତି ବିଚରଣ । ୪୦ ।
ଅନେକ ନୃପତି     ତହିଁ ପନ୍ତି ପନ୍ତି
ରତ୍ନମୟ-ସିଂହାସନେ,
ଅଛନ୍ତି ରାଜିତ     ହୋଇ ବିଭ୍ରାଜିତ
ଅମର-ପୁଷ୍ପ-ଭୂଷଣେ । ୪୧ ।
ଅସାଧ୍ୟ ସାଧନ-     ଲବ୍ଧ ପୁଣ୍ୟଧନ
ବହୁଛି ଯା’ ତନୁ-ତଷ୍ଟି,
ଶଇଲ-ନିବାସୀ     କବିବୃନ୍ଦ ଆସି
ନେଉଛନ୍ତି କର ଧରି । ୪୨ ।
ଧର୍ମ ନ ବିଚାରି     କେତେ ଦୁରାଚାରୀ
ଆରୋହି ତହିଁକ ବଳେ,
କବିଙ୍କର ପଛ—     ସମ ମୁକ୍ତି ଲଭି
ରହୁଛନ୍ତି କଳବଳେ । ୪୩ ।
ତାଙ୍କ ସେ ଦୁର୍ଦ୍ଦଶା     ଅନାଇ ସହସା
ଦିଅନ୍ତେ ନୟନ ଫେଡ଼ି,
ଦେଖିଲେ ଶ୍ରୀରାମ     ବସୁନ୍ଧରା-ଧାମ
ରହିଛି ତମିର ବେଢ଼ି । ୪୪ ।
ସୁନୀଳ ଗଗନ     ମଣ୍ଡି ତାରାଗଣ
ଅଛନ୍ତି ଉଜ୍ଜ୍ୱଳ ମୁଖେ,

---

୩୯ । ବିଷ୍ଣୁପଦ—ଆକାଶ ।
୪୦ । ସାନୁ ଦେଶ—ପର୍ବତର ଉପରିସ୍ଥ ସମତଳ ଭୂମି ।
୪୧ । ରାଜିତ—ଶୋଭାଯୁକ୍ତ, ବିଭ୍ରାଜିତ—ଉଜ୍ଜ୍ୱଳୀକୃତ, ଦୀପ୍ତ ।

ନାହିଁ ସୁଧାକର — ଜନ୍ମ ତାହାଙ୍କର
ବାଧା ହୋଇନାହିଁ ସୁଖେ ।୪୫।

ବୋଇଲେ, "ହେ ତାର- — ବୃନ୍ଦା ପ୍ରେମକାର-
ବନ୍ଧ ନୋହୁ ଚନ୍ଦ୍ରମାର,
ବିଧିର ବିଧାନ. — ଯେବେ ପ୍ରଣିଧାନ
ଚଳେ ଭ୍ରମ ଶିଶୁମାର ।୪୬।

ବଲ୍ଲଭ ବିରହ— — ବେଦନା ଦୁଃସହ
ହେଲେ ହେଁ ଜଗତ ଲାଗି,
ସେ ଦୁଃଖ ବିସ୍ମର — କର୍ମ ଅନୁସର
ଦ୍ୟୁତ-ଦାନେ ଅଛ ଲାଗି ।୪୭।

ତୁମ୍ଭ ଧର୍ମ-ଦୀକ୍ଷା — ବେଗେ ଦିଅ ଶିକ୍ଷା
ବାଲ୍ମୀକି-ଆଶ୍ରମେ ଯାଇ,
ମୋ ହୃଦ-ଚନ୍ଦ୍ରିକା — ତହିଁ ବସି ଏକା
କାନ୍ଦୁଥିବ ମୋତେ ଧ୍ୟାୟି ।୪୮।

ଏ ରାତ୍ରି ସମୟେ — ବ୍ୟାକୁଳ ହୃଦୟେ
ରହୁଥିଲେ ଚକ୍ରବାକୀ,
କରୁଣା-ପ୍ରବଣା — ହୋଇ ଲକ୍ଷନବଣା
ପ୍ରାଣ ନ ରଖିବ ବାକି ।୪୯।

ସ୍ୱର ପ୍ରଦର୍ଶନ — କର ନିଦର୍ଶନ
ଦେବ କୁମୁଦିନୀ ବନ,
ଚନ୍ଦ୍ରମା ଉଦୟ — ନ ହେଲେ ଅଥୟ
ନ କରି ଧରେ ଜୀବନ ।୫୦।

---

୪୬ । ଶିଶୁମାର — ତାରଚକ୍ର ।
୪୭ । ବଲ୍ଲଭ - ସ୍ୱାମୀ, ବିସ୍ମର—ଭୁଲିଯାଇ, ଦ୍ୟୁତ—ଆଲୋକ ।

ପୁନଃ ସମାଗମ— ବିଷୟ ବିଷମ
ସମସ୍ୟା ମଣିବ ନାହିଁ
ହୃଦୟ-ସଙ୍ଗମ ଅତି ମନୋରମ
ଜାଣ ତ, ଦେବ ବୁଝାଁଇ ।୫୧।
ଏ କଥାରେ ଦ୍ୱିଧା ଭାବିବା ସୁବିଧା
ନ ପାଇବ ସାରସାକ୍ଷୀ
କହିବ ନିଶ୍ଚୟ ମୋ' ଭାବ ନିଚୟ
ଦେଖୁଛୁ ତ ହେବ ସାକ୍ଷୀ ।୫୨।
ଅଧିକନ୍ତୁ ତାର ଗର୍ବେ ମୋ ଆତ୍ମାର
ସ୍ରୋତ ଲଗିଅଛି ଯାଇଁ
କହିଲେ ଏ କଥା କଦାଚ ଅଯଥା
ବୋଲି ସେ ପାରିବ ନାହିଁ ।୫୩।
ଏଥିରେ ରାଘବ ହୃଦକୁ ଲଘବ
ସ୍ମରଣେ ଥିଲା କି କ୍ଷମ ?
ବୃଥା ତାରାଗଣ କଲେ ନିରୀକ୍ଷଣ
ଦୃଷ୍ଟି ପଥେ ଆଣି ତମ ।୫୪।
ଗୁଣୀର ସଦ୍‌ଗୁଣ ନ ବୁଝି ନିପୁଣ
ହେଲେ ଦୋଷ-ଦରଶନେ,
ବିଧି ବିଡ଼ମ୍ବନା ଭୋଗ ସମ୍ଭାବନା
ହୁଏ ତାର ଉଚ୍ଚାସନେ ।୫୫।
ଦେଖି ରାମ-ଦୋଷ ପାଇବେ ସନ୍ତୋଷ
ଭାବିଥିଲେ ତାରା-ତତି,
ହୃଦୟ-ଉଚ୍ଚତା ଗୁହିଁ ପୋତି ମଥା
ଲାଭ କଲେ ନୀଚ ଗତି ।୫୬।

୫୫ । ବିଡ଼ମ୍ବନା—ପ୍ରତାରଣା ।
୫୬ । ତତି—ସମୂହ ।

ଦାଶରଥି-ଦୁଃଖ- ଦର୍ଶନ-ବିମୁଖ
ଖେଦ-ଖିନ୍ନ-ହୃଦ-ବିଧୁ,
ନିଶୀଥ ସମୟ ହେଲାରୁ ଉଦୟ
ହେଲେ ତେଜି କ୍ଷୀରସିନ୍ଧୁ ।୫୭।
ଜୀବଞ୍ଜୀବ ଡାକ ଦେଲା ଚକ୍ରବାକ-
ପ୍ରୀତି କରି ଉପହାସ,
ନ ଭାଳ, ନ ଭାଳ ଲେଖାଅଛି ଭାଳ-
ପଟେ ତୋର ଉପବାସ ।୫୮।
କିମ୍ପା ନ କହିବ ଦେଇଛି ଦଇବ
ତା' ମୁଖେ ଅମୃତ ଢାଳି
ପରର ବିପତ୍ତି ଗୃହିଁଲେ ସମ୍ପତ୍ତି-
ଶାଳିଏ ମାରନ୍ତି ତାଳି ।୫୯।
ଏଣେ ବିରହିଣୀ ଶ୍ରୀରାମ ଗୃହିଣୀ
ମଣି ଦୀପ୍ତିମୟ ପୁର,
ଗଜେନ୍ଦ୍ର-ଦର୍ଶନ— ରମ୍ୟ ସୁଖାସନ
ସୁଖ ଭୋଗୁଁ ହୋଇ ଦୂର ।୬୦।
ପୂର୍ବ ପରିଚିତ ପଲ୍ଲବ ରଚିତ
ଉଟଜେ ଅଜିନାସନେ,
କରି ଅବସ୍ଥାନ ପୂର୍ବ କଥା ମାନ
ଭାବୁଛନ୍ତି ମନେ ମନେ ।୬୧।
ପ୍ରାଣନାଥଙ୍କର ପ୍ରେମ-ଜରଜର
ମଧୁମୟ ସମ୍ଭାଷଣ,
ହୃଦ ଫନୋଗ୍ରାଫେ ପରିବେଶି ଆପେ
ତୋଳୁଛି ନିର୍ମଳ ସ୍ୱନ ।୬୨।

---

୫୭ । ଦାଶରଥି—ରାମଚନ୍ଦ୍ର ।
୫୮ । ଜୀବଞ୍ଜୀବ—ଚକୋର ।
୬୧ । ଅଜିନ— ମୃଗଚର୍ମ ।

ସର୍ବ ଭୟ-ହର ସରଲ ସୁନ୍ଦର
ମରକତ-ପ୍ରଭ ବାହୁ,"
ମାନସିକ ଧ୍ୟାନେ ଶିର ସନ୍ନିଧାନେ
ଦିଶୁଅଛୁ ଦାଉ ଦାଉ ।୬୩।
ନିଦ୍ରା ପରିହରି ଆଆନ୍ତ ପ୍ରହରୀ
ଯେ ରୂପେ ଲକ୍ଷ୍ମଣ ସଙ୍ଗୀ,
ସ୍ମରଣ-ମୁକୁରେ ଦିଶନ୍ତ ଅଦୂରେ
ସେ ରୂପେ ହୋଇ- ନିଷଙ୍ଗୀ ।୬୪।
ସେ ସ୍ୱାମୀ ଦେବର କରିଛନ୍ତି ଦୂର
ଏ କଥା ଦେବାରୁ ଭାବ,
ହିମାକ୍ତ ନଳିନ ସଦୃଶ ମଳିନ
ନେତ୍ର ହେଲା ନୀରସ୍ରାବୀ ।୬୫।
ଖଜୁରିଆ କର— ବିକ୍ଷତ ଖର୍ଜୁରି
ନୀରବେ ନିଷ୍ଠଲେ ଯଥା,
ରସ ତ୍ୟାଗ କରେ କ୍ଷୋଭ ଆଘାତରେ
ସତୀ ଦଶା ହେଲା ତଥା ।୬୬।
ଏହି ରୂପେ ପ୍ରିୟ ପ୍ରିୟାଭାବ ପ୍ରିୟ-
ଭାବ ପ୍ରିୟା ସ୍ମରି ସ୍ମରି,
ଦୁଃଖାସନେ ବସି ଧରି ଧୈର୍ଯ୍ୟ-ଅସି
କାଟୁଥିଲେ ବିଭାବରୀ ।୬୭।
ଆମ୍ବା ଶିର-ଶ୍ରମ ସମୁଦ୍ଭୂତ ଘର୍ମ
ବହି ବହି ଅବିରଳ,
ପକ୍ଷ୍ମ ଗୁଳ୍ମ-ରାଶି ଧୌତ କରି ଆସି
ପ୍ଲାବୁଥିଲା ଗଣ୍ଡସ୍ଥଳ ।୬୮।

---

୬୪ । ମୁକୁର—ଦର୍ପଣ, ନିଷଙ୍ଗୀ-ଧନୁର୍ଦ୍ଧାରୀ ।
୬୭ । ବିଭାବରୀ—ରାତ୍ରି ।
୬୮ । ଶର୍ବରୀ—ରାତ୍ରି ।

ରାବଣ ଶବ୍ଦରେ ପେରୁ-ବେଶ ଧରି
କ୍ରମେ ହୋଇ କ୍ଷୀଣପ୍ରାଣ,
ରକତେ ଗଗନ ପ୍ଳାବି ପଳାୟନ
ଉପାୟେ ପାଇଲା ତ୍ରାଣ ।୭୯।
ପ୍ରେମିକ ପ୍ରେମିକା ପଦେ ଅହମିକା
ବଳି ଦେଇ ତାରାଗଣ,
ପୁଷ୍ପ ବେଶେ ଝଡ଼ି ଅବନୀରେ ପଡ଼ି
ଲୋଡ଼ିଲେ ତାଙ୍କ ଶରଣ ।୮୦।
ଶରଣ-ବତ୍ସଳ ରଘୁନାଥ ଛଳ
ନ ଧରି ରଖିଲେ ମାନ,
ଦେଲେ ଏହି ବର— "ଯୁଗ ଯୁଗାନ୍ତର
ମସ୍ତକେ ପାଇବ ସ୍ଥାନ ।"୮୧।

---

୮୧ । ଅହମିକା—ଅହଂକାର ।

# ଚତୁର୍ଥ ସର୍ଗ

## ( ସ୍ୱଗ-ସ୍ନେକ୍ଷି )

ମଙ୍ଗଲେ ଅଇଲା ଉଷା ବିକଚ-ରାଜୀବ ଭୂଷା
ଜାନକୀ-ଦର୍ଶନ-ତୃଷା ହୃଦୟେ ବହି,
କରପଲ୍ଲବେ ନୀହାର— ମୁକ୍ତା ଧରି ଉପହାର
ସତୀଙ୍କ ବାସ-ବାହାର-ପ୍ରାଙ୍ଗଣେ ରହି,
କଳକଣ୍ଠ-କଣ୍ଠେ-କହିଲା,
"ଦରଶନ ଦିଅ ସତୀ, ରାତି ପାଇଲା" । ୧ ।

ଅରୁଣ କଷାୟବାସ, କୁସୁମ କାନ୍ତି-ବିକାଶ
ପ୍ରଶାନ୍ତ-ରୂପ, ବିଶ୍ୱାସ ଦିଅନ୍ତି ମନେ,
କେଉଁ ଯୋଗେଶ୍ୱରୀ ଆସି ମଧୁର ଭାଷେ ଆଶ୍ୱାସି
ଡାକୁଛନ୍ତି ଦୁଃଖରାଶି-ଉପଶମନେ,
ଦେବା ପାଇଁ ନବ ଜୀବନ
ସ୍ୱର୍ଗୁଁ କି ଓହ୍ଲାଇଛନ୍ତି ମର୍ତ୍ତ୍ୟଭୁବନେ । ୨ ।

---

୧ । ବିକଚ—ପ୍ରସ୍ଫୁଟିତ, ରାଜୀବ—ପଦ୍ମ, ତୃଷା—ଇଚ୍ଛା, ନୀହାର—କାକର ବିନ୍ଦୁ, ପ୍ରାଙ୍ଗଣ—ଅଗଣା, କଳକଣ୍ଠ—କୋକିଳ ।

୨ । କଷାୟ—ରକ୍ତବର୍ଣ୍ଣବିଶିଷ୍ଟ, ଉପଶମ—ଦୂର କରିବା, ଯୋଗେଶ୍ୱରୀ—ଦେବୀ ।

ସମୀର ସଙ୍ଗୀତ ଗାଏ, ଭ୍ରମର ବୀଣା ବଜାଏ,
ସୁରଭି ନର୍ତ୍ତନେ ଥାଏ ଉଷା ନିଦେଶେ,
କୁମ୍ଭାଟୁଆ ହୋଇ ଭାଟ ଆରମ୍ଭିଲା ସ୍ତବ ପାଠ
କଳିଙ୍ଗ ଅଇଲା ପାଟ ମାଗଧ ବେଶେ,
ଲଳିତ ମଧୁରେ କହିଲା,
"ଉଠ ସତୀ ରାଜ୍ୟ-ରାଣୀ, ରାତି ପାହିଲା" । ୩ ।

ମୁନି-ମୁଖ-ବେଦ-ସ୍ୱନ ପୂର୍ଣ୍ଣ କଲା ଶ୍ୟାମବନ
ଉଠିଲା ଭେଦି ଗଗନ ଉଚ୍ଚ ଓଁକାର,
ବୈକୁଣ୍ଠେ ଦେଇ ତୃପତି ଅନନ୍ତ ଶ୍ରୁତିକି ଗତି
ବହିଲା କି ସରସ୍ୱତୀ ବୀଣା ଝଙ୍କାର;
ବେଳୁଁ ବେଳ ବନ ଉଜ୍ଜ୍ୱଳ,
ମନ୍ତ୍ରବଳେ ଯେହ୍ନେ ବଢ଼ି ଆସିଲା ବଳ । ୪ ।

ଏକାଳେ ବ୍ରହ୍ମଚାରିଣୀ ଅନୁକମ୍ପା ତପସ୍ୱିନୀ
ଆସି ଜନକନନ୍ଦିନୀ ପାଶେ ଗମ୍ଭୀରେ,
ବୋଇଲେ, "ଉଠ ବୈଦେହି ! ଉଷା ସୁକୁମାର ଦେହି
ଆସିଛି, ଦର୍ଶନ ଦେଇ ତୋଷ ବିଧିରେ,
ତମସା ରହିଛି ଅନାଇ
କୋଳ କର ଥରେ ସୁଖ ଲଭିବା ପାଇଁ ।" ୫ ।

---

୩ । ସୁରଭି—ସୁଗନ୍ଧ, ଭାଟ—ସ୍ତୁତିପାଠକ, କଳିଙ୍ଗ—କଜଳପାତି ପକ୍ଷୀ, ପାଟ—ଶ୍ରେଷ୍ଠ, ମାଗଧ—ଭାଟ ।

୪ । ବୈକୁଣ୍ଠ—ବିଷ୍ଣୁ, ବଳ— ଶକ୍ତି, ଅନନ୍ତ—ଅସଂଖ୍ୟ, ଗତି ମୁକ୍ତି ।

୫ । ତମସା – ବାଲ୍ମୀକି ଆଶ୍ରମ ନିକଟରେ ପ୍ରବାହିତ ପବିତ୍ର ନଦୀ ।

ପଦ୍ମିନୀ-ହୃଦ-ଶିଶିର- ବିନ୍ଦୁରେ ଖର-ରଶ୍ମିର
ପ୍ରତିବିମ୍ବ ପରି, ସୀର ଶ୍ରମ-ମୂରତି,
ଶୋକ ଜର୍ଜରିତ ଚିତ୍ତ- ଫଳକେ କରି ଚର୍ଚ୍ଚିତ
ହେଲେ ଆସନ୍ନ ଉତ୍ଥିତ ଜାନକୀ-ସତୀ;
ନମି ଅନକମ୍ପା ପସ୍ୱରେ
ବନ୍ଦିଲେ ଉଷାର ପଦ ସବିନୟରେ । ୬ ।

ବୋଇଲେ ତାଙ୍କୁ ପ୍ରଶଂସି, "ତୁମ୍ଭେ ତମିର-ବିଧ୍ୱଂସି
ରବି-ଆଗମନ-ଶଂସୀ ହୁଅ ସଂସାରେ,
ତୁମ୍ଭ କୋମଳ ଚରଣ କରେ ଜ୍ୟୋତି ଆହରଣ
ତହିଁ ଯାଉଛୁ ଶରଣ ଦୃଢ଼ ଆଶାରେ,
ଶୁଭ୍ର-ସଉରଭ ରସିକେ,
ଶୁଭ ସମ୍ବାଦନୀ ହୁଅ ରଘୁବଂଶିକେ । ୭ ।

ଉତ୍ସୁକ ହୃଦୟେ ରାଣୀ ଶେଷରେ ଆଶ୍ରମ ଧାଣୀ
ତମସା ନିର୍ମଳ-ଗାଣୀ ପବିତ୍ର-ଧାରି
ପ୍ରାଙ୍ଗଣେ କୁସୁମ ବିଞ୍ଚି ସୁବାସିତ ନୀର ସିଞ୍ଚି
ମଙ୍ଗଳପ୍ରଦୀପ ରଚି ପ୍ରଶସ୍ତି ତାରି,
ମୁହୁର୍ମୁହୁଃ ମୀନ-ନୟନେ
ଚାହୁଁ ଥିଲି ସୀତା-ସତୀ-ଶୁଭାଗମନେ । ୮ ।

ଉଟଜୁ ତାପସ-କନ୍ୟା- ଗଣଙ୍କ ଆଦର ବନ୍ୟା
ପ୍ଳାବନେ ଜଗତ-ଧନ୍ୟା-ସତୀ-ରତନ

---

୬ । ଖରରଶ୍ମି—ସୂର୍ଯ୍ୟ, ପ୍ରତିବିମ୍ବ—ଛାୟା, ଫଳକେ—ପଟାରେ ।
୭ । ଆହରଣ—ଆୟୋଜନ, ଶୁଭ-ମଙ୍ଗଳ ।
୮ । ଉତ୍ସୁକ—ଉତ୍କଣ୍ଠିତ, ବ୍ୟଗ୍ର ।

ବାହାର ଅବଗାହନେ          ଅନୁକମ୍ପାଙ୍କ ଗହଣେ
ତମସା ଧାର ବହନେ କଲେ ଗମନ;
ସତୀଙ୍କି ତମସା ଅଙ୍କରେ
ଘେନ ସ୍ନେହେ ଆଲିଙ୍ଗିଲା ତରଙ୍ଗ-କରେ । ୯ ।
ଅମୃତ ମଧୁର ସ୍ୱରେ          ଭାଷିଲା ପରତୋଷରେ,
"ମାଆ ଗୋ, ମୋ ମାନସରେ ନ ଥିଲା ଆଶା,
କରିବ ଅଙ୍କେ ବିହାର          ରାଜଲକ୍ଷ୍ମୀ ହୃଦହାର
ସୀତା କରି ପରିହାର ଭୋଗ ପିପାସା,
ଭାଗ୍ୟବତୀ ମୋତେ ସଂସାରେ
ବୋଲିବେ ତୋ' ଯୋଗୁଁ ଏକା ପରଶଂସାରେ ।
ବନେ ବନେ ଭ୍ରମି ଭ୍ରମି          ଗଣ୍ଡ କୁହୁକେ ନ ଭ୍ରମି
ବହୁ ବାଧା ଅତିକ୍ରମି ସ୍ୱଚ୍ଛ ଜୀବନେ,
ଅନ୍ଧାର ଦୁଃଖ ନ ଗଣି          ଆଲୋକ ସୁଖ ନ ମଣି
ବହିଅଛି ହୃଦ ସରଣୀ ନତ ବଦନେ;
ଜନମ କରୁଛି ସଫଳ
ତୋୟ ଦାନେ ତୋଷି ତୀରବାସୀ ସକଳ । ୧୧ ।
ମନ୍ଦାକିନୀ, ଗୋଦାବରୀ          ସେସବୁ ଗୁଣେ ମୋ' ସରି
ତଥାପି ବର୍ଦ୍ଧନ କରିଛନ୍ତି ଗୌରବ
ଲଭି ତୋ ପବିତ୍ର ପଦ          ଚନ୍ଦ୍ର ଅକ୍ଷୟ ସମ୍ପଦ
ଦେବପଦ-ପଦ-ପ୍ରଦ ଅଙ୍ଗ ସୌରଭ,
ତାହା ଥିଲା ମୋର ବାଞ୍ଛିତ,
ତଦଭାବେ ହୋଇଥିଲି ମନେ ଲାଞ୍ଛିତ । ୧୨ ।

---

୯ । ଅବଗାହନେ - ସ୍ନାନ କରିବାପାଇଁ, ଗହଣେ—ସହିତ, ଅଙ୍କରେ—କୋଳରେ ।

୧୦ । ପରିହାର—ପରିତ୍ୟାଗ କରି ।

୧୧ । ସ୍ୱଚ୍ଛ - ପବିତ୍ର, ନିର୍ମଳ, ସରଣୀ—ପଥ, ତୋୟ—ପାଣି ।

୧୨ । ମନ୍ଦାକିନୀ—ଚିତ୍ରକୂଟର ଗିରିନଦୀ, ଦେବପଦ— ଦେବତା ।

କରିଥିଲି ଶୁଭ କର୍ମ ବୋଲି ଆଣିଦେଲ ଧର୍ମ
ସମୟେ ତୋତେ ମୋ ମର୍ମବାସନା ଜାଣି,
ପାଇଛୁ ଦୁର୍ଲଭ ଧନ କରିବ ତୃପ୍ତି ସାଧନ
ନିତି କରି ସମ୍ବୋଧନ କୋଳକୁ ଆଣି;
ଅଙ୍ଗ ପରିମଳ ତୋହର
ହେବ ମୋର ଜୀବନର କଲୁଷ-ହର ୧୩ ।

ମୋ କୋଳ-କେଳି ଚପଳ ସାରସ ମରାଳଦଳ
କୋକ ଯୁଗଳ ଯୁଗଳ ବକ ପଂକତି
ତୋ ପୁଣ୍ୟମୟ ଶରୀର କ୍ଷାଳନେ ପୂତ ମୋ' ନୀର
ପାନେ ବଞ୍ଚିଥିବେ ଚିରଦିନ ମୋ କତି,
କଳନାଦ ଛଳେ ତୋ ଯଶଃ
ଗାଇ ମୋ ଶ୍ରୁତିକି ତୋଷୁଥିବେ ଅଜସ୍ର । ୧୪ ।

ପତିବ୍ରତା ଅଙ୍ଗେ ଲାଗି ପବିତ୍ର ହେବାର ଲାଗି
ବ୍ରତତୀ-ବାସ-ବିରାଗୀ ପ୍ରସୂନମାନ
ଦୂରୁଁ ଦୂରୁଁ ଝାସି ଝାସି ଧାଇଁଥିବେ ଭାସି ଭାସି
ଭ୍ରମୁଥିବେ ଆସି ଆସି ତୋ ସନ୍ନିଧାନ;
ସ୍ନାନ ସମୟେ ମୋ ପୟରେ
ଦୟାମୟି ! ନ ପେଲିବୁ ତାଙ୍କୁ ପୟରେ । ୧୫ ।

---

୧୩ । କଲୁଷ-ହର—ପାପହାରକ, ପରିମଳ—ପବିତ୍ର ସୌରଭ୍ୟଯୁକ୍ତ ।

୧୪ । ସାରସ—ଜଳଚର ପକ୍ଷୀ, ମରାଳ—ରାଜହଂସ, କୋକ—ଚକ୍ରବାକ, ବକ—ବଗ, କ୍ଷାଳନେ—ଧୋଇବା ଫଳରେ, କତି—ନିକଟରେ, ଶ୍ରୁତି—କର୍ଣ୍ଣ ।

୧୫ । ପ୍ରସୂନ—ଫୁଲ, ବ୍ରତତୀ-ବାସ-ବିରାଗୀ—ଲତାରୁ ଖସିପଡୁଥିବା, ସନ୍ନିଧାନ - ନିକଟ, ପୟରେ – ପାଣିରେ, ପୟରେ—ପାଦରେ ।

ମୋ କୂଳେ ଗ୍ଭଲି ଚରଣ          କରିବୁ ମା ବିଚରଣ
ବ୍ୟପଦେଶେ ବିତରଣ ଅମରକାନ୍ତି,
ତା' ଲଭି ବନ ପାଦପ-          ରାଜି ହୋଇ ଦପଦପ
ବଢ଼ିବେ ଅମର-ଦର୍ପ ବଢ଼ିବେ ଶାନ୍ତି,
ପଲ୍ଲବେ ପାଟଳ ଶ୍ୟାମଳ,
ରୁଚିର ରୁଚି ରହିବ ଚିର ନିର୍ମଳ ।" । ୧୬ ।

ସୀତା ବୋଇଲେ, "ପନୀର—     ମଧୁର ଏ ସ୍ୱଚ୍ଛ ନୀର;
ନୀର ନୁହେଁ, ଜନନୀର କ୍ଷୀର ପ୍ରତ୍ୟକ୍ଷେ,
ଗିରି-ସ୍ତନୁ ବିନିସୃତ          ହୋଇ ଆସୁଛି ଅମୃତ
ଧାରି ପର ସୀତାମୃତକଳପା ଲକ୍ଷେ,
ଓହୋ ତୁ ତ ମୋ ମା ଏ ଦେଶେ,
ମୋ' ଦୁଃଖେ ବିଦୀର୍ଣ୍ଣ-ବକ୍ଷା ତମସା ବେଶେ ।୧୭।

ଛେଦ ଭେଦଅଛି ପୃଷ୍ଠ          ସେ ପାଷ ହେଉଛି ଦୃଷ୍ଟ
ତଥାପି ସୁତାକୁ ତୁଷ୍ଟ କରିବା ପାଇଁ
ଫିଟାଇ ସ୍ନେହ-ଲୋଚନ          ପ୍ରୀତି-ମଧୁର-ବଚନ
ବିନ୍ୟାସେ ଗ୍ରନ୍ଥ ରଚନ କରୁ ଗେହ୍ଲାଇଁ;
ଧନ୍ୟ ଧନ୍ୟ ମା ତୋ ହୃଦୟ,
ମୋ'ଦୁଃଖ-ଆତପ ପାଇଁ ବାଲୁକାମୟ । ୧୮ ।

---

୧୬ । ବ୍ୟପଦେଶେ—ଛଳରେ, ବିତରଣ— ବାଣ୍ଟିବୁ, ଅମରକାନ୍ତି—ସ୍ୱର୍ଗୀୟ ବିଭୂତି, ପାଦପରାଜି—ବୃକ୍ଷ ସମୂହ, ପାଟଳ—ଗୋଲାପୀ ରଙ୍ଗ ।

୧୭ । ପନୀର—ନାରିକେଳ ଜଳ, ବିନିସୃତ—ଝରିଆସିଛି, ଲକ୍ଷେ—ଉଦ୍ଦେଶ୍ୟରେ, ସୀତାମୃତକଳପା— ମୃତକଳ୍ପା ସୀତାଙ୍କ ପାଇଁ ।

୧୮ । ଆତପ—ଝରା, ଛେଦ-ପଥର କାଟିବା ।

ରାମ-ସାମ୍ରାଜ୍ୟେ ଯେ ସୀତା   ଲୋକ-ଲୋଚନେ ଦୂଷିତା
ହୋଇ ଚିର ନିର୍ବାସିତା ସେ ତୋର ମତେ ।
ନିଜ ପତିବ୍ରତା ଧର୍ମ-   ବଳେ ସ୍ଥାବରଜଙ୍ଗମ
ପବିତ୍ରକରଣେ କ୍ଷମ ହେବ ଜଗତେ;
ମାତା ବୁଝେ ସୁତା ବେଦନା
ମାତା-ନେତ୍ରେ-ଦଗଧ ମୁଖୀ ଚନ୍ଦ୍ରବଦନା । ୧୯ ।

ତୋ' ତୀର ଚିର ଆଶ୍ରୟ   ହେଲାଣି ମୋର ନିଶ୍ଚୟ;
ଭରସା ତୋ' ଶାନ୍ତିମୟ ପଦକମଳେ;
ଶୂନ୍ୟ ଯାର ଚରାଚର   ଜନନୀ କୋଳ ମାତର
ତାର ଆଦର-ଆକର ମହୀମଣ୍ଡଳେ,
ଜନନୀ ଯା ରତ୍ନଗରଭା,
କାହିଁକି ସେ ଅନ୍ୟ ସ୍ଥାନ ଲୋଡ଼ିବ ଅବା" । ୨୦ ।

ସୁଶୀତଳ ସୁନିର୍ମଳ   ପବିତ୍ର ତମସା-ଜଳ
ତଥା ସ୍ୱଭାବ ସରଳ ମୁନିସୁତାଙ୍କ,
ସ୍ନେହେ ତମସା ଚଞ୍ଚଳ   କରି ପ୍ରତିବିମ୍ବ ଛଳ
ହୋଇଗଲା ଅବିକଳ ସ୍ୱରୂପ ତାଙ୍କ,
ଆଲିଙ୍ଗନେ ତାଙ୍କ ବିରହେ
ବିରହ ମିଶାଇଦେଲା ଶୀଘ୍ର ସାଗରେ । ୨୧ ।

ସତତ ସୀତା ସକାଶ   ରହି ଗୁହିଁବା ସକାଶ
ପାଇ ଶୁଭ ଅବକାଶ ଏହି ଉପାୟେ,
ହୋଇ ବହୁନେତ୍ରବତୀ   ବହୁ ହୃଦ ବହୁ ମତି
ଲଭି କଲା, ବୁଦ୍ଧିମତୀ, ଅନେକ କାୟେ;

---

୧୯ । ଲୋକ—ଲୋଚନେ-ପ୍ରଜାମାନଙ୍କ ଦୃଷ୍ଟିରେ, ଦୂଷିତା-ଅପବାଦ ଗ୍ରସ୍ତ । ସ୍ଥାବର – ଅଚଳ, ଜଙ୍ଗମ—ଗତିଶୀଳ ।

୨୦ । ଆକର—ଖଣି, ଲୋଡ଼ିବ— ଇଚ୍ଛା କରିବ ।

ସମଧର୍ମ ସମଗୁଣରେ
ମିଶି ମନ ତୋଷ ଲଭେ ବନ୍ଧୁ ଗୁଣରେ । ୨୨ ।

ସମସ୍ତେ ଅବଗାହନ ବଢ଼ାଇ ପ୍ରତ୍ୟାଗମନ
କରି ବାଲ୍ମୀକି ଚରଣ କଲେ ବନ୍ଦନା;
ଆଶିଷେ ମୁନି-ପୁଙ୍ଗବ ବୋଇଲେ; "ଜ୍ଞାନ ବିଭବ-
ଅର୍ଜନେ ସୁସିଦ୍ଧି ଲଭ କରି ସାଧନ;"
ବିଶେଷେ ସୀତାଙ୍କୁ ସାଦରେ
ବୋଇଲେ, ବୀରସୂ ହୁଅ ଅପ୍ରମାଦରେ । ୨୩ ।

ନନ୍ଦନ ! ତୁ ଏ ଆଶ୍ରମ- ପାଦପଙ୍କୁ ସ୍ନେହ-ଶ୍ରମ
ପ୍ରୟୋଗେ ନନ୍ଦନୋପମ କରି ଯତନ,
ସେ ଭାବେ ତୋ ଅନୁଭବ ସ୍ୱଭାବେ ହେବ ସମ୍ଭବ
ଭବେ କେମନ୍ତ ଦୁର୍ଲଭ ସୁତ-ରତନ;
ଅନୁକମ୍ପା ଥିବେ ନିୟତ
ସକଳ ଅଭାବ ତୋର ମୋଚନେ ରତ ।"୨୪ ।

ମୁନୀନ୍ଦ୍ର-ଆଦେଶ-ମତେ ତହୁଁ ଚଳିଲେ ସମସ୍ତେ
କମଳ-କୋମଳ ହସ୍ତେ କଳସୀ ଧରି,
କନ୍ୟାମଣ୍ଡଳେ ଜନକ- ସୁତା-କାନ୍ତି ଜକଜକ
ସ୍ଫଟିକ ମଧ୍ୟେ ହୀରକ-ପ୍ରଭା ପରି,
ଉପବନେ କଲେ ଗମନ,
ବଢ଼ାଇଲା ବନ-ଶୋଭା ପାଇ ସେ ଧନ । ୨୫ ।

---

୨୨ । ସକାଶ—ନିକଟ, ନିମିତ୍ତ ।

୨୩ । ପ୍ରତ୍ୟାଗମନ—ଫେରିଆସି, ବୀରସୂ—ବୀରଜନନୀ, ଅପ୍ର-ମାଦରେ—ନିର୍ବିଘ୍ନରେ ।

୨୪ । ମୋଚନେ—ଦୂର କରିବାପାଇଁ ।

୨୫ । ସ୍ଫଟିକ—ଶୁଭ୍ର ସ୍ୱଚ୍ଛ ପ୍ରସ୍ତର ବିଶେଷ ।

ବନ-ଲକ୍ଷ୍ମୀ-ଦ୍ୱାରେ ସୀତା    ରାଜନ୍ତେ ସେ ଉଲ୍ଲସିତା
ମଉଡରେ ହୋଇ ଭୂଷିତା ରବି-କରଣେ,
ହାସ- ପଲ୍ଲବ ଅଧରେ    ମଞ୍ଜୁ ମଧୁକର ଦରେ
ମଣ୍ଡି ଲଗିଲା ଆଦରେ ଚଉହରଣେ;
ଅର୍ଘ୍ୟ ଦେଇ ରଙ୍ଗ ଶାଳ୍ମଳୀ,
ପାଦ୍ୟ ଦେଲା ଦୁର୍ବାଦଳ ହେମ-ପଟଳୀ । ୧୬ ।

ସ୍ଥଳକମଳ ଆସନ—    ଦେଇ, ପ୍ରୀତି ସମ୍ଭାଷଣ
କଲା, ଶାରିକା ଭାଷଣ ଛଳେ ମଧୁରେ;
ଶରଦ ସରସୀ ଜଳ    ଫୁଟାଇ ନବକମଳ
ଅଳସ୍ୱନେ ଯଥା କଳହଂସ-ବଧୂରେ;
ବୋଇଲା, "ପାହିଲା ସଜନି:
ତୋ-ପଦ ଅରୁଣେ ମୋର ଖେଦ-ରଜନୀ । ୧୭ ।

ତୋତେ ମୁଁ ଭାଗ୍ୟବଶତଃ    ଲଭି ନଭପୁଷ୍ପ ସତ-
କଲି ଅସୀମ ଉତ୍ସବ ଅନ୍ତଃକରଣେ,
ଚିତ୍ରକୂଟ ଉପତ୍ୟକା    ସିନ୍ଧୁ ସେବିତ ଦଣ୍ଡକା
ପାରାବାର ପାର ଲଙ୍କା ଅଶୋକାରଣ୍ୟେ,
ଆଗେ ଥୋଇ ତୋତେ ଆଦର୍ଶ,
ଗଢ଼ିଲି ପ୍ରୀତି ପ୍ରତିମା ଚଉଦ ବର୍ଷ । ୧୮ ।

ଯେତେବେଳେ ପୁଷ୍ପକରେ    ବାହୁଡ଼ିଗଲୁ ପୁଷ୍କରେ
ଉଭା ହୋଇ ପୁଷ୍ପକରେ ମୃଗନୟନେ,
ଊର୍ଦ୍ଧ୍ୱେ ଚାହିଁ ବିଷାଦରେ    ତୋତେ ମୟୂରୀନାଦରେ
ଡାକୁ ଯେ ଥିଲି ସାଦରେ ଦୀର୍ଘ ଅୟନେ,

---

୧୬ । ରାଜନ୍ତେ—ଶୋଭା ପାଆନ୍ତେ, ଦୁର୍ବାଦଳ—ଘାସ । ମଧୂକ-ମହୁଲ
୧୭ । ଶରଦ—ଶରତକାଳୀନ ।

ସଖୀ କଥା ସ୍ମର ମନରେ
ଆସିଲୁ କି ସଖି ! ଆଜି ଏତେ ଦିନରେ । ୨୯ ।

ଦୀର୍ଘ ବିରହ ବିଶେଷ ସହି, ମୁଁ ନ ସହି ଶେଷ
ଚନ୍ଦ୍ରାରେ ତାପସୀ ବେଶ କରି ଧାରଣ,
ତୋ ହୃଦୟ ଆଦରଶେ ପ୍ରତିବିମ୍ବି ସ୍ନେହରସେ
ମଜ୍ଜାଇ ତୋତେ ହରଷେ କଲି ବରଣ;
ଧନ୍ୟବାଦ କର ଗ୍ରହଣ;
ଶ୍ରଦ୍ଧା ସହି କଲୁ ଯା' ମୋ' ବାଞ୍ଛା ପୂରଣ ।୩୦ ।

ପାଇଥିଲେ ସାଧୁ ସଙ୍ଗ ସଦ୍ଭାବ ଚିର ଅଭଙ୍ଗ
ରହେ, ସ୍ଥିର ନୀଳରଙ୍ଗ ଯଥା ଗଗନେ,
ସାଧୁ ସିନ୍ଧେ ମନୋରଥ କଦାଚ ନ ହୁଏ ବ୍ୟର୍ଥ
ତେଣୁ ମୁଁ ହେଲି ସମର୍ଥ ତୋର ଦର୍ଶନେ;
ଭାଗ୍ୟେ ଥିଲେ ହୁଏ ଏ ଲାଭ,
ଭାଗ୍ୟବତୀ କଲୁ ସଖି ! ମୋତେ ତୋ ଭାବ" ।୩୧।

ବନଶ୍ରୀ ମଧୁ ମୋହନ ସୀତା ହୃଦୟ ଗହନ
ବିରହ ଦାବ ଦହନ ଶାନ୍ତ କରଣେ,
ନବୀନ ଉଦୀୟମାନ ଘନ ପଟଳ ସମାନ
ମାନସେ ପ୍ରତୀୟମାନ ହେଲା ସେ କ୍ଷଣେ,
ବୋଇଲେ ଜନକନନ୍ଦିନୀ"
"ଆଜୀବନ ହେଲି ତୋର ଭାବ ବନ୍ଦିନୀ" । ୩୨ ।

---

୨୯ । ପୁଷ୍ପକରେ—ପୁଷ୍ପକ ରଥରେ ଓ ପୁଷ୍ପ ହସ୍ତରେ, ପୁଷ୍କର—ଆକାଶ, ଅୟନେ—ମାର୍ଗରେ ।

୩୨ । ଦାବ—ଅଗ୍ନି, ପ୍ରତୀୟମାନ—ବୋଧ ହେଉଅଛି ।

# ପଞ୍ଚମ ସର୍ଗ

## ( ରସକୁଲ୍ୟା )

ରାଜୋଦ୍ୟାନ-ଶୋଭା ସିନ୍ଧୁ ଲହରୀ
ଶିରେ-ପୁଷ୍ପ ଫେନପଟଳ ଧରି,
ଯା' ପଦପୁଲିନ ନଖ-ମୁକୁତା
ଜ୍ୟୋତି ସେବନରେ ଥିଲା ଯୁକୁତା,
ତାଙ୍କ ଶୁଭ ଆଗମନ
ଚାହିଁ ଉଲ୍ଲସିଲେ ମୁନି-ଉଦ୍ୟାନର
ବିଟପି-ବଲ୍ଲୀ-ସୁମନ । ୧ ।

ଏକେ ତ ମଧୁର ବସନ୍ତ କାଳ,
ବାଳଭାନୁ ହେମ କିରଣ ଜାଳ,
ପ୍ରସରି ଶିଶିରଜର୍ଜର ପର୍ଣ୍ଣେ,
ଲୀଳା କରୁଅଛି ବିବିଧ ବର୍ଣ୍ଣେ,
ଶିଶିରବିନ୍ଦୁରେ ପଡ଼ି
ହୀରା ନୀଳା ମୋତି ମାଣିକ୍ୟପଟଳ
ବିଚିତ୍ର ଦେଉଛି ଗଢ଼ି । ୨ ।

( ଭାସ୍କର ଭାସ୍ୱର ମଣି ମଣ୍ଡନ,
ଦଶବଦନର ଦଶବଦନ-

---

୧ । ବିଟପି - ବଟବୃକ୍ଷ ।
୨ । ପ୍ରସରି—ବିସ୍ତାରିତ ।

ଜ୍ୟୋତି ଗର୍ବ କରିଥିଲା ହରଣ
ସତୀରତନଙ୍କ ଯେଉଁ ଚରଣ,
ଆଜି ସେ ପସ୍ତର ଆସି
ମୁନି ଉପବନେ ବାନ୍ଧିଦେଲା କିବା
ସେହି ମଣି ଗର୍ବରାଶି ।୩।

ସତୀ ହୃଦ ଶ୍ୟାମ ଶ୍ରୀରାମମୟ,
ସେ ହୃଦୟ ହରି ପାଦପଦ୍ମୟ
କମେ ହେଲେ ଘନ ଶ୍ୟାମବରଣ,
ପତି ଏକା ସତୀ ମତି ଶରଣ
ଅବୟବ କାନ୍ତିମାନ
ଆକର୍ଷିତ ହୋଇ କୁସୁମେ କୁସୁମେ
କମେ ଯାଇ କଲେ ସ୍ଥାନ । ୪ ।

କେଶକାନ୍ତି ମାନ୍ତ ନେଲା ଷଟ୍‌ପଦ,
ଚମ୍ପା ନେଲା ତନୁ କାନ୍ତି ସମ୍ପଦ,
ମନ୍ଦାରକୁ ଗଲା ଅଧର ରୁଚି,
ଆଉ ସକଳକୁ ଯହିଁ ଯା ରୁଚି,
ସର୍ବେ ହେଲେ କାନ୍ତିମୟ,
ସ୍ୱର୍ଗଲକ୍ଷ୍ମୀ କିବା ମର୍ତ୍ତ୍ୟେ ଆସି କଲା
ଉଦ୍ୟାନକୁ ଲୀଳାଳୟ । ୫ ।

ସତୀ କାନ୍ତି ଥିଲା ଅମୃତ ସମ,
ପୁଷ୍ପେ ହେଲା ମଧୁ ଅମୃତୋପମ,

---

୩ । ଭାସ୍କର—ସୂର୍ଯ୍ୟ, ଭାସ୍ୱର—ଦୀପ୍ୟମାନ, ସୂର୍ଯ୍ୟବଂଶର ଗୌରବ ।
୪ । ଅବୟବ - ଶରୀର ।
୫ । ଷଟ୍‌ପଦ—ଭ୍ରମର, ରୁଚି—ସୌନ୍ଦର୍ଯ୍ୟ, ରୁଚି—ଇଚ୍ଛାନୁସାରେ ।

ମାର୍ଦ୍ଦବ ମାଞ୍ଜବ ସେ ରୂପେ ଯାଇ
ହେଲେ ପୁଷ୍ପକୁଳ ଅଙ୍ଗରେ ସ୍ଥାୟୀ,
ସଖୀ ହୋଇ ତପସ୍ୱିନୀ
ନୀରସ ଜୀବନେ     ନିଷ୍ପ୍ରଭ ଶରୀରେ
ହେଲେ ବନବିଳାସିନୀ । ୬ ।

ସଖୀ ସତ୍କାର କରିବାଲାଗି
ଲୂତାଗଣ ସାରି ଶର୍ବରୀ ଲାଗି,
ଚାରୁ ଚନ୍ଦ୍ରାତପ କରି ମଣ୍ଡନ
ରଚିଥିଲେ ହେମ ପୁଷ୍ପେ ଲମ୍ବନ,
ପକ୍ୱ ନାଗରଙ୍ଗମାନ
ସୁବର୍ଣ୍ଣ ଗୋଲକ—     ରୂପେ ଶତ ଶତ
ହେଉଥିଲେ ଲମ୍ବମାନ । ୭ ।

ଉଭା ହୋଇଥିଲେ ରମ୍ଭା ସୁନ୍ଦରୀ
ପଂକ୍ତି ପଂକ୍ତି ପତ୍ର-ପତାକା ଧରି,
ଚାରୁ ମୁଚୁକୁନ୍ଦ କୁନ୍ଦ ବକୁଳ,
ନିଆଳୀ ମାଧବୀ ବଲ୍ଲରୀକୁଳ
ଚାହୁଁଥିଲେ ଧରି ଫୁଲ
ନବୀନା ନବୀନା     ଥିଲା ତାଙ୍କ ପାଶେ
କୁସୁମେ ସଜାଇ ଚୂଳ । ୮ ।

---

୬ । ମାର୍ଦ୍ଦବ—ମୃଦୁତା, ମାଞ୍ଜବ ମନୋହାରିତା ।

୭ । ସତ୍କାର—ଅଭ୍ୟର୍ଥନା, ଚର୍ଚ୍ଚା, ଲୂତାଗଣ ବୁଢ଼ିଆଣିମାନେ, ଶର୍ବରୀ ଲାଗି—ରାତ୍ରିଯାକ, ଚାରୁଚନ୍ଦ୍ରାତପ—ସୁନ୍ଦର ଚାନ୍ଦୁଆପରି ବୁଢ଼ିଆଣି ଜାଲ ।

୮ । ରମ୍ଭା ସୁନ୍ଦରୀ—କଦଳୀ ବୃକ୍ଷ, ମୁଚୁକୁନ୍ଦ-ବୃକ୍ଷବିଶେଷ, କୁନ୍ଦ-ଧଳାଫୁଲ ବିଶେଷ, ବକୁଳ—ବଉଳ ଗଛ, ନିଆଳୀ—ବଣମଲ୍ଲୀ, ମାଧବୀ—ପ୍ରସିଦ୍ଧ ପୁଷ୍ପଲତା, ନବୀନା—ରଜନୀଗନ୍ଧା ।

ସଖୀଗଣ ସଙ୍ଗେ ଜାନକୀ ସତୀ
ତାଙ୍କ ନିକଟକୁ କରନ୍ତେ ଗତି,
ପୁଲକିତ ହୋଇ ମୃଦୁ ସମୀରେ
ଫୁଲମାନ ବର୍ଷି ସତୀଙ୍କ ଶିରେ
କେ କଲା ଶିର ଚୁମ୍ବନ
କେ ଦର ମର୍ଦ୍ଦନ  କେ ବା ଆଲିଙ୍ଗନ
କେହି ବା ପଦ ବନ୍ଦନ । ୯ ।

ସୁରଙ୍ଗ-ଚରଣ-ଲେହନ ପାଇଁ
ପାରିଜାତ ଦେଲା ଜିଭ ଲମ୍ବାଇ,
ମୋଡି ଜ୍ୟୋତି-ନଖ ଚୁମ୍ବନ ଆଶେ
ତାଳମ୍ବ ରହିଲା ବିବୃତ ଆସ୍ୟେ,
କରୁଣା-ରଣ-ଆଶାୟୀ
ଚନ୍ଦନଚମ୍ପା ହେଲା  ହରିତବରଣ
ସ୍ୱାମରୂପ ଅନୁଯାୟୀ । ୧୦ ।

ସ୍ଥାନେ ସ୍ଥାନେ ଚନ୍ଦ୍ରକଳା କୋମଳ
ମନୋହର ବାଲତରୁ ସକଳ
ବାଡ ଉପରକୁ ମସ୍ତକ ଟେକି
ସତୀଙ୍କ ସନ୍ତୁଷ୍ଟେ ଥାନ୍ତି ନିରେଖି
ପାଇଲା ନାହିଁ ଯା ଶିର
ବାଡ଼ ମଧ୍ୟେ ରହି  ରନ୍ଧ୍ର ପଥେ ପଥେ
ଦର୍ଶନେ ହେଲେ ଅସ୍ଥିର । ୧୧ ।

---

୧୦ । ଲେହନ—ଗ୍ଭଟିବାପାଇଁ, ପାରିଜାତ ମନ୍ଦାର ଜାତୀୟ ପୁଷ୍ପ ବିଶେଷ (ଯାହାର ଗର୍ଭକେଶର ବାହାରକୁ ଲମ୍ବିଥାଏ), ଆସ୍ୟ-ମୁଖ, ଚନ୍ଦନଚମ୍ପା-ଶାଗୁଆବର୍ଣ୍ଣ ପୁଷ୍ପବିଶେଷ ।

ଗୁଞ୍ଜୀ ଫୁଲଚୁଈଁ ପାଦପ ବାଡ଼େ
ବସି ଗୁହିଁଥାନ୍ତି ସଖୀଙ୍କ ଆଡ଼େ,
କରୁଥାନ୍ତି ଥରେ ଥରେ କାକଲି
ମୁଦେ ଯାଉଥାଏ ଲାଙ୍ଗୁଲ ହଲି
ସତ୍ୱ; ତାଳିଦେଲେ ପସ୍ତ,
ମନେ କରୁଛନ୍ତି ଆଲବାଲେ ବସି
ପିଇବେ ହୋଇ ନିର୍ଭୟ । ୧୨ ।

ଉର୍ଣ୍ଣନାଭ ଥରେ ସଖୀ-ପସ୍ତରେ
ପଡ଼ି ପୁଣି ଉଠେ ତରୁ ଉପରେ,
ବୃକ୍ଷୁଁ ବୃକ୍ଷେ ପୁଣି ଡେଇଁ ଚଞ୍ଚଲ
ଦେଖାଉଛି ନିଜ କାରୁ-କୌଶଲ,
ଖନ୍ତୁ ହୋଇ ଚିତ୍ରକର
ବିବିଧ ରଙ୍ଗରେ ରଞ୍ଜି ଦେଉଛନ୍ତି
ତା ସୂକ୍ଷ୍ମ ସୂତ୍ରନିକର । ୧୩ ।

ସ୍ୱଭାବେ ପାଦପ ଶ୍ୟାମଲ ଦଲ,
ମରକତ ଜ୍ୟୋତି ଠିଣ୍ଟିଣୀଦଲ
ତରୁ ଶିରେ କାହିଁ ବସି ଚଞ୍ଚଲ
ଚଞ୍ଚୁ ମାର୍ଜନରେ ହୋଇ ଉଜ୍ଜ୍ୱଲ
ଦିଶୁଥାନ୍ତି ମନୋହର,
ଶ୍ୟାମ ଜଲନିଧି— ତରଙ୍ଗେ ଲୁଣ୍ଠିତ
ଯେହ୍ନେ ଦିବାକର କର । ୧୪ ।

---

୧୨ । ଗୁଞ୍ଜୀ—ପକ୍ଷୀ ବିଶେଷ, ଫୁଲଚୁଈଁ—ପକ୍ଷୀ ବିଶେଷ, ଆଲବାଲେ-ଫୁଲ ମନ୍ଦାରେ ।

୧୩ । ଉର୍ଣ୍ଣନାଭ—ବୁଢ଼ିଆଣୀ ।

୧୪ । ଠିଣ୍ଟିଣୀ—ଶ୍ୟାମଲବର୍ଣ୍ଣ ପକ୍ଷୀ ବିଶେଷ ।

ପ୍ରେମ-ପ୍ରଭ୍ରମୟ ରାମ-ହୃଦୟ
ରାଜ-ସିଂହାସନେ ହୋଇ ଅଥୟ
ଉଦ୍ୟାନକୁ କିବା ଆସିଛି ଧାଇଁ
ସତୀଙ୍କ ଯାତନା ନାଶିବା ପାଇଁ,
ସେ ନେତ୍ର ସୁଭଗ ଜ୍ୟୋତି
ସ୍ୱାତୀ-ଜଳ ପରି    ସତୀ ହୃଦୟରେ
ସୃଜୁଥାଏ ପ୍ରେମ-ମୋତି । ୧୫ ।

କେଉଁ ଦିଗେ ଘନ ପନସ ବନ,
କାହିଁ ଚୂତବନ ଚୁମ୍ବେ ଗଗନ,
ଚୂତବନ ତଳ-ପ୍ରାନ୍ତେ ଆକାଶ
ଦିଶେ ଦେବଖାତ ଜଳ-ସଂକାଶ;
ତରୁସ୍କନ୍ଧ ଶତ ଶତ
ଦିଶନ୍ତି ଯେସନ    ତୋଳିଛନ୍ତି ବନ
ସର୍ବେ ହୋଇ ଏକମତ । ୧୬ ।

ଶାନ୍ତ ସରୋବର ବିବିକ୍ତ-କୂଳ
ଆଶ୍ରିଛନ୍ତି କିବା ତାପସକୁଳ,
ଗୁରୁ ବିଘ୍ନ ଭାର ମସ୍ତକେ ବହି
ନୀରବେ ନିଶ୍ଚଳେ ମୌନରେ ରହି
ସତେ କି ଅଛନ୍ତି ରହିଁ,
ସୀତା ଶୀତାତପ    ତପନ-କିରଣ
ସନ୍ତାପ ଶମିବା ପାଇଁ । ୧୭ ।

---

୧୫ । ସ୍ୱାତୀ ନକ୍ଷତ୍ରରେ ବର୍ଷା ହେଲେ ମୁକ୍ତା ଜାତ ହେବା କଥା ପୁରାଣ ପ୍ରବାଦ । ସୁଭଗ—ସୁନ୍ଦର ।

୧୬ । ଦେବଖାତ—ଅକୃତ୍ରିମ ଜଳାଶୟ ।

୧୭ । ବିବିକ୍ତ—ନିର୍ଜନ । ଶୀତାତପ—ଚନ୍ଦ୍ର ।

ପ୍ରିୟଙ୍ଗୁ ମଣ୍ଡିତ ଇଙ୍ଗୁଦୀ ବନ
କାହିଁ ତୋଳିଛନ୍ତି ଶ୍ୟାମ ସଦନ,
ଶ୍ୟାମା ହୋଇ ତହିଁ ନବୀନା ବଧୂ
ଡାଳ ଦେଉଅଛି ସୁସ୍ୱର-ମଧୁ;
ଇନ୍ଦ୍ର ମିଳେ ପୁର ରଚ
ଇନ୍ଦ୍ରାଦେଶେ କିବା ପୂଜିବାକୁ ଆସି
ସତୀଙ୍କି ଡାକୁଛି ଶଚୀ । ୧୮ ।
ଉଜ୍ଜ୍ୱଳ ଚିକ୍କଣ ନୀଳ ପତର
ପୁନ୍ନାଗ-କାନନ ଶ୍ୟାମଳତର
ଉଡ଼ି ଉଡ଼ିଶାରୁ ଥିଲ କି ଯାଇ,
ଦେଇଥିଲ ସତୀ ମନ ରଞ୍ଜାଇ;
ନୀଳାଚଳ ରୂପ ଧରି
ବନେ ଅବା ରାମ ଲଭିବାକୁ ସୀତା
ପ୍ରୀତି-ସାଗର-ଲହରୀ । ୧୯ ।
ସଙ୍ଗେ ଘେନି ସତୀ ହର୍ଷିତ ମନ
ଉଦ୍ୟାନରେ ଅରେ କଲେ ଭ୍ରମଣ
ଆର୍ଯ୍ୟାବର୍ତ୍ତ-ଉରେ କି ଭାଗୀରଥୀ
ଚଳେ ଲଭି ସଖୀବୃନ୍ଦ-ସଙ୍ଗତି !
ଅଲଂକୃତ ହେଲା ପଥ
ଉପହାସ କରି ଗନ୍ଧର୍ବ-ଯୁବତୀ
ବିଳସିତ ଚୈତ୍ରରଥ । ୨୦ ।

---

୧୮ । ପ୍ରିୟଙ୍ଗୁ—ଲତା ବିଶେଷ । ଇଙ୍ଗୁଦୀ—ତାପସ ବୃକ୍ଷ । ଶ୍ୟାମା—ପକ୍ଷୀ ବିଶେଷ । ଶଚୀ—ଇନ୍ଦ୍ରଙ୍କର ପତ୍ନୀ ।

୧୯ । ପୁନ୍ନାଗ—ପୋଲାଙ୍ଗ, ନୀଳାଚଳ—ଜଗନ୍ନାଥଙ୍କ ପୀଠ (ସମୁଦ୍ର କୂଳରେ ଅବସ୍ଥିତ) ।

୨୦ । ଆର୍ଯ୍ୟାବର୍ତ୍ତ—ହିମାଳୟ ଓ ବିନ୍ଧ୍ୟ ପର୍ବତର ମଧ୍ୟବର୍ତ୍ତୀ ଦେଶ, ଭାଗୀରଥୀ—ଗଙ୍ଗା, ଅଲଂକୃତ—ଶୋଭିତ, ଚୈତ୍ରରଥ—କୁବେରଙ୍କ ଉଦ୍ୟାନ ।

ତହୁଁ ସର୍ବେ ବହି ତମସା ଜଳ
ପୂର୍ଣ୍ଣ କଲେ ଆଳବାଳ ସକଳ;
ସ୍ୱର୍ଣ୍ଣଦୀ ସଲିଲ ସ୍ୱର୍ଗ-ସୁନ୍ଦରୀ-
କନ୍ୟାଏ ନନ୍ଦନେ ଢାଳନ୍ତି ପରି;
କି ଅବା ସାଗର-ନୀର
ତୋଳି କାଦମ୍ବିନୀ ପ୍ଲାବି ଦେଇଥାଏ
ଯଥା ବକ୍ଷ ଅବନୀର । ୨୧ ।

କଟିତଟେ ଭିଡ଼ି ବାସ-ଅଞ୍ଚଳ
ଗତି କରୁଥାନ୍ତି ହୋଇ ଚଞ୍ଚଳ,
ରୁକ୍ଷ-କେଶ ଶିରେ କଳଶ ବହି
ସ୍ୱେଦ ଯାଉଥାଏ ଲଲାଟେ ବହି;
ପୋଛି ଦେଉଥାନ୍ତି କରେ
ମନ୍ଥର-ଗମନା ରାଜନନ୍ଦନାଙ୍କୁ
ଟାକି ଟାକି ଥରେ ଥରେ । ୨୨ ।

ଅନୁକମ୍ପା ଏହି ସମୟେ ଆସି
ବୋଇଲେ ମଧୁର ବାକ୍ୟରେ ଭାଷି
"ସୀତା ମୋର ଜଳ ବହି ନ ଜାଣେ,
କଷ୍ଟ ହେଉଥିବ କୋମଳ ପ୍ରାଣେ,
ନ କରୁ ଅଧିକ ଶ୍ରମ,
ଉଦ୍ୟାନକୁ ଥରେ ଦେଖିନେଉ ମାଏ
ଆସିଛି ହୋଇ ପ୍ରଥମ । ୨୩ ।

ଆସ ମା, ଶୀତଳ ଛାୟାକୁ ଆସ,
ବସିବା, ନ କର ଅନ୍ୟ ପ୍ରୟାସ,

---

୨୧ । ସ୍ୱର୍ଣ୍ଣଦୀ—ସ୍ୱର୍ଗର ଗଙ୍ଗା, ନନ୍ଦନ—ଇନ୍ଦ୍ରଙ୍କର ପ୍ରମୋଦ ଉଦ୍ୟାନ, କାଦମ୍ବିନୀ—ମେଘମାଳା, ଅବନୀର—ପୃଥିବୀର ।

କହୁଦେବ କଛୁ ଆଶ୍ରମ ସ୍ଥିତ,"
ବୋଲି ଘେନିଗଲେ ଦେଖାଇ ପ୍ରୀତ,
ଅନୁକମ୍ପା ସଙ୍ଗେ ସତୀ
ବସିଲେ ଗୁମ୍ଫାରେ ଜଳ-ଆନୟନେ
ଲଗିଲେ ତାପସୀତତି । ୨୪ ।

ଅନୁକମ୍ପା ତହିଁ ବୋଇଲେ, "ସୀତେ,
କାର୍ଯ୍ୟ କରେ ଲୋକ ଶ୍ରଦ୍ଧା ସହିତେ,
ଫୁଲେ ଫୁଲେ ଯଥା ବିଭିନ୍ନ ବାସ,
ଜୀବନେ ଜୀବନେ ଶ୍ରଦ୍ଧା ନିବାସ,
ଶରଧା ସ୍ୱଭାବବଶୁ
ଦଇବୀ ମାନବୀ ଆସୁରୀ ଭେଦରେ
ହୋଇଥାଏ ଫଳପ୍ରସୂ । ୨୫ ।

ଦମ୍ଭେ ଅହଂକାରେ କାମ ପୋଷଣେ,
ରାଗେ ଦେହବଳେ ଆତ୍ମା-କର୍ଷଣେ,
ତପ କରିଥାନ୍ତି ଅସୁର ଭାବେ
ସମ୍ଭବ ନୁହେଁ ତା' ତୋର ସ୍ୱଭାବେ;
ଦେବ ଦ୍ୱିଜ ଗୁରୁ ବୁଧେ
ଶଉଚ ଆର୍ଜବ ଶ୍ରଦ୍ଧା ସମନ୍ୱୟେ
ପୂଜି ଥାଉ ଚଉଶୁଦ୍ଧେ । ୨୬ ।

ଶାନ୍ତିପ୍ରଦ ସତ୍ୟ ପ୍ରିୟଭାଷଣ,
ଜୀବନର ତୋର ପ୍ରିୟ ଭୂଷଣ,

---

୨୪ । ସତୀ—ସୀତା, ତାପସୀ ତତି—ଋଷିକୁମାରୀ ସମୂହ ।
୨୬ । ଆର୍ଜବ - ସରଳତା, ଦ୍ୱିଜ—ବ୍ରାହ୍ମଣ, ବୁଧ—ପଣ୍ଡିତ ।

ମନକୁ ତୋ ଛୁଇଁ ନାହିଁ କପଟ,
ମାୟା କି ପାରିବ ପଶି ନିକଟ ?
ତୋ ରମ୍ୟ ସୌମ୍ୟ ମୂରତି
କହି ଦେଉଅଛି ବିଷୟ ଗହନେ
ନାହିଁ ଆଉ ଅନୁରତି । ୧୭ ।

ଦଇବ ସ୍ୱଭାବେ ତୁ ତପସ୍ୱିନୀ,
ଦର୍ଶନମାତ୍ରେ ମୁଁ ପାରିଛି ଚିହ୍ନି,
ପବିତ୍ର ପ୍ରାଣ ତୋ ଅତି କୋମଳ,
ଘୋର ତପସ୍ୟାର ଦୁର୍ଲଭ ଫଳ,
ପୁଣ୍ୟ ଲତିକାର ଫୁଲ,
ନବ ତାପସୀଙ୍କ ଆଚରିତ ଶ୍ରମ
ନୁହଇ ତା' ଅନୁକୂଳ । ୧୮ ।

କୁମାରୀମାନଙ୍କ ସଙ୍ଗରେ ରହି
ଜଳ ଆଣୁଥିବୁ ଭୃଙ୍ଗାରେ ବହି,
ତେଜୁଥିବୁ ତାଙ୍କ ଉତ୍ସାହ ଦୀପ,
ତେଜୁ ନ ଥିବେ ସେ ତୋର ସମୀପ,
ଦେଇଛି ମୁଁ ତାଙ୍କୁ କହି;
ପାନ-ଭୋଜନରେ ଲଜ୍ଜା ନ କରିବୁ
ପିପାସା-ବୁଭୁକ୍ଷା ସହି । ୧୯ ।

---

୧୭ । ଭୂଷଣ—ଅଳଙ୍କାର, ବିଷୟ ଗହନେ ସାଂସାରିକ ଜଞ୍ଜାଳ, ଅନୁରକ୍ତି—ଆକର୍ଷଣ ।

୧୯ । ସମୀପ—ପାଖ, ପିପାସା—ପିଇବାର ଇଚ୍ଛା, ବୁଭୁକ୍ଷା—ଖାଇବାର ଇଚ୍ଛା ।

କନ୍ୟାମାନେ କେବେ କେବେ ଆଶ୍ରମେ
କାର୍ଯ୍ୟ ଥିଲେ ତୁହି ଥିବୁ ଆଶ୍ରମେ
ଯେବେ ଯେଉଁ ଦ୍ରବ୍ୟ ହେବ ତୋ' ମନ
ଅବଲମ୍ବେ ଦେବେ କୁମାରୀଗଣ,
ନିଜେ ଭ୍ରମି ଉପବନେ
ଇଚ୍ଛାମତ ଫୁଲ- ଫଳ ତୋଳିବାରେ
ଶଙ୍କା ନ ରଖିବୁ ମନେ" । ୩୦ ।

ଧନ ହୋଇଗଲା ସପ୍ତ ଘଟିକା,
କନ୍ୟାଗଣ ଘେନି ଶୂନ୍ୟ ଘଟିକା
ଅନୁକମ୍ପା-ପାଶେ ସ୍ୱିନ୍ନ ଶରୀରେ
ଜଣ ଜଣ ହୋଇ ବସିଲେ ଧୀରେ,
ପ୍ରଫୁଲ୍ଲ ଧୂସ୍ତୁର ଫୁଲ
ପାଶେ ଯଥା ଫଳ- ରହି ତହିଁ ପାଶେ
ହିମାକ୍ତ କୁଡ୍ମଳକୁଳ । ୩୧ ।

ତହୁଁ ଉଠି ସର୍ବେ ଦ୍ୱିତୀୟ ସ୍ନାନ
କରି ବାହୁଡ଼ିଲେ ଆବାସସ୍ଥାନ,
ଫଳ-ମୂଳ ଯାହା ତାପସଗଣ
ଆଣିଥିଲେ, ସର୍ବେ କଲେ ଭୋଜନ,

---

୩୦ । ଆଶ୍ରମ—ଉପବନ, ଆଶ୍ରମ—ସ୍ୱାଚ୍ଛନ୍ଦ୍ୟ, ଅବଲମ୍ବେ—ତତ୍କ୍ଷଣାତ୍, ଶଙ୍କା—ସଂଶୟ ।

୩୧ । ଘଟିକା—ଘଣ୍ଟା, ଘଟିକା—କୁମ୍ଭ, ସ୍ୱିନ୍ନ ଶରୀରେ—ଝାଳ ଦେହରେ, ଧୂସ୍ତୁର—ଧୂତୁରା, କୁଡ୍ମଳ—ମୁକୁଳ ଅର୍ଥାତ୍ କଢ଼ି ।

ଅଧ୍ୟୟନ ଅଧ୍ୟାପନ—
କରି ବିଧିମତେ ତାପସ ତାପସୀ
ମଧ୍ୟାହ୍ନ କଲେ ଯାପନ । ୩୨ ।

ତାପସ-ତାପସୀ-ସେନେହ-ସୁଖ
ତଡ଼ିଦେଲା ସତୀ-ମାନସ-ଦୁଃଖ,
ରାଜ-ସୁଖ ତାଙ୍କ ସ୍ମୃତି-ପଥରେ
ଭ୍ରମରେ ସୁଦ୍ଧା ନ ପଡ଼ିଲା ଥରେ;
ନିର୍ମଳ ହୃଦୟ-ସରେ
ମନୋହର-ରୂପ ରାମ-ରାଜହଂସ
କ୍ରୀଡ଼ୁଥାନ୍ତି ନିରନ୍ତରେ । ୩୩ ।

---

୩୨ । ମଧ୍ୟାହ୍ନ—ଦ୍ୱିପ୍ରହର ।

## ଷଷ୍ଠ ସର୍ଗ

( ଚତୁର୍ଦ୍ଦଶାକ୍ଷର ଛନ୍ଦ )

ଚିତ୍ରା ସହ ଶଶୀ ଯବେ ଉଠିଲେ ଗଗନେ,
ବିକଶିତ ହେଲା ନବ-ମାଳିକା ଗହନେ । ୧ ।

ଧୀରେ ଧୀରେ ଆଶ୍ରମର ମଲ୍ଲୀ-ବଲ୍ଲୀଚୟ,
ପ୍ରଫୁଲ୍ଲ-କୁସୁମ-ପୁଞ୍ଜ ହେଲେ ମୁଦମୟ । ୨ ।

ମାଧବୀ ବକୁଳ ମଲ୍ଲୀ ନିଆଳୀ ସୁଗନ୍ଧ—
ଭରେ ଗନ୍ଧବହ ଗତି କରି ମନ୍ଦ ମନ୍ଦ । ୩ ।

ତମସା-ପୁଳିନେ ସ୍ୱଚ୍ଛ ଚନ୍ଦ୍ରମା-କିରଣ,
ଆଲିଙ୍ଗି ସ୍ୱଚ୍ଛନ୍ଦେ କରୁଥିଲା ବିଚରଣ । ୪ ।

ଜାନକୀ କୁଟୀର ପାଶେ ବିବିଧ ଆକାରେ
ଖଣ୍ଡ ଖଣ୍ଡ ଚନ୍ଦ୍ରକର ପାଦପ-ଗୁଚ୍ଛାରେ । ୫ ।

ଧୀରେ ଧୀରେ ପୂର୍ବଦିଗେ ହୋଇ ଅଗ୍ରସର
ହ୍ରାସ, ବୃଦ୍ଧି, ଲୋପ କରୁଥିଲେ କଳେବର । ୬ ।

---

୧ । ଚିତ୍ରା—ନକ୍ଷତ୍ର ବିଶେଷ, ଗହନେ—ବଣରେ, ବିକଶିତ—ଫୁଟିଲା ।

୨ । ମୁଦମୟ—ହର୍ଷଯୁକ୍ତ ।

୩ । ଗନ୍ଧବହ—ପବନ ।

୬ । ଅଗ୍ରସର—ଗମନ ।

କୁଟୀରୁଁ ଅଳପ ଦୂରେ ଶୀତଭାନୁ-କରେ
ବସିଥାନ୍ତି ବଇଦେହୀ ସଜନୀ ସଙ୍ଗରେ । ୭ ।
ସତୀ ପାଶେ ଦିଶୁଥିଲା ସୁଧାଂଶୁ କିରଣ
ସତୀ ଅଙ୍ଗୁ ହେଉଅଛି ଯେହ୍ନେ ବିକିରଣ । ୮ ।
ଖଦ୍ୟୋତ ଉଡ଼ିଟି ଆସି ଗୋଟିଏ ପତର
କାନ୍ତି କରୁଥାନ୍ତି ଚନ୍ଦ୍ରଠାରୁ ମଞ୍ଜୁତର । ୯ ।
ଚାହିଁ ତାଙ୍କୁ ବୋଲୁଥାନ୍ତି ସତୀ ମନେ ମନେ,
"ଧନ୍ୟରେ ଖଦ୍ୟୋତେ ! ତୁମ୍ଭେ ପତଙ୍ଗଜୀବନେ । ୧୦ ।
ଅଛନ୍ତି ଜଗତେ ଜୀବ ତୁମ୍ଭଠାରୁ ବଳି,
ଅଛି କି ରେ ଆଉ କାହା କାନ୍ତି ତୁମ୍ଭ ଭଳି । ୧୧ ।
ବଡ଼ ଭାଗ୍ୟ ପାଇଥିଲ ବିଶ୍ୱପତି-ବର,
ତେଣୁ ତୁମ୍ଭ ଦ୍ୟୁତି ଲୋକ-ନେତ୍ର-ପ୍ରୀତିକର ।" ୧୨ ।
ଏ ସମୟେ ଶ୍ରୁତ ହେଲା ଚକ୍ରବାକ ସ୍ୱନ,
ମୁହୁର୍ମୁହୁଃ ହେଉଅଛି କରୁଣବର୍ଷଣ । ୧୩ ।
କରୁଣା-ସଲିଳ ସତୀ-ନୟନ-ସରିତ—
କପୋଳ କୂଳକୁ ବଳେ ହେଲା ପ୍ରସାରିତ । ୧୪ ।
ଚଞ୍ଚଳେ ଜାନକୀ କରି ସଖୀଙ୍କ ଗୋପନ,
ଅଞ୍ଚଳେ ଘରମ ଛଳେ ପୋଛିଲେ ଲପନ । ୧୫ ।
ଜାଣି ସଖୀ ପଚାରିଲା, "କହ ତ ସୁଶୀଳେ,
କିମ୍ପା ଚକ୍ରବାକ ରାବେ ରଜନୀ ଆସିଲେ ? ୧୬ ।
ଥାନ୍ତି କି ଏ ବିହଙ୍ଗମ ନଗର ଭିତରେ ?
ଭାବନ୍ତି କି ତହିଁ ମଧ୍ୟରାତ୍ରିରେ କାତରେ । ୧୭ ।

---

୭ । ଶୀତଭାନୁ—ଚନ୍ଦ୍ର, କରେ—କିରଣରେ ।
୯ । ଖଦ୍ୟୋତ—କୁଳୁକୁଳୁଆ ପୋକ, ମଞ୍ଜୁତର—ଅଧିକ ସୁନ୍ଦର ।
୧୨ । ବିଶ୍ୱପତି—ଭଗବାନ, ଦ୍ୟୁତି—ତେଜ ।
୧୫ । ଘରମ—ଝାଳ, ଲପନ—ମୁଖ ।

ରାବନ୍ତି ଯଦ୍ୟପି ତାହା ନାଗରିକ ଜନେ;
ଆକର୍ଣ୍ଣନ କରି କିସ ଭାବୁଥାନ୍ତି ମନେ ?" । ୧୮ ।
ଶୁଣି ସତୀ ନ ପାରିଲେ ସମ୍ଭାଳି ଲୋତକ,
କଣ୍ଠସ୍ୱର ହେଲା ତହିଁ ବଚନ-ରୋଧକ । ୨୯ ।
ତା' ଚାହିଁ କହିଲା ସଖୀ, "ଛାଡ଼ ସେହି କଥା,
ଚାପଲ୍ୟ ମୋ କ୍ଷମା କର, ବୃଥା ଦେଲି ବ୍ୟଥା ।" ୨୦ ।
ବୋଇଲା ଜାନକୀ, "ସଖି, ଆତ୍ମପରିଚୟ
ନ ଦେଇ ପରାଣ ମୋର ହେଉଛି ଅଥୟ । ୨୧ ।
ଭରସା କରୁଛିଁ, ମୋର ଅନ୍ତିମ ଜୀବନ,
ତୁମ୍ଭ ସହକାରେ ଏଥି କରିବି ଯାପନ । ୨୨ ।
ନ କହିବି ନିଜ କଥା ଯଦି ତୁମ୍ଭ ପାଶ,
କରିବ କିରୂପେ ତୁମ୍ଭେ ମୋ ପ୍ରତି ବିଶ୍ୱାସ ? ୨୩ ।
କହିଦେଲେ ଲଘୁ ହେବ ମୋର ଦୁଃଖଭାର,
ବୁଝିବ ତହିଁରେ ତୁମ୍ଭେ କିପରି ସଂସାର । ୨୪ ।
ମୁଁ ରାଜନନ୍ଦିନୀ ସଖି, ସମାଦର ଦୋଳେ
ବଢ଼ିଲି ରାଜେନ୍ଦ୍ର-ପୁରେ-ମଧୁମୟ କୋଳେ । ୨୫ ।
ମରାଳ ମୟୂର ପିକ ଶୁକ ଶାରୀ ସ୍ୱର—
କରୁଥାଏ ରାଜପୁର ମଧୁର ମୁଖର । ୨୬ ।
ରାବୁଥାଏ ଚକ୍ରବାକ ରଜନୀ ସମୟେ,
ନୋହୁଥିଲା ଦୁଃଖ ତହିଁ ମୋ ବାଳ୍ୟ-ହୃଦୟେ । ୨୭ ।
ଶୈଶବାନ୍ତେ ହେଲା ସଖୀ, ଯେବେ ମୋ ଯୌବନ
ଦେଖିଲି ଆସିଲେ ଦେଶୁଁ ଦେଶୁଁ ରାଜାଗଣ । ୨୮ ।
ରତ୍ନମୟ ଧନୁଟିଏ ଜନକ ମୋହର
ରଖିଥାନ୍ତି, ଦିଶୁଥାଏ ଅତି ମନୋହର । ୨୯ ।

---

୨୨ । ସହକାରେ—ସାହାଯ୍ୟରେ, ଯାପନ—ଅତିବାହିତ ।
୨୪ । ଲଘୁ—ହାଲୁକା ।

ଜଣେ ଜଣେ ହୋଇ ଧନୁ ଧରି ନୃପଗଣ
ଝାଣି ଥରେ କରୁଥାନ୍ତି ଆସନ ଗ୍ରହଣ । ୩୦ ।
ରତନ-କଣ୍ଠେ ଛାଙ୍କି ଧବଳ କୁନ୍ତଳ
କେତେ ନରପତି ତହିଁ ଦେଖାଇଲେ ବଳ । ୩୧ ।
କେତେ ବା ଯୁବକ ନୃପ-କିଶୋର-କେଶରୀ
ଠାଣି ଧରି ଧନୁ ଛୁଇଁଗଲେ ଅପସରି । ୩୨ ।
ସଦର୍ପ ଗମନ ତାଙ୍କ ନିଷ୍ଫଳ ସାହସ
ଗୃହିଁ ସଖି, ସେତେବେଳେ ମାଡ଼ୁଥାଏ ହସ । ୩୩ ।
ପ୍ରସାଦ ଉପରେ ରହି ବହି କୁତୂହଳ
ସଖୀଙ୍କ ସହିତ ଦେଖୁଥାଏଁ ସେ ସକଳ । ୩୪ ।
ଶେଷେ ଜଣେ ଋଷି କୁଳ-ଚୂଳ ଆଭରଣ,
ମରକତ-ବର-କାନ୍ତି-ଗଞ୍ଜନ-ବରଣ । ୩୫ ।
ଧନୁ ସନ୍ନିଧାନେ ଆସି ହେଲେ ଶୋଭାକର
ସତେ ଯେହ୍ନେ ରାଜପୁତ୍ର ରୂପେ ଦିବାକର । ୩୬ ।
ଗୃହିଁ ତାଙ୍କୁ ହୃଦ ମୋର ସ୍ୱତଃ ହେଲା ଦ୍ରବ
ତାପସ,-ଜୀବନେ ନାହିଁ ସେହି ଅନୁଭବ । ୩୭ ।
ନୃପବୃନ୍ଦେ କରିଥିଲେ କେତେ ଉପହାସ,
ସବୁ ଚପଳତା ଜବେ ହୋଇଗଲା ହ୍ରାସ । ୩୮ ।
ସେପରି ସୁନ୍ଦର ରୂପ ପାଇବ ନୟନ,
କେବେ ତ ସଜନି, ଭାବି ନ ଥିଲା ମୋ ମନ । ୩୯ ।
ଭକ୍ତି-ପ୍ରୀତି-ସହିତ ମୋ ନିର୍ମଳ ହୃଦୟ
ବନ୍ୟେ ବାନ୍ଧିଲା ତାଙ୍କ ରଙ୍ଗ ପଦଦ୍ୱୟ । ୪୦ ।

---

୩୧ । ଧବଳ କୁନ୍ତଳ—ପାଚିଲା ବାଳ ।
୩୭ । ଦ୍ରବ—ବିଗଳିତ ହେଲା ।
୩୮ । ଜବେ—ଶୀଘ୍ର ।

ଯେ ଭାଙ୍ଗିବ ଧନୁ ତାକୁ ମୋ କର ଅର୍ପଣ,
କରିବାକୁ ପିତା ମୋର କରିଥିଲେ ପଣ । ୪୧ ।
ମୁଁ ଭାବିଲି, ସେହିଦିନ ପଣ ହେଲା ଶେଷ,
ତପସ୍ୱିନୀ ହେବ ନେଇ ପିତାଙ୍କ ଆଦେଶ । ୪୨ ।
କେ ଭାଙ୍ଗିବ ଧନୁ, ତାହା କି ଅଛି ନିଶ୍ଚୟ ?
ଏ ବୀରେନ୍ଦ୍ର ନେଲେଣି ମୋ ମନ କରି ଜୟ । ୪୩ ।
ମନ ଥିବ ଏକେ, ଅନ୍ୟ ହେବ ଯେବେ ପତି,
ଜୀବନେ ମରଣେ ହେବ ଭୀଷଣ ଦୁର୍ଗତି । ୪୪ ।
କମନୀୟ କର ଯାର ପୁଷ୍ପଧନୁପାତ୍ର,
ଏ ଧନୁ ଧରିବା ତାଙ୍କ ଅପମାନ ମାତ୍ର । ୪୫ ।
ମୋହର ଭାଗ୍ୟ ବଳେ ବୀର ସେ ଦୁର୍ଦ୍ଧର ଚାପ
ସଙ୍ଗେ ସଙ୍ଗେ ଭାଙ୍ଗି ଦେଲେ ମୋ ହୃଦ-ସନ୍ତାପ । ୪୬ ।
ବୀରେନ୍ଦ୍ର ସହିତ ହେଲା ମୋର ପରିଣୟ,
ଧନ୍ୟ ହେଲି ଲଭି ତାଙ୍କ ସ୍ୱର୍ଗୀୟ ପ୍ରଣୟ । ୪୭ ।
ଅନୁଜ ତ୍ରିତୟ ଥିଲେ ବୀରମଣିଙ୍କର,
ଧଇଲେ ମୋହର ତିନି ଭଗିନୀଙ୍କ କର । ୪୮ ।
ପିତୃପୁରୁ ପତିପୁର ଗମନ ପଥରେ
ତେଜୋମୟ ଧନୁଟିଏ ପୁଣି କାନ୍ତକରେ । ୪୯ ।
କ୍ଷତ୍ରିୟ କୁଳର କେତୁ ଭାର୍ଗବପ୍ରବର
ଅର୍ପିବାର ଦେଖି ମୋର ମନେ ହେଲା ଡର । ୫୦ ।

---

୪୪ । ଦୁର୍ଗତି—ଦୁର୍ଦ୍ଦଶା ।

୪୬ । ଚାପ—ଧନୁ, ଦୁର୍ଦ୍ଧର—ଯାହା ଧରି ରଖିବା କଷ୍ଟକର ।

୪୮ । ଅନୁଜତ୍ରିତୟ—ସାନ ତିନି ଭାଇ, ଉର୍ମିଳା, ମାଣ୍ଡବୀ, ଶ୍ରୁତକେଶୀଙ୍କୁ ସାନ ତିନି ଭାଇ ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ବିବାହ କରିଥିଲେ ।

୫୦ । କେତୁ—ଶତ୍ରୁ, ଧୂମକେତୁ, ଭାର୍ଗବପ୍ରବର—ପରଶୁରାମ ।

ପୁଣି ବା ଲଭିବେ କାନ୍ତ ତେଜୋମୟୀ ନାରୀ,
ହେବ ଅବା ମୋହର ସେ ପ୍ରଣୟ-ଭଗାରି । ୫୧ ।
ଚଢ଼ାନ୍ତେ ମୋ କାନ୍ତ ସେହି ଶରାସନେ ଶର,
ଭାର୍ଗବୀ ବୀରଶ୍ରୀ ତାଙ୍କୁ ବରିଲା ସତ୍ୱର । ୫୨ ।
ପଦ୍ମାର ପ୍ରୀତି ଯଥା ଦ୍ୟୁମଣି-ଦୀଧିତି,
ସେ ବୀରଶ୍ରୀ ବଢ଼ାଇଲା ମୋ ହୃଦୟ-ପ୍ରୀତି । ୫୩ ।
ଭାବିଥାଏ ମନ ଏକ, ଫଳ ହୁଏ ଆନ,
ବୁଝି ନୁହେଁ ସଖି, ଭବେ ବିଧିର ବିଧାନ । ୫୪ ।
ତେଜୋମୟୀ ବୀର-ବାନା ଉଡ଼ାଇ ଗଗନେ
ବିଜେ କଲେ ବୀରବର ପ୍ରଫୁଲ୍ଲିତ ମନେ । ୫୫ ।
ସମ୍ପଦର ବନ ମୋର ଶ୍ୱଶୁର-ନିଳୟ,
ପ୍ରବେଶନ୍ତେ ତହିଁ ଶୁଭ-ସମ୍ବାଦ-ମଳୟ; । ୫୬ ।
ଶୋଭି-ବୃକ୍ଷେ ଫୁଟିଗଲା ଆନନ୍ଦ-ସୁମନ,
ପ୍ରଭାର ପଲ୍ଲବ ହରିନେଲା ଜନମନ । ୫୭ ।
ନବ ପରିଣୀତ ବୀରଭ୍ରାତା ଚତୁଷ୍ଟୟ
ରତନ ଭୂଷଣଚୟେ ହୋଇ ଦୀପ୍ତିମୟ । ୫୮ ।
ତହିଁରୁ ଅଧିକେ ସାଜି ବଧୂଙ୍କର ବେଶ
ମହୋଲ୍ଲାସେ ହେଲେ ସେହି ଭବନେ ପ୍ରବେଶ । ୫୯ ।
ବୁଢ଼ା ଏକ ଥିଲା ସଖି, ସେ ରାଜଭବନେ
ସେକାଳେ ହୋଇଲା ହର୍ଷବର୍ଷଣ ବଚନେ । ୬୦ ।
ଋକ୍ଷରାଜି ବିଭ୍ରାଜିତ ଚୌଦିଗ-ଗଗନ
ମଣ୍ଡିଲେ ବିରାଜି ଆଜି ରାଜେନ୍ଦ୍ର ସଦନ । ୬୧ ।

---

୫୨ । ଭାର୍ଗବୀ—ପାର୍ବତୀ, ଲକ୍ଷ୍ମୀ ।
୫୩ । ଦ୍ୟୁମଣି—ଦୀଧିତି, ସୂର୍ଯ୍ୟକିରଣ ।
୬୧ । ଋକ୍ଷରାଜି—ନକ୍ଷତ୍ର ସମୂହ, ବିଭ୍ରାଜିତ—ଶୋଭିତ ।

ଦେଖିଲି ମୋ ଭଗିନୀଙ୍କ ବଦନମଣ୍ଡଳ
ହୋଇଥିଲା ନବ ପ୍ରେମ-ମଦାକ୍ଷେ ପାଟଳ । ୬୨ ।
ଉପୁଜି ତହିଁରେ ନବ ଘର୍ମକଣାଚୟ
ରତନ ଜ୍ୟୋତିରେ ହୋଇଗଲା ଜ୍ୟୋତିର୍ମୟ । ୬୩ ।
ତୋ ସ୍ୱିନ୍ନ ଲଲାଟେ ଆଜି ସୁଧାଂଶୁକିରଣ
ଦେଖି ସଖି, ହେଉଅଛି ସେକଥା ସ୍ମରଣ । ୬୪ ।

ସ୍ୱର୍ଗର ସମ୍ପଦ ଯାହା କହୁଥାନ୍ତି ଜନେ,
ଶ୍ରୁତି-ସତ୍ୟ ମଣି ତାକୁ ଲୋଭ ଦିଏ ମନେ । ୬୫ ।
ସ୍ୱର୍ଗ ଲୋଭେ ରାଜା ତେଜି ରାଜସିଂହାସନ,
ତପ କରେ ବନେ କରି ଫଳମୂଳାଶନ । ୬୬ ।

ମୁଁ ଯାହା ଦେଖିଲି ସଖି, ଶ୍ୱଶୁରଙ୍କ ଘରେ;
ଭାବିଲି ନ ଥିବ ତାହା ସୁରେନ୍ଦ୍ର-ନଗରେ । ୬୭ ।

ଶ୍ୱଶୁର ଶାଶୁଙ୍କ ସ୍ନେହ, ସ୍ୱାମୀଙ୍କ ପିରତି
ତୁଚ୍ଛ ଜ୍ଞାନ କରାଇଲା ମୋତେ ସ୍ୱର୍ଗ ପ୍ରତି । ୬୮ ।
କେତେ ହେଲା ନବ ନବ ମହୋତ୍ସବମାନ,
ଜଗତେ ତା ହୁଏ ବୋଲି ନ ଥିଲା ମୋ ଜ୍ଞାନ । ୬୯ ।

ପତି-ପ୍ରୀତି-ରତ୍ନ ରାଜ-ଭବନ-ରତନ—
ଆଲୋକ ସୁଖରେ କଲି କାଳ କରତନ । ୭୦ ।
ଶୁଣିବାକୁ ତହିଁ ଦୀନ ଚକ୍ରବାକ ସ୍ୱର
ଥିଲା ନାହିଁ ରାତ୍ର ଦିନେ ମୋତେ ଅବସର । ୭୧ ।
ଚାଲିଗଲା ସେହିରୂପେ ଦ୍ୱାଦଶ ବତ୍ସର,
ବାରଦିନ ପରି ହେଲା ମୋ ମନେ ଗୋଚର । ୭୨ ।

---

୬୨ । ମଦାକ୍ଷେ—ଲଜ୍ଜାରେ, ପାଟଳ—ଗୋଲାପୀ ରଙ୍ଗ ।
୬୭ । ସୁରେନ୍ଦ୍ର, ନଗରେ—ସ୍ୱର୍ଗପୁରରେ ।
୭୧ । ଅବସର—ବିଶ୍ରାମ ।

ଦିନେ କାନ୍ତ ଆସି ମୋତେ ବୋଇଲେ ସହାସେ,
'ବାନ୍ଧବୀ, ରହିବା ଆଜ ରାତ୍ରି ଅଧିବାସେ । ୭୩ ।

କରିବାର ଆଶେ ତେ ତେ ହୃଦ-ଆଭରଣ
ରାଜଲକ୍ଷ୍ମୀ 'କାଲି ମୋତେ କରିବେ ବରଣ ।' । ୭୪ ।

ମୁଁ ବୋଇଲି, 'ନାଥ, ତୁମ୍ଭ ଦିବ୍ୟ ଅନୁରାଗ
ପୂର୍ଣ୍ଣ ଥିଲା ମୋ ଠାରେ,ଯା ନ ହେବ ତ ଭାଗ ? ୭୫ ।

ସେ ବୋଇଲେ, 'ସ୍ୱାଭାବିକ ହେଲେହେଁ ସେ କଥା
ସତୀ-ପଦେ ନତ ହୁଏ ରାଜଲକ୍ଷ୍ମୀ-ମଥା । ୭୬ ।

ସାଗର-ସଲିଳ ଉଠି ଘନ ହୁଏ ନଭେ
ଲୋକହିତ ସାଧି ପଶେ ସାଗର-ଗରଭେ ।' ୭୭ ।

ମଙ୍ଗଳ ବିଧିରେ ସେହି ରାତ୍ରି ହେଲା ଶେଷ,
ମଙ୍ଗଳବାଜଣା ପ୍ରାତେ ଶୁଭିଲା ବିଶେଷ । ୭୮ ।

ସଚିବ ସହିତ କାନ୍ତ ଗଲେ ପିତା ପାଶେ,
ଲେଉଟି ବୋଇଲେ ମୋତେ ଦୁଃଖ ଭରି ଭାଷେ । ୭୯ ।

ଜୀବନସଙ୍ଗିନୀ ! ରଖି ତୋ ପାଶେ ଜୀବନ,
ପିତାଙ୍କ ଆଦେଶେ ଆଜ ଯାଉଅଛି ବନ । ୮୦ ।

ଯୁବରାଜ ହେବେ ପ୍ରିୟ ଭାଇ ମୋ ଭରତ,
ରାଜଲକ୍ଷ୍ମୀ ହେଲେ ତାଙ୍କ ପ୍ରଣୟରେ ରତ । ୮୧ ।

ନ ରଖି ମାନିନି, ନିଜ ଜ୍ୟେଷ୍ଠା ଅଭିମାନ
ଭରତେ କରିବୁ ରାଜ ମାନ୍ୟରେ ସମ୍ମାନ ।' ୮୨ ।

ଦେଖିଲି ମୁଁ ସ୍ୱାମୀଙ୍କର ବଦନମଣ୍ଡଳ
ଦିଶୁଥିଲା ପୂର୍ବପରି ଶାନ୍ତିରେ ଉଜ୍ଜ୍ୱଳ । ୮୩ ।

---

୭୩ । ଅଧିବାସ—ଶୁଭକର୍ମ ଆରମ୍ଭରେ ହେଉଥିବା ମାଙ୍ଗଳିକ କର୍ମ ।
୭୯ । ସଚିବ—ମନ୍ତ୍ରୀ ।

ହେଉଥାଏ ମନ ବନ-ଗମନେ ଚଞ୍ଚଳ,
ଲକ୍ଷ୍ମ ଯେସନ୍ତେ ମୋକ୍ଷ ପାଇଁ ହୃଦୟେ ବିକଳ । ୮୪ ।
ସ୍ୱାମୀଙ୍କ ବଚନ ଶୁଣିଥାନ୍ତି ପରହାସ,
ଉଠିଗଲା ଚଉଦିଗେ ରୋଦନ ଉଚ୍ଛ୍ୱାସ । ୮୫ ।
ହାହାକାର ରବେ ହେଲା ନବର କମ୍ପନ,
ବିସ୍ମୟେ ଭାବିଲି, ଏ କି ଅଦ୍ଭୁତ ସ୍ୱପନ । ୮୬ ।
ଚକିତେ ବୋଇଲି, 'ନାଥ, ତୁମ୍ଭେ ଗଲେ ବନ
ରାଜପୁରେ ଏ ଦାସୀର କିସ ପ୍ରୟୋଜନ ? ୮୭ ।

ହୋଇଥାନ୍ତି ରାଜରାଣୀ ହେବି ଭିକାରୁଣୀ
ଶ୍ରୀପଦ ସେବିବି ହୋଇ କାନନ ଗୃହିଣୀ । ୮୮ ।

ଶ୍ରୀଚରଣେ ମତି ମୋର, ଶ୍ରୀଚରଣେ ଗତି,
ତୁମ୍ଭ ବିନା ନ ବାଞ୍ଛଇ ସ୍ୱରଗ-ସମ୍ପତ୍ତି । ୮୯ ।

ତୁମ୍ଭ ପ୍ରିୟ ଅବରଜ ଯୁବରାଜ ହେବେ
ହସି ହସି ବନଗାମୀ ତୁମ୍ଭେ ହେବ ଯେବେ । ୯୦ ।
ଯୁବରାଜ୍ଞୀ ହେବ ମୋର ମାଣ୍ଡବୀ ଭଗିନୀ,
ମୁଁ କିମ୍ପା ନ ହେବି ତୁମ୍ଭ ପଦାଙ୍କଗାମିନୀ ? । ୯୧ ।

ସେ ସୁଖ ବଞ୍ଚିତା ହେଲେ ନ ବଞ୍ଚିବ ସୀତା,
ପ୍ରଭୁପାଦ-ସେବା ବିନା ବିଶ୍ୱ ତାକୁ ଚିତା । ୯୨ ।
ଯା' କିଛି ବିଷାଦ ଥିଲା ସ୍ୱାମୀଙ୍କର ମନେ,
ଦୂର ହୋଇଗଲା ଜବେ ମୋର ସେ ବଚନେ । ୯୩ ।
ପିତା ମାତା ଭ୍ରାତା ବନ୍ଧୁ ଭୃତ୍ୟ ପରିଜନ
ତେଜି କାନ୍ତ ମୋତେ ସଙ୍ଗେ ଘେନିଗଲେ ବନ । ୯୪ ।

---

୮୫ । ପରିହାସ—ଥଟ୍ଟା ।
୯୦ । ଅବରଜ – କନିଷ୍ଠ ଭ୍ରାତା ।
୯୪ । ଭୃତ୍ୟ—ଚାକର, ପରିଜନ—ସ୍ୱଜନ ।

କେବଳ ଲକ୍ଷ୍ମଣ ନାମେ ଥିଲେ ମୋ ଦେବର
ହେଲେ ସ୍ୱାମୀଙ୍କର ବନବାସ ସହଚର । ୯୫ ।
ଫିଙ୍ଗି ଦେଇ ରାଜସୁଖ ବସ୍ତ୍ର ତୃଣ ରଜେ
ଭ୍ରମିଲୁଁ ଗହନ ଗିରି ନବୀନ ଆନନ୍ଦେ । ୯୬ ।
ସଖୀରୂପେ ପାଇ ବନେ ମୁନି କନ୍ୟାଗଣ
ତାଙ୍କ ସ୍ନେହ-ସୁଖ-ଜଳେ ହେଲି ନିମଗନ । ୯୭ ।
ଅନେକ ଦିବସ ଥିଲୁଁ ପଞ୍ଚବଟୀ ବନେ,
ଗୋଦାବରୀ-ପୂତ-ତୀରେ ପ୍ରଫୁଲ୍ଲ ଜୀବନେ । ୯୮ ।
ନିଶାନ୍ତେ ପବନ ବନ-ପୁଷ୍ପବାସ ହରି,
ମନ୍ଦ ମନ୍ଦ ଆସି ଦିଏ କୁଟୀରକୁ ଭରି । ୯୯ ।
ଶ୍ରବଣ-କୁହରେ ଢାଳେ ମନୋରମ ସ୍ୱର
ରାଜ ବୈତାଳିକ ରୂପେ ଆସି ପିକବର । ୧୦୦ ।
ମୟୂର ମୟୂରୀ ହୋଇ ନୃତ୍ୟ ପରାୟଣ
ମଣ୍ଡନ୍ତି ପ୍ରଭାତେ ମୋର କୁଟୀର ପ୍ରାଙ୍ଗଣ । ୧୦୧ ।
ଆସିଥାନ୍ତି କଉତୁକେ ମୃଗ ଶିଶୁଗଣ
କରିବାକୁ ମୋହ କରୁଁ ନୀବାର ଭକ୍ଷଣ । ୧୦୨ ।
ଜନନୀର କୋଳ ତେଜି କଳଭ କଳଭୀ
ଖେଳନ୍ତି ମୋ ପାଶେ ମୋର କରୁଁ ଖାଦ୍ୟ ଲଭି ।୧୦୩।
ବିବିଧ କୁସୁମେ ଗୁନ୍ଥି ମନୋହର ହାର
ଦେଉଥାଏ କାନ୍ତ ଗଳେ ପ୍ରୀତି-ଉପହାର । ୧୦୪ ।
କୌତୁକେ କୁସୁମେ କାନ୍ତ ମଣ୍ଡି ମୋର ବେଣୀ
ଭ୍ରମନ୍ତି କୁସୁମବନେ ସଙ୍ଗେ ମୋତେ ଘେନି । ୧୦୫ ।

---

୯୫ । ଦେବର—ଦିଅର ।
୧୦୦ । ବୈତାଳିକ—ସ୍ତୁତିପାଠକ ।
୧୦୨ । ନୀବାର—ବାଲୁଙ୍ଗା ଧାନ ।
୧୦୩ । କଳଭ କଳଭୀ—ହାତୀ ଛୁଆ ।

ବୋଲୁଥାନ୍ତି, 'ସଖି, ତୁ ମୋ' ପ୍ରଣୟ ପ୍ରତିମା,
ପ୍ରାଣର ସଙ୍ଗିନୀ ସ୍ୱର୍ଗ-ସୁଖର ଗାରିମା । ୧୦୬ ।
ମୁଁ ବୋଲେଁ, 'ପ୍ରାଣେଶ, ତୁମ୍ଭ ପ୍ରେମ ଅଧିକାର
ସଙ୍ଗେ ନୁହେଁ ତୁଳନୀୟ ସ୍ୱର୍ଗ-ସୁଖ ଛାର' । ୧୦୭ ।
ଯତନେ ଫୁଲେ ଚନ୍ଦ୍ରାତପ ଫଳମୟ ସ୍ତମ୍ଭ
ସିଂହାସନ ରଚି ଖଚି କୁସୁମ କଦମ୍ବ । ୧୦୮ ।
ଫୁଲମୟ ଛତ୍ର କରି ଫୁଲର ଚାମର
ବିଚିତ୍ର ବ୍ୟଜନ ଫୁଲେ କରି ଶୋଭାକର । ୧୦୯ ।
କେତକୀ ଦଳରେ କଲି କିରୀଟ ନିର୍ମାଣ
ଖଚି ରତ୍ନରୂପେ ରମ୍ୟ ରମ୍ୟ ଫୁଲମାନ । ୧୧୦ ।
ବିନୟେ ବୋଇଲି, 'ନାଥ, ପୂଜିବି ପୟର,
କୃପା ବହି ସିଂହାସନେ ଅରେ ବିଜେ କର । ୧୧୧ ।
ସସ୍ମିତେ ବୋଇଲେ ମୋତେ କାନ୍ତ ମହାମନା,
'ରାଜ-ଉପଚାର ସଖି ଅଛି ମୋତେ ମନା । ୧୧୨ ।
ତୋତେ ମୁଁ କରିବି ଆଜ ବନ-ଫୁଲେଶ୍ୱରୀ
ବୋଲି ଫୁଲେ ସଜାଇଲେ ବଳେ କର ଧରି । ୧୧୩ ।
ତାଙ୍କ ଗୁଣ ଭାବେ ଖଣ୍ଡି ମୋହର ଆପତ୍ତି
ଅଗ୍ରେ ଉଭା ହୋଇ ଦୃଷ୍ଟି ଦେଲେ ମୋର ପ୍ରତି । ୧୧୪ ।
ମହାକ୍ଷରେ ନେତ୍ର ମୋର ହେଲା ନିମୀଳିତ
ରହିଲି ସେ ପୁଷ୍ପାସନେ ହୋଇ ବିଦ୍ରବିତ । ୧୧୫ ।
ଆନନ୍ଦେ ବୋଇଲେ କାନ୍ତ ରସିକକେଶରୀ,
'କରୁଣା କଟାକ୍ଷପାତ କର ଫୁଲେଶ୍ୱରୀ !' ୧୧୬ ।
ହରଷ-ପ୍ରଫୁଲ୍ଲ ମୁଖ ଅନାଇ ତାଙ୍କର,
ବୋଇଲି, ଅବଧି ହେଲା ବିବେକଶେଖର । ୧୧୭ ।

---

୧୦୬ । ଗରିମା—ଗୁରୁତ୍ୱ ।

୧୧୫ । ନିମୀଳିତ—ବୁଜି ହୋଇଗଲା, ବିଦ୍ରବିତ— ତରଳିତ ।

ନିନ୍ଦୁଇ ଯା' ପ୍ରଭୁପଦ ଅର୍ଚ୍ଚନାର ଯୋଗ୍ୟ
କେବେ କି ତା' ହୋଇଥାଏ ଦାସୀତ୍ୱର ଭୋଗ୍ୟ ?' ୧୧୮।
ସେ ବୋଇଲେ, 'ପ୍ରଣୟିନୀ ପ୍ରଣୟୀର ସାଥ
ବଢ଼ାଇ ଏକର ମାନ ଅନ୍ୟ ଲଭେ ପ୍ରୀତ ।' ୧୧୯ ।
ସ୍ୱାମୀଙ୍କ ବଦନୁ ତାଙ୍କ ପ୍ରୀତ କଥା ଶୁଣି
ନିଜ ଭାଗ୍ୟ ଧନ୍ୟ ମଣି ମୁଦେ ହେଲି ତୁନି । ୧୨୦ ।
ସନ୍ଧ୍ୟା ହେଲା କ୍ରମେ ନଭେ ହେଲେ ସୁଧାକର;
ବିହରିଲେ କାନ୍ତ ବନେ ଧରି ମୋର କର । ୧୨୧ ।
କରିବାକୁ ପୁଣି ମୋର ମାନସ ରଞ୍ଜନ
କରୁଥିଲେ ବନବାସ ସୁଖର ବର୍ଣ୍ଣନ । ୧୨୨ ।
ସେ କାଳେ ଅଦୂରେ ଶୁଣି ଚକ୍ରବାକ-ସ୍ୱନ
ସହସା ପ୍ରାଣେଶ କଲେ ମୋ ମୁଖ ଚୁମ୍ବନ । ୧୨୩ ।
କଉତୁକେ ପଚାରନ୍ତେ ତହିଁର କାରଣ,
ସେ ଯାହା କହିଲେ ଏବେ ହେଉଛି ସ୍ମରଣ । ୧୨୪ ।
ବୋଇଲେ, 'ପ୍ରେୟସି' ଏହି କାନ୍ତାବିରହିତ
ଚକ୍ରବାକ ଦୁଃଖାନଳେ ହେଉଛି ଦହିତ । ୧୨୫ ।
ଦିନଯାକ ଥାଏ ପ୍ରିୟା ସଙ୍ଗସୁଖେ ସିକ୍ତ,
ତା ବିନା ମଣୁଛି ଏବେ ଜୀବନକୁ ତିକ୍ତ । ୧୨୬ ।
ତୁ ନ ଥାନ୍ତୁ ଯଦି ମୋର ବନ-ସହଚରୀ,
ଦୁଃଖେ ଦଗ୍ଧ ହେଉଥାନ୍ତି ବିପିନେ ବିଚରି । ୧୨୭ ।
ଯାହା ଯାହା ବୋଲୁଅଛି ବନବାସ ସୁଖ,
ସେ ସକଳ କରୁଥାନ୍ତେ ମୋ ଜୀବନ ଶୁଷ୍କ । ୧୨୮ ।
କାନ୍ତା ବିନା କାନ୍ତ-ପ୍ରାଣ ସ୍ୱଭାବେ ବିକଳ,
ବିକଳ ଜୀବନ ମଣେ ଜଗତ ବିଫଳ । ୧୨୯ ।
ଭାସୁଥାଏ ଜୀବ ଯଦି ସଂସାର-ସାଗରେ,

---

୧୨୭ । ବିପିନେ—ବଣରେ, ବିଚରି—ଭ୍ରମଣ କରି ।

ତରିବା ଭରସା ଥାଏ ବନ୍ଦନା-ନାବରେ । ୧୩୦ ।
ନ ଥିଲା ମୋ' ଅନୁଭବ ବିରହ-ବେଦନେ;
ତା' ଶୁଣି ହସିଲି ଲଜ୍ଜାବନତ ବଦନେ । ୧୩୧ ।
ହାୟ ! କିଛି କାଳ ପରେ ସେ ଘୋର କଷଣ
ଜୀବନେ ମୋ' ଅଧିକାର କଲା ଷୋଳପଣ । ୧୩୨ ।
ଭୁକ୍ତଭୋଗୀ କରେ ପର ଦୁଃଖ ଅନୁଭବ,
ଅଶ୍ରୁ ଆଜି ବୁହାଇଲା ମୋ ରଥାଙ୍ଗରବ ।" ୧୩୩ ।
ତାପସୀ ବୋଇଲେ 'ସଖି' ବୁଝିଲି ନିଶ୍ଚୟ,
ତବ କାନ୍ତ ହୃଦ-ପ୍ରେମ-ପୀୟୂଷ-ନିଳୟ । ୧୩୪ ।
କାନ୍ଦୁଥିବେ ନରମଣି ଚକ୍ରବାକ ପରି,
ପାହିଯାଉ ବେଗେ ତୁମ୍ଭ-ବିପଦ-ଶର୍ବରୀ । ୧୩୫ ।
ସୁନାର ସଂସାର ହୋଇଅଛି ଛାରଖାର,
କାହିଁକି ଘଟିଲା ଏହି ଘୋର ଦୁର୍ବିପାର ? ୧୩୬ ।
କରିଥିଲେ ରାଜା ଯାକୁ ଜୀବନର ଧନ,
କେମନ୍ତେ ବଳିଲା ତାଙ୍କୁ ଛାଡ଼ିବାକୁ ମନ । ୧୩୭ ।
ଧିକ୍‌ବିଧାତାରକୁ ଧିକ, କାହିଁ କଲା କସ,
ଅମୃତ ଉପରେ ଆଣି ଢାଳିଦେଲା ବିଷ । ୧୩୮ ।

---

୧୩୩ । ରଥାଙ୍ଗ—ଚକ୍ରବାକ ।
୧୩୪ । ପୀୟୂଷ—ଅମୃତ, ନିଳୟ—ଘର ।
୧୩୫ । ଶର୍ବରୀ—ରାତ୍ରି ।

# ସପ୍ତମ ସର୍ଗ

( ରାଗ—କଳହଂସ କେଦାର )

ବୋଇଲେ ସତୀ, "ସଖି, ମୋ' ଦୁର୍ବିପାକ
ଘଟାଇ ଅଛି ଏକା ମୋ ଦୁଃଖପାକ;
ମୋ କର୍ମ ପାଇଁ ଦୋଷୀ ନୁହନ୍ତି ବିଧି
କାନ୍ତ ତ ସ୍ୱଭାବେ ମୋ କରୁଣାନିଧି ଗୋ ! ୧ ।

କାନ୍ତ ବିଚ୍ଛେଦେ ରହିପାରେ ଜୀବନ,
ଏମନ୍ତ କ୍ଷଣେ ଭାବି ନ ଥିଲି ମନ;
ସହିଲି ସବୁ, ଘୋର ଦୁଃସହ ଦୁଃଖ,
ଦେଖିବି ବୋଲି ଏକା ସ୍ୱାମୀ-ଶ୍ରୀମୁଖ ଗୋ ! ୨ ।

ସେକାଳେ ଆଶା ମୋର କର୍ଣ୍ଣକୁହରେ
ଆଶ୍ୱାସ ମନ୍ତ୍ର ଦେଇ ମୁମୂର୍ଷା ହରେ,
ଏବେ ସେ ଆଶା ନିଜେ ଯାଇଛି ମରି;
ଦଗ୍ଧ ହେଉଛି ପ୍ରାଣ ତାହାକୁ ସ୍ମରି ଗୋ !" ୩ ।

---

୧ । ଦୁର୍ବିପାକ—ଦୁର୍ଘଟଣା, ମନ୍ଦ ପରିଣାମ; ବିଧି - ସୃଷ୍ଟିକର୍ତ୍ତା, କରୁଣାନିଧି— ଦୟାର ଅବତାର ।

୨ । ବିଚ୍ଛେଦ—ବିରହରେ, ଦୁଃସହ—ଅସହନୀୟ ।

୩ । ମୁମୂର୍ଷା—ମରଣ ପାଇଁ ଇଚ୍ଛା, ହରେ—ହରଣ କରେ ।

ସଖୀ ବୋଇଲେ; 'ସଖି', ବୁଝିଲି ନାହିଁ,
କେମନ୍ତେ ଥିଲା ଆଶା ମଲା କପାଇଁ ?
ତୋ ପରି ସାଧ୍ୱୀ ପାଇ ଦାରୁଣ ବ୍ୟଥା,
ନ ନିନ୍ଦୁ ବିଧି, ଏତ ବିଚିତ୍ର କଥା ଗୋ !" ୪ ।

ବୋଇଲେ ସତୀ, "ମୋର ଦୁଃଖ-କାହାଣୀ
ଶୁଣି ସଜନି, ସବୁ ପାରିବୁ ଜାଣି,
ଯେମନ୍ତେ ଆମନ୍ତ୍ରିଲି ଘୋର କଷଣ,
ଯେମନ୍ତେ ଆଶାର ମୋ ହେଲା ମରଣ ଗୋ ! ୫ ।

ପଞ୍ଚବଟୀରେ ବନେ କୁଟୀର ପାଶେ
ଖେଳିଲା ସ୍ୱର୍ଣ୍ଣମୃଗ ଏକ ଉଲ୍ଲାସେ,
ଚିକ୍‌କଣ ରୁରୁ ତାର ଚର୍ଚ୍ଚିତ ଅଙ୍ଗ,
ଝଳିଲା ଲଭି-ରବି-କିରଣ ସଙ୍ଗ ଗୋ ! ୬ ।

ହେମାଙ୍ଗେ ଚନ୍ଦ୍ରବିନ୍ଦୁ ଚମ୍ପୁର କାନ୍ତି
ନେଦେଇ ଆଣିଲା ମୋର ରତନଭ୍ରାନ୍ତି,
ସେ ଜାତି ମୃଗ ଦେଖି ନ ଥିଲି ବନେ
ନଗରେ, ରାଜପୁରେ ଅବା ବିପିନେ ଗୋ ! ୭ ।

ଭାବିଲି, ବାହୁଡ଼ିବି ଯେବେ ନଗରେ
ସୁରୁରୁ ମୃଗଟିକି ନେବି ସଙ୍ଗରେ,

---

୪ । ସାଧ୍ୱୀ— ପତିବ୍ରତା ।

୫ । କଷଣ—ଦୁଃଖ ।

୬ । ଉଲ୍ଲାସ—ଆନନ୍ଦ, ପଞ୍ଚବଟୀ ଦଣ୍ଡକାରଣ୍ୟ ଅନ୍ତର୍ଗତ ଗୋଦାବରୀ ନଦୀକୂଳରେ ଜନସ୍ଥାନ ମଧ୍ୟବର୍ତ୍ତୀ ବନ ବିଶେଷ । ଏହିଠାରେ ରାମଚନ୍ଦ୍ରଙ୍କ ବନବାସ କାଳରେ ରାବଣ ମାୟାମୃଗ ପ୍ରଦର୍ଶନ କରି ସୀତାଙ୍କୁ ହରଣ କରି ନେଇଥିଲା । ରୁରୁ—ସୁନ୍ଦର, ଝଳିଲା—ଶୋଭା ପାଇଲା ।

୭ । ବିପିନେ—ବଣରେ ।

ଚକିତ କରାଇବ ପୁରବାସୀଙ୍କି
ତା ସଙ୍ଗେ ବର୍ତ୍ତି ବନଶୋଭାରାଶିକ ଗୋ ! ୮ ।
ଆହାର ଦେଖାଇଲା ଧରିବା ଅଶେ
ଚମକ ମୃଗବର ପାଶେ ନ ଆଶେ,
ମନ ଲୋଭଇ ମୋର ନେତ୍ର ରଞ୍ଜାଇ
ପଶିଲା ବାରମ୍ବାର ଵିପିନେ ଯାଇ ଗୋ ! ୯ ।
ତା' ପାଇଁ ବ୍ୟସ୍ତ ହେବା ଦେଖି ମୋ ମନ
କାନ୍ତ ବୋଇଲେ ସ୍ନେହବଦ୍ଧ ବଦ୍ଧନ,
'ସୁନ୍ଦର ମୃଗଟିକୁ ଆଣି ମୁଁ ତୃର୍ଣ୍ଣି
ସଖି, ତୋ କୁତୂହଳ କରିବ ପୂର୍ଣ୍ଣି ଗୋ ! ୧୦ ।
ଧନୁ ଅଶୁଗ ଧରି ଆଶୁ ଗମନେ
ଚଳିଲେ କାନ୍ତ ତାର ଅନୁଧାବନେ,
ମୃଗାନୁସାରୀ କାନ୍ତ ଅତି ସତ୍ୱର
ଦୃଷ୍ଟି-ସୀମାରୁ ମୋର ହେଲେ ଅନ୍ତର ଗୋ ! ୧୧ ।
ଶୁଭିଲା ବନ ମଧ୍ୟେ "ରଖ ଲକ୍ଷ୍ମଣ"
ସେ ଡାକେ ବିଚଳିତ ହେଲା ମୋ ମନ,
ମନ ସହିତ ତହିଁ ଦେଲି ଶ୍ରବଣ !
ପୁଣି ଉଠିଲା ରବ 'ରଖ ଲକ୍ଷ୍ମଣ' ଗୋ ! ୧୨ ।
ଲକ୍ଷ୍ମଣ ବୀର ଥିଲେ ମୋର ନିକଟ
ବୋଇଲି, 'ଦେଖ ବତ୍ସ, ହେଲା ସଙ୍କଟ ।'
ବୋଇଲେ କରିବାକୁ ମୋ ମନ ଅସ୍ଥ,
'ରାଘବ ଭ୍ରାତା ନୁହେଁ ନ କର ଭୟ ଗୋ !' ୧୩ ।

---

୮ । ଚକିତ – ଆଶ୍ଚର୍ଯ୍ୟ ।
୧୦ । ବଦ୍ଧନ—ଶୀଘ୍ର, ତୂର୍ଣ୍ଣି – ଚଞ୍ଚଳ, କୁତୂହଳ—ଇଚ୍ଛା ।
୧୧ । ଆଶୁଗ – ଶର, ଆଶୁ– ତୁରନ୍ତ, ଅନୁଧାବନ—ଅନୁସରଣ ।
୧୩ । ଅସ୍ଥ—ସ୍ଥିର, ରାଘବ– ରାମଚନ୍ଦ୍ର ।

ଖାର ସ୍ୱଭାବ ସଖି, ବୁଝନ୍ତ ଖାର,
ଦେଖିଲି ଲକ୍ଷ୍ମଣଙ୍କୁ ଧୀର ଗମ୍ଭୀର ।
ନାରୀ-ହୃଦୟ ସତେ ଅତି ଦୁର୍ବଳ;
ଅଧିକ ହେଲି ତାଙ୍କ ବାକ୍ୟେ ବିକଳ ଗୋ ! ୧୪ ।

ବିନୟ ପରେ କରି କଟୁ-ଭାଷଣ
ସ୍ୱାମୀ ସମୀପେ ତାଙ୍କୁ କଲି ପ୍ରେଷଣ,
ମୋ ସୁଖ-ସଉଭାଗ୍ୟ ସମ୍ପଦରାଶି
ଗଲେ ଲକ୍ଷ୍ମଣ ଗତ-ସ୍ରୋତରେ ଭାସି ଗୋ ! ୧୫ ।

ବିପଦ ହୋଇ ଏଣେ ବିଗ୍ରହଧାରୀ
ଯୋଗୀନ୍ଦ୍ର ବେଶେ ଦ୍ୱାରେ ହେଲା ଭିଖାରୀ,
ସ୍ୱାମୀ ଆସିବା ଯାଏ ନ ଟାକି ମନ୍ଦ
ଭିକ୍ଷା ନିମନ୍ତେ କଲି ଘୋର ନିର୍ବନ୍ଧ ଗୋ ! ୧୬ ।

ଭିକ୍ଷା ଦିଅନ୍ତେ ବଳେ ଧରି ମୋ କର
ବିମାନେ ବସାଇଲା ନେଇ ସତ୍ୱର,
କଲି ବିନୟ କେତେ, କେତେ ତର୍ଜ୍ଜନ
ନ କଲା କର୍ଣ୍ଣପାତ ତହିଁ ଦୁର୍ଜନ ଗୋ ! ୧୭ ।

---

୧୪ । ବିକଳ—ଅଧୀର ।

୧୫ । ପ୍ରେଷଣ—ପଠାଇବା ।

୧୬ । ବିଗ୍ରହଧାରୀ—ରୂପଧାରଣ କରି, ଯୋଗୀନ୍ଦ୍ର—ସୀତାଙ୍କୁ ହରଣ କରିବା ପାଇଁ ଲଙ୍କାର ରାଜା ରାବଣ ଯତି ବେଶରେ ଉପସ୍ଥିତ ହୋଇଥିଲା, ନ ଟାକି—ଅପେକ୍ଷା ନ କରି, ମନ୍ଦ—ଦୁଷ୍ଟବୁଦ୍ଧି, ନିର୍ବନ୍ଧ—କଟାଳି ।

୧୭ । ବିମାନ—ରଥ, ସତ୍ୱର—ସଙ୍ଗେ ସଙ୍ଗେ, ବିନୟ—ନେହୁରା, ତର୍ଜ୍ଜନ—ଭର୍ତ୍ସନ ଓ ଭୟ ପ୍ରଦର୍ଶନ, କର୍ଣ୍ଣପାତ—ଶୁଣିବା, ଦୁର୍ଜନ—ଦୁଷ୍ଟ ।

ଜାଣିଲି ବେଶ ନୁହେ ଗୁଣର ଚିହ୍ନ
ବାହାରେ ସାଧୁବେଶ, ଭିତରେ ଭିନ୍ନ,
ମଣନ୍ତି ଲୋକେ ସର୍ବଶୁଭଦ ଧର୍ମ;
କେ ଜାଣେ ଧର୍ମ ନାମ ବହଇ ଯମ ଗୋ ! ୧୮ ।
ଦକ୍ଷିଣ-ମୁଖେ ଖଳ ବାହିଲା ରଥ
କମ୍ପାଇ ଘନ ଘୋଷେ ଗଗନପଥ;
କାନ୍ଦିଲି ଯେତେ ଯେତେ ଉଚ୍ଚ ଆରବେ,
ବିଲୀନ ହେଲା ରଥ-ଘୋଷ-ଗରବେ ଗୋ ! ୧୯ ।
ଦେଖିଲି ତଳେ ବନ ମୟୂରଗଣ
ଅନାଇ ମୋତେ କରୁଥିଲେ ରୋଦନ;
ହରିଣେ ଯୂଥ ଯୂଥ ଊର୍ଦ୍ଧ୍ୱ ନୟନେ
ଚକିତ ଦୃଷ୍ଟି ଦେଇଥାନ୍ତି ସ୍ୟନ୍ଦନେ ଗୋ ! । ୨୦ ।
ପକ୍ଷୀଏ ପଥ ରୋଧି କଲା ସମର
ତା' ପକ୍ଷ ପକାଇଲା ଛେଦି ପାମର;
ପବନ ପ୍ରତିକୂଳ ହୋଇ ଗତିକି
ନିବାରି ନ ପାରିଲା ମନ୍ଦମତିକି ଗୋ ! ୨୧ ।

---

୧୮ । ସର୍ବଶୁଭଦ—ସମସ୍ତ ମଙ୍ଗଳମୟ, ଯମ—ମୃତ୍ୟୁର ଦେବତା ।

୧୯ । ଘନ ଘୋଷେ—ମେଘ ଗର୍ଜନ ପରି, ଆରବେ—ସ୍ୱରରେ, ବିଲୀନ—ଲୋପ, ଘୋଷ - ଶବ୍ଦ ।

୨୦ । ରୋଦନ—କ୍ରନ୍ଦନ, ଯୂଥ ଯୂଥ—ଦଳ ଦଳ, ଊର୍ଦ୍ଧ୍ୱ ନୟନେ—ଉପରକୁ ଅନାଇ, ସ୍ୟନ୍ଦନେ—ରଥକୁ ।

୨୧ । ପକ୍ଷୀଏ—ସୂର୍ଯ୍ୟଙ୍କର ସାରଥି ଅରୁଣଙ୍କ ପୁତ୍ର ଜଟାୟୁ ପଞ୍ଚବଟୀରେ ବାସ କରୁଥିଲା । ପୂର୍ବରୁ ରାଜା ଦଶରଥଙ୍କ ସହିତ ତାର ମିତ୍ରତା ଥିଲା । ତାଙ୍କର କୁଳବଧୂ ସୀତାଙ୍କୁ ରାବଣ ଅପହରଣ କରି ନେଉଥିବାରୁ ସେ ଭୟଙ୍କର ଯୁଦ୍ଧ କରି ରାବଣର ଗତିରୋଧ କଲା ଏବଂ ରାବଣର ଅସ୍ତ୍ରାଘାତରେ କ୍ଷତବିକ୍ଷତ ହୋଇ ପଡ଼ିରହିଲା । ଶେଷରେ ରାମଚନ୍ଦ୍ରଙ୍କୁ ସୀତାଙ୍କ ସମ୍ବାଦ ଦେଇ ଦେହତ୍ୟାଗ କଲା । ରାମଚନ୍ଦ୍ର ଏହି ପକ୍ଷୀରାଜଙ୍କର ଯଥାବିଧି ସତ୍କାର କରିଥିଲେ । ପାମର—ପାପିଷ୍ଠ ।

ପଥ ପର୍ବତଶ୍ରେଣୀ ମସ୍ତକ ଟେକ
ପାରିଲେ ନାହିଁ ବ୍ୟୋମ-ବିମାନ ଛେକ,
ମର୍ତ୍ତ୍ୟବାସୀଙ୍କି ବାର୍ତ୍ତା ଦେବାର ପାଇଁ
ଦୀନ ନୟନେ ଥାଏ ତଳକୁ ଚାହିଁ ଗୋ ! । ୧୨ ।

ରଥ-ଶବଦେ ଭାଷା ହେବ ବିଫଳ
ଜାଣି ପକାଇଦେଲି ଭୂଷା ସକଳ;
ଦେଖିଲି ନଦୀମାନେ ହୋଇ ବିକଳ
ଶୀର୍ଣ୍ଣ ଶରୀରେ ଯେହ୍ନେ ହେଲେ ନିଶ୍ଚଳ ଗୋ ! ୧୩ ।

ତନୁ ସଙ୍କୋଚି ତୁଙ୍ଗ ପାଦପଚୟ
ଭିଡ଼ିଲେ ପରସ୍ପରେ ଲଭି ତା' ଭୟ,
ଅବନୀ କ୍ରମେ ହୋଇଗଲା ନୀରବ;
ଲୁଚି ରହିଲେ ମୃଗ ବିହଙ୍ଗ ସର୍ବ ଗୋ ! । ୧୪ ।

ପୂର୍ବ ପଶ୍ଚିମ ଯାମ୍ୟ କକୁଭଚୟ
କ୍ରମେ ଦିଶିଲା ଗାଢ଼ ନୀଳିମାମୟ,
ମର୍ତ୍ତ୍ୟ ଲକ୍ଷଣ କିଛି ନ ହେଲା ଦୃଷ୍ଟ,
ତହିଁ ମଧ୍ୟକୁ ରଥ ବାହିଲା ଦୁଷ୍ଟ ଗୋ ! । ୧୫ ।

ଅଗ୍ରେ ଦିଶିଲା ଦିଗମୂଳ ଉଜ୍ଜ୍ୱଳ,
କ୍ରମେ ମିଶିଲି ତାକୁ ବନ-ଅନଳ,
ଯେତିକି ହେଲା ରଥ ତା ପାଶ ପାଶ,
ଅସଂଖ୍ୟ ଜ୍ୟୋତିଃପୁଞ୍ଜ ହେଲା ପ୍ରକାଶ ଗୋ ! ୧୬ ।

---

୧୩ । ଭାଷା ହେବ ବିଫଳ—ଶବ୍ଦ ଶୁଭିବ ନାହିଁ । ଭୂଷା—ଅଳଙ୍କାର, ଶୀର୍ଣ୍ଣ—ସରୁ, ନିଶ୍ଚଳ—ଗତିହୀନ ।

୧୪ । ତୁଙ୍ଗ—ଅତି ଉଚ୍ଚ, ନୀରବ—ଶବ୍ଦ ଶୂନ୍ୟ ।

୧୫ । ଯାମ୍ୟ—ଦକ୍ଷିଣ ଦିଗ, କକୁଭଚୟ – ଚାରି ଦିଗ, ଦୃଷ୍ଟ—ଦେଖାଯିବା ।

ଲୁଚିଲା ନଭ ତେଜି ତାରା ସକଳ
ଦବସେ ଛନ୍ତି ତହିଁ ଦଳକୁ ଦଳ,
ବିଧୁ ବିରହେ ତେଜି ନଭୋମଣ୍ଡଳ
ହୃଦୟେ ଜାଳୁଛନ୍ତି ବିରହାନଳ ଗୋ ।। ୨୭ ।

କିବା ମୋ ମର୍ତ୍ତ୍ୟଲୀଳା ହୋଇଛି ଶେଷ,
ଶମନପୁରେ ହେଉଅଛି ପ୍ରବେଶ ?
ଦେଖିଲି ମନୋହର ଅଟ୍ଟାଳିଶ୍ରେଣୀ
ଦିଶନ୍ତି ରମ୍ୟ ହେମକଳସ ଘେନ ଗୋ ।। ୨୮ ।

ଦିଶିଲା କ୍ରମେ ପୁର ଅଟ୍ଟାଳୀ ବୀଥି
ନଗର ରଞ୍ଜି ଛନ୍ତି ଖର-ଦୀଧିତି;
ସ୍ୱକରେ ହର୍ମ୍ୟଶିର କଳସମାନ
ରସାଣି କରୁଛନ୍ତି ଜାଜ୍ୱଲ୍ୟମାନ ଗୋ ।। ୨୯ ।

ସେକାଳେ ମନେ ମୋର ହେଲା ବିଚାର
ଅଟଇ ଯୋଗୀ ନିଶ୍ଚେ ଶମନଚର,
କୃତାନ୍ତ ପାଶ ଯିବ ସଦର୍ପେ ପଶି
ଉଞ୍ଚାଇ ଦୀପ୍ତ ପଞ୍ଚ-ଭକତ-ଆସି ଗୋ ! । ୩୦ ।

ନଗର ପ୍ରାନ୍ତେ ଯୋଗୀ ଓହ୍ଲାଇ ରଥ
ଚାଲିଲା ତହିଁ ଏକ ଉଦ୍ୟାନ ପଥ,

---

୨୭ । ନଭ—ଆକାଶ ।

୨୮ । ଶମନପୁରେ—ଯମପୁରରେ, ମନୋହର—ସୁନ୍ଦର, ଅଟ୍ଟାଳୀ ଶ୍ରେଣୀ ଧାଡ଼ି ଧାଡ଼ି ପ୍ରାସାଦ, ହେମ କଳସ—ସ୍ୱର୍ଣ୍ଣକୁମ୍ଭ ।

୨୯ । ବୀଥି—ଧାଡ଼ି, ଖର-ଦୀଧିତି—ସୂର୍ଯ୍ୟ, ଭସାଣି—ଉଜ୍ଜ୍ୱଳୀ କରଣ, ଜାଜ୍ଜ୍ୱଲ୍ୟମାନ—ଶୋଭାଯୁକ୍ତ ।

୩୦ । କୃତାନ୍ତ—ଯମ, ଦୀପ୍ତ—ପ୍ରଜ୍ଜ୍ୱଳିତ ।

ମଣ୍ଡିତ ପଥ ଗୃରୁ ମର୍ମରୋପଲେ
ଉଦ୍ୟାନ ଶୋଭେ ନାନା କୁସୁମ ଫଲେ ଗୋ ! ୩୧ ।
ଅଶୋକ ତରୁ ତହିଁ ଅଧିକତର
କୁସୁମ ପୁଞ୍ଜେ ପୁଞ୍ଜେ ଦିଶେ ସୁନ୍ଦର;
ଉଦ୍ୟାନ ମଧ୍ୟେ ଏକ ଉଜ୍ଜ୍ୱଳ ହର୍ମ୍ୟ
ବିବିଧ ରତନରେ ଦିଶଇ ରମ୍ୟ ଗୋ ! । ୩୨ ।
ବୋଇଲା ଯୋଗୀ ମୋତେ; 'ସେଠାରେ ରହ
ଗଣିବୁ ନାହିଁ ଚିତ୍ତେ କାନ୍ତ-ବିରହ;
କାନନବାସ-କ୍ଳେଶ ହେଲା ତୋ ଶେଷ,
ସ୍ୱରଗ ସୁଖ ଭୁଞ୍ଜ ମଣ୍ଡି ଏ ଦେଶ ଗୋ ! । ୩୩ ।
ତିନଭୁବନେ ଯେଉଁ ଦ୍ରବ୍ୟ ଦୁର୍ଲଭ
ବାଞ୍ଛିଲା ମାତ୍ରେ ଏବେ ହେବ ତୋ ଲଭ୍ୟ;
ସହସ୍ର ସୁକୁମାରୀ ସ୍ନେହ ପ୍ରକାଶି
ହେବେ ତୋ ଅରବିନ୍ଦ-ଚରଣେ ଦାସୀ ଗୋ ।' ୩୪ ।
ରତନ ବିଭୂଷିତ ସହସ୍ର ନାରୀ
ଡାକି ବୋଇଲା ଅତି ଦୃଢ଼େ ତିଆରି,
ଏହାକୁ ଜାଣି ମୋର ହୃଦୟେଶ୍ୱରୀ
ସେବି ରହିବ ହୃଦେ ଭକତି ଭରି ଗୋ । ୩୫ ।

---

୩୧ । ଉଦ୍ୟାନ—ରାବଣର ବିହାର ଉଦ୍ୟାନ, ଏହି ବଣରେ ସୀତାଙ୍କୁ ବନ୍ଦୀ କରାଯାଇଥିଲା ।

୩୨ । ଉଦ୍ୟାନ - ବଗିଚା, ହର୍ମ୍ୟ—କୋଠାଘର ।

୩୩ । କାନନ-ବାସ—ବଣରେ ରହିବାର ଦୁଃଖ, ମଣ୍ଡି—ଶୋଭନ କରି ।

୩୪ । ଦୁର୍ଲଭ—ଯାହା ସହଜରେ ମିଳେ ନାହିଁ, । ବାଞ୍ଛିଲା—ଇଚ୍ଛା କଲା ମାତ୍ରକେ, ଲଭ୍ୟ—ପ୍ରାପ୍ତ ହେବ, ଅରବିନ୍ଦ—ପଦ୍ମ ।

୩୫ । ତିଆରି—ସାବଧାନ କରାଇ, ହୃଦୟେଶ୍ୱରୀ - ମନର ରାଣୀ, ସେବି—ସେବା କରିବ ।

ଖଟିବ ନିତ୍ୟ ଏହା ମାନସ ଜାଣି
ଶୁଣାଉଥିବ ମୋର ମହିମା-ବାଣୀ,
ମୋର ସମ୍ପଦେ ଯେହ୍ନେ ମଜ୍ଜେ ତା ମନ;
ତହିଁକି କରୁଥିବ ଅତି ଯତନ ଗୋ । ୩୭ ।
ଏମନ୍ତ କହି ଯୋଗୀ ହେଲା ଅନ୍ତର
ବିସ୍ମୟେ ପୂରିଗଲା ମୋର ଅନ୍ତର,
କିଏ ସେ ଯୋଗୀ ମୋତେ ଆଣିଲା କାହିଁ;
କେଉଁ ପୁର ତା କିଛି ଜାଣିଲି ନାହିଁ ଗୋ । ୩୭ ।
କେମନ୍ତେ ହେଲି ଯୋଗୀ-ହୃଦୟେଶ୍ୱରୀ
ରହିଛି ରଘୁବଧୂ-ଶରୀର ଧରି,
ମରି ତ ନାହିଁ ମୁହିଁ, ଅଛି ସ୍ମରଣ;
କୌଶଲ୍ୟା-ସୁତ ବିନା ମୋର ଶରଣ ଗୋ । ୩୮ ।
ହୃଦୟେ କଲି ପୁଣି ଦୃଢ଼ ନିଶ୍ଚୟ
ଯେ କେହି ହେଉ ଯୋଗୀ କି ଅଛି ଭୟ ?
ଯାବତ ଜୀବନେ ମୋ ଥିବ ସ୍ମରଣ;
କୌଶଲ୍ୟା-ସୁତ ଏକା ମୋର ଶରଣ ଗୋ । ୩୯ ।
ହେଉ ଏ ଯମାଳୟ ଅଥବା ସ୍ୱର୍ଗ
ବିହରୁଥାନ୍ତୁ ଏଥି ଦେବତା ବର୍ଗ,
କେ କରିପାରିବ ମୋ ଚିତ୍ତ ହରଣ ?
କୌଶଲ୍ୟା-ସୁତ ଏକା ମୋର ଶରଣ ଗୋ । ୪୦ ।
ସହସ୍ର ଦାସୀରେ ମୋ କି ପ୍ରୟୋଜନ
ଆଉ କି ଅଛି ମୋର ସ୍ନାନ ଭୋଜନ,
କାନନେ ଭ୍ରମୁଥିବେ ମୋ ପ୍ରାଣପତି;
ତାଙ୍କ ଚରଣେ ଏକା ରହିବ ମତି ଗୋ । ୪୧ ।

---

୩୭ । ଖଟିବ—ସେବା କରିବ, ମାନସ ଜାଣି—ମନ ଅନୁସାରେ, ମହିମା—ଗୌରବ, ମଜ୍ଜେ—ଲିପ୍ତ ରହେ ।
୩୮ । ରଘୁବଧୂ—ରଘୁବଂଶର ବୋହୂ, ରାମଚନ୍ଦ୍ରଙ୍କର ପତ୍ନୀ ।

ମଞ୍ଜୁଳ ବୀଣା ଧରି ସତେ ଭାରତୀ
ସଙ୍ଗୀତ ସୁଧା ମୋର ପାଶେ କରନ୍ତି,
ମୋ କର୍ଣ୍ଣେ ହେବ କାହିଁ ତାହାର ମୂଲ୍ୟ;
କାନ୍ତ-ଶ୍ରୀମୁଖ-କଥା ପଦକ ତୁଲ୍ୟ ଗୋ । ୪୨ ।
ଏମନ୍ତ ଭାବି ଭାବି ଶ୍ରୀପଦେ ଧ୍ୟାନ
ଦେଇ ହରାଇଦେଲି ଜୀବନଜ୍ଞାନ,
କେମନ୍ତେ କେତେ କାଳ ହେଲା ଅତୀତ;
କିଛୁ ନ ଜାଣେ ପତି ଚିନ୍ତା ବ୍ୟତୀତ ଗୋ ! ୪୩ ।
କିନ୍ତୁ ସେ ରଜ୍ୟେ ମୋତେ ଦିନ-ଶର୍ବରୀ
ପ୍ରତୀତ ହେଲା ଦେବ-ସମୟ ପରି,
ଦେବଭୁବନ ତାକୁ ମଣିଲି ମନେ;
ଦେବ-ସାହସ ପୂର୍ଣ୍ଣ କଲି ଜୀବନେ ଗୋ । ୪୪ ।
ଈଶ୍ୱରେ ମନାସିଲି ଦେବ ଶକତି
ଦେବୀ-ହୃଦୟୋଚିତ ପତି-ଭକତି,
ପତି ଚରଣାମୃତେ ରଖିଲି ଆଶା;
ଗଣିଲି ନାହିଁ ଆଉ କ୍ଷୁଧା ପିପାସା ଗୋ । ୪୫ ।
ବିବିଧ ଅଙ୍ଗରାଗ ବସ୍ତ୍ର ଭୂଷଣ
ବିବିଧ ଖାଦ୍ୟ ଆଣି ସେବିକାଗଣ,
କହିଲେ କେତେମତେ ଚାଟୁବଚନ;
ବଳିଲା ନାହିଁ କାହିଁ ତହିଁ ମୋ ମନ ଗୋ । ୪୬ ।

---

୪୨ । ମଞ୍ଜୁଳ – ମନୋହର, ଭାରତୀ—ସରସ୍ୱତୀ ।

୪୪ । ଦେବ ସମୟ – ମନୁଷ୍ୟମାନଙ୍କର ଛଅ ମାସରେ ଦେବତା-ମାନଙ୍କର ଏକ ଦିନ, ପ୍ରତୀତ—ଜଣାଗଲା, ଦିନ-ଶର୍ବରୀ—ଦିନ ରାତି, ମଣିଲି—ଜ୍ଞାନ କଲି ।

୪୬ । ଅଙ୍ଗରାଗ –ଶରୀର ସଜାଇବାର ଉପକରଣ, ଚାଟୁବଚନ—ତୋଷାମଦ ବାକ୍ୟ, ବଳିଲା ନାହିଁ—ଆକୃଷ୍ଟ ହେଲା ନାହିଁ ।

ଦାସୀଙ୍କ ବଚନରୁ ଜାଣିଲି କ୍ରମେ
ରାବଣ ତ୍ରିଭୁବନ-ଜୟୀ ବିକ୍ରମେ,
ଡରନ୍ତି ସୁରପତି ଶୁଣି ତା' ନାମ;
ସିନ୍ଧୁ-ପରିଖୀକୃତ ଲଙ୍କା ତା' ଧାମ ଗୋ । ୪୭ ।

ସେହି ରାଜ୍ୟକୁ ମୁହିଁ ହୋଇଛି ନୀତ
ନେଇଛି ଯୋଗୀବେଶେ ସେ ଦୁର୍ବିନୀତ,
ନବର ନଗର ତା' ଅତୁଳ ରମ୍ୟ;
ନର କିନ୍ନରଙ୍କର ଦୁରଧିଗମ୍ୟ ଗୋ । ୪୮ ।

ଯହିଁ କି ବଳିଥାଏ ତାହାର ଚିତ୍ତ
ଭୟେ କରନ୍ତି ଦେବେ ତାହା ରଚିତ,
ଆସିଲେ ଅରୁଣିମା ତାର ନୟନେ;
ବିପଦଭୟ ବ୍ରହ୍ମା କରନ୍ତି ମନେ ଗୋ ! ୪୯ ।

ରାବଣ ନାମ ଶୁଣି ପାରିଲି ଜାଣି
ପିନାକୀ ଚାପେ ଭଙ୍ଗିଥିଲି ତା ଆଣି,
ଭାବିଲି କି ସାହସ କରିଛି ଶ୍ୱାନ;
କରିବା ପାଇଁ ଯଜ୍ଞ-ଅମୃତ ପାନ ଗୋ । ୫୦ ।

---

୪୭ । ତ୍ରିଭୁବନ—ସ୍ୱର୍ଗ ମର୍ତ୍ତ୍ୟ ପାତାଳ, ବିକ୍ରମେ – ପରାକ୍ରମରେ, ସୁରପତି—ସ୍ୱର୍ଗର ରାଜା ଇନ୍ଦ୍ର, ସିନ୍ଧୁ—ସାଗର. ପରିଖୀକୃତ ଗଡ଼ଖାଇ ପରି ।

୪୮ । ଦୁର୍ବିନୀତ—ଉଦ୍ଧତ, ନବର—ଉଆସ, ନଗର—ସହର, ନର—ମନୁଷ୍ୟ, କିନ୍ନର—ଦେବଯୋନି ବିଶେଷ, କୁବେରଙ୍କ ଅନୁଚର ଏବଂ ସଙ୍ଗୀତ ବିଦ୍ୟାରେ ନିପୁଣ, ଦୁରଧିଗମ୍ୟ—ଦୁର୍ଗମ ।

୫୦ । ପିନାକୀ ଚାପ—ଶିବ ଧନୁ, ଆଣି—ଗର୍ବ, ସୀତା ସ୍ୱୟମ୍ବରରେ ରାବଣ ଶିବଧନୁ ଭଙ୍ଗି ନ ପାରି ଅପଦସ୍ତ ହୋଇଥିଲା, ଶ୍ୱାନ – କୁକୁର ପରି ଛାର ।

ସତକୁ ସତ ଦିନେ ଆସି ଦୁର୍ମତି
ଅନଳ ତେଜେ ଉଗ୍ର ହେଲା ମୋ କଣ୍ଠ,
ପାପ-ବଚନେ ପାପ-ମାନସେ ପାପୀ;
ବଳିଲା କେତେ ଆତ୍ମଗରିମା ଜ୍ଞାପି ଗୋ । ୫୧ ।
ମୋ ଦୁଃଖ ଘନଘଟା ଲୋତକ ଧାର
ଗ୍ରହି ଧୂଆଁଳି କହ୍ନ ଗର୍ବ-ଅନ୍ଧାର,
ଚମକିଗଲା ମୋର ସେ ଘନଘଟା—
ମଧ୍ୟେ ତା ଆଶା ଭୀମ ବିଦ୍ୟୁତ ଛଟା ଗୋ । ୫୨ ।
ସଖି, ମୁଁ ହେଲ ଯେଉଁ ଦିବସୁଁ ଜ୍ଞାତ
ପାପୀ ଦାନବ ଛୁଇଁଅଛି ମୋ ହାତ,
ଛୁଇଁଲା ସ୍ଥଳୁଁ ଉଠି ବ୍ୟାପି ଶରୀର;
ଦୁଃସହ ଜ୍ୱାଳା କରେ ପ୍ରାଣ ଅସ୍ଥିର ଗୋ । ୫୩ ।
ମଣଇଁ ବିଷଦଗ୍ଧ ଶରପଟଳ—
ସଦୃଶ ଅପଘନ ଲୋମ ସକଳ,
ବ୍ୟାଧ ବିହଗାହତ ହରିଣୀଗଣ;
କି ଦୁଃଖ ଭୋଗୁଥିବେ ଭାବେ ମୋ ମନ ଗୋ ! ୫୪ ।
ସହି ଯେ ଦୁର୍ବିସହ ଦୁଃଖ ମରମେ
ମନକୁ ଦୃଢ଼ କରଥାଏ ଧରମେ,
ଦୃଢ଼ ଭରସା ମୋର ଥାଏ କେବଳ;
ଅବଳା ପାଇଁ ସଦା ଧରମବଳ ଗୋ ! ୫୫ ।
ନ ଜାଣି ସିନା ଥରେ ରାକ୍ଷସଧାମେ
ହସ୍ତ ବଢ଼ାଇ ଭିକ୍ଷା ଦେଲି ମୁଁ ଭ୍ରମେ,

---

୫୧ । ଜ୍ଞାପି—ଜଣାଇ ।

୫୨ । ଭୀମ —ଭୟଙ୍କର ।

୫୩ । ଦାନବ—ଅସୁର ।

୫୪ । ଅପଘନ—ଶରୀର, ବିହଗ – ବାଣ, ବ୍ୟାଧ—ଶବର ।

ଏବେ କରିବ ଯଦି ବଳ ପ୍ରକାଶ;
ମାରିବ ଅବା ହେବ ତା ହସ୍ତେ ନାଶ ଗୋ !୫୬।
ଯଦ୍ୟପି ସତ୍ୟ ଅଛି ଜଗତେ ଧର୍ମ
ଦେଖିବ ଜଗତ ମୋ ଅଦ୍ଭୁତ କର୍ମ,
ପାପ-କାର୍ପାସ ହେଲେ ପର୍ବତ ସମ;
ପୁଣ୍ୟାଗ୍ନି-କଣା ତାକୁ ଦହନେ କ୍ଷମ ଗୋ !୫୭।
ଦେଖ ସଜନୀ, ହୋଇ ଧରମ ଋତ
ମୋ ପ୍ରାଣେ ଢାଳିଦେଲା ଯେହ୍ନେ ଅମୃତ !
କପିଏ ଦେଇ ମୋତେ କାନ୍ତ ସମ୍ବାଦ;
ରାବଣ ସଙ୍ଗେ କରିଗଲା ବିବାଦ ଗୋ ।୫୮।
ଅଚିରେ ରଘୁମଣି ବାନର ବଳେ
ସେତୁ ପ୍ରସ୍ତୁତ କରି ସାଗର-ଜଳେ,
ଲଙ୍ଘି ଦୁର୍ଲଂଘ୍ୟ ବାରି ଆକ୍ରମି ଲଙ୍କା;
ରାକ୍ଷସପତି-ପ୍ରାଣେ ରୋପିଲେ ଶଙ୍କା ଗୋ !୫୯।
ଦୁଷ୍କର ରଣ-ଯଜ୍ଞ କଲେ ଆରମ୍ଭ
କମ୍ପିଲା ଲଙ୍କା ଶୁଣି କପି-ଆରବ,
ରାକ୍ଷସ-ବଂଶେ ଥିଲେ ଯେତେକ ବଳୀ;
ସମସ୍ତେ ଆସି ହେଲେ ସେ ଯଜ୍ଞେ ବଳି ଗୋ !୬୦।

---

୫୮ । ଋତ—ସତ୍ୟ, କପିଏ…ସମ୍ବାଦ—ପବନ ସୁତ ରାମଚନ୍ଦ୍ରଙ୍କ ଦୂତ ହନୁମାନ ଲଙ୍କାରେ ସୀତାଙ୍କୁ ଠାବ କରି ଲଙ୍କାପୁର ଦହନ କରିଥିଲା ।

୫୯ । ବଳେ - ସେନାବାହିନୀ ସାହାଯ୍ୟରେ, ସେତୁ—ବନ୍ଧ, ଦୁର୍ଲଂଘ୍ୟ – ଯାହାକୁ ଅତିଶୟ କଷ୍ଟରେ ଅତିକ୍ରମ କରାଯାଏ, ରାକ୍ଷସପତି—ରାକ୍ଷସମାନଙ୍କର ରାଜା ରାବଣ ।

୬୦ । ଦୁଷ୍କର—ଅତି କଷ୍ଟସାଧ୍ୟ, ବଳୀ—ଯୋଦ୍ଧା, ବଳି—ହତ୍ୟା ହେଲେ ।

ଧରମ_ପଥେ ଥିଲ କେବଳ ଜଣେ
ରହିଲା ରଘୁପତି ପଦଶରଣେ,
ଅଚଳ ଯୂପ ହେଲ ସେ ମହାଧ୍ୱରେ;
ଅଭୟ ପୁଷ୍ପମାଳା ଧରି କଣ୍ଠରେ ଗୋ ।୬୧।

ଯେତକ ବହୁଥିଲ ମୋ' ନେତ୍ର ନୀର
ତା କୋଟି ଗୁଣ ହେଲ ରକ୍ଷ-ରୁଧିର,
ରାବଣ ଭସି ଶୋକସାଗରେ ତ୍ରାସେ;
ପଡ଼ିଲ ପ୍ରଭୁ_ବାଣ-କୁମ୍ଭୀର-ଗ୍ରାସେ ଗୋ ।୬୨।

ତା' ପରେ ରଘୁପତି ମୋତେ ଅଣାଇ
ବୋଇଲେ ସ୍ନେହ ଶୂନ୍ୟ ନେତ୍ରେ ଅନାଇ,
"କୁସଙ୍ଗୁ ବଳି ନାହିଁ ଜଗତେ ପାପ;
କୁସଙ୍ଗୀ ସଙ୍ଗେ ମିଳେ ଘୋର ସନ୍ତାପ ଗୋ !୬୩।

କାମାନ୍ଧ ଦାନବର ପାପ_ଭବନେ
ଥିଲ, ସ୍ମରିଥିବ ପାପ ତୋ ମନେ,
ନ ପାରେ କରି ତୋତେ ଆଉ ଗ୍ରହଣ;
ଗ୍ରହଣ କଲେ ହେବ ଲୋକଗର୍ହଣ ଗୋ ! ୬୪ ।

ଜଳଦ ଜଳ କଲେ ନୀଚେ ଗମନ
ଆଉ କି ତାକୁ ରଖି ପାରଇ ଘନ ?
ଅନଳ_ଶିଖା_ପରି ଅନଳେ ଦହି;
ହେଲେ ସେ ଜଳ ଊର୍ଦ୍ଧ୍ୱେ ଘନେ ମିଶଇ ଗୋ ! ୬୫ ।

---

୬୧ । ଯୂପ—ଯଜ୍ଞୀୟ ପଶୁବନ୍ଧନ ସ୍ତମ୍ଭ, ମହାଧ୍ୱର—ମହାଯଜ୍ଞ,
ଧରମ•••ଜଣେ—ରାବଣର ଭ୍ରାତା ବିଭୀଷଣ ରାମଙ୍କ ଶରଣ ପଶିଥିଲେ ।

୬୨ । ରକ୍ଷ_ରୁଧିର—ରାକ୍ଷସମାନଙ୍କ ରକ୍ତ, ତ୍ରାସେ— ଭୟରେ ।

୬୪ । ଲୋକ ଗର୍ହଣ – ଲୋକ ନିନ୍ଦା, ଅପବାଦ ।

୬୫ । ଜଳଦ—ମେଘ ।

ଭାବିଲି, ଥିଲି ସିନା ଧରି ଜୀବନ
ସେବିବି ବୋଲି ପ୍ରଭୁ ପଦ୍ମଚରଣ,
ନ ହେବ ଯଦି ପଦସ୍ପର୍ଶେ ଭାଜନ;
ଜୀବନେ ଆଉ ମୋର କି ପ୍ରୟୋଜନ ଗୋ ! ୬୬ ।

ଦହିବି ଦେହ ଚାହିଁ ଚାହିଁ ଶ୍ରୀମୁଖ
ଏଥୁଁ ଅଧିକ ମୋର କି ଅଛି ସୁଖ ?
ଦଗଧ ହେଲେ ଦେହ, ଅବଶ୍ୟ ପ୍ରାଣ
ପ୍ରଭୁ ଶ୍ରୀଅଙ୍ଗେ ଯାଇ ପାଇବ ସ୍ଥାନ ଗୋ ! ୬୭ ।

ଧରମ-ବଳେ ଯେବେ ରହିବ ଦେହ
ଲଭିବି ପ୍ରଭୁଙ୍କର ଦ୍ୱିଗୁଣ ସ୍ନେହ !
ବୋଇଲି, 'ଜଳା ହେଉ ହବ୍ୟବାହନ;
କରିବ ଦାସୀ ତହିଁ ଅବଗାହନ ହେ !' ୬୮ ।

ଅକୁଣ୍ଠ ଆଜ୍ଞାବହ ସକୁଣ୍ଠ-ଚିତ୍ତେ
ଲକ୍ଷ୍ମଣ ବହ୍ନି ଜାଳି ଦେଲେ ତ୍ୱରିତେ ।
ଅନଳଶିଖାମାନ ବାତ କମ୍ପନେ;
ଅତି ଚଞ୍ଚଳ ହେଲେ ନଭ ଲମ୍ଫନେ ଗୋ ! ୬୯ ।

ସତୃଷ୍ଣ ଦୃଷ୍ଟି ଦେଇ ମୁଖ କମଳେ
ଅନଳ ପାଶ ଯାଇ ହୃଦୟ ବଳେ,
ବୋଇଲି, 'ରବି-ଶଶୀ-ବାୟୁ-ଗଗନ;
ପାବକ ତୁମେ ଜାଣ ପ୍ରାଣୀଙ୍କ ମନ ହେ ! ୭୦ ।

ରାଘବ ବିନା ଅନ୍ୟେ ଯଦି ମୋ ଚିତ୍ତ
ପ୍ରେମେ ଆକୃଷ୍ଟ ହୋଇଥିବ କିଞ୍ଚିତ,

---

୬୮ । ହବ୍ୟ ବାହନ—ଅଗ୍ନି, ଅବଗାହନ—ସ୍ନାନ, ଅଗ୍ନିପ୍ରବେଶ ।
୬୯ । ବାତ—ପବନ ।
୭୦ । ସତୃଷ୍ଣ—ତୃଷ୍ଣାଯୁକ୍ତ, ପାବକ—ଅଗ୍ନି ।

ଅନଲ ପଟ୍ଟୁ ତୁମ୍ଭେ ସର୍ବ ଭକ୍ଷଣେ;
ଦଅ ହେ କରି ମୋତେ ଭସ୍ମ ଏକ୍ଷଣେ ହେ ! ୭୧ ।

ହୋଇ ତ ଥିଲି ରକ୍ଷ-ନଗରେ ବନ୍ଦୀ
ସେ ଯଦି ଥିବ ମୋତେ ପାତକେ ଛନ୍ଦି,
କୋଟି ଜନମ କାନ୍ତ ପଦ-କମଳ;
ଛୁଇଁବି ନାହିଁ, ମୋତେ ଦହ ଅନଳ ହେ ! ୭୨ ।

ପାତକୀ ପୁଣ୍ୟବନ୍ତ ତୁମ୍ଭେ ନ ଜାଣ
ସ୍ୱଧର୍ମବଶେ ନିଅ ସଭଙ୍କ ପ୍ରାଣ,
ଧରମ ଚିର ସତ୍ୟ ଯଦି ଜଗତେ;
ମୋ ଧର୍ମ ଅପବାଦୁଁ ରଖିବ ମତେ ହେ ! ୭୩ ।

ହେ ଧର୍ମ ! ନିଜ ଗୁଣେ ରହ ମୋ ଅଙ୍ଗେ
ନ ଡରି ଅନଳରେ ପଶ ମୋ ସଙ୍ଗେ,
ଜୀବନେ ନ ପାରିଲେ ମୋତେ ମରଣେ;
ସେବିକା କରି ଦେବ ପ୍ରଭୁ ଚରଣେ ହେ ! ୭୪ ।

ମୋ ତନୁ ଦଗ୍‌ଧ ହେଲେ ହେବ ତ ଖାର
ତାହାକୁ କରାଇବ ପାଦପେ ସାର,
ସେ ତରୁ କାଷ୍ଠ ଦେଇ ବର୍ଦ୍ଧକୀ ହସ୍ତେ;
କରାଇ ଦେବ ପ୍ରଭୁ ପାଦୁକା ମତେ ହେ !' ୭୫ ।

ପ୍ରଭୁ ଶ୍ରୀମୁଖ ପୁନଃ ପୁନଃ ଅନାଇ
ନିଃଶଙ୍କେ ଅନଳରେ ପଶିଲି ଯାଇଁ ।
ଛୁଇଁ କାନ୍ଦିଲେ ରଘୁମଣି ଲକ୍ଷ୍ମଣ;
କାନ୍ଦିଲେ ଘୋର ରବେ ସୈନିକଗଣ ଗୋ ! ୭୬ ।

---

୭୧ । କଷ୍ଟିତ—ଲବେ ମାଣ୍ଡ, ପଟ୍ଟୁ—ଦକ୍ଷ ।
୭୫ । ସାର—ଖତ, ବର୍ଦ୍ଧକୀ—ବଢ଼େଇ, ପାଦୁକା—ଖଡ଼ମ ।
୭୬ । ନିଃଶଙ୍କେ—ଭୟଶୂନ୍ୟ ମନରେ;

ଅସଂଖ୍ୟ ନେତ୍ରେ ହେଲା ଜଳ ପ୍ରବଳ
ମଜ୍ଜାଇ ଦେଲା ମୋତେ କାରୁଣ୍ୟଜଳ,
ଅନଳ ତହିଁ ବୋଧ ହେଲା ଶୀତଳ;
ପୂରିଲା ହାହା ରବେ ନଭୋମଣ୍ଡଳ ଗୋ ! ୭୭ ।
ମୋ ଅନୁକୂଳେ ହେଲା ଆକାଶ-ବାଣୀ
ସତୀତ୍ୱ ମୋର ପ୍ରଭୁ ପାରିଲେ ଜାଣି,
ଅନଳ ଧର୍ମ ବଶେ ହେଲା ନିର୍ବାଣ;
ବଞ୍ଚିଲା ଧର୍ମ-ବଳେ ତହିଁ ମୋ ପ୍ରାଣ ଗୋ ! ୭୮ ।
ଦଗ୍ଧ ହୋଇଗଲା ମୋ ଦୁଃଖରାଶି
ଭାଗ୍ୟେ ମୁଁ ହେଲି ପ୍ରଭୁପଦ୍ମରେ ଦାସୀ,
ଭାବିଲି; କଷ୍ଟେ ରଖିଥିବାରୁ ଜୀବ;
ଲଭିଲି ସିନା ପ୍ରଭୁ-ପଦ ରାଜୀବ ଗୋ । ୭୯ ।
ବସାଇ ମୋତେ ପ୍ରଭୁ ସ୍ୟନ୍ଦନବରେ
ଘେନି ବାନର ରକ୍ଷଦଳ ସଙ୍ଗରେ,
ବାହୁଡ଼ା-ବିଜେ କଲେ ଅଯୋଧ୍ୟା ମୁଖେ;
ଗଗନ-ପଥେ ଜୟ-ଉଲ୍ଲାସ-ସୁଖେ ଗୋ । ୮୦ ।
ହୋଇ ବିରହ-ମରୁ-ପ୍ରଦେଶ ପାର
ପାଇଲି ଶୁଷ୍କ ପ୍ରାଣେ ପ୍ରେମାକୂପାର,
ଅପୂର୍ବ ସୁଖ ପ୍ରାଣେ ହେଲା ଉଦୟ;
ମଣିଲି ଜଗତକୁ ଆନନ୍ଦମୟ ଗୋ । ୮୧ ।

---

୭୭ । କାରୁଣ୍ୟ—ବିଳାପ ।

୭୮ । ନିର୍ବାଣ—ଲିଭିଗଲା ।

୭୯ । ରାଜୀବ—ପଦ୍ମ ।

୮୦ । ସ୍ୟନ୍ଦନବର—ବିମାନଶ୍ରେଷ୍ଠ, ରକ୍ଷଦଳ—ରାକ୍ଷସ ଦଳ, ଉଲ୍ଲାସ —ଆନନ୍ଦ ।

୮୧ । ପ୍ରେମାକୂପାର—ପ୍ରେମ ରୂପକ ସମୁଦ୍ର, ଉଦୟ—ଜାତ ।

ଯଦ୍ୟପି ଦୁଃଖ ଥାଏ ନିଜ ଜୀବନେ
ସୁଖ ନ ଦିଏ ଦେଖା ବିଶ୍ୱଭୁବନେ,
ନିଜ ଜୀବନେ ହେଲେ ସୁଖ ଆଗତ;
ସୁଖରେ ପରିପୂର୍ଣ୍ଣ ଦିଶେ ଜଗତ ଗୋ । ୮୨ ।

ଯେ ରଥେ ପଡ଼ିଥିଲି ବିପଦ-କୂପେ
ଚଢ଼ିଲି ସେହି ରଥେ ସମ୍ପଦ ସ୍ତୂପେ,
ଯା' ଚାହିଁ ଚାହିଁ କରିଥିଲି କ୍ରନ୍ଦନ;
ତା' ଚାହିଁ ଚାହିଁ ହେଲି ମୁଦ ବର୍ଦ୍ଧନ ଗୋ ! । ୮୩ ।

ଉଦ୍ଦୀପିତ ରଥ ତା ଚକ୍ରଗତି
ଉପରେ ମେଘ ତଳେ ସରିତପତି,
ସରିତ ଧରାଧର ଧରଣୀରୁହ;
ହେଲେ ମୋ ନୟନର ପ୍ରୀତିବ୍ୟୂହ ଗୋ । ୮୪ ।

ପୂର୍ବ ନିବାସ ବନସ୍ଥଳୀ ସକଳ
ବିହାର-କୁଞ୍ଜପୁଞ୍ଜ ରମ୍ୟ ଅଚଳ,
ଧୂମ-ଜଟିଳ ଋଷି-ଆଶ୍ରମମାନ;
ଚିତ୍ତକୁ ମୋର କରୁଥିଲେ ଆହ୍ୱାନ ଗୋ । ୮୫ ।

ବ୍ୟସ୍ତକୁନ୍ତଳା ମୁନିକୁମାରୀଗଣ
ରଥ-ନିର୍ଘୋଷ ଦୂରୁଁ କରି ଶ୍ରବଣ,
ଚକିତେ ଚାହିଁଥାନ୍ତି ଊର୍ଦ୍ଧ୍ୱ ବଦନେ;
ଜନ୍ମାଇ ପୂର୍ବ-ସୁଖ-ସ୍ମୃତି ମୋ ମନେ ଗୋ । ୮୬ ।

---

୮୩ । ମୁଦ—ଆନନ୍ଦ ।

୮୪ । ଧରାଧର—ପର୍ବତ, ସରିତ ପତି—ଶ୍ରେଷ୍ଠ ନଦୀ, ଧରଣୀରୁହ—ବୃକ୍ଷ ।

୮୫ । ଅଚଳ—ପର୍ବତ, ଧୂମ-ଜଟିଳ—ଯଜ୍ଞହେତୁ ମୁନି ଆଶ୍ରମ ଧୂଆଁରେ ଶୋଭାଯୁକ୍ତ ।

ପବିତ୍ର ସ୍ନେହ ତାଙ୍କ ସମୁଦାଦର
ମୃଦୁ ମଧୁର କଥା-ଲସିତାଧର,
ମମତାମୟ ଶାନ୍ତ ସରଳ ଦୃଷ୍ଟି;
କଲେ ମୋ ହୃଦକ୍ଷେତ୍ରେ ପୀୟୂଷ ବୃଷ୍ଟି ଗୋ । ୮୭।

କ୍ରମଶଃ କୁମାରୀଙ୍କ ନାମ ସକଳ
କମଳରୂପେ ଫୁଟି ହେଲେ ବିମଳ,
ଘୋର-ବିରହ-ନିଶା-ତମ-ଶେଷରେ;
ସୁଖ-ଦିବସ-ମୁଖେ, ମୋ ମନ ସରେ ଗୋ । ୮୮ ।

ତାଙ୍କ ବିଗତ ଭବ ସୌରଭରାଶି
ଆମୋଦେ ପ୍ରାଣକୁ ମୋ ଦେଲେ ଉଲ୍ଲାସି,
ବନଦର୍ଶନେ ମନ ନୋହୁଁଣୁ ତୃପ୍ତ
ଆଗକୁ ରଥବର ଚଳିଲା ଦ୍ରୁତ ଗୋ ! । ୮୯ ।

ନିସର୍ଗଶୋଭିଳୟ ସୁରମ୍ୟ ବନ
ବର୍ଜନ ନ ପାରିଲା କରି ମୋ ମନ,
ସେ ମନ ଥିଲା ପୁଣି ନଭେ ସ୍ୟନ୍ଦନେ;
ଲଗିଲା ତେଣେ ପୁରେ ଶ୍ୱଶ୍ରୂଚରଣେ ଗୋ । ୯୦ ।

ଶ୍ୟାମସୁନ୍ଦର-କାନ୍ତ କାନ୍ତକୁ ସଙ୍ଗେ
ଘେନି ଖେଳନ୍ତେ ସ୍ଥଳନୟ ସୁରଙ୍ଗେ,
ମନ ମୋ ହେଲା ଅର୍ଦ୍ଧମଣ୍ଡଳାକାର
ନବ ନୀରଦେ ଶକ୍ରରୂପ ପ୍ରକାର ଗୋ । ୯୧ ।

---

୮୭ । ଲସିତାଧର—ଉଲ୍ଲସିତ ଅଧର, ପୀୟୂଷ—ଅମୃତ ।

୯୦ । ନିସର୍ଗ— ସ୍ୱର୍ଗୀୟ, ବର୍ଜନ—ତ୍ୟାଗ, ନଭେ - ଆକାଶରେ ।

୯୧ । କାନ୍ତ—ସ୍ୱାମୀ, ସ୍ଥଳନୟ— ବନ, ଅଯୋଧ୍ୟା, ଆକାଶ; ସୁରଙ୍ଗେ— ଅତ୍ୟନ୍ତ କୌତୁକରେ ନବନୀରଦେ—ନୂଆ କଳାହାଣ୍ଡିଆ ମେଘରେ, ଶକ୍ରରୂପ— ଇନ୍ଦ୍ରଧନୁ ।

ପ୍ରାଣ-ପ୍ରତିମ ପୁତ୍ର ବନ-ପ୍ରସ୍ଥାନ
ହେଲାରୁ ଶ୍ୱଶୁର ମୋ ଅଯୋଧ୍ୟା-ନାଥ,
ନିର୍ବାଣ କରି ଦୁଃଖେ ଜୀବନ-ଦୀପ;
ଗୀର୍ବାଣପୁର ଗଲେ ଶକ୍ର ସମୀପ ଗୋ । ୯୨ ।

ଭରତ ରାଜ୍ୟ ରାଜ-ବିଧାନ ଚାହିଁ
ବନେ ଆଇଲେ ସ୍ୱାମୀ ସମୀପ ଧାଇଁ,
କହିଲେ ଦୁଃଖେ ଯୁକ୍ତ କରପୁଟରେ;
ସେକାଳେ ଥିଲୁ ଆମ୍ଭେ ଚିତ୍ରକୂଟରେ ଗୋ । ୯୩ ।

ବହୁ ବିନୟ କରି କହିଲେ ବୀର
ସ୍ୱାମୀଙ୍କୁ ସ୍ୱାମୀ ହେବା ପାଇଁ ମହୀର,
ପ୍ରଗାଢ଼ତର କରି ପିତୃଭକତି;
ରାଘବ କଲେ ନାହିଁ ତହିଁ ସମ୍ମତି ଗୋ । ୯୪ ।

ବୋଇଲେ, ଯେଉଁ ସତ୍ୟ ନ କଲେ ଭଙ୍ଗ
ତେଜିଲେ ପଛେ ପିତା ସ୍ୱକୀୟ ଅଙ୍ଗ,
'ପିତୃପାଳିତ ଧର୍ମ-ବିହଙ୍ଗୀ-ବେକ;
କେମନ୍ତେ ମୋଡ଼ିଦେବି ତେଜି ବିବେକ ହେ । ୯୫ ।

ଭରତ କାନ୍ଦି କାନ୍ଦି ପଡ଼ି ଚରଣେ
ବୋଇଲେ; 'ରଖ ମୋତେ ପଦଶରଣେ,
ଅବନୀ ତେଜି ଅସ୍ତ-ନଗେ ଭାସ୍କର;
ଗଲେ କି ତାଙ୍କୁ ଛାଡ଼ି ପାରଇ କର ହେ । ୯୬ ।

---

୯୨ । ନିର୍ବାଣ—ମୃତ୍ୟୁ, ଗୀର୍ବାଣପୁର—ସ୍ୱର୍ଗପୁର, ଶକ୍ର—ଇନ୍ଦ୍ର ।
୯୪ । ସ୍ୱାମୀଙ୍କୁ—ରାମଚନ୍ଦ୍ରଙ୍କୁ, ସ୍ୱାମୀ—ରାଜା, ମହୀ ପୃଥିବୀ ।
୯୬ । ଅସ୍ତ-ନଗେ—ଅସ୍ତପର୍ବତରେ, ଭାସ୍କର— ସୂର୍ଯ୍ୟ, କର—କିରଣ ।

ପ୍ରଭୁ ବୋଇଲେ, 'ଘନେ ଅବମାଦୁଃଖ
ଖଣ୍ଡନ କରିଥାନ୍ତି ଶୀତମୟୂଖ ।'
ଭରତ ବଳସ୍ୱରେ ଦେଲେ ଉତ୍ତର;
'ଶଶାଙ୍କ ପାଇଥାନ୍ତି ଭାସ୍କର-କର ହେ । ୯୭ ।

ରତ୍ନପାଦୁକା ଘେନ ମୋ ଶିରଦେଶ
ବନ୍ଧିପାରିବ ମନ୍ତ୍ରୀ ଯେସନେ ଶେଷ,
ମସ୍ତକେ ଶୋଭୁଥିଲେ ପାଦୁକାମଣି;
ଅରାତିକୁଳ ମୋତେ ମଣିବେ ଫଣୀ ହେ ।' ୯୮ ।

ପାଦୁକା ଦେଲେ ପ୍ରଭୁ ଭରତ କରେ
ଘେନିଲେ ବୀର ତାହା ସ୍ୱ ମସ୍ତକରେ,
ବାହୁଡ଼ି ବୀରମଣି ସାଶ୍ରୁ ଲୋଚନେ;
ଲାଗିଲେ ରାଜଲକ୍ଷ୍ମୀ-ଦୁଃଖ-ମୋଚନେ ଗୋ । ୯୯

ଚଉଦ ବର୍ଷ ଶେଷେ ଆମ୍ଭର ପଥ
ଅନାଉଥିଲେ ତହିଁ ଲାଗିଲା ରଥ,
ଶାଶୁମାନଙ୍କ ପଦଧୂଳି ଗ୍ରହଣ—
କଲି ମୁଁ ରଥୁଁ କରି ଅବରୋହଣ ଗୋ । ୧୦୦ ।

ସାନୁଜ ସପତ୍ନୀକ ପ୍ରଭୁଙ୍କୁ ଗୃହିଁ
ଭରତ ମୁଦ-ନଦେ ମନ ମଜ୍ଜାଇ,
ପାଦୁକା ପ୍ରତ୍ୟର୍ପଣ କରି ପୟରେ;
ପ୍ରଭୁଙ୍କୁ ପୂଜା କଲେ ଛନ୍ଦ ଗୃମରେ ଗୋ । ୧୦୧ ।

---

୯୭ । ଶୀତମୟୂଖ—ଚନ୍ଦ୍ର, ଶେଷ—ବାସୁକୀ ।

୯୮ । ଅରାତିକୁଳ—ଶତ୍ରୁକୁଳ, ଫଣୀ—ସର୍ପ ପରି ଭୟଙ୍କର ।

୧୦୦ । ଅବରୋହଣ - ଓହ୍ଲାଇ ।

୧୦୧ । ସପତ୍ନୀକ—ସାବତ ମାଆର'ପୁଅ, ସାନୁଜ—ସାନ ଭାଇ, ପ୍ରତ୍ୟର୍ପଣ - ଫେରାଇ ଦେଲେ ।

ମୋ କାନ୍ତ ରାଜା ହେଲେ, ମୁଁ ହେଲି ରାଣୀ
ସେବିଲି ପଦ ପ୍ରଭୁ-ମାନସ ଜାଣି,
ମୋ' ମନେ ଯେବେ ଯାହା ହୁଏ ଉଦିତ;
ସତ୍ୱରେ ହୁଏ ତାହା ସୁସମ୍ପାଦିତ ଗୋ ! ୧୦୨ ।
ରାଜ-ଦମ୍ପତି ବସି ପ୍ରୀତି-ନାବରେ
ବିହାର କରୁଥିଲୁଁ ସୁଖ-ସାଗରେ,
ସମ୍ପଦ-ତରଙ୍ଗରେ ବହୁ ବସ୍ତର;
ମଜ୍ଜାଇଦେଲୁଁ ହୋଇ କୌତୁକପର ଗୋ ! ୧୦୩ ।
କେ ଜାଣିଥିଲା ମୋର ଲଲାଟେ ବିଧି
ଅସୀମ ଦୁଃଖ-ଲିପି ରଖିଛି ଲିଖି,
ବିପଦରୂପୀ ଘୋର ବଡ଼ବାନଳ;
ଉପୁଜି ଧ୍ୱଂସ କରି ଦେବ ସକଳ ଗୋ ! ୧୦୪ ।
ଦିବସ-ଶୋଭା-ଶେଷ-ରଞ୍ଜିତ ନଭ
ପରାଏ ଭାଗ୍ୟ ଶେଷେ ହେଲା ମୋ ଗର୍ଭ,
ଦୋହଦ ପୂରଣେ ମୋ ହେଲେ ତତ୍ପର;
ପ୍ରାଣେଶ ସ୍ନେହଭରେ ଅଧିକତର ଗୋ ! ୧୦୫ ।
ବିପିନ ବାନ୍ଧବୀଙ୍କ ସଙ୍ଗେ ବିପିନେ
କ୍ରୀଡ଼ନ୍ତ ବୋଲି କାନ୍ତେ କହିଲି ଦିନେ,
ସେହି ରଜନୀ ସହି, ନୋହୁଁ ପ୍ରଭାତ;
ଲକ୍ଷ୍ମଣ ସଙ୍ଗେ ମୋତେ ପେଷିଲେ ନାଥ ଗୋ ! ୧୦୬ ।
ଲକ୍ଷ୍ମଣ ଆଣି ମତେ ଜାହ୍ନବୀ-ତୀରେ
ନାବୁଁ ଓହ୍ଲାଇ ଯାହା କହିଲେ ଧୀରେ—
କହି ନରୁଦ୍ଧ ହେଲା ସତୀଙ୍କ କଣ୍ଠ;
କାନ୍ଦିଲେ ମୁହିଁ ଆଗେ ଭୀଷଣ କଷ୍ଟ ଯେ ! ୧୦୭ ।

---

୧୦୪ । ଲଲାଟେ—ଭାଗ୍ୟରେ, ଲିଖି—ନିର୍ଦ୍ଦିଷ୍ଟ କରିଅଛି, ବଡ଼ବାନଳ—ସମୁଦ୍ର ଗର୍ଭର ଅଗ୍ନି ।

୧୦୫ । ଦୋହଦ—ଗର୍ଭବତୀର ଅଭିଲାଷ ।

ଭାସିଲେ ଅନଗଳ ଲୋତକ-ଝରେ
ଧଇଲେ ମୁନିସୁତା ତାଙ୍କୁ ସତ୍ୱରେ,
କାନ୍ଦିଲେ ନିଜେ ମୁଖେ ମୁଖ ଲଗାଇ;
ଶୁଣି ତାପସୀମାନେ ଆସିଲେ ଧାଇଁ ଯେ । ୧୦୮ ।

ଦେବୀଙ୍କି ଘେନି ବେଗେ କୁଟୀରେ ଯାଇ
କହିଲେ ନାନା କଥା ଚିତ୍ତ ରଞ୍ଜାଇ,
ପାଦପେ ଜଳଦାନ ପୁଷ୍ପଚୟନ—
ପ୍ରଭୃତି କଥା ନେଇ କଲେ ଶୟନ ଯେ ! ୧୦୯ ।

---

୧୦୭ । ନିରୁଦ୍ଧ—ଆବଦ୍ଧ ।
୧୦୮ । ଅନର୍ଗଳ—ଅନବରତ ।

# ଅଷ୍ଟମ ସର୍ଗ

(କେଦାର-କାମୋଦ)

ଜୀବନେ ଯଉବନ ବଢ଼ିଲା ସମ
ବସନ୍ତ ବଢି ବନେ ହେଲା ଗ୍ରୀଷମ,
ଯୁବା-ଶକତ ଯଥା ହୁଏ ପ୍ରଖର;
ପ୍ରଚଣ୍ଡତର ହୋଇ ଆସିଲା ଖର । ୧ ।

ସୁଖ-ବିଷୟ-ଭୋଗ ତୃଷ୍ଣାର ପର
ସଞ୍ଚାର କଲା ମୃଗତୃଷ୍ଣା ସୁନ୍ଦର,
ତୂଳା ଉଡ଼ିଲା ତେଜି ଶାଳ୍ମଳୀ ତରୁ;
କୃପଣ ଧନ କାଳେ ଉଡ଼େ ଖାତରୁ । ୨ ।

ପଲାଶ ଅଙ୍ଗେ ନାହିଁ ସୁବର୍ଣ୍ଣ ସୁରଙ୍ଗ
ଅନିତ୍ୟ ଏହିପରି ଭବ-ପ୍ରସଙ୍ଗ,
ତାପେ ଅଧିକତର ମଲ୍ଲୀ ଫୁଟିଲା;
ଅଧିକ ବାସ ତାର ଅଙ୍ଗୁ ଛୁଟିଲା । ୩ ।

ସାଧୁ-ହୃଦୟ ତାପେ ହୁଏ ଅଟଳ
ବରଞ୍ଚ ହୁଏ ଶାନ୍ତ-ଯଶ ପ୍ରବଳ,

---

୧ । ପ୍ରଖର—ପ୍ରଖର—ପ୍ରବଳ ।
୨ । ମୃଗତୃଷ୍ଣା—ମରୀଚିକା ।
୩ । ଅନିତ୍ୟ—ଅଳ୍ପକାଳ ସ୍ଥାୟୀ, ଭବ-ପ୍ରସଙ୍ଗ—ପୃଥିବୀ ସମ୍ବନ୍ଧୀୟ ।

କୁଟଜ ଅନାଇଲା ତାକୁ ହରଷେ;
ସାଧବ ପାଇ ସାଧୁ ଅବଶ୍ୟ ରସେ । ୪ ।

ଏକ ହୃଦସ୍ଥେ ଦୁହେଁ କଲେ ବିଗ୍ଭର
ଗ୍ରୀଷମେ କରୁଥିବା ବାସ ସଞ୍ଚାର,
ବରଷା ହେଲେ ମହୀ ହେବ ଶୀତଳ;
ଶାନ୍ତ ଲଭିବେ ଜୀବଜନ୍ତୁ ସକଳ । ୫ ।

କଦମ୍ବ କେତକୀ ତ ବାସ କୃପଣ
ନୁହନ୍ତ, କରିବେ ସେ ଲୋକତର୍ପଣ,
ଅର୍ପଣ କରି ଜନ-ରଞ୍ଜନ ଶ୍ୱାର
ତେଜିବା ହସି ହସି ତରୁ ସଂସାର । ୬ ।

ଉଦ୍ଧଣ୍ଡ କମଳିନୀ ଉଞ୍ଚାଇ ମଥା
ସହର୍ଷେ ସମର୍ଥନ କରି ସେ କଥା,
ବୋଇଲା ମୁହିଁ ଥାଇ ଭ୍ରମର ସଙ୍ଗେ;
ଝାସିବି କାଳ-ସିନ୍ଧୁ-ତୁଙ୍ଗ-ତରଙ୍ଗେ । ୭ ।

ମଲ୍ଲୀ ବୋଇଲା ତାହା ପାରିବୁ କାହିଁ ?
ତୋ କାନ୍ତ ଭାନୁ ତୋତେ ଗ୍ରୁଡ଼ିବେ ନାହିଁ ।
ବୋଇଲା କମଳିନୀ ଘୋଟିଲେ ଘନ,
ଗ୍ରହିବେ ନାହିଁ କାନ୍ତ ମୋର ବଦନ । ୮ ।

ବିପଦେ କରି କଷ୍ଟ ଦିନ ଯାପନ
କରିବି ଭବ-ବ୍ରତ ଉଦ୍‌ଯାପନ;
କାନ୍ତ ମୋ ଘନ ଭେଦପାରନ୍ତ ନାହିଁ,
ସହନ୍ତ ଦୁଃଖ ଲୋକମଙ୍ଗଳ ପାଇଁ । ୯ ।

---

୪ । କୁଟଜ—କୁରେଇ ଫୁଲ, ଗିରି ମଲ୍ଲିକା ।
୬ । ଲୋକତର୍ପଣ—ଲୋକଙ୍କ ତୃପ୍ତି ସାଧନ ।
୭ । ଉଦ୍ଧଣ୍ଡ – ପ୍ରତାପୀ ।

ଅଧିକ ଧନ କାନ୍ତ-ପ୍ରେମାନୁରାଗ
ଭୋଗ କରିବ କାହିଁ ? ନାହିଁ ମୋ ଭାଗ୍ୟ,
ତାଙ୍କ ଚରଣ କରୁଥିବି ସ୍ମରଣ;
ମରଣ ନେବ ମୋତେ କରି ବରଣ । ୧୦ ।

ଏ ଜନ୍ମେ କଷ୍ଟଧନ ସହିଲେ ଦୁଃଖ
ଦେଖିବି ପର ଜନ୍ମେ ସ୍ୱାମୀ-ଶ୍ରୀମୁଖ,
ସେ କଥା ଜାନକୀଙ୍କ ଜ୍ଞାନ-ଶ୍ରବଣେ;
ପଡ଼ନ୍ତେ ଆଦରଣ ମଣି ଜୀବନେ । ୧୧ ।

ବୋଇଲେ ପଦ୍ମିନୀ ଗୋ ଅଟୁ ସାଧ୍ୱୀ
ଦେଖୁଛି ତୋତେ ପୁଣ୍ୟମୟୀ ପଦବୀ,
ବୟସେ ମୁହିଁ ତୋର ଅଟେ ଭଗିନୀ;
ତହିଁ ଉପରେ ପୁଣି ଭାଗ୍ୟ-ଭଗିନୀ ! ୧୨ ।

ତୋ ପରି ସ୍ୱାମୀ-ସ୍ନେହ ଭୋଗିଲି ବନେ
ସ୍ୱଚ୍ଛ ଅମୃତମୟ ସୁଖ ଭବନେ;
ତୋ କାନ୍ତ ପ୍ରଭାକର ଦିବସ-ନାଥ,
ସେ ବଂଶେ ଜାତ ଧରା-ନାଥ ମୋ କାନ୍ତ । ୧୩ ।

କହୁଛି ଯାହା ନିଜ ଭବିଷ୍ୟ ଗତି
ଆଗୁଁ ମୁଁ ଲଭିଲିଣି ସେହି ପଦ୍ଧତି,
ଧନ୍ୟ ତୋ ହୃଦ, ଧନ୍ୟ ଧନ୍ୟ ତୁ ସତି,
ଜୀବନେ ମୋର ଦିଅ ତୋ' ଶୁଦ୍ଧି-ମତି । ୧୪ ।

---

୧୨ । ପଦବୀ—ପଥ ।

୧୩ । ସ୍ୱଚ୍ଛ—ନିର୍ମଳ, ଅମୃତ—ସୁଧା ଓ ଜଳ, ପ୍ରଭାକର—ସୂର୍ଯ୍ୟ । ଧରାନାଥ ପୃଥିବୀର ରାଜା ।

୧୪ । ପଦ୍ଧତି—ମାର୍ଗ ।

ଲୋକ ବଚନେ କରି ଦୁଃଖ ଅର୍ଜନ
କରିଅଛନ୍ତି କାନ୍ତ ମୋତେ ବର୍ଜନ;
ମୋ' ଭାଗ୍ୟ ପରକାଳେ ସ୍ୱାମୀ-ଦର୍ଶନେ,
କ୍ଷମ ହେବ କି ? କହ୍ନ ଦିବ୍ୟ ଦର୍ଶନେ । ୧୫ ।

ଶୀତଳ-ଶତଦଳ-ଦଳର ତଳେ
ଘନ ଶ୍ୟାମଳ-ବକ୍ଷ-ସରସୀଜଳେ,
ମଧ୍ୟାହ୍ନ କଟାଇଲେ କୋକ-ଦମ୍ପତି,
ରାଜହଂସୀକି ସଙ୍ଗେ ଘେନି ତା' ପତି । ୧୬ ।

ଚଞ୍ଚୁରୀ କାରଣ୍ଡବ କାଣ୍ଡରୁ ବଞ୍ଚି
କମଳ-ବନେ ଲମ୍ବ-ଲମ୍ଫନ ରଚି,
ଛନ୍ଦ ବିଶାଳ-ପଦ୍ମ-ବିପିନେ ବଣା
ହୋଇ ଅନ୍ତମେ ହେଲ ବକ-ପାରଣା ।୧୭ ।

ଉଦଣ୍ଡ ଶତପଦ୍ମ-ପଦ୍ମ-ହ୍ରଦରେ
ପଡ଼ି ଶଫରୀ ଲମ୍ଫ ଦିଏ ଉଦରେ,
ମଣ୍ଡୂକ କୁମୁଦିନୀ ବଙ୍କା ନାଡରେ;
ନ ବସୁଁ ଭଅାଁ ମାରେ ଡୁଣ୍ଡୁଭ ଡରେ । ୧୮ ।

---

୧୫ । ଲୋକ-ବଚନ—ଲୋକାପବାଦ, ବର୍ଜନ—ପରିତ୍ୟାଗ ।

୧୬ । ଦଳ—ପଦ୍ମ, ମଧ୍ୟାହ୍ନ—ଦ୍ୱିପ୍ରହର, କୋକ-ଦମ୍ପତି—ଚକ୍ରବାକ ଯୁଗଳ ।

୧୭ । କାରଣ୍ଡବ—ପାଣି କୁଆ, ବିପିନେ—ବଣରେ, ବଣା—ବାଟ ଭୁଲ, ଅନ୍ତମେ—ଶେଷରେ, ବକ-ପାରଣା—ବଗର ଖାଦ୍ୟ ।

୧୮ । ଉଦରେ—ଗର୍ଭରେ, ଉଦରେ—ଜଳରେ, ମଣ୍ଡୂକ—ବେଙ୍ଗ, ଡୁଣ୍ଡୁଭ—ଧଣ୍ଡ ସାପ ।

ବିଷାଦେ ବସି ପିକ ରସାଳ-ଡାଳେ
କାକ କୁଳାୟ-ପାଶେ ପକ୍ଷ-ଉଡ଼ାଳେ,
ପିପାସା ସହୁ ଶ୍ରୁତିସୁଧା ନ ଢାଳେ;
ଲୁଚନ୍ତୁ ଯେହ୍ନେ ଭସ୍ମ କର ଚଣ୍ଡାଳେ । ୧୯ ।

ନଚୁଉ ନାହିଁ ଚମ୍ପା ବିସ୍ତାରି ପୁଚ୍ଛ
ପୁଚ୍ଛ-ମୂଳ-ସୁରଙ୍ଗ-ପାଳକ-ଗୁଚ୍ଛ,
କହୁନ୍ତି ନାହିଁ ରଙ୍ଗେ ହଲାଇ ପକ୍ଷ
ସୋଦର ଗୃହିଁ କୋପେ ହୋଇ ବିପକ୍ଷ । ୨୦ ।

ଯୁଝାଇଥାଏ ସିନା ତାକୁ ଆହାର
ନଥିବା ଭ୍ରାତା ରିପୁ ହୁଏ କାହାର ?
ବସିଛି ପୀନ କାୟେ ପୂର୍ଣ୍ଣ ଉଦରେ,
ବିଶାଳ ଶାଳତରୁ-ଡାଳେ ମୁଦରେ । ୨୧ ।

ମଧୁକ-ବନେ ବସି ଶୁକ ସକଳେ
ଖେଳନ-ବ୍ୟାଜେ କାଟି ମଧୁକ ଫଳ,
ଦ୍ୱିଜ-ସ୍ୱଭାବେ କରୁଛନ୍ତି ଅଙ୍କନ,
ସୂକ୍ଷ୍ମ ପଞ୍ଜିକା ଭାବୀ-ବୃଷ୍ଟି ଲକ୍ଷଣ । ୨୨ ।

---

୧୯ । କୁଳାୟ—ପକ୍ଷୀମାନଙ୍କର ବସା ।

୨୦ । ଚମ୍ପା—ସମରଶୀଳ ପକ୍ଷୀବିଶେଷ । ଏହାର ଯୁଦ୍ଧ ଦେଖିବା ପାଇଁ ଲୋକେ ଆଗ୍ରହୀ ହୋଇଥାନ୍ତି । କହଳିବା – ଏକ ଚମ୍ପା ପକ୍ଷୀ ଅନ୍ୟ ଚମ୍ପା ପକ୍ଷୀକୁ ଦେଖିଲେ ଯୁଦ୍ଧ ଉଦ୍ଦେଶ୍ୟରେ ପକ୍ଷ ଚାଳନା କରି ଯେଉଁ ମଧୁର ରବ କରିଥାଏ ।

୨୨ । ମଧୁକ—ମହୁଲ, ଦ୍ୱିଜ – ପକ୍ଷୀ, ଶୁକପକ୍ଷୀ କାଟିଥିବାର ଟୋଲକୁ (ମହୁଲ ଫଳ) ଦେଖି ଅନେକ ବୃଷ୍ଟି ନିର୍ଣ୍ଣୟ କରିଥାନ୍ତି ।

ତମସା-ତଟ-ବୃଟ-ବିଟପି-ତଳ
ନବଡ଼ କଶଳୟ-ତ୍ରୁସ୍ତା-ଶୀତଳ,
ତହିଁ କୁଟଜ-ବାସ-ପୂର୍ଣ୍ଣ-ଉଟଜେ
ସହଜେ ଗ୍ରୀଷ୍ମ ଶାନ୍ତ-ଚରଣେ ଭଜେ । ୨୩ ।

ବାଲ୍ମୀକ ବସି ତହିଁ ଜ୍ଞାନ-ନୟନ
ଫିଟାଇ ଦେଖୁଛନ୍ତି ଶ୍ରୀରାମାୟଣ,
ତାପସ-ବୃନ୍ଦ କାହିଁ କେ ଅଧ୍ୟୟନ;
କେ କାହିଁ କରୁଛନ୍ତି ବେଦ-ଗାୟନ । ୨୪ ।

ଗୁରୁ-ଗରଭ-ଭରେ ଆଳସୀ ସୀତା
ତାପସୀ-ପରବେଶେ ହୋଇ ବେଷ୍ଟିତା,
ନବଡ଼ ନକୁଞ୍ଜରେ ପଲ୍ଲବାସନେ;
ଶାନ୍ତ ସେବନ୍ତ ବସି-ସ୍ଥିର-ଦର୍ଶନେ । ୨୫ ।

ପରଧି-ଯୁତ କି ସେ ଚନ୍ଦ୍ରମଣ୍ଡଳ
ରାକା-ବଦାୟେ ଭଜେ ଅସ୍ତ-ଅଚଳ,
ସତୀ-ପାଣ୍ଡୁର-ଗଣ୍ଡ ସ୍ୱେଦ-ପଟଳ;
ଶିଶିର ପରା ହିମ ନୟନ-ଜଳ । ୨୬ ।

ତାପସୀ ମଧ୍ୟେ ରହି ଶ୍ରୀରାମ-ରାଣୀ
ଲଙ୍କା ରାକ୍ଷସୀ-ବୃନ୍ଦ ସ୍ମୃତିକୁ ଆଣି,
ଭାବନ୍ତ ତାପସୀଙ୍କ ସ୍ୱର୍ଗୀୟ ଭାବ,
ରାକ୍ଷସୀ ନାରକୀୟ ମନ୍ଦ ସ୍ୱଭାବ । ୨୭ ।

---

୨୩ । ନବଡ଼—ସାନ୍ଦ୍ର, କଶଳୟ—ନବପଲ୍ଲବ, ଉଟଜ— କୁଡ଼ିଆ ।

୨୬ । ରାକା—ପୂର୍ଣ୍ଣିମା ।

୨୭ । ବୃନ୍ଦ—ବାଡ଼, ବେଷ୍ଟନ ।

ମନେ ପଡ଼ନ୍ତେ ବୀର ବାତ ନନ୍ଦନ
ବାତଦେବଙ୍କୁ କଲେ ଅଭିନନ୍ଦନ,
ତାଳ-ବୃନ୍ତରେ ଦେବୀ ସାଦରେ ବାନ୍ଧି;
ପ୍ରସାଦ ଲଭ କଲେ ଶୀତଳ-ବୀଚ । ୨୮ ।

ଏକାଳେ ଆସେ ଆସି ଚନ୍ଦ୍ରା-ସୁନ୍ଦରୀ
ବୋଇଲା ବଚନରେ ବିନୟ ଭରି;
"ଦେବି ଗୋ ! ଦ୍ୱାରେ ଆସି କେତେକ ଜନ;
ସତୃଷ୍ଣେ ଲୋଡ଼ୁଛନ୍ତି ତୁମ୍ଭ ଦର୍ଶନ । ୨୯ ।

ବହୁତ ଦୂରୁଁ ଆସି ଅଛନ୍ତି ପରା
ଧନ୍ୟ ଦିଦୃକ୍ଷା ଗଣି ନାହିଁ ଏ ଖରା,
ଦେଖିଲେ ମନୋହର ରୂପ ତାଙ୍କର;
ହୃଦୟ ହୋଇଯାଏ ପ୍ରୀତି-ଆକର" । ୩୦ ।

ଦେବୀ ବୋଇଲେ, "ସଖୀ, ଆଣ ସତ୍ୱର
ଧନ୍ୟ ମୋ ଭାଗ୍ୟ ! ମୋତେ ଏତେ ଆଦର,
ତାଙ୍କ ଦର୍ଶନେ ମୋର ନୟନଦ୍ୱୟ:
କରିବେ ପାପ-ତାପ ଅବଶ୍ୟ କ୍ଷୟ" । ୩୧ ।

ଦେବୀ ଆଦେଶେ ଜଣେ ପ୍ରଥମେ ଆସି
ବୋଇଲା ମୃଦୁ-ମନ୍ଦ ହାସ ପ୍ରକାଶି,
ସୁଚିର-ପରିଚିତ ବାନ୍ଧବ ପରି;
ପ୍ରଣୟ ବାକ୍ୟ ସୁଧା ସେଚନ କରି । ୩୨ ।

---

୨୮ । ବାତନନ୍ଦନ—ହନୁମାନ, ଶୀତଳ-ବୀଚ—ଥଣ୍ଡା ପବନ, ତାଳବୃନ୍ତ—ତାଳପତ୍ର ପଙ୍ଖା ।

୩୦ । ଦିଦୃକ୍ଷା - ଦେଖିବାର ଇଚ୍ଛା, ଗଣି ନାହିଁ—ଗଣନା କରି ନାହିଁ, ଆକର—ଖଣି ।

୩୧ । ସେଚନ—ଢାଳି ।

"ଦେବ ଗୋ, ପୂର୍ବ କଥା ଅଛି କି ମନେ ?
ଚରଣ ଦେଇଥିଲ ମୋର ସଦନେ,
ତୁମ୍ଭ ଶ୍ରୀଅଙ୍ଗ ତେଜେ ମୋ ଅବୟବ;
ଲଭିଛି ଏବେ ଦିବ୍ୟ-ପ୍ରଭା-ବିଭବ । ୩୩ ।

ସେ ପ୍ରଭା-ବ୍ୟପଦେଶେ ମୋର ନିର୍ଝର
ଝରନ୍ତି ଆନନ୍ଦରେ ହୋଇ ଜର୍ଜର,
କୁସୁମକୁଳ ହୋଇ, ପ୍ରଫୁଲ୍ଲ-ଆସ୍ୟ
ନିନ୍ଦନ୍ତି ନନ୍ଦନକୁ ଦେଖାଇ ହାସ୍ୟ । ୩୪ ।

ସତତ-ନୀର ହୋଇ ଚିରବାସିତ
ତୀରବାସୀଙ୍କି କରେ ସମୁଲ୍ଲାସିତ;
ପ୍ରୀତିପାଳିତ ତୁମ୍ଭ ମୟୂରଗଣ
ଉଚ୍ଚେ କରନ୍ତି ନିତି ଗୁଣ ଗାୟନ । ୩୫ ।

ତୁମ୍ଭ ଦର୍ଶନ-ଆଶା ରଖି ଅଚଳ
ଥରକୁ ଥର ଆସି ମେଘପଟଳ,
ଲୋଡ଼ନ୍ତି ଭ୍ରମି ଭ୍ରମି ଦରୀକି ଦରୀ;
କାହିଁ ଅଛନ୍ତି ବୋଲି ସୀତା ସୁନ୍ଦରୀ । ୩୬ ।

ପୁଚ୍ଛନ୍ତି ମୋତେ ମନ୍ଦ୍ର-ଗମ୍ଭୀର ସ୍ୱରେ
ମାନନ୍ତି ନାହିଁ କେବେ 'ନାହିଁ' ଉତ୍ତରେ ।
ଖୋଜନ୍ତି ପୁଣି ଶମ୍ପା-ଆଲୋକ ଧରି
କିଷ୍ଟରୁ ଅଛି ବୋଲି ସୀତା ସୁନ୍ଦରୀ । ୩୭ ।

---

୩୩ । ସଦନ—ଘର, ଅବୟବ—ଶରୀର, ବିଭବ—ସମ୍ପତ୍ତି ।

୩୪ । ଜର୍ଜର—ଜରଜର, ଆକ୍ରାନ୍ତ । ନନ୍ଦନ—ଇନ୍ଦ୍ରଙ୍କ ପ୍ରମୋଦ ଉଦ୍ୟାନ ।

୩୫ । ସମୁଲ୍ଲାସିତ—ଅତ୍ୟନ୍ତ ଆନନ୍ଦ ଦାନ କରେ ।

୩୬ । ଅଚଳ—ସ୍ଥିର, କିଷ୍ଟରୁ । ଦରୀ—ପର୍ବତ ।

୩୭ । ଶମ୍ପା—ବିଜୁଳି ।

ଚନ୍ଦ୍ର କି ଦେବ, ଆଜି ଏ ଭାଗ୍ୟସ୍ଥଳେ ?
ଆସିଛୁ ଶ୍ରୀରାମଙ୍କୁ ଅନେକ ଦିନେ,
ତୁମ୍ଭ ଚରଣ-ରଜେ ମଣ୍ଡି ମୁକୁଟ
ହୋଇଛୁ ଭାଗ୍ୟବାନ 'ମୁଁ ଚିତ୍ରକୂଟ' ।" ୩୮ ।

ତା'ପରେ ଉଭା ଏକ ନବ ରଙ୍ଗିଣୀ
ସ୍ୱଚ୍ଛ-ଉଜ୍ଜ୍ୱଳ-କାନ୍ତି ମଞ୍ଜୁ-ଅଙ୍ଗିନୀ,
ତୀବ୍ର ଆତପ-ତାପ-ଦର୍ପ-ଗଞ୍ଜିନୀ,
କାନନ-ସୁନ୍ଦରୀଙ୍କ ଚିର-ସଙ୍ଗିନୀ । ୩୯ ।

ଗଳଶୋଭିତ ଗିରି-ମଲ୍ଲିମା-ମାଳେ,
ମଧୁକେ ମନୋହର ଲଲାମ ଭାଲେ,
କର୍ଣ୍ଣ-ଭୂଷଣ ଜମ୍ବୁ ନୀଳ ରତନ
ଶୁକ୍ତି କରିଛୁ କଟି-ଭୂଷା ରଚନ । ୪୦ ।

କାନନବାସୀ-ମୁନି ମନମୋହିନୀ
ଗୁରୁ-କୁଟିଳ-ନୀଳ-ବେଣୀ-ଶୋଭିନୀ,
କୋମଳ କଳଭାଷେ ପ୍ରସନ୍ନ ମୁଖେ
ମଧୁରେ ଜଣାଇଲା ସତୀ-ସମ୍ମୁଖେ । ୪୧ ।

"ସୁଶୀଳେ, କୃତଜ୍ଞତା ଘେନ ମୋହର
ମୁଁ ଚିରଋଣୀ ସ୍ନେହ ଋଣେ ତୋହର,
ଶୁଝିବି ଋଣ କାହିଁ ! ନାହିଁ ମୋ ଶକ୍ତି;
କୃତାର୍ଥ କର ସତୀ, ଘେନ ମୋ ଭକ୍ତି । ୪୨ ।

---

୩୮ । ରଜ—ଧୂଳି, ଚିତ୍ରକୂଟ ରାମଗିରି ପର୍ବତ । ବନବାସ କାଳରେ ରାମଚନ୍ଦ୍ର ଏହି ପର୍ବତ ଶିଖରରେ କିଛିକାଳ ଅବସ୍ଥାନ କରିଥିଲେ ।

ମଝିରେ ମୋହ୍ନପର ନାହାନ୍ତି କେତେ ?
କେହି କାହିଁ ପାଇଛି ତୋ କୃପା ଏତେ ?
ତୋ ଶୁଭ ଦୃଷ୍ଟିପାତ ଲଭିଲା ଯେଣୁ;
ମୋ ବାଲି ହୋଇଅଛି ସୁବର୍ଣ୍ଣ-ରେଣୁ । ୪୩ ।
କ୍ରୀଡ଼ାରେ ରଞ୍ଜିବାରୁ ତୋ ଦିବ୍ୟନେତ୍ର,
ମୋ ଉର କରଦେଲୁ ହୀରକ-କ୍ଷେତ୍ର;
ଥାଉଁ ଗିରୀନ୍ଦ୍ର-ସୁତା ଶ୍ରୀବିଷ୍ଣୁପଦୀ,
ତୋ ଦଉ ଉପାଧିରେ ମୁଁ 'ମହାନଦୀ' ।'' ୪୪ ।
ଅଇଲା ଗୋଦାବରୀ ବିଶଦ-କାୟା
ବଦନେ ପଡ଼ିଅଛି ବିଷାଦ-ଛାୟା,
ବିକଳେ କରି କରି ଅଶ୍ରୁ-ମୋଚନ,
ଅଞ୍ଚଳେ ପୋଛି ପୋଛି ପଦ୍ମ-ଲୋଚନ । ୪୫ ।
ବିଚିତ୍ର ଚିତ୍ରମାନ ଉଜ୍ଜ୍ୱଳ ରଙ୍ଗେ
ରଞ୍ଜିତ କରି ଆଣିଥିଲା ତା ସଙ୍ଗେ,
ସତୀଙ୍କ ଅନୁମତି ନେଇ ସତ୍ୱର
ଫିଟାଇ ଦେଖାଇଲା ସ୍ତରକୁ ସ୍ତର । ୪୬ ।
କାହିଁ କୁସୁମାବଳୀ ବଲ୍ଲୀରୁ ଝଡ଼ି
ଖରାଂଶୁ-ଝରାଂଶୁରେ ଯାଉଛି ସଡ଼ି,
ପାଦପମାନେ ଶୁଷ୍କ-ପତର-ଶେଷେ
ମଳିନ ବେଶେ ରହିଛନ୍ତି ନିସ୍ତେଜେ । ୪୭ ।

---

୪୩ । ମୋ ବାଲି···ମହାନଦୀର ବାଲିରେ ସ୍ୱର୍ଣ୍ଣରେଣୁ ମିଳେ । ଏହାକୁ ସ୍ଥାନୀୟ ଲୋକେ ସଂଗ୍ରହ କରନ୍ତି । ମୋ ଉର···ସମ୍ବଲପୁର ନିକଟରେ ହୀରାକୁଦ ଦ୍ୱୀପ ଅବସ୍ଥିତ । ଏଠାରେ ହୀରା ମିଳେ ବୋଲି ବିଶ୍ୱାସ କରାଯାଏ ।

୪୪ । ଗିରୀନ୍ଦ୍ର-ସୁତା— ହିମାଳୟ କନ୍ୟା, ଶ୍ରୀ ବିଷ୍ଣୁପଦୀ—ଗଙ୍ଗା ।

୪୭ । ଖରାଂଶୁ—ସୂର୍ଯ୍ୟ, ଝରାଂଶୁ—ପ୍ରଚଣ୍ଡ କିରଣ, ସଡ଼ି—ନଷ୍ଟ ହୋଇ-ଯାଉଛି, ନିସ୍ତେଜ—ତେଜୋହୀନ ।

କାହାର ଶାଖାଟିଏ ହୋଇ ବିଭଙ୍ଗ
ବିରଜ ପାରି ନାହିଁ ପାପଦ-ଅଙ୍ଗ,
ତୃଣପଟଳେ ମାଗୁଅଛି ଶରଣ,
କା' ଶିର ଚୁମ୍ବି, କାହା ଧରି ଚରଣ, । ୪୮ ।
ପକ୍ଷୀ-ପୁରୀଷେ ପୂରି ପତ୍ର ସକଳ
କାହା ଶରୀର କରୁଅଛି ଧବଳ,
କେହୁ ବା ଲୂତାଜାଲ ମଳିନ-ବାସ
ବଦନେ ଢାଙ୍କି ନାଶିଅଛି ଉଲ୍ଲାସ । ୪୯ ।
ମଣ୍ଡୂକ ଦଳ ଗୃହିଁ ବକ-ତ୍ରାସମ
ମୁହୁଃ-ପ୍ଲବନେ ପାଉଛନ୍ତି ବିକ୍ଲମ
କେତେ ବା ଲୁଚି ଲୁଚି ଉପରତଳେ;
ଉଦର ତୋଷୁଛନ୍ତି ବସି ନିଷ୍ଠଳେ । ୫୦ ।
ବନ୍ୟ ମହିଷ କାହିଁ ଦଳକୁ ଦଳ
ପଙ୍କିଳ କରୁଛନ୍ତି ସରସୀ-ଜଳ;
ସଜୀବ-ଗିରି ହୋଇ କର୍ଦ୍ଦମ ଲିପ୍ତ
ଲୁଲାପ-ପଦେ ହେଉଅଛନ୍ତି କ୍ଷିପ୍ତ । ୫୧ ।
କାହିଁ ବା ଅଜଗର ଆହାର ଆଶେ
ପଡ଼ିଛି କାଷ୍ଠ ସମ ସଲିଳ ପାଶେ,
ତା ପାଶେ ଗୃହିଁ ମୃଗଯୂଥ-ସରଣୀ ।
ଶାର୍ଦ୍ଦୂଳ ଲୁଚି ଗୃହିଁଅଛି ସୃକ୍କଣୀ । ୫୨ ।

---

୪୮ । ବିରଜ—ତ୍ୟାଗକରି ।

୪୯ । ପୁରୀଷେ—ମଳ ଦ୍ୱାରା, ମୁହୁଃ-ପ୍ଲବନ—ବାରମ୍ବାର ଡେଇଁ କରି । ବିକ୍ଲମ—କ୍ଲାନ୍ତି ।

୫୧ । କର୍ଦ୍ଦମ—ପଙ୍କ, ଲୁଲାପ—ମହିଷ, ଯେ ସର୍ବଦା ପଙ୍କରେ ବିଲୋଡ଼ିତ ହୁଏ ।

୫୨ । ଶାର୍ଦ୍ଦୂଳ—ବାଘ, ସୃକ୍କଣୀ—ଓଷ୍ଠର ପ୍ରାନ୍ତଭାଗ ।

ପୁଣି ଦେଖିଲେ ଘୋର ଦାବ-ଦହନ
ଧୂମ-ଊର୍ମିରେ ପୂର୍ଣ୍ଣ କରି ଗହନ,
ଅସଂଖ୍ୟ-ଶାଖା ଶିଖି-ଶିଖା ପ୍ରଚଣ୍ଡ
ଡେଉଁ ମିଶୁଛି ନଭେ ଖଣ୍ଡକୁ ଖଣ୍ଡ । ୫୩ ।

ଜ୍ୱଳନ୍ତ ପର୍ଣ୍ଣଚୟୁ ଉଠି ଗଗନ,
ଧୂମ-ବାହନେ କରୁଛନ୍ତି ଗମନ,
ଦୂର ପାଦପେ ବସି ସମ୍ବାଦ କହି
ତା ପରେ ଦେଉଛନ୍ତି ତାପରେ ଦହି । ୫୪ ।

କେତେ ପତଙ୍ଗ ଊର୍ଦ୍ଧ୍ୱ ପଥେ ମଳିନ
ହୋଇ ଗଗନେ ହେଉଅଛନ୍ତି ଲୀନ,
ପତତ୍ରୀ କେତେ ଉଡ଼ି ପଳାନ୍ତି ନଭେ
କେତେ ବା .ପଡ଼ୁଛନ୍ତି ଅନଳ-ଗର୍ଭେ । ୫୫ ।

ମୃଗ ମହିଷ ଗଜ ଦଳକୁ ଦଳ
ଶଶଶୂକର ଶିବା ଭଲ୍ଲୁକ-ପଲ,
ଧୂମପଟଳେ ମଜ୍ଜି-ଦୃଷ୍ଟି-ଅନଳେ
ଅଛନ୍ତି କାନ୍ଦିଶୀକ ହୋଇ ବିକଳେ । ୫୬ ।

---

୫୩ । ଶିଖି-ଶିଖା—ଅଗ୍ନିର ଶିଖା ।

୫୪ । ତା ପରେ—ତାଙ୍କ ଉପରେ, ତାପରେ—ଉଷ୍ଣତାରେ, ଦହି—ପୋଡ଼ିଦେବା ।

୫୫ । ପତତ୍ରୀ—ପକ୍ଷୀ, ଅନଳ—ଅଗ୍ନି ।

୫୬ । ଶଶ—ଠେକୁଆ, ଶୂକର—ବରାହ, ଶିବା—ବିଲୁଆ, ଭଲ୍ଲୁକ—ଭାଲୁ, କାନ୍ଦିଶୀକ—ଯେ ଭୟରେ ପଳାଇବାକୁ କୌଣସି ଦିଗ ନିର୍ଣ୍ଣୟ କରିପାରେ ନାହିଁ ।

ଭୀତ ଚକିତ ଚଉ ପ୍ଲବଙ୍ଗଗଣ
ପଳାନ୍ତି ତରୁଁ ତରୁ କରି ପ୍ଲବନ,
ଶାବକ ଧରି ପୃଷ୍ଠେ କେହି ବା କକ୍ଷେ
ଦଉଡ଼ିଛନ୍ତି ଧୂମେ ସରିତ ଲକ୍ଷେ । ୫୭ ।
ସରିତ-ସଇକତ-ସ୍ରୋତ-ଆକୂଳ
ଭରି ଅଛନ୍ତି ଜନ୍ତୁ ହୋଇ ଆକୁଳ,
ବୋଇଲା ଗୋଦାବରୀ, "ଦେଖିଲୁ ବତ୍ସେ;
ଦଣ୍ଡକା ଦଶା ତୋର ଛାଡ଼ିବା ପଛେ ।" ୫୮ ।
ବୋଇଲେ ସତୀ ପର-ଦୁଃଖକାତରୀ
"ହା ! ହା ! ଦଣ୍ଡକା ମୋର କେଳି-ପସରୀ,
ଧନ୍ୟ ହୁଅନ୍ତି କଲେ ସତ୍ତ୍ୱର ବଧ
ମୋ' ନେତ୍ର-ଆଗେ ତୋର ଶାନ୍ତିର ବଧ ।" ୫୯ ।
ଅଯୋଧ୍ୟା ତହୁଁ ସତୀ ଚକ୍ଷୁରେ ଦେଖା
କରି ପଢ଼ିଲା ରାଜଲକ୍ଷ୍ମୀର ଲେଖା,
ଶୋକ-ଗଦଗଦ-ଦୁଃଖ-ବିକୃତ ସ୍ୱରେ
କମ୍ପିତ ଓଷ୍ଠେ ଲଜ୍ଜାନତ ଭାଷରେ । ୬୦ ।
"ସଖି, ମୁଁ ନିଶା, ତୁହି ଥିଲୁ କୌମୁଦୀ
ଗଲୁ ମୋ ନେତ୍ର-ଫୁଲ-କୁମୁଦ-ମୁଦି,
ତୋ' ବିନା ନାହିଁ ଆଉ ମୋ' ସୁଖ ଲେଶ;
ଧରିଛୁ ଭୂଷା-ହୀନା ଯୋଷାର ବେଶ । ୬୧ ।

---

୫୭ । ପ୍ଲବଙ୍ଗ- ଯେ ଡେଇଁ ଡେଇଁ ଯାଏ, ମାଙ୍କଡ଼, ପ୍ଲବନ—ଡେଇଁ କରି, ଶାବକ—ଛୁଆ, କକ୍ଷେ—କାଖରେ ।

୫୮ । ଆକୂଳ - କୂଳ ପର୍ଯ୍ୟନ୍ତ, ଆକୁଳ—ବିକଳରେ ।

୫୯ । କେଳି-ପସରୀ—କ୍ରୀଡ଼ାସମ୍ଭାର ;

୬୧ । ନିଶା - ରାତି, କୌମୁଦୀ—ଚନ୍ଦ୍ର କିରଣ, କୁମୁଦ—କଇଁଫୁଲ, ଯୋଷା—ସ୍ତ୍ରୀ ।

ରାଜ-ଭବନ ଆଜ ହୋଇଛୁ ବନ
ତୋହୋ ବିରହ ତହିଁ ଦାବ-ଦହନ;
ପ୍ରବେଶି, ସବୁ କରି ଦେଇଛୁ ନାଶ
ଅଛୁ କି ଆଉ ପୂର୍ବ-ଶୋଭା-ବିଳାସ ? ୭୨ ।

ପୋଡ଼ିଛୁ ସମୁଲ୍ଲାସ-ପଲ୍ଲବମୟ
ବିଶାଳ ସାଧୁ-ହୃଦ- ପାଦପଚୟ,
ସୁହାସ-ସୁବାସିତ କୁସୁମ-ବଂଶ
ଆହା ସହିତେ ତହିଁ ହୋଇଛୁ ଧ୍ୱଂସ ! ୭୩ ।

ଶାନ୍ତ-ହରିଣୀ-ଯୂଥ ଧଇର୍ଯ୍ୟ-କସ୍ତୁ
ବିଷାଦ-ଧୂମେ ପ୍ରାଣ ଅସ୍ଥିର କରି,
ତିତିକ୍ଷା-ସରିତର ହ୍ରଦରେ ଯାଇ
ଆକଣ୍ଠ ଦେଇଛନ୍ତି ତନୁ ମଜ୍ଜାଇ । ୭୪ ।

ଖଳ-ହୃଦୟ ବଳବନ୍ତ-ଶ୍ୱାପଦ
ତାଙ୍କୁ ହିଁ ଗ୍ରାହ୍ମ ନାହିଁ ସେହୁ ଆପଦ,
ଏକା ଶ୍ରୀରାମ-ହୃଦ-ସିନ୍ଧୁ-ଅତଳ;
ଗରଭେ ହୋଇଛୁ ତା' ବାଡ଼ବାନଳ । ୭୫ ।

ରାହୁ ଗ୍ରାସିଲେ ଯଥା ଚନ୍ଦ୍ରମାଗାତ୍ର
ତୋ ବିନା ଅଛୁ ନୃପ ଆକାର ମାତ୍ର,
ପୂରିଛୁ ତମ ମନ୍ଦିମୟ ଭବନେ;
ଜୀମୂତ ଯଥା ତାରାପୂର୍ଣ୍ଣ ଗଗନେ । ୭୬ ।

---

୭୪ । ତିତିକ୍ଷା—ଧୈର୍ଯ୍ୟ, ସହିଷ୍ଣୁତା ।
୭୫ । ଶ୍ୱାପଦ—ହିଂସ୍ରଜନ୍ତୁ, ଆପଦ—ବିପଦ ।
୭୬ ! ତମ—ଦୁଃଖର ଅନ୍ଧକାର, ଜୀମୂତ—ମେଘ ।

ବଦୀର୍ଣ୍ଣ ହୃଦେ ଛନ୍ତି ଶାଶୁଏ ବସି
ସଲିଳ ଶୁଖିଗଲେ ଯଥା ସରସୀ,
ଫଣିନୀ ପ୍ରାଣଧନ ଯେସନ ମଣି;
ତହୁଁ ଅଧିକ ତୋତେ ଆଆନ୍ତି ମଣି । ୬୭ ।

କପାଟ ପଡ଼ିଅଛି ପ୍ରମଦ-ବନେ
ଫୁଲ ବା ପଡ଼ୁଅଛି କାହା ନୟନେ ?
ମୁସ୍ତକେ ଉଠି ଗନ୍ଧ-ବଣିକ ସାଜ;
ଶୁଖାଉଛନ୍ତି ଚ୍ୟୁତ-କୁସୁମ ରାଜ । ୬୮ ।

ବଲ୍ଲୀ ବିଟପି-ବୀଥି ହୋଇ ଅସୁଖୀ
ତୋତେ ସୁମରି ଯାଉଅଛନ୍ତି ଶୁଖି;
ଶୁଷ୍କ-ମର୍ମର-ମୟ ରମ୍ୟ ପଥରେ;
ଆସନ କରୁଛନ୍ତି ଶୁଷ୍କ ପତରେ । ୬୯ ।

ଦେବରମାନେ ମାନ ପ୍ରଭୁଙ୍କ କଥା
ବିଷାଦଭରେ ଛନ୍ତି ନୁଆଁଇ ମଥା,
ମନ୍ତ୍ରେ ନିହତ-ବୀର୍ଯ୍ୟ ଯଥା ଭୁଜଙ୍ଗ;
ଅଥବା ତୀକ୍ଷ୍ଣ-ଶୃଣି-କ୍ଷତ ମାତଙ୍ଗ । ୭୦ ।

---

୬୭ । ବଦୀର୍ଣ୍ଣ—ବିଶେଷ ଭାବରେ କ୍ଷତବିକ୍ଷତ, ସରସୀ—ନଦୀ, ଫଣିନୀ - ସର୍ପ ।

୬୮ । ପ୍ରମଦ—ଆନନ୍ଦ, ହର୍ଷ, କପାଟ—ବାଡ଼, କବାଟ, ମୁସ୍ତକ—ଦୁବଘାସ, ଗନ୍ଧ-ବଣିକ—ସୁଗନ୍ଧ ବସ୍ତୁର ବେପାରୀ, ଚ୍ୟୁତ-କୁସୁମ—ସ୍ଥାନଭ୍ରଷ୍ଟ ଫୁଲ ।

୬୯ । ବଲ୍ଲୀ- ଲତା, ବିଟପି-ବୀଥି—ପଲ୍ଲବ ସମୂହ ।

୭୦ । ଦେବର—ଦିଅର, ମନ୍ତ୍ରେ—ମନ୍ତ୍ର ପ୍ରଭାବରେ, ନିହତ-ବୀର୍ଯ୍ୟ - ବଳହୀନ, ଭୁଜଙ୍ଗ—ସର୍ପ, ଶୃଣି - ଅଙ୍କୁଶ, ମାତଙ୍ଗ - ହସ୍ତୀ ।

ଭଗିନୀମାନଙ୍କର ଗଣ୍ଡ-ମଣ୍ଡଳ
ନିର୍ଭର କରୁଅଛୁ କର-କମଳ,
ହେଉଛୁ ଦିନୁଦିନ ତାହାଙ୍କ ତନୁ
ଅସିତ-ପକ୍ଷ-ଚନ୍ଦ୍ର ସଦୃଶ ତନୂ । ୭୧ ।

ସଙ୍ଗୀତ-ସଙ୍ଗିନୀଏ ମୁରଜ ମୁଖ
ନ ଛୁଇଁ ନିଜେ ହୋଇଅଛନ୍ତି ମୂକ,
ଦାସୀଏ ତୋର ବାସି-କୁସୁମ ପରି
ପ୍ରଗାଢ଼ ଦୁଃଖେ ଛନ୍ତି ଜୀବନ ଧରି । ୭୨ ।

ନ ସାରି ପଦପାଠ ମ୍ଳାନ-ରୂପସୀ
ଅଯୋଧ୍ୟା ଅବଶରେ ପଡ଼ିଲା ବସି,
ଜାନକୀ ଦୟାବତୀ ଦେଖି ତା' ଦଶା;
କ୍ଷୋଭ ସନ୍ତାପେ ଆପେ ହେଲେ ବିବଶା । ୭୩ ।

ହୋଇ ଆସିଲା ଏବେ ଦିବାବସାନ
ଅତଥି ବାହୁଡ଼ିଲେ ଯେ' ଯାହା ସ୍ଥାନ,
ତାପସୀମାନେ ନେଇ ସତୀଙ୍କି ରଙ୍ଗେ;
ନିରତ ହେଲେ ନିଜ ନିଜ ପ୍ରସଙ୍ଗେ । ୭୪ ।

---

୭୧ । ତନୁ—ଶରୀର, ତନୂ—କ୍ଷୀଣ, ଅସିତ-ପକ୍ଷ-ଚନ୍ଦ୍ର—କୃଷ୍ଣପକ୍ଷର ଚନ୍ଦ୍ର ପରି ।

୭୨ । ମୁରଜ—ବାଦ୍ୟବିଶେଷ ।

୭୩ । ବିବଶା—ଅବଶ, ଆର୍ତ୍ତ ।

୭୪ । ଦିବାବସାନ—ସନ୍ଧ୍ୟା, ନିରତ—ନିଯୁକ୍ତ, ନିଜ ନିଜ ପ୍ରସଙ୍ଗେ—ନିଜ ନିଜ କାର୍ଯ୍ୟରେ ।

# ନବମ ସର୍ଗ

## ( ନଷ୍ଟବାଣୀ )

ସପ୍ତ-ଗର୍ଭଭାର ଉତ୍ତର ଉତ୍ତର,
ଗୁରୁତମ ହେଲା ଲଙ୍ଘି ଗୁରୁତର । ୧ ।
ବସିଥିଲେ ହେଲା ଉଠିବା ଦୁଷ୍କର,
ଉଠିଲେ ଦୁର୍ବହ ହେଲା କଳେବର । ୨ ।
ଏକାଳେ ସତୀଙ୍କି ହେବ ବୋଲି କଷ୍ଟ,
ବର୍ଷା ଆସି କଲା ନିଦାଘ ବିନଷ୍ଟ । ୩ ।
ଅବସନ୍ନ-ପ୍ରାଣେ ଦେବାପାଇଁ ବଳ
ଗୌରବେ ଉଠିଲେ ଜଳଦପଟଳ । ୪ ।
ଊର୍ଦ୍ଧ୍ୱଦେଶେ ରୋଧକରି ସୂର୍ଯ୍ୟାତପ,
ଟାଣିଦେଲେ ନଭେ ଶ୍ୟାମ-ଚନ୍ଦ୍ରାତପ । ୫ ।
ଚନ୍ଦ୍ରାତପ ପ୍ରଭା ବିଦ୍ୟୁତ-ଝଲକେ,
ଚମକାଇଦେଲା ନୟନ-ପଲକେ । ୬ ।

---

୧ । ଉତ୍ତର ଉତ୍ତର—ଅଧିକରୁ ଅଧିକ ।

୨ । ଦୁଷ୍କର—ଅତି କଷ୍ଟସାଧ୍ୟ, ଦୁର୍ବହ—ଯାହା ସହିବା କଷ୍ଟ, କଳେବର—ଶରୀର ।

୩ । ନିଦାଘ—ଗ୍ରୀଷ୍ମକାଳ ।

୪ । ଅବସନ୍ନ—କ୍ଲାନ୍ତ ।

୫ । ଶ୍ୟାମ-ଚନ୍ଦ୍ରାତପ—ମେଘର କଳା ଚାନ୍ଦୁଆ ।

ଦିଗଙ୍ଗନାମାନେ ସାଜି ନୀଳ ବେଣୀ,
ମଣ୍ଡିଦେଲେ ତହିଁ ବକ-ମୁକ୍ତା ଶ୍ରେଣୀ । ୭ ।
ରତ୍ନାକରୁଁ ରତ୍ନ-ରେଣୁ ଉତ୍ତୋଳନ,
କରି ଦିଗପାଳେ ମଣ୍ଡିଲେ ତୋରଣ । ୮ ।
ସ୍ୱାର୍ଥପରବଶେ ଲଜ୍ଜା ତେଜି ମନୁ,
ବାସବ ବୋଇଲେ ତାହା ମୋର ଧନୁ । ୯ ।
ନ ସହି ବୋଇଲେ ରତ୍ନାକରପତି,
ମୋ ରତ୍ନେ ନିର୍ମିତ ରହିବ ମୋ' କତି । ୧୦ ।
ଅନ୍ୟ ଦିଗପାଳେ ସାଧୁଧର୍ମ ପାଳି,
କରିଦେଲେ ତାଙ୍କୁ ବେଳେ ବେଳେ ପାଳି । ୧୧ ।
ସୁତା-ଦୁଃଖ-ତାପେ ତପ୍ତା ଅବନୀର,
ମସ୍ତକେ ବରଷା ଢାଳିଦେଲା ନୀର । ୧୨ ।
ନଦୀ ସର ବନ ପର୍ବତ ନ ବାରି
ସମସ୍ତଙ୍କ ଶିରେ ଢାଳିଗଲା ବାରି । ୧୩ ।
ତୃଣ ଶସ୍ୟାଙ୍କୁର କଦମ୍ବ-ବିକାଶ,
ରୂପେ ହେଲା ମହୀ-ପୁଲକ-ପ୍ରକାଶ । ୧୪ ।
ବସୁମତୀ-ବକ୍ଷ ହେଲା ଜଳମଗ୍ନ,
ତମସା ବହିଲା ମାଡ଼ି କୂଳଦ୍ୱୟ । ୧୫ ।
ଜାନକୀଙ୍କି ଗୃହିଁ ଆସନ୍ନ-ପ୍ରସବା
ହୃଦେ ତାଙ୍କ ମୁଦ ଉଚ୍ଛୁଳିଲା ଅବା । ୧୬ ।

---

୮ । ରତ୍ନାକର—ସମୁଦ୍ର, ତୋରଣ—ସିଂହଦ୍ୱାର, ଦିକପାଳ—ଦିଗ-ମାନଙ୍କର ରକ୍ଷକ ।

୯ । ବାସବ—ଇନ୍ଦ୍ର (ପୂର୍ବ ଦିଗପାଳ)

୧୦ । ରତ୍ନାକର ପତି—ବରୁଣ (ପଶ୍ଚିମ ଦିଗପାଳ)

୧୪ । ମହୀ—ପୃଥିବୀ, ପୁଲକ—ଆନନ୍ଦ ।

୧୬ । ମୁଦ—ଆନନ୍ଦ ।

ହୁଦ-ବହ୍ନି ତେଜି ପର୍ବତ କାନନ,
ତନୁ ମାଜି ହେଲେ ପ୍ରଫୁଲ୍ଲ-ଆନନ । ୧୭ ।

କେତକୀ କଣ୍ଟକ-ଦୁର୍ଗ-ନିବାସିନୀ,
କଣ୍ଟକ-ବିଗ୍ରହେ ହୋଇ ସୁହାସିନୀ । ୧୮ ।

କହିଲି ପଦ୍ମ ସେ, ବିପଦ-ବନରେ
ନିବଦ୍ଧା ବୈଦେହୀ, ନ ଭାବ ମନରେ । ୧୯ ।

କଣ୍ଟକ ବନେ ମୁଁ ନିଜେ କଣ୍ଟକିତ,
ବାସ ଯୋଗୁଁ ହୁଏ ଭୁବନ ପୂଜିତ । ୨୦ ।

ତାପସୀ-ଗହନେ ହୋଇ ତପସ୍ୱିନୀ,
ଲୋକପୂଜନୀୟା ହେବୁ ମନସ୍ୱିନୀ ! ୨୧ ।

କି କରିବ ଲୋକ-ଲୋଚନ-ଦୂଷଣ,
ନିଜ ଗୁଣ ଯେବେ ସ୍ୱର୍ଗୀୟ ଭୂଷଣ । ୨୨ ।

କଣ୍ଟା ଦେଖି ଅଳି ନ କଲେ ଶରଧା,
ମୁଁ କିକ ଛାଡ଼ିବ ସୌରଭ-ସ୍ପରଧା ? ୨୩ ।

ସ୍ଥିରୁ କୃଷ୍ଣଚୂଡ଼ା ଫୁଟି ସୁଶୋଭନ
ବେଶେ କଲା ମନ-ନେତ୍ର ପ୍ରଲୋଭନ । ୨୪ ।
ବସନ୍ତ କାଳରୁ ଆଇ ଗଜଦନ୍ତ,
ପ୍ରାବୃଟକୁ ଦେଲା କୁସୁମ-ଉଦନ୍ତ । ୨୫ ।
କମଳ ମଲ୍ଲିକା କୁଟଜ ବିଷୟ,
ପ୍ରୀତିପ୍ରଦ ହେଲା ତହିଁ ଅତିଶୟ । ୨୬ ।

---

୧୭ । ହୁଦ-ବହ୍ନି—ଗ୍ରୀଷ୍ମକାଳରେ ପାହାଡ଼ରେ ଜଳୁଥିବା ଅଗ୍ନି ।
୧୯ । ନିବଦ୍ଧା—ଆବଦ୍ଧ ।
୨୧ । ଲୋକ ପୂଜନୀୟା—ଜଗତ ବନ୍ଦନୀୟା, ମନସ୍ୱିନୀ—ଉଦାରଚେତା ।
୨୩ । ଅଳି—ଭ୍ରମର, ସୌରଭ—ସୁବାସ ।
୨୫ । ଗଜଦନ୍ତ—ରଜନୀଗନ୍ଧା, ପ୍ରାବୃଟ—ବର୍ଷାକାଳ, ଉଦନ୍ତ—ସମ୍ବାଦ ।

ରହୁ ମଣି ତାଙ୍କ ଯହୁ କଲ ନିତ;
କିନ୍ତୁ କେ ଲଙ୍ଘିବ ବିଧାତାର ନୀତ ? ୨୭ ।
ରକ୍ଷି ନ ପାରିଲ ବର୍ଷା ନିଜ ବଳେ,
ଛିନ୍ନହେଁ ପଡ଼ିଲେ କାଳର କବଳେ । ୨୮ ।
ଏଥି ହେଲ ଏବେ ସତୀଙ୍କର କ୍ଷେପ୍ୟ,
ଆଜୀବନ ସାଧୁ ନୁହେଁ ଅବକ୍ଷେପ୍ୟ । ୨୯ ।
କୁସୁମ ମଣ୍ଡନେ ବାର୍ଷିକ ଉତ୍ସବ,
ଅନୁଷ୍ଠାନ କଲେ ଯୂଇ ଲତା ସବ । ୩୦ ।
ସତେ କି ସତୀଙ୍କ ଚିତ୍ତ-ବିନୋଦନ
ନିମିତ୍ତ ନିର୍ମିତ ସୁରଭି-ସଦନ । ୩୧ ।
ଘନ-ନୀଳାମ୍ବରା ଶ୍ରାବଣୀ ରଜନୀ,
କରେ ଶିରେ ଧରି ଯୂଥିକା ରଜନୀ । ୩୨ ।
ଉତ୍ସହୋଇ ସତୀ କୁଟୀର-ପ୍ରାଙ୍ଗଣେ
ଉଜାଗରେ ଥାଏ ବେଦନା ହରଣେ । ୩୩ ।
ବଇଦେହୀଙ୍କର ପ୍ରସବ-ଲକ୍ଷଣ,
ପ୍ରକାଶିତ ହେଲ ଆସି କ୍ଷଣ କ୍ଷଣ । ୩୪ ।
ସତୀ କଷ୍ଟ ବନ୍ଧ ଗ୍ରବଲେ ଅଦୂରେ,
ଅତି ଆର୍ତ୍ତସ୍ୱରେ ବିକଳେ ଦଦ୍ଦୁରେ । ୩୫ ।

---

୨୯ । ଅବକ୍ଷେପ୍ୟ—ଖାତିର୍‌ର ଅଯୋଗ୍ୟ ।

୩୧ । ବିନୋଦନ—ଆନନ୍ଦ ପ୍ରଦାନ, ନିମିତ୍ତ—ପାଇଁ ।

୩୨ । ଶ୍ରାବଣୀରଜନୀ—ବର୍ଷାକାଳର ରାତ, ରଜନୀ—ଗନ୍ଧଦନ୍ତ ପୁଷ୍ପ, ଯୂଥିକା - ଯୂଇଫୁଲ ।

୩୩ । ଉଜାଗର—ଅନିଦ୍ରା ହୋଇ, ହରଣ—ଦୂରକରିବା, ବେଦନା - ଦୁଃଖ ।

୩୫ । ଅଦୂରେ—ଅଳ୍ପଦୂରରେ, ଆର୍ତ୍ତସ୍ୱରରେ—ବିକଳ ସ୍ୱରରେ, ଦଦ୍ଦୁରେ—ବେଙ୍ଗମାନେ ।

ସତୀ ତୃଷ୍ଣା ନେଇ ଚାତକ ଗଗନେ,
ଘନ ଘନ ଜଳ ଭିକ୍ଷା କଲା ଘନେ । ୩୬ ।

ବୃଦ୍ଧା ତାପସୀଏ ସତୀ ସନ୍ନିଧାନେ,
ଲାଗିଥା'ନ୍ତି କାଳ-ଉଚିତ ବିଧାନେ । ୩୭ ।

ନିଶୀଥରେ ନିଶାମଣି-ଦ୍ୟୁତିହର,
ଜନ୍ମିଲେ ସତୀଙ୍କ ଯମଜ କୁମର । ୩୮ ।

କୁମାରଙ୍କ ତେଜ ବିଦ୍ୟୁତ୍ ସହିତ,
ମିଶି ଦଶ ଦିଗ କଲା ଆଲୋକିତ । ୩୯ ।

ହରଷେ ବାସବ କଲେ ତୋପ ଧ୍ୱନି,
ନ ଜାଣିଲା ଲୋକେ ବୋଇଲେ ଅଶନି । ୪୦ ।

ଦିଗଙ୍ଗନାଙ୍କର ହୁଳ ହୁଳି ସଙ୍ଗେ,
ଘନ ଘଡ଼ଘଡ଼ି ମିଶିଗଲା ରଙ୍ଗେ । ୪୧ ।

ଗିରି ବନ ହେଲେ କୁସୁମ-ବରଷୀ,
ନାଚିଲେ କେଦାର, ସରିତ, ସରସୀ । ୪୨ ।

ସତୀ କୁମାରଙ୍କ ଦର୍ଶନଲୋଲୁପ,
ଜୀମୂତେ ଖସିଲେ ଧରି ଧାରା-ରୂପ । ୪୩ ।

ଦରଶନ-ଲୁବ୍ଧ-ହୃଦ-ଉଦବେଗେ,
କୂଳକୁ ଉଠିଲେ ନଦୀକୁଳ ବେଗେ । ୪୪ ।

---

୩୬ । ଘନ ଘନ—ବାରମ୍ବାର, ଘନେ—ମେଘମାନଙ୍କୁ ।
୩୭ । ସନ୍ନିଧାନେ— ନିକଟରେ ।
୩୮ । ନିଶୀଥ—ଅର୍ଦ୍ଧରାତ୍ରି, ନିଶାମଣି—ଚନ୍ଦ୍ର, ଦ୍ୟୁତି—ତେଜ ।
ଯମଜ—ଯାଆଁଳା ।
୪୦ । ବାସବ—ଇନ୍ଦ୍ର, ଅଶନି—ବଜ୍ର ।
୪୧ । ଦିଗଙ୍ଗନା—ଦିଗସୁନ୍ଦରୀ ।
୪୨ । କେଦାର—ଶସ୍ୟକ୍ଷେତ୍ର, ସରିତ—ନଦୀ, ସରସୀ—ପୁଷ୍କରିଣୀ ।

ସାଗର ବଢାଇ ପୃଥୁରୋମାଗଣ
ନଦୀ ସଙ୍ଗେ ହେଲେ ନୃତ୍ୟପରାୟଣ । ୪୫ ।
ହ୍ରଦ-ସରୋବର-କ୍ଷେତ୍ର-ଜଳ-ପୃଷ୍ଠେ,
ଉଠି ମୀନଗଣ ନୃତ୍ୟ କଲେ ହୃଷ୍ଟେ । ୪୬ ।
ସମସ୍ତଙ୍କୁ ବଳି ଦର୍ଶନେ ଆକୁଳ,
କେଉଁ ଉଠିଗଲା ତାଳତରୁ ଚୂଳ । ୪୭ ।
ବାଲ୍ମୀକି ମହର୍ଷି ଆସି ତତ୍‌କ୍ଷଣ,
କୁମାରଯୁଗଳଙ୍କୁ କଲେ ସନ୍ଦର୍ଶନ । ୪୮ ।
ଭାବଲେ ଏ ଗୁରୁ-ଶୁକ୍ର-ଗ୍ରହ-ଦ୍ୱୟ,
ଏକାନ୍ତ ଆଶ୍ରମ ଆକାଶେ ଉଦୟ । ୪୯ ।
ମହର୍ଷି ହୃଦୟ ପ୍ରଭାତର ପର,
ଆନନ୍ଦ-କୁସୁମ-ବାସେ ଗଲା ଭରି । ୫୦
କୁଶଗୁଚ୍ଛ ମୁନି-ବର ହସ୍ତେ ଘେନି,
ମନ୍ତ୍ରି ଅଗ୍ର ଅଧ କଲେ ଖଣ୍ଡେ ବେନି । ୫୧ ।
ଅନୁକମ୍ପା କରେ କରି ସମର୍ପଣ,
ବୋଇଲେ, ଶିଶୁଙ୍କୁ କର ସମ୍ମାର୍ଜନ । ୫୨ ।
ଅଗ୍ରଜେ ପ୍ରୟୋଗ ଅଗ୍ରଭାଗ କରି,
ଅଧୋଭାଗେ ତନୁ ମାର୍ଜ ଅନୁଜରି । ୫୩ ।
କଲେ ଅନୁକମ୍ପା ମୁନି ଆଜ୍ଞାମତେ,
ଭୂତ-ବିନାଶିନୀ ରକ୍ଷା ସେହିମତେ । ୫୪ ।

---

୪୫ । ପୃଥୁରୋମା – ମତ୍ସ୍ୟ ।
୪୬ । ହୃଷ୍ଟେ—ଆନନ୍ଦରେ ।
୪୯ । ଗୁରୁ—ବୃହସ୍ପତି ।
୫୨ । ସମାର୍ଜନ—ଶୋଧନ ।
୫୩ । ଅଗ୍ରଜ—ଯେ ଆଗ ଜନ୍ମ ହୋଇଛି, ବଡ଼, ଅନୁଜ—ପଛରେ ଯେ ଜନ୍ମ ହୋଇଛି, ସାନ ।

କୁଶ ଲବ ଯୋଗେ ସମାକିର୍ତ୍ତ ତନୁ,
ସମୁଜ୍ଜ୍ୱଳ ହେଲା ଶୋଣିତ ରତନୁ । ୫୫ ।
ତୃଣ ସନ୍ନଯୋଗେ ଯଥା ବୃହଦ୍ଭାନୁ,
ଅବା ସିନ୍ଧୁ-ବୀଚ ମୁକ୍ତ ନବ ଭାନୁ । ୫୬ ।
ଜାନକୀ ଅନାନ୍ତେ କୁମରଙ୍କ ମୁଖ,
ହୃଦେ ଆସି ହେଲେ ସୁଖ ସଙ୍ଗେ ଦୁଃଖ । ୫୭ ।
ସୁଖ ବୋଇଲା, ଏ ସୂର୍ଯ୍ୟ ଚନ୍ଦ୍ର ପରି,
ନନ୍ଦନଯୁଗ ଯେ ଗର୍ଭେ ଥିଲା ଧରି । ୫୮ ।
ଧନ୍ୟ ଧନ୍ୟ ସେହୁ ଶତବାର ଅନ୍ୟ,
ଏଥୁ ବଳି ଭାଗ୍ୟ ଭବେ ନାହିଁ ଧନ୍ୟ । ୫୯ ।
ଦୁଃଖ ବୋଇଲା, ଏ ନରେନ୍ଦ୍ର-କୁମରେ,
ଶୋଭୁଥାନ୍ତେ ଆଜି ମଣିମୟ ଘରେ । ୬୦ ।
ହୋଇଥାନ୍ତେ, ନୃପ-ହୃଦ-ଆନନ୍ଦନ,
ଦୀନ ଦୁଃଖୀଙ୍କର ଦାରିଦ୍ର୍ୟ-ଖଣ୍ଡନ । ୬୧ ।
କେତେ ଧନ ରତ୍ନ ବସନ ଭୂଷଣ,
ପାଇଥାନ୍ତେ, ଆଜି ପୁରବାସୀ ଗଣ । ୬୨ ।
ପୁର ପୂରୁଥାନ୍ତା ମଙ୍ଗଳ ନାଦରେ,
ନଭ ପୂରୁଥାନ୍ତା ମଙ୍ଗଳ ବାଦ୍ୟରେ । ୬୩ ।
ଭାଗ୍ୟ-ଦୋଷେ ଆହା ତାପସ-ତନୟ—
ରୂପେ ଆଶ୍ରା-କଲେ ତାପସ-ଆଳୟ । ୬୪ ।
ସତୀ-ନେତ୍ରୁ ବେନି-ଧାର ଜଳ ନେଇ,
ଚାଲିଗଲା ଦୁଃଖ ସୁତ-ସ୍ନେହ ଦେଇ । ୬୫ ।

---

୫୫ । କୁଶଗୁଚ୍ଛକୁ ଦୁଇଖଣ୍ଡ କଲେ ଅଗ୍ରଭାଗକୁ କୁଶମୁଷ୍ଟି ଏବଂ ନିମ୍ନଖଣ୍ଡକୁ ଲବ ବୋଲାଯାଏ ।

୫୬ । ବୃହଦ୍ଭାନୁ—ଅଗ୍ନି ।

୬୩ । ପୁର — ଅଯୋଧ୍ୟାର ରାଜପ୍ରାସାଦ ।

୬୪ । ତାପସ-ଆଳୟ — ବାଲ୍ମୀକିଙ୍କ ଆଶ୍ରମ ।

କୁମାରଙ୍କ ରୂପେ ସତୀଙ୍କ ହୃଦୟ,
ହୋଇଗଲା ତହୁଁ ଶୁଦ୍ଧ ସୁଖମୟ । ୬୬ ।
କୁମାରଙ୍କ ବିନା ଅନ୍ୟତ୍ର ନୟନ,
ଚାଳିବାକୁ ଲେଶେ ହେଲା ନାହିଁ ମନ । ୬୭ ।
ଜନନୀ-ନେତ୍ରଜ-ସ୍ନେହୋଜ୍ଜ୍ୱଳ ରଙ୍ଗ,
ରଞ୍ଜି ମୁହୁର୍ମୁହୁ କୁମାରଙ୍କ ଅଙ୍ଗ । ୬୮ ।
ସେ ନେତ୍ରେ ଆଣିଲା ପ୍ରତୀତ ଏମନ୍ତ,
ସତେ ଆବିର୍ଭୂତ ନବ ପୁଷ୍ପବନ୍ତ । ୬୯ ।
ମନରେ ଆନନ୍ଦ ସ୍ଥାପି ସିଂହାସନ,
ପ୍ରକାଶିଲା ନିଜ ସାର୍ବଭୌମ ପଣ । ୭୦ ।
କୁମାରଙ୍କ ନାଭି ଛେଦନ ସତ୍ୱର,
କଲେ ଅନୁକମ୍ପା ହୋଇ ହର୍ଷଭର । ୭୧ ।
ତଦୁତ୍ତାରେ ମନ୍ତ୍ର-ପୂତ ଜଳେ ସ୍ନାନ,
କରାଇ କହିଲେ ସକଳ ବିଧାନ । ୭୨ ।
କୁମାରଙ୍କୁ ଚାହିଁ ତାପସୀ ମଣ୍ଡଳ,
ଆନନ୍ଦ ଗଦ୍‌ଗଦେ କଲେ କୋଳାହଳ । ୭୩ ।
ଦଳ ଦଳ ମୁନି-କୁମାର ନର୍ତ୍ତନେ,
ଲାଗିଲେ ଶ୍ରୀରାମ-ନାମ ସଂକୀର୍ତ୍ତନେ । ୭୪ ।
ଦୁର୍ଦ୍ଧର୍ଷ-ଦୁର୍ଜୟ-ଲବଣ-ଅସୁର,
ବିନାଶନ ଅର୍ଥେ ଶତ୍ରୁଘ୍ନ ଶୂର । ୭୫ ।

---

୬୯ । ପ୍ରତୀତ – ବିଶ୍ୱାସ, ଜ୍ଞାନ, ପୁଷ୍ପବନ୍ତ—ଚନ୍ଦ୍ରସୂର୍ଯ୍ୟ ।

୭୦ । ସାର୍ବଭୌମ—ଚକ୍ରବର୍ତ୍ତୀ ।

୭୫ । ଦୁର୍ଦ୍ଧର୍ଷ—ଦୁର୍ଜୟ- ପ୍ରବଳ ପରାକ୍ରାନ୍ତ ଓ ଅସାଧ୍ୟ, ଲବଣ ଅସୁର—ଲବଣାସୁର ମଧୁରାକ୍ଷସର ପୁତ୍ର । ଶିବଙ୍କଠାରୁ ତ୍ରିଶୂଳ ପ୍ରାପ୍ତ ହୋଇ କ୍ଷତ୍ରିୟକୁଳ ଧ୍ୱଂସ କଲା ଏବଂ ମୁନିଋଷିମାନଙ୍କୁ ପୀଡ଼ା ପ୍ରଦାନ କଲା । ରାମଚନ୍ଦ୍ରଙ୍କ କନିଷ୍ଠ ଶତ୍ରୁଘ୍ନ ସେହି ରାକ୍ଷସକୁ ମଧୁବନରେ ନିହତ କଲେ । ଲବଣରାକ୍ଷସ ପ୍ରତିଷ୍ଠା କରିଥିବା ମଧୁପୁରୀ ପରେ ମଥୁରା ହେଲା ବୋଲି କୁହାଯାଇଥାଏ । ଶୂର– ବୀର ।

ଯିବାପଥେ ସେହି ସ୍ୱନ୍ଦେ ଦୈବବଶେ,
ରହିଥିଲେ ପୂତ ବାଲ୍ମୀକି-ଆଶ୍ରମେ । ୭୬ ।
ଆଶ୍ରମର ସେହି ଆନନ୍ଦ-ନାଦରେ,
ମଜ୍ଜିଗଲେ ଆପେ ଆନନ୍ଦ-ନଦରେ । ୭୭ ।
ସତୀଙ୍କୁ ପ୍ରଶଂସି ବୋଇଲେ ଉତ୍ଫୁଲ୍ଲେ,
"ଅଟ ମା, ପାବନୀ ତୁମ୍ଭେ ରଘୁକୁଳେ । ୭୮ ।
ଜନନୀ ତୁମ୍ଭର ଯେଣୁ ସର୍ବଂସହା,
ଜଣେ ଅଟ ମା ଗୋ, ତେଣୁ ସର୍ବଂସହା । ୭୯ ।
ବସୁମତୀ-ସୁତେ, ନିଜ ଗର୍ଭେ ବସୁ,
ଥୋଇଥିଲ ଏକ ଆମ୍ଭ ଭାଗ୍ୟବଶୁଁ । ୮୦ ।
ଯେଉଁ ବସୁ ଆଜି ଦେଲ ରଘୁକୁଳେ,
ଶୋଭିବ ଅଯୋଧ୍ୟା-ରାଜଲକ୍ଷ୍ମୀ ଚୂଳେ" । ୮୧ ।

ମୁନି-କୁମାରଙ୍କ ଆନନ୍ଦ ଚହଲେ,
ଯୋଗଦେଲେ ଖଗ ମୃଗ ଦଳେ ଦଳେ । ୮୨ ।

ଶ୍ରାବଣୀ ବାର୍ଷିକୀ ଶ୍ୟାମା ବିଭାବରୀ,
ଶେଷ ହୋଇଗଲା ମୁହୂର୍ତ୍ତିକ ପରି । ୮୩ ।

ଲବଣ ଉଦ୍ଦେଶେ ସୁମିତ୍ରା-ନନ୍ଦନ,
ବିଜେ କଲେ କରି ମୁନିଙ୍କି ବନ୍ଦନ । ୮୪ ।

ଦ୍ରବ୍ୟେ ତୋଷିବାକୁ ତାପସୀ-ତାପସ,
ସ୍ୱଭାବେ ଚଳିଲା ସତୀଙ୍କ ମାନସ । ୮୫ ।

---

୭୬ । ପୂତ—ପବିତ୍ର ।
୭୮ । ପାବନୀ—ପବିତ୍ରକାରିଣୀ ।
୭୯ । ସର୍ବଂସହା—ପୃଥିବୀ, ସର୍ବଂସହା—ଯେ ସବୁ ସହ୍ୟ କରେ ।
୮୦ । ବସୁମତୀ—ପୃଥିବୀ, ବସୁ - ଗଣଦେବତା ବିଶେଷ ।
୮୧ । ବସୁ—ରତ୍ନ ।
୮୩ । ବିଭାବରୀ - ରାତ୍ରି ।

ସତୀଙ୍କର ମନ-ଅନୁରୂପ ଧନ,
କାହିଁ ? ସେ ତ ଆସି ଆଶ୍ରିଛନ୍ତ ବନ । ୮୬ ।

ଚନ୍ଦ୍ରିକା ବାଣ୍ଟିଇ ତୋଷିବ ଜଗତ,
କିନ୍ତୁ ଗଗନରେ ମେଘ ଉପଗତ । ୮୭ ।

ଯେତେବେଳେ ସତୀ ଆସିଲେ ଭବନୁ,
ମନେ ଥିଲା ଜବେ ବାହୁଡ଼ିବେ ବନୁ । ୮୮ ।

ମୁନି-କୁମାରୀଙ୍କ ପାଇଁ ଉପହାର,
ଆଣିଥିଲେ କିଛି ବାସ ଅଲଙ୍କାର । ୮୯ ।

ତା' କଣ-ସଲକ୍ଷେ ବିନୟେ ବଣ୍ଟନ,
ତୋଷିଲେ ତାପସ-ତାପସୀଙ୍କ ମନ । ୯୦ ।

ହୃଦ-ସିନ୍ଧୁ ତାଙ୍କ ବନ୍ଧୁ-କର ପରଶ,
ଲଭି ତା ମେଲିଲା ଆନନ୍ଦ ଲହରୀ । ୯୧ ।

ସଞ୍ଚିଥିଲେ ଯାହା ଫଳ ତୃଣ-ଧାନ୍ୟ,
କୁରଙ୍ଗେ ବିହଙ୍ଗେ କଲେ ସମ୍ପ୍ରଦାନ । ୯୨ ।

ଭୁଞ୍ଜିଲେ ସେମାନେ ଝଣାଝଣି କରି,
କେତେ ପକ୍ଷୀ ଉଡ଼ିଗଲେ ଅଣ୍ଟେ ଧରି । ୯୩ ।

ସାର-ଶାବେ ଥିଲେ ନୀଡ଼େ ମେଲି ପାତି,
ଜନନୀ ଆହାର ଦେଲା ତାଙ୍କୁ ବାଣ୍ଟି । ୯୪ ।

ମୟୂର-ମୟୂରୀ କରି ହର୍ଷ-ରବ,
ପାଦପ ଉପରେ ରଚିଲେ ତାଣ୍ଡବ । ୯୫ ।

---

୮୬ । ଆଶ୍ରିଛନ୍ତ—ଆଶ୍ରୟ ଗ୍ରହଣ କରିଛନ୍ତ ।

୮୭ । ଉପଗତ—ଉପସ୍ଥିତ ।

୯୨ । ତୃଣାଧାନ୍ୟ—ନୀବାର, ବାଲୁଙ୍ଗା ଧାନ, କୁରଙ୍ଗ—ହରିଣ, ବିହଙ୍ଗ—ପକ୍ଷୀ ।

୯୫ । ତାଣ୍ଡବ—ନୃତ୍ୟ ।

ଦ୍ୱୀପ-ଦ୍ୱୀପାନ୍ତରେ କୋକିଳ ପ୍ରଚାର—
କଲାଯାଇ ସେହି ଶୁଭ-ସମାଚାର । ୯୬ ।
କୈଳାସେ ଦେବାଙ୍କୁ ସେ ଶୁଭ-ସମ୍ବାଦ,
ରାଜହଂସ ଗଲା କରି ହର୍ଷ-ନାଦ । ୯୭ ।
ଜନମାଇବାକୁ ଗଉରୀ-ପ୍ରତ୍ୟୟ,
ପତ୍ର ଧରିଥାଏ ବିସ କିଶଳୟ । ୯୮ ।
ସେ ସମ୍ବାଦେ ଭରି ହୃଦୟେ ଉଲ୍ଲାସ,
ହରଙ୍କୁ ଜଣାଇ ତେଜି କଇଲାସ । ୯୯ ।
ଷଷ୍ଠୀ-ହସ୍ତ-ପୂଜା ଘେନିବା ଲାଳସେ,
ଷଷ୍ଠୀଦେବୀ ରୂପେ ଗୌରୀ ବିହାୟସେ । ୧୦୦ ।
କାଦମ୍ବିନୀ ସଙ୍ଗେ ଇରମ୍ମଦ-ଛଳେ,
ବାଲ୍ମୀକି ଆଶ୍ରମେ ଆସିଲେ ଚଞ୍ଚଳେ । ୧୦୧ ।
ସପତ ତାପସ-କୁମାରୀଙ୍କ କାୟେ,
ବିରାଜି ସପତ ମାତୃକା ପରାଏ । ୧୦୨ ।
ଷଷ୍ଠ ଦିବସରେ ଷଷ୍ଠୀ-ହସ୍ତ ପୂଜା,
ସାଗ୍ରହେ ଗ୍ରହଣ କରି ଦଶଭୁଜା । ୧୦୩ ।
କୁମାର-ଯୁଗଳ-ଅରିଷ୍ଟ ସକଳ,
ନାଶି ଦେଇଗଲେ ମୃଗରାଜ-ବଳ । ୧୦୪ ।

---

୯୭ । କୈଳାସ—ହିମାଳୟରେ ଶିବଙ୍କର ଅଧିଷ୍ଠାନସ୍ଥଳୀ ।

୯୮ । ଗଉରୀ—ପ୍ରତ୍ୟୟ—ପାର୍ବତୀଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ, ବିସ—ମୃଣାଳ, ପଦ୍ମନାଡ଼, କିଶଳୟ—କଅଁଳିଆ ପତ୍ର ।

୧୦୦ । ବିହାୟସ—ଆକାଶ ।

୧୦୧ । ଇରମ୍ମଦ—ବିଜୁଳି ବା ବଜ୍ରାଗ୍ନି ।

୧୦୨ । ସପତ—ମାତୃକା—ବ୍ରାହ୍ମୀ, ମାହେଶ୍ୱରୀ, କୌମାରୀ, ବୈଷ୍ଣବୀ, ବାରାହୀ, ଇନ୍ଦ୍ରାଣୀ, ଚାମୁଣ୍ଡା ।

୧୦୪ । ଅରିଷ୍ଟ—ଅମଙ୍ଗଳ, ମୃଗରାଜ—ସିଂହ ।

କ୍ରମେ ହେଲା ଏକ ବିଂଶତି ବାସର,
ନାମ-କରଣରେ-ଶୁଭ-ଅବସର । ୧୦୫ ।
ଶୁଣିବାକୁ ସତୀ-ସୁତଙ୍କର ନାମ,
ଅମରେ ଆସିଲେ ତେଜି ସ୍ୱର୍ଗଧାମ । ୧୦୬ ।
ଅମର୍ତ୍ତ୍ୟ ମଣ୍ଡଳୀ ସେହି କୁତୂହଳେ,
ଗୋଡ଼ାଇଲେ ତାଙ୍କ ପଛେ ଦଳେ ଦଳେ । ୧୦୭ ।
ଶରତର ଶୁଭାଗମନ ସକାଶେ,
ପଥ ଖୋଜୁଥିଲା ଜଳଦ ଆକାଶେ । ୧୦୮ ।
ରବି-ରଶ୍ମି ସହି ସହଜେ ସେ ପଥେ,
ଆସିଲେ ସମସ୍ତେ ଜ୍ୟୋତିର୍ମୟ ରଥେ । ୧୦୯ ।
ଆସି ଆଶ୍ରମରେ କୁସୁମ ଉପରେ,
ମନୋମୁଗ୍ଧକର ସୌରଭ ରୂପରେ । ୧୧୦ ।
ବସିଗଲେ ଦିବ୍ୟ-ସୁଷମା ପ୍ରକାଶି,
ବିକାଶ-ବ୍ୟାଜରେ ହୋଇ ଦରହାସୀ । ୧୧୧ ।
କେତେ ବା ତାପସ-ତାପସୀ-ହୃଦୟ—
ମଧ୍ୟେ ପଶିଗଲେ ହୋଇ ମୁଦମୟ । ୧୧୨ ।
ବାଲ୍ମୀକି-ନିଦେଶେ ତାପସ ତାପସୀ,
ଦ୍ୱିଗୁଣ ମୁଦରେ ଉପବନେ ପଶି । ୧୧୩ ।
ବିବିଧ କୁସୁମ ନବପତ୍ରମାନ
ଆଣି କଲେ ମଞ୍ଜୁ-ମଣ୍ଡପ ନିର୍ମାଣ । ୧୧୪ ।
ରଜନୀ ପ୍ରଥମ ପ୍ରହରେ ଆଶ୍ରମ,
ପ୍ରଦୀପ ମାଳରେ ହେଲା ମନୋରମ । ୧୧୫ ।
ପ୍ରଦୀପେ ଐଙ୍ଗୁଦ ତଇଲ ପ୍ରଚୁର
ତାପସଙ୍କ କରୁ କରୁଥାନ୍ତି ଜୁର । ୧୧୬ ।

---

୧୦୬ । ଅମର—ଦେବତାମାନେ ।
୧୧୬ । ଐଙ୍ଗୁଦ—ଇଙ୍ଗୁଦୀଫଳ, ଜୁର – ଲୁଟି ।

ରୌଦ୍ରରାଗେ ପୁଷ୍ପିତ ପାଦପ-ବଲ୍ଲରୀ,
ହସୁଥାନ୍ତି ପାଇ ଆଲୋକ-ଲହରୀ । ୧୧୭ ।

ଥିଲା ସେ ସମସ୍ତ ପ୍ରସୂନଙ୍କ ପର,
ବଢ଼ୁଥିଲା ଚନ୍ଦ୍ରବର୍ତ୍ତିନୀର, ଗର୍ବ । ୧୧୮ ।

ସାଗରସମୂହ ଯଥା କ୍ଷୀରାର୍ଣ୍ଣବ,
ବୃନ୍ଦାରକବୃନ୍ଦେ ଯେମନ୍ତ ବାସବ । ୧୧୯ ।

ଅବା ହିମାଚଳ-ସମୁଚ୍ଚ-ଶିଖର—
ମଣ୍ଡଳେ ଯେମନ୍ତ ଗଉରୀଶଙ୍କର । ୧୨୦ ।

ମୁନିବୃନ୍ଦ ମଧ୍ୟେ ମହା ତପୋଧନ,
ବିଶୋଭିଲେ କରି ମଣ୍ଡପେ ଆସନ । ୧୨୧ ।

ଅଶ୍ୱିନୀକୁମାରେ ଗ୍ରୁଷ୍ଟା ଫଳ୍ଗୁ ପରି,
କୁମାର ଯୁଗଳ କର-ପଦ୍ମେ ଧରି । ୧୨୨ ।

ସତୀ ଅନୁକମ୍ପା ଆସିଲେ ମଣ୍ଡପେ,
ଶୋଭା ତହିଁ ଉଭା ହୋଇଗଲା ଦର୍ପେ । ୧୨୩ ।
କୃଷ୍ଣା ତ୍ରୟୋଦଶୀ ସୁଧାକର ପାଶେ,
ପ୍ରଭାତୀ ତାରକା ଉଦିତ ଆକାଶେ । ୧୨୪ ।
ପ୍ରତିବିମ୍ବ ତାଙ୍କ ସରୋବର ଗର୍ଭେ,
ଦେଖି ପ୍ରାଚୀ ଯେହ୍ନେ ରହିଅଛି ଗର୍ବେ । ୧୨୫ ।
ସରଳ-ହୃଦୟା ପ୍ରସନ୍ନ ବଦନା,
ସତୀ ସହଚରୀ ତାପସ ନନ୍ଦନା । ୧୨୬ ।
ଶରୀର ଆବରି ସତୀ-ଦତ୍ତ ବାସେ,
ସମ୍ମଦରେ ବସିଗଲେ ସତୀ ପାଶେ । ୧୨୭ ।

---

୧୧୮ । ଚନ୍ଦ୍ରବର୍ତ୍ତିନୀ—ଗନ୍ଧଦନ୍ତି ପୁଷ୍ପ ।
୧୧୯ । ବୃନ୍ଦାରକ—ଦେବତା ।
୧୨୭ । ସମ୍ମଦ—ଆନନ୍ଦ ।

ଲଭି ଊଷା-ଦତ୍ତ ନବୀନ କିରଣ,
ଊଷା ପାଶେ ଯଥା କମଳିନୀ ବନ । ୧୨୮ ।

ବେଦମତେ ହେଲା ଦେବ ଆରାଧନା,
ବାଜିଗଲା ଶଙ୍ଖ ଶିଙ୍ଗାର ବାଜଣା । ୧୨୯ ।

ଜ୍ୟେଷ୍ଠ କୁମାରକୁ ଦେଇ ଶୁଭାଶିଷ,
ପ୍ରସନ୍ନେ ବୋଇଲେ ମୁନିକୁଳାଧୀଶ । ୧୩୦ ।

କୁଶାଗ୍ରେ ମାର୍ଜିତ ହୋଇଅଛି "କୁଶ"—
ନାମେ ହେବ ରଘୁ-କୁଳଚନ୍ଦ୍ର-ଅଙ୍କୁଶ । ୧୩୧ ।

ସେରୂପେ କନିଷ୍ଠ କୁମାରକୁ "ଲବ"—
ନାମ ଦେଲେ ମୁନି ମନୀଷୀ-ପୁଙ୍ଗବ । ୧୩୨ ।

ମୁନିଗଣ କଲେ ରାମ-ନାମ-ଧ୍ୱନି,
ବଜାଇ ମୁରଜ ମନ୍ଦିରା ଖଞ୍ଜଣୀ । ୧୩୩ ।

ତାପସ-କୁମାରୀମାନେ ବାଇ ବୀଣା,
ଗାଇଲେ ମଧୁର-ଗୀତ ସୁଧା-କଣା । ୧୩୪ ।

ସୁରସ୍ତ୍ରୀ ସ୍ୱରୂପୀ ଅମର ଅମରୀ,
ନୃତ୍ୟ କଲେ ତହିଁ ପ୍ରମୋଦେ ସଞ୍ଚରି । ୧୩୫ ।

ଚଉଦିଗେ ଆଇ ମୃଗ-ମୃଗୀଗଣ,
ରହୁଁଥାନ୍ତି ହୋଇ ଚକିତ-ନୟନ । ୧୩୬ ।

ଆଶ୍ରମର ମହା-ଆନନ୍ଦ-ଚହଲେ,
ଯୋଗଦେଲା ବନ ପ୍ରତିଧ୍ୱନି-ଛଳେ । ୧୩୭ ।

ସଙ୍ଗୀତେ ରତ ବା ତରୁଲତା ସର୍ବେ,
ହେଲେ କି ବିଦ୍ୟାଧର ବିଦ୍ୟାଧରୀ ଗର୍ବେ । ୧୩୮ ।

---

୧୩୨ । ମନୀଷୀ—ପୁଙ୍ଗବ—ଜ୍ଞାନୀଶ୍ରେଷ୍ଠ ।

୧୩୩ । ମୁରଜ—ମୃଦଙ୍ଗ, ମନ୍ଦିରା - ଝାଞ୍ଜ, ଖଞ୍ଜଣୀ—ଖଞ୍ଜଣି ।

୧୩୮ । ବିଦ୍ୟାଧର—ଗନ୍ଧର୍ବ କିନ୍ନର ପ୍ରଭୃତି ସ୍ୱର୍ଗର ଗାୟକଗଣ ।

ଆଶ୍ରମ ଉଜ୍ଜ୍ୱଳ ହୋଇଗଲା ମୁଦେ,
ତମ କନ୍ୟା ସତୀ ବଦନ—କୁମୁଦେ । ୧୩୯ ।
ରହିଗଲା ଏକା ରାମଚନ୍ଦ୍ର ବିନା,
ପରବ ତାଙ୍କର ଅମାବାସ୍ୟା ସିନା । ୧୪୦ ।
ତମ ବଢ଼ାଇଲା ମହିମା ତାଙ୍କର,
ତମ ଯୋଗୁଁ ସିନା ଚନ୍ଦ୍ରିକା-ଆଦର । ୧୪୧ ।
ଦିଶୁଥିଲେ ସୁତ-ରତନେ ସୁନ୍ଦର,
ଯଥା ରତ୍ନ-ସାନୁ ଗମ୍ଭୀର କନ୍ଦର । ୧୪୨ ।
ଋଷି ଦେବେ ମିଳି ସତୀଙ୍କ ଗୌରବ,
ବୃଦ୍ଧି କଲେ ବହୁ ଆନନ୍ଦ-ଉତ୍ସବ । ୧୪୩ ।
ମହତଙ୍କ ଏହା ନୈସର୍ଗିକୀ ରୀତି,
ସୁପାତ୍ରେ ସମ୍ମାନ-ଦାନେ ତାଙ୍କ ପ୍ରୀତି । ୧୪୪ ।
ଶେଷେ କୁମାରଙ୍କ କମଳ-କାମନା,
କରି ଆଶିଷିଲେ ମୁନି ମହାମନା । ୧୪୫ ।
ତାପସଙ୍କ ହୃଦ-କମଳେ ଆସନ,
କରି ଦେବେ କଲେ ତଥାସ୍ତୁ ଭାଷଣ । ୧୪୬ ।
ବନ-ତରୁ-ଲତା ସୁଗମ୍ଭୀର ରବେ,
ଉଚ୍ଚାରିଲେ ମୁଦେ ତଥାସ୍ତୁ ସରବେ । ୧୪୭ ।
ଦିଗ ବିଦିଗରୁ ଦିଗପାଳଗଣ,
ତଥାସ୍ତୁ ଶବଦ କଲେ ଉଚ୍ଚାରଣ । ୧୪୮ ।

---

୧୪୦ । ଅଷ୍ଟମୀ, ଚତୁର୍ଦ୍ଦଶୀ, ଅମାବାସ୍ୟା, ପୂର୍ଣ୍ଣିମା ଓ ସଂକ୍ରାନ୍ତି—ଏମାନଙ୍କୁ ପର୍ବ କୁହାଯାଏ ।

୧୪୫ । ଆଶିଷିଲେ—ଆଶୀର୍ବାଦ କଲେ ।

## ଦଶମ ସର୍ଗ

( କଲ୍ୟାଣ ପଢ଼ତାଳ )

ସୀତା ପାଇ ଦୁଇ ପୁତ୍ର-ରତନ
ପ୍ରାଣରୁ ଅଧିକ କରି ଯତନ,
ଲାଳନ ପାଳନେ ନିହ୍ଲେ ମନ
ଲାଗିଗଲା ଦୃଢ଼ ସ୍ନେହବନ୍ଧନ,
ଛାଡ଼ିଲେ, ନାହିଁ ନିମିଷେ ପାଶ
ମଣିଲେ ଜୀବନ-ଭାର ଉଶ୍ୱାସ । ୧ ।
ସ୍ନାନ ପାଇଁ ଦନେ ଥରେ ମାତର
ହୁଅନ୍ତି ଯଦ୍ୟପି ପାଶୁ ଅନ୍ତର,
ଜଳ-ଜରକର ବସନେ ବେଗେ
ଧାଇଁ ଆସିଥାନ୍ତି ଅତି ଉଦ୍‌ବେଗେ,
ପରାଣ, ହେଉଥାଏ ଚଞ୍ଚଳ
ଚୁମ୍ବିବାକୁ ସୁତ-ମୁଖ-କମଳ । ୨ ।
ଶଶି-କଳା-ଗର୍ବ କରି ମର୍ଦ୍ଦନ
ହେଲା କୁମାରଙ୍କ ଅଙ୍ଗ-ବର୍ଦ୍ଧନ,
ପୂର୍ଣ୍ଣ-ସୁଧାକର ପ୍ରାୟେ ବଦନ
ଦିନୁ ଦିନ ହେଲା ଶୋଭା-ସଦନ,
ପାରିଲେ ଚହ୍ନି ଜନନୀ-ମୁଖ
କୋଳେ ଉଠିବାକୁ ହେଲେ ଉନ୍ମୁଖ । ୩ ।

---

୧ । ନିହ୍ଲେ—ନିଯୁକ୍ତ କଲେ, ନିମିଷେ—ଅତି ଅଳ୍ପକ୍ଷଣ ପାଇଁ ସୁଦ୍ଧା, ଉଶ୍ୱାସ—ହାଲୁକା ।

୩ । ମର୍ଦ୍ଦନ - ଖର୍ବ କରି; ପୂର୍ଣ୍ଣ—ସୁଧାକର—ପୂର୍ଣ୍ଣିମାର ଚନ୍ଦ୍ର, ଉନ୍ମୁଖ — ଉଦ୍ୟତ, ପ୍ରବୃତ୍ତ ।

ହସନ୍ତ ଅନାଇ ମାତା-ବଦନ
କୋଳ ଲୋଡ଼ି ସେହିକ୍ଷଣି ନନ୍ଦନ,
ସ୍ନେହଭରେ ମାତା ଧଇଲେ କୋଳେ
ଦୋଳୁଥାନ୍ତି ତହିଁ ଆନନ୍ଦ-ଦୋଳେ,
ଥରକୁ ଥର ବଦନ ଚୁମ୍ବି
ହସି ହସି ଦେଉଥାନ୍ତି ହସାଇ । ୪ ।

ନ ଥିଲା ସତୀଙ୍କ ମନେ ସ୍ୱପନେ
ହାସ ଅଙ୍କୁରିବ ଦଗ୍ଧ ଲପନେ,
ଅପୂର୍ବ ସୁଖରେ ଅପୂର୍ବ ହାସ
ସ୍ୱତଃ ଆସି ହୋଇଯାଏ ପ୍ରକାଶ,
ନ ନେଲେ, କାନ୍ତ ସେ ସୁଖଭାଗ
ବୋଲି ସତୀ ନିତ ନିନ୍ଦନ୍ତି ଭାଗ୍ୟ । ୫ ।

ବଦନ-କମଳେ ରଦନ-ଛଳେ
ବିରାଜି ଭାରତୀ ଦେବୀ ଉଜ୍ଜ୍ୱଳେ
ପ୍ରକାଶିଲେ ନିଜ ନିସର୍ଗ-ଜ୍ୟୋତି,
ନିନ୍ଦି କୁନ୍ଦ-ଇନ୍ଦୁ ତୁଷାର ମୋତି,
ବାଇଲେ, ବୀଣା ଆଦ୍ୟ ମୃଦୁରେ
ମା ମା ମା ମା ମା ମା ସ୍ୱର ମଧୁରେ । ୬ ।

ମଳୟ ରୂପେ ସେ ସ୍ୱର୍ଗୀୟ ସ୍ୱନ
ପଲ୍ଲବିତ କରେ ମାତା-ଜୀବନ,
ପ୍ରବାଳ-ପାଟଳ-ବର୍ଣ୍ଣ ସତ୍ୱରେ
ଫୁଟିପଡ଼ି ମାତା-ଓଷ୍ଠ ଅଧରେ,

---

୫ । ନିନ୍ଦନ୍ତି—ଧିକ୍କାର, ନିତ—ପ୍ରତିଦିନ ।
୬ । ରଦନ—ଦାନ୍ତ, ବିରାଜି—ଶୋଭା ପାଅନ୍ତି, ମା ମା···ସା, ରି, ଗା, ମା, ପା, ଧା, ନି ମଧ୍ୟରୁ 'ମା' ସ୍ୱର ।

ତହିଁରେ, ଦନ୍ତ-କୁସୁମ-କଢ଼ି
କୌମୁଦୀ-କାନ୍ତିରେ ଉଠଇ ବଢ଼ି ।୭।
ଭାସ୍କର ପରାଏ ଭାସ୍ୱର ମନ
ଅଧିକାର କରି ଇନ୍ଦ୍ର-ଆସନ
ଅଗ୍ରସର ହୋଇ କୁବେର-କୋଷେ
ବଦନ-ପ୍ରଭାବ ବଢ଼ାଏ ତୋଷେ,
ମଣଇ, ନିଜ କରେ ଜଗତ
ସୁଖ ସଉଭାଗ୍ୟ ସମୁପାଗତ ।୮।
ଦର-ବିକଶିତ କମଳ ଜିଣି
ଭାଷିଲେ କୁମାରେ ଦରୋଟି ବାଣୀ
ସେ ଭାରତୀ ହାବ ଚାରୁ-ଚାହାଣୀ,
ମନୋହର-ବେଶ ଲାବଣ୍ୟ-ଠାଣି
ଦର୍ଶନେ, ପ୍ରାଣ ପୁଲକେ ପୂରେ,
ମୋହି ନାଚଇଟେ ଆନନ୍ଦ-ନୂପୁରେ ।୯।
କ୍ରମରେ କୁମାରେ ଅବନୀ ତଳେ
ବସିଲେ ଚାଲିଲେ ଜାନୁ-ପ୍ରତଳେ;
ଦୂରେ ଥାଇ ଡାକ ଆହ୍ଲାଦେ ସତୀ
ବଢ଼ାଇଲେ ସେହି ଗତି-ଶକତି;
କୁମାରେ, କୁତୂହଳେ ସହାସେ
ବେଗ ବେଗ ଯାନ୍ତି ଜନନୀ ପାଶେ ।୧୦।

---

୭ । ମଳୟ—ବସନ୍ତକାଳୀନ ଧୀର ସମୀରଣ, ପ୍ରବାଳ—ପୋହଳା, ପାଟଳ—ଗୋଲାପି ରଙ୍ଗ ।

୮ । ଭାସ୍କର—ସୂର୍ଯ୍ୟ, ଭାସ୍ୱର—ଉଜ୍ଜ୍ୱଳିତ, ଇନ୍ଦ୍ର-ଆସନ—ପୂର୍ବଦିଗ, କୁବେର କୋଷେ—ଉତ୍ତର ଦିଗ, ସମୁପାଗତ—ଉପସ୍ଥିତ ।

୯ । ଦରୋଟି ବାଣୀ—ଶିଶୁର ଅସ୍ପଷ୍ଟ କଥା, ହାବ—ଅଙ୍ଗଭଙ୍ଗୀ ।

୧୦ । ପ୍ରତଳ—ବିସ୍ତୃତାଙ୍ଗୁଳ ହସ୍ତ (କରତଳ), ଚାପୁଡ଼ା ।

କେତେବେଳେ କରେ ମୃତ୍ତିକା ଧରି
ଦିଅନ୍ତି ରସନା ପଙ୍କିଳ କରି
ମାତା ଧରାଇଲେ ସୁନ୍ଦର ଫଳ,
ଫିଙ୍ଗନ୍ତି ହଲାଇ ମୁଖମଣ୍ଡଳ
ସୁଗୃରୁ, ଚୂର୍ଣ୍ଣକୁନ୍ତଳ ଚଳ
ଦିଶେ ଯେହ୍ନେ କଞ୍ଜ-କ୍ରୀଡ଼ିତ ଅଳି । ୧୧ ।
ଉଭା ହେଲେ ଧରି ଜନନୀ-କର,
ତହୁଁ ନିଜ ପଦେ କରି ନିର୍ଭର
ଗଢ଼ି କଲେ କରି କର ଧାରଣ,
ନିଜେ ନିଜେ ପୁଣି ଗୃଳି ଚରଣ,
ଗମନେ, ପଡ଼ି କଲେ ରୋଦନ,
ତୋଷନ୍ତି ଜନନୀ ଚୁମ୍ବି ବଦନ । ୧୨ ।
ଡାକନ୍ତି କୁମାରେ ବନ-ବିହଙ୍ଗ
କୁତୂହଳେ ଗୃହ୍ନିଁ ସୁରମ୍ୟ ରଙ୍ଗ,
ମୟୂର-ପୁଚ୍ଛରେ ମନ ବଳାଇ
ଧାଉଁଥାନ୍ତି ତାକୁ ଧରିବା ପାଇଁ,
ଖେଳନ୍ତି, ମୃଗ-ଶାବକ ଧରି
କୁସୁମେ ତା' ବେଶ ରଚନା କରି । ୧୩ ।
ତାପସ-ତାପସୀ ପ୍ରଫୁଲ୍ଲ ମନେ
କୁମାରଙ୍କୁ ନେଇ ବୁଲନ୍ତି ବନେ,
ପୁଷ୍ପମାଳ ମଣ୍ଡି ଶିରେ କପୋଳେ
ଦୋଳାନ୍ତି ପୁଷ୍ପିତ-ଲତିକା-ଦୋଳେ,
ଫୁଟାଇ, ପୋଏ ଆନନ୍ଦ କଳି,
ଆଉ ଆଉ ବୋଲି କରନ୍ତି ଅଳି । ୧୪ ।

---

୧୧ । ମୃତ୍ତିକା—ମାଟି, ରସନା—ଜିଭ, ପଙ୍କିଳ—ମାଟିଆ, କଞ୍ଜ—କ୍ରୀଡ଼ିତ, ଅଳି—ପଦ୍ମରେ ଖେଳୁଥିବା ଭ୍ରମର ସଦୃଶ, ଚୂର୍ଣ୍ଣକୁନ୍ତଳ—ଚୁନ୍ନ ଚୁନ୍ନ କେଶ ।

କୁମାରଙ୍କ ତନୁ ଉଜ୍ଜ୍ୱଳ ଶ୍ୟାମ
ପୁଷ୍ପ-ଦୋଳେ ହୁଏ ନେତ୍ରାଭିରାମ,
ବନଲକ୍ଷ୍ମୀ ଯେହ୍ନେ ସୁରମ୍ୟ ଦଣ୍ଡୀ
ଗେହ୍ନେ ଗୃହେ ହରିନ୍ମଣିରେ ମଣ୍ଡି,
ପାଦପ ଶାଖା କମ୍ପେ ଯା' ସଙ୍ଗେ
ଅନ୍ୟ ଶୋଭା ପ୍ରତି ହସେ ଭ୍ରୂଭଙ୍ଗେ । ୧୫ ।

ପଞ୍ଚବର୍ଷ ପଞ୍ଚ ବର୍ଷ-ବିକ୍ରମେ
ସାଜି କୁମାରଙ୍କୁ ଚଳିଲେ କ୍ରମେ,
ସ୍ୱଚ୍ଛନ୍ଦେ କୁମାରେ କଲେ ଭ୍ରମଣ
ସରିତ ଶାଦ୍ୱଳ ଉଦ୍ୟାନ ବନ,
ଶ୍ୱାପଦ, ଆପଦକୁ କୁଣ୍ଠିତ
ନ ଗଣଇ ତାଙ୍କ ନର୍ଣ୍ଣିକ ଚିତ୍ତ । ୧୬ ।

କୁମାରଙ୍କ ଚୂଡ଼ାକର୍ମ ସବିଧି
ସମ୍ପାଦି ବାଲ୍ମୀକି ଜ୍ଞାନ-ବାରିଧି,
ଆଣି ସୁଦୁର୍ଗମ ବିଦ୍ୟା-କାନନ—
'ମଧ୍ୟେ କରିଦେଲେ ପଞ୍ଚ-ଆନନ,
କୁମାରେ, ତହିଁ କରି ସଞ୍ଚାର
ଅଜ୍ଞାନ-ମାତଙ୍ଗ କଲେ ସଂହାର । ୧୭ ।

---

୧୫ । ହରିନ୍ମଣି—ମରକତ ମଣି, ସବୁଜବର୍ଣ୍ଣ ପ୍ରସ୍ତର ବିଶେଷ ।

୧୬ । ପଞ୍ଚବର୍ଷ—ସିଂହ, ଶାଦ୍ୱଳ—ନବତୃଣ ଦ୍ୱାରା ହରିଦବର୍ଣ୍ଣ ସ୍ଥାନ ।

୧୭ । ଚୂଡ଼ାକର୍ମ—କେଶମୁଣ୍ଡନରୂପ ସଂସ୍କାର, ସବିଧି—ସାମାଜିକ ନିୟମ ଅନୁସାରେ, ସମ୍ପାଦି—ସାଧନ କରି, ବାରିଧି—ସାଗର, ସଞ୍ଚାର—ଭ୍ରମଣ, ମାତଙ୍ଗ—ହସ୍ତୀ, ପଞ୍ଚ—ଆନନ—ଏଠାରେ ଲବ କୁଶଙ୍କୁ ପଞ୍ଚାନନ ଅର୍ଥାତ ସିଂହ ବୋଲି ଉକ୍ତି କରାଯାଇଛି ।

ରସ-ରତ୍ନ-ମୟ କାବ୍ୟ-ଶିଖରୀ
ବିରାଜନ୍ତି ଯହିଁ ରାମ-କେଶରୀ,
ରାବଣ-ବାରଣ-ରକତ-ଧାର
ଝରଇ ଝର୍ଝର-ନିର୍ଝରାକାର,
କାନ୍ଦନ୍ତି, ସିଂହୀ କନ୍ଦରେ ରହି
ଦନ୍ତ-ଦନ୍ତାଘାତ-ବେଦନା ସହି । ୧୮ ।
କୁମାରଙ୍କୁ ସେହି ଗିରି-ଶିଖର
ଚଢ଼ାଇ କୌଶଳେ ଋଷି-ଶେଖର,
ଖେଳାନ୍ତେ ହରିଣ-ଶାବକ-କର,
ଖେଳିଲେ କୁମାରେ ଶାର୍ଦ୍ଦୂଳ ପରି,
ରାମଙ୍କୁ, କଲେ ମୃଗେନ୍ଦ୍ରଜ୍ଞାନ,
ଜନକ ନ ଚହ୍ନି ସିଂହ ସନ୍ତାନ । ୧୯ ।
କରନ୍ତି ଜନନୀ ପାଶେ ଗାୟନ
ମହର୍ଷି ରଚିତ ସେ ରାମାୟଣ,
ତାନ-ଲୟ ସ୍ୱରେ ବୀଣା ବଜାଇ,
ରାମ-ଭକ୍ତି-ରସେ ମନ ମଜାଇ,
ଦିଅନ୍ତି, ଗଳି ନୟନ ନୀର
ପ୍ରେମ-ତରଙ୍ଗରେ ହୋଇ ଅସ୍ଥିର । ୨୦ ।
ତର୍ଜନ, ଗର୍ଜନ, ବିଳାପ, ହାସ
ଗାନେ ଗାନେ ହେଉଥାଏ ପ୍ରକାଶ,
ଫୁଲିଉଠେ ବକ୍ଷ ବାହୁ-ଯୁଗଳ,
ବେଳେ ବେଳେ ବହେ ନୟନ-ଜଳ;
ପ୍ରାଣରେ, କାବ୍ୟ-ଭାବ ତଡ଼ିତ
ହୋଇ ଯାଉଥାଏ ଗାଢ଼େ ଜଡ଼ିତ । ୨୧ ।

---

୧୮ । ଶିଖରୀ—ପର୍ବତ, ବିରାଜନ୍ତି—ଶୋଭା ପାଆନ୍ତି, ବାରଣ—ହସ୍ତୀ ।
୨୧ । ଜଡ଼ିତ – ଲାଗି ଯାଉଥାଏ ।

ବାଲ-ରସନାରେ ନବ୍ୟ ଭାରତୀ
ନିର୍ମଳା ଉଜ୍ଜ୍ୱଳା ମଞ୍ଜୁ ମୂରତି
ବିରଚି ବିଚିତ୍ର ମଧୁର ଲାସ୍ୟ
ବିତରଣ କରୁଥାନ୍ତି ଉଲ୍ଲାସ,
ଉଲ୍ଲାସ, ହୋଇ ଜୀମୂତାକାର!
ପ୍ରାଣେ ପ୍ରାଣେ ମୁଞ୍ଚେ ଅମୃତାସାର । ୨୨ ।
ଜାନକୀ ସହିତ ତାପସୀମାନେ
ଶିଶୁଙ୍କ ସଙ୍ଗୀତ-ପୀୟୂଷ-ପାନେ,
ହରଷ, ବିଷାଦ, ଶାନ୍ତି, ସନ୍ତାପ
ସୁଖ, ଦୁଃଖ ଲଭୁଥାନ୍ତି ଅମାପ;
ଆନନ୍ଦ, କ୍ଷୋଭେ ହୃଦୟ ଦ୍ରବି
ଲୋଚନୁ ଲୋତକ ପଡ଼ଇ ସ୍ରବି । ୨୩ ।
ଯେଉଁ ସୀତା ରାମାୟଣ-ନାୟକ—
ରାଘବ-ହୃଦୟ-ହାର-ନାୟକ,
ଯେ ଯେ କୁମାରଙ୍କ ଗର୍ଭ-ଧାରିଣୀ,
ଭାଗୀରଥୀ-ତୀର-ବନ-ଚାରିଣୀ,
କୁମାରେ, ତାହା ଜାଣନ୍ତି ନାହିଁ
ମହର୍ଷି-ନିଷେଧ ଥିଲା ଲୁଚାଇ । ୨୪ ।
ରାମ-ସୀତା-ଗୁଣ-ଗୌରବମାନ
ଅତି କୁତୂହଳେ କରନ୍ତି ଗାନ,
ଶୁଣି ସୀତାମଣି ହୋଇ ଲଜ୍ଜିତ
କରୁଥାନ୍ତି ସୁଖେ ମନ ମଜ୍ଜିତ;
ସତର୍କେ, ଆତ୍ମଗୋପନ କରି
ହରନ୍ତି ସମୟ ତାପସୀ ପରି । ୨୫ ।

---

୨୨ । ଜୀମୂତ—ମେଘ ।
୨୩ । ସ୍ରବି—ଝରିଯାଏ । ଦ୍ରବି—ବିଗଳିତ ହୋଇଯାଏ ।
୨୪ । ନାୟକ—ହାର ମଧ୍ୟସ୍ଥ ମଣି, ନିଷେଧ— ମନା ।

ରମ୍ୟ ରାମାୟଣ କରି ଶ୍ରବଣ
ମୁଗ୍‌ଧ ମୃଗେ ଥାନ୍ତି ଟେକି ଶ୍ରବଣ,
ନିଶ୍ଚଳ ଲୋଚନେ ଉବବ୍ରତ୍ତଥ ପରି
ଆହାର ବିହାର ତୃଷା ବିସ୍ମରି,
ବିହଙ୍ଗ ବୃନ୍ଦ ହୋଇ ନୀରବ,
ହୃଦେ ଭରୁଥାନ୍ତି ଶ୍ରୁତି-ବିଭବ । ୨୬ ।
ବିଟପିଏ ପର୍ଣ୍ଣ-କୁଣ୍ଡ-କବରୀ—
ଗରଭେ କୁସୁମ-ସ୍ତବକ ଭରି,
ଅନୁରାଗେ ହେଉଥାନ୍ତି ନିରତ
ଅଭିନୟେ ଗୂଢ଼ ବଲ୍ଲରୀ-ହସ୍ତ;
ପ୍ରମୋଦେ,ଗଡ଼ିଯାଏ ତମସା
ଅପୂର୍ବ ପ୍ରମୋଦେ ହୋଇ ବିବଶା । ୨୭ ।
ବହିଯାଏ ମହୀ-ଉରେ ଅମୃତ
କରି ଧନ୍ୟବାଦ-ନାଦରେ ନୃତ୍ୟ,
ଆସି ଚଉଦିଗ କାନନବାସୀ
ଯାନ୍ତି ସେ ଅମୃତ-ସ୍ରୋତରେ ଭାସି,
ଅଶେଷ, ଶ୍ରୁତି-ବିବରେ ପୂରି
ସ୍ରୋତ ପ୍ଲାବିଦିଏ ଅମର-ପୁରୀ । ୨୮ ।
ବ୍ରହ୍ମା, ଇନ୍ଦ୍ର, ରୁଦ୍ର ଶୁଣି ସେ ଗାନ
କରୁଥାନ୍ତି ଧନ୍ୟବାଦ ପ୍ରଦାନ,
ଉଦୀଚୀ ପ୍ରତୀଚୀ ପ୍ରାଚୀ ଅବାଚୀ
ଦିଗ ସୀମନ୍ତିନୀ ଉଠନ୍ତି ନାଚି;
ପକାଇ, ଗାନ ଗର୍ବ-ପସରା
ନାଚନ୍ତି ଗନ୍ଧର୍ବ ସଙ୍ଗେ ଅପ୍‌ସରା । ୨୯ ।

୨୬ । ଶ୍ରବଣ—କର୍ଣ୍ଣ, ଉବବ୍ରତ୍ତଥ—କାଷ୍ଠମୟ ମୃଗ । ବିସ୍ମରି—ଭୁଲିଯାଇ ।
୨୮ । ମହୀ-ଉରେ—ପୃଥିବୀ ବକ୍ଷରେ ।
୨୯ । ଉଦୀଚୀ—ଉତ୍ତର ଦିଗ; ପ୍ରତୀଚୀ—ପଶ୍ଚିମ ଦିଗ; ପ୍ରାଚୀ—ପୂର୍ବଦିଗ; ଅବାଚୀ—ଦକ୍ଷିଣଦିଗ; ଦିଗ ସୀମନ୍ତିନୀ—ଦିଗସୁନ୍ଦରୀଗଣ

ଲୋକେ ଲୋକେ ଭ୍ରମି ଭ୍ରମି ନାରଦ
ମୁକ୍ତକଣ୍ଠେ ବ୍ୟକ୍ତ କଲେ ଆନନ୍ଦ,
ପ୍ରଶଂସି ବାଲ୍ମୀକି-କବିତା-ରସ
ଶ୍ରୀରାମ-ଜାନକୀ-ବିଶୁଦ୍ଧ-ଯଶ;
ଗାୟନ, ତାଙ୍କ କୁମାରଙ୍କର
ପୀୟୂଷ-ବରଷୀ ବଲ୍ଲକୀ-ସ୍ୱର । ୩୦ ।
ନିଜ ବୀଣା ଯାର ବିଶ୍ୱ-ବିଦିତ
ବାଳକ-ବୀଣାରେ ହୋଇ ମୋହିତ,
ପ୍ରଚାରିଲେ ତାକୁ ବୋଲି ଉତ୍ତମ
ଧନ୍ୟ ଧନ୍ୟ ସେହି ମୁନି-ସତ୍ତମ;
ପ୍ରଫୁଲ୍ଲେ, ପର-ପ୍ରଶଂସା ଗାଇ
ସ୍ୱକୀୟ ମହିମା ଦେଲେ ବଢ଼ାଇ । ୩୧ ।
ନିଜ ଗୁଣ ଆଉଁ ପର-ସଦ୍‌ଗୁଣ—
ପ୍ରଶଂସାରେ ଜନ ହୋଇ ନିପୁଣ,
ନିଜ ଗୁଣ ତରୁ କରେ ଫଳିତ
ଧନୁର୍ଗୁଣେ ସିନା ଶର ଚାଳିତ;
ପବନ, ବହି ପ୍ରସୂନ-ବାସ
ଜଗତେ ଅଧିକ ଦିଏ ଉଲ୍ଲାସ । ୩୨ ।
କୁମାରଙ୍କ ଏକାଦଶ ହାୟନ
ବୟସରେ ହେଲା ଉପନୟନ,
ତହିଁପରେ କରି ବେଦାଧ୍ୟୟନ
ଲଭିଲେ କୁମାରେ ଜ୍ଞାନ-ନୟନ,
ବେଦଜ୍ଞ, ପୂର୍ଣ-ପ୍ରତିଭା ଦେଖି
ବୈଦେହୀ ଦିଅନ୍ତି ଦୁଃଖ ଉପେକ୍ଷି । ୩୩ ।

---

୩୦ । ଲୋକେ ଲୋକେ—ସ୍ୱର୍ଗଲୋକ ପର ବିଭିନ୍ନ ଭୁବନରେ, ବଲ୍ଲକୀ—ବୀଣା ।

୩୩ । ହାୟନ – ବର୍ଷ, ଉପନୟନ—ବ୍ରତ ଅନୁଷ୍ଠାନ ।

ତପନ-ତନୟା-ଜଳେ ଅରୁଣ—
କିରଣ ପଶୟେ ନବ ତରୁଣ—,
ମନୋହର ଛବି, ଆଣି ବରୁଣ—
ଭଣ୍ଡାର-ରତନ-ମୟୂଖ-ଋଣ,
କୁମାର-ଯୁଗ, ଶ୍ୟାମ-ଶରୀରେ
ବିଚିତ୍ର କୌଶଳେ ମଣ୍ଡିଲା ଧୀରେ । ୩୪ ।
ଜ୍ଞାନ-ସମ୍ମାର୍ଜିତ ଭାଷା ତାଙ୍କର
ହେଲା ଶ୍ରୁତି-ହୃଦ-ପବିତ୍ର-କର,
ବ୍ୟବହାର ହୋଇ ଭାଷାନୁଗତ
ଚରିତ୍ରେ ରଚିତ ହେଲା ଦେବତ୍ୱ,
ପ୍ରଦୀପ୍ତ, ମନ-ବଚନ-ଅଙ୍ଗ
ସୃଜିଲେ ଜୀବନେ ପ୍ରଭା-ତରଙ୍ଗ । ୩୫ ।
ଜନନୀ ଜୀବନ ସୁଖ-ଆଲୋକେ
ପୂରିଯାଏ ପୁତ୍ର-ପଠିତ ଶ୍ଳୋକେ,
ଅଧିକୁ ଅଧିକ ମନୋରଞ୍ଜନୀ
ହେଉଥାଏ ଶୋକ-ସ୍ମୃତି-ରଜନୀ;
ବୁଝଇ, ଦୁଃଖୀ ସୁଖର ମୂଲ୍ୟ
ଚିର-ସୁଖି-ସୁଖ ତହିଁ ଅତୁଲ୍ୟ । ୩୬ ।
କୁମାରଙ୍କ ନବ ପ୍ରଫୁଲ୍ଲ ରୂପ
ମାତା-ନେତ୍ର ମଣେ ରତନ-ସ୍ତୂପ,
ପୁତ୍ର-ପ୍ରଶଂସା ମାତା ଶ୍ରବଣେ
ପରିଣତ ହୁଏ ସୁଧା-ସ୍ରବଣେ,
ତହିଁକି, ସ୍ୱାମୀ-ସୁଯଶଃ-ଶ୍ରେଣୀ
ସତୀ-ପକ୍ଷେ ହେଲା ସ୍ୱର୍ଗ-ନିଃଶ୍ରେଣୀ । ୩୭ ।

---

୩୪ । ତପନ ତନୟା—ଯମୁନା, ମୟୂଖ-କିରଣ ।
୩୭ । ସ୍ରବଣ—ଝରଣ ।

ଯେଉଁ ଧନୁ ସୁତେ ଜନମୀ-ଅଙ୍କ
ତେଜି ବିହରିଲେ ହୋଇ ନିଃଶଙ୍କ,
ସେଧନୁ ଜାନକୀ ତପସ୍ୟା-ବ୍ରତ
ଅନୁଷ୍ଠାନ କଲେ ଅନବରତ;
ସମର୍ପି, ମନ ସ୍ୱାମୀ-ଚରଣେ
ଲଗିଲେ ଜୀବନ ଶେଷ କରଣେ । ୩୮ ।

ନିଦାଘ ସରିତ-ସ୍ରୋତ ସଦୃଶ
ସନ୍ତାପ୍ରାଣ ହୋଇ ଆସିଲ କୃଶ,
ଅସିତ ପକ୍ଷର ଶଶାଙ୍କ ପରି
ଲକ୍ଷ୍ୟ କଲା ମୃତ୍ୟୁ ଅମା-ଶର୍ବରୀ,
ସ୍ୱାମୀଙ୍କି ମଣି ଦିନେଶ ସମ,
ଆଶା କଲା ତହିଁ ହେବ ସଙ୍ଗମ । ୩୯ ।

ଭାବୁଥାନ୍ତି "ଅରେ କେଉଁ ଉପାୟେ
ଦୃଷ୍ଟି ଦେଇ ସ୍ୱାମୀ-ପଦ୍ମ-ପାଏ
ସମର୍ପଣ କରି ପୁତ୍ର-ଯୁଗଳ
ଯିଅନ୍ତି ଭାଙ୍ଗି ମୋ ତନୁ-ଅର୍ଗଳ;
ପଞ୍ଜରଣ ମୃଗ ଯାଇ ସତ୍ୱର
ସେ ମୁକ୍ତ-ବିପିନେ କରନ୍ତା ଘର" । ୪୦ ।

---

୩୯ । ଅମାବାସ୍ୟାରେ ସୂର୍ଯ୍ୟ ଚନ୍ଦ୍ର ସଙ୍ଗମ ହୁଏ, ଏହି ହେତୁ ତାକୁ ସୂର୍ଯ୍ୟେନ୍ଦୁସଙ୍ଗମ କହନ୍ତି ।

୪୦ । ପାଏ—ପାଦରେ, ସମର୍ପଣ—ପ୍ରଦାନ, ଅର୍ଗଳ—ବାଡ଼ ।

# ଏକାଦଶ ସର୍ଗ

ଏକ ଦିନ ଦିନନାଥ ପୃଥ୍ୱୀ-ପ୍ରଦକ୍ଷିଣ—
ଶ୍ରମ-କ୍ଲମେ ଅବସ୍ଥିତ-ତେଜ କରି କ୍ଷୀଣ । ୧ ।
ପଶ୍ଚିମ- ଜଳଧି-ନୀଳ ସଲିଳରେ ସ୍ନାନ—
ଲାଳସାରେ ଯାଇ ଗାଢ଼େ ହେଲେ ମଗ୍ନମାନ । ୨ ।
ମୁରୁଚ୍ଛି ନ ପାରି ନାଥେ ହୋଇ ଅତି ଦୀନ,
ମୁହୂର୍ତ୍ତେ ନ ରହି ତାଙ୍କ ପଛେ ଗଲା ଦିନ । ୩ ।
ନ ଜାଣଇ ପତି ବିନା ପତ୍ନୀର ଯେ ଦଶା.
ସରଳା ନଳିନୀ ବାଳା ନ ଛାଡ଼ିଲା ବସା । ୪ ।
କ୍ଷଣମାନେ ଲୁଟି ତାର ରଙ୍ଗବାସ କୋଷ,
ରଜନୀ ପାଇଡ଼ା କଲା ଗଗନେ ପ୍ରଦୋଷ । ୫ ।
ସୁକୁମାରୀ ନଳିନୀର ଗୃହିଁ ଅପମାନ,
ତ୍ରପାରେ ଶିରୀଷ-ତରୁ ହେଲା ମ୍ରିୟମାଣ । ୬ ।
ଭାନୁ-ଅସ୍ତେ ବୃହଦ୍ଭାନୁ କରି ଆରାଧନା,
ସ୍ମରିଲେ ମହେଶ-କୃପା ମୁନି ମହାମନା । ୭ ।

---

୧ । ଦିନନାଥ—ସୂର୍ଯ୍ୟ ।

୨ । ଜଳଧି—ସମୁଦ୍ର ।

୫ । ପ୍ରଦୋଷ - ସନ୍ଧ୍ୟା, ପାଇଡ଼ା—ପାଏଡ଼ା, ଦେବତା ଓ ରାଜାମାନେ ବିଜେ ହେବା ସମୟରେ ରାସ୍ତାରେ ପ୍ରସାରିତ ବସ୍ତ୍ର ।

୬ । ତ୍ରପା—ଲଜ୍ଜା, ମ୍ରିୟମାଣ—ଝାଉଁଳି ପଡ଼ିଲା ।

୭ । ଭାନୁ—ସୂର୍ଯ୍ୟ, ବୃହଦ୍ଭାନୁ—ଅଗ୍ନି, ଆରାଧନା—ପୂଜା, ମହେଶ—ଶିବ ।

ବସିଥାନ୍ତି ଆଶ୍ରମରେ ମଣ୍ଡି କୁଶାସନ,
ଭାବୁଥାନ୍ତି ମନେ ମନେ ରାମ-ସୁଶାସନ । ୮ ।
ତହିଁ ସଙ୍ଗେ କୁମାରଙ୍କ ଯୋଗ୍ୟତା ବିଷୟ,
କି ରୂପେ ଘଟିବ ପିତା-ପୁତ୍ର-ପରିଚୟ । ୯ ।
ଧନୁର୍ବେଦ ରାଜଧର୍ମ ଶିକ୍ଷାର ଦୁଆରେ,
ଉପଗତ ହୋଇଛନ୍ତି ଏକାଳେ କୁମାରେ । ୧୦ ।
ତାପସଙ୍କ ସଙ୍ଗେ ଯେବେ ବନେ ଥିବେ ରହି,
ମୂଲ୍ୟମସ୍ତ ସମସ୍ତଟି ବୃଥା ଯିବ ବହି । ୧୧ ।
ରାଜପୁତ୍ର ରାଜ ଧର୍ମେ ନ ହେଲେ ନିପୁଣ,
ବନ୍ଧ୍ୟ ତରୁ ପରି ବ୍ୟର୍ଥ ହେବ ସର୍ବଗୁଣ । ୧୨ ।
ବୀରପୁତ୍ର ନ ଲଭିଲେ ବୀରତ୍ୱ-ଭୂଷଣ,
ବୀରବଂଶ ପ୍ରତି ହେବ ଦୁଃସହ ଦୂଷଣ । ୧୩ ।
କେ କହିବ କୋଶଳର ରାଜସିଂହାସନ,
ନ ଲୋଡ଼ିବ ଜନେ ରାମ-ଦାୟାଦ-ରତନ । ୧୪ ।
ତେତେବେଳେ ରାଜମାନ ରକ୍ଷଣ-କ୍ଷମତା,
ନ ଥିଲେ ପଡ଼ିବ ଫୁଟି ମାତ୍ର-ଅଧମତା । ୧୫ ।
ଆଦର୍ଶବିହୀନେ ତହିଁ କେମନ୍ତେ କୁଶଳ,
ହେବେ ଥାଇ କାନନରେ କୁମାରଯୁଗଳ ? ୧୬ ।
ବିଶେଷତଃ ରଘୁବଂଶ-ନୃପେ ଦାନ-ବୀର,
ସେ ଆଦର୍ଶ ଦେବ କାହିଁ ଋଷିର କୁଟୀର ? ୧୭ ।
ଅବିକଳ ରାମରୂପ, ପ୍ରତିବିମ୍ବ ପରି,
କୁମାର ଯୁଗଳ ଛନ୍ତି ଅବୟବ ଧରି । ୧୮ ।

---

୧୨ । ବନ୍ଧ୍ୟ ତରୁ—ଅଫଳନ୍ତ ବୃକ୍ଷ ।
୧୩ । ଦୂଷଣ—ନିନ୍ଦା ।
୧୪ । କୋଶଳ—ଅଯୋଧ୍ୟା, ଦାୟାଦ—ଉତ୍ତରାଧିକାରୀ ।
୧୮ । ପ୍ରତିବିମ୍ବ—ଛାୟା ।

ଚାହିଁଲେ ଚିହ୍ନିବେ ରାମ ନିଜର ନନ୍ଦନ,
ଶବ୍ଦ ଘେନ କରିଦେବେ ସନ୍ଦେହ ଖଣ୍ଡନ । ୧୯ ।
କୁମାରଙ୍କୁ ନେଇ ଦେଲେ କରିବେ ଗ୍ରହଣ,
ତା' ହେଲେ ନ ହେବ ଆଉ ଆମ୍ଭର ଗର୍ହଣ । ୨୦ ।
କିନ୍ତୁ ସେ ତ ଏକମାତ୍ର ଅପବାଦ ଭୟେ,
ପତିବ୍ରତା ଜାଣି ଜାଣି ନିଷ୍ଠୁର ହୃଦୟେ । ୨୧ ।
ଦୋହଦବତୀ ଦୟିତାକୁ ବିପିନେ ପ୍ରେରଣ,
କରିଛନ୍ତି ଛଳ କରି ଦୋହଦ-ପୂରଣ । ୨୨ ।
ସନ୍ତାନ-ମମତା ତାଙ୍କ ହୃଦୟେ ସମ୍ଭବ,
ବାର ବର୍ଷ ପରେ ହେବା ନୁହଇ ସମ୍ଭବ । ୨୩ ।
ପୁତ୍ର-ସ୍ନେହ ଅର୍ପିଛନ୍ତି ପ୍ରକୃତିଙ୍କ ପ୍ରତି;
ନିଶ୍ଚୟ ଲୋଡ଼ିବେ ତାଙ୍କ ସମ୍ମତି ସମ୍ପ୍ରତି । ୨୪ ।
ନିଜର ବିଶ୍ୱାସ ପ୍ରତି ଆସ୍ଥା ନାହିଁ ଯାର,
କି ହେବ ବୁଝାଇ ଆମ୍ଭେ କହିଲେ ହଜାର । ୨୫ ।
ଏ ବିଷୟେ ବିଧିସୁତ ଲକ୍ଷ୍ମଣ ସହିତ,
ପରାମର୍ଶ କରିବାର ଅବଶ୍ୟ ବିହିତ । ୨୬ ।
ଏ ସମୟେ ରାଜଦୂତ ଯୋଡ଼ି କରପତ୍ର,
ପ୍ରଣମି ବାଲ୍ମୀକି କରେ ଦେଲା ଏକ ପତ୍ର । ୨୭ ।
ପାଠ କରି ମୁନିବର ହେଲେ ଅବଗତ,
ଆବିଷ୍କୃତ ହୋଇଅଛି ବାଞ୍ଛାସିଦ୍ଧି-ପଥ । ୨୮ ।

---

୨୦ । ଗର୍ହଣ—ନିନ୍ଦା ।
୨୨ । ଦୋହଦବତୀ—ଗର୍ଭବତୀ, ଦୟିତା—ସ୍ତ୍ରୀ, ଛଳକରି—କପଟ କରି ।
ଦୋହଦ—ଗର୍ଭିଣୀର ସ୍ପୃହା ।
୨୩ । ସମ୍ଭବ—ଜାତ ।
୨୪ । ପ୍ରକୃତି—ପ୍ରଜା ।
୨୬ । ବିଧିସୁତ—ବଶିଷ୍ଠ, ବିହିତ—ଉଚିତ ।
୨୮ । ଅବଗତ—ଜାଣିପାରିଲେ ।

କରଛନ୍ତି ରାମଚନ୍ଦ୍ର ରାଜା ନିମନ୍ତ୍ରଣ,
ଅନୁଷ୍ଠିତ-ଅଶ୍ୱମେଧ-ଯଜ୍ଞର କାରଣ । ୨୯ ।

ଭାବିଲେ ମୁନୀନ୍ଦ୍ର-ବୁଦ୍ଧି ହୋଇ ଅନୁକୂଳ,
ଭାବନା-ସାଗର ପାରେ ଦେଖାଇଲେ କୂଳ । ୩୦ ।

ଯଜ୍ଞ-ଦରଶନ ପାଇଁ ମୁନିପୁତ୍ର-ବେଶେ,
କୁମାରଙ୍କୁ ଘେନିଯିବା ଶିଷ୍ୟ-ବ୍ୟପଦେଶେ । ୩୧ ।

କୁଶ ଲବ ଯଜ୍ଞକ୍ଷେତ୍ର ବୁଲି ସ୍ଥାନ ସ୍ଥାନ,
କରିବେ ନବୀନ କାବ୍ୟ ରାମାୟଣ ଗାନ । ୩୨ ।

ରାମ-କଥା କରି ପ୍ରୀତି-ପୀୟୂଷ-ବର୍ଷଣ,
ନିଶ୍ଚୟ କରିବ ଜନ-ମନ ଆକର୍ଷଣ । ୩୩ ।

ଶ୍ରୀରାମ ସଦୃଶ ଦେଖି କୁମାରଙ୍କୁ ଜନେ
ରାମ-ପୁତ୍ର ବୋଲି ନିଶ୍ଚେ ବିଶ୍ୱସିବେ ମନେ । ୩୪ ।

ନିଜେ ରାମଚନ୍ଦ୍ର ନିଜ ପ୍ରତିବିମ୍ବ ରୂପେ,
ହୃଦୟ ମଜ୍ଜାଇ ଦେବେ ପ୍ରୀତି-ସୁଧା-କୂପେ । ୩୫ ।

ରାମ ହେଲେ କୁମାରଙ୍କୁ ଗ୍ରହଣେ କୁଣ୍ଠିତ,
କଉଶଲ୍ୟା ନ ହେବେ କି ଅବମା-ଲୁଣ୍ଠିତ ? ୩୬ ।

କରି ନାହିଁ ବୈଦେହୀଙ୍କି ରାବଣ ସ୍ପରଶ,
ରାମାୟଣେ ଶୁଣି ସର୍ବେ ଲଭିବେ ହରଷ । ୩୭ ।

ଅନଳରେ ହୋଇଛନ୍ତି ସତୀ ପରୀକ୍ଷିତ,
ଶୁଣିଲେ ନ ହେବ କାହା ତନୁ-କଣ୍ଟକିତ ? ୩୮ ।

ପ୍ରକାଶିବ ରାମାୟଣ ଭାରତୀ-ଆଲୋକ,
ଅପବାଦ-ତମ ଛାଡ଼ି ଦେବ ତିନି ଲୋକ । ୩୯ ।

---

୩୮ । ଅନଳ - ଅଗ୍ନି ।

ଏହି ରୂପେ ମନେ ମନେ ଭାବି ମୁନିବର,
ଅତୀବ ହରଷେ ହେଲେ ପ୍ରଫୁଲ୍ଲ-ଅନ୍ତର । ୪୦ ।
ବିଶ୍ରାମ ଆଦେଶେ ଦେଇ ଦୂତେ ମିଷ୍ଟଭାଷେ,
ଶିଷ୍ୟଗଣେ ନିୟୋଜିଲେ ଚରସ୍ତୁ ସକାଶେ । ୪୧ ।
ଜାନକୀ ନିକଟେ ଯାଇ ହର୍ଷେ ମୁନିବର,
ଜଣାଇଲେ ଅଶ୍ୱମେଧ-ଯଜ୍ଞର ଖବର । ୪୨ ।
ଆସିଅଛି ରାମଦୂତ ଧରି ନିମନ୍ତ୍ରଣ;
ଶିଷ୍ୟଗଣ ଘେନି କାଲି କରିବି ଗମନ । ୪୩ ।
ତହିଁ ସଙ୍ଗେ କୁଶ ଲବ ଯିବେ ଯଥାଶିଷ୍ୟ,
ଦେଖିବେ ବହୁତ ମୁନି ଲଭିବେ ଆଶିଷ । ୪୪ ।
ମହର୍ଷି ପ୍ରସ୍ତାବ ସତୀ କରି ସମର୍ଥନ.
କୁମାରଙ୍କ ଭାର ଗାଢ଼େ କଲେ ସମର୍ପଣ । ୪୫ ।
ତହୁଁ ଋଷି ଅନ୍ତେବାସୀମାନଙ୍କୁ କହିଲେ,
ଅଶ୍ୱମେଧ ଦେଖିଯିବା ଯାମିନୀ ପାହିଲେ । ୪୬ ।
କୁଶ ଲବ ସହିତରେ ସତୀର୍ଥ ସକଳ,
ସଜ ହୋଇ ଧରିଥିବ ପାଥେୟ ସମ୍ବଳ । ୪୭ ।
ବାବା କୁଶ ଲବ ବୀଣା ସଙ୍ଗେ ଥିବ ଧରି,
ସଫଳ କରିବ ଶିକ୍ଷା ସୁସଙ୍ଗୀତ କରି । ୪୮ ।
ଯେଉଁ ରାମ ରାମାୟଣ-କାବ୍ୟର ନାୟକ,
ହୋଇଛନ୍ତି ତୁମ୍ଭ ହୃଦ ଆନନ୍ଦ ଦାୟକ । ୪୯ ।
ସେହି ରାମ କରୁଛନ୍ତି ଏହି ମହାଯାଗ,
ଆସିବେ ବହୁତ ଦେଶୁ ବହୁ ମହାଭାଗ । ୫୦ ।

---

୪୧ । ନିୟୋଜିଲେ—ନିଯୁକ୍ତ କଲେ, ଚରସ୍ତୁ—ଅଭ୍ୟର୍ଥନା ।

୪୬ । ଅନ୍ତେବାସୀ—ଶିଷ୍ୟ, ଯାମିନୀ—ରାତ୍ରି ।

୪୭ । ସତୀର୍ଥ—ସହାଧ୍ୟାୟୀ, ପାଥେୟ—ପଥିକର ବାଟରେ ଆବଶ୍ୟକ ପଦାର୍ଥ ।

୫୦ । ମହାଭାଗ – ଗୁଣଯୁକ୍ତ ବ୍ୟକ୍ତି ।

ଆସିଥିବେ ବିଭୀଷଣ ଲଙ୍କା-ଅଲଙ୍କାର,
ଅସୁର-ସଂହନ୍ତ ସହ ସିନ୍ଧୁ ହୋଇ ପାର । ୫୧ ।
ଭଲ ଭଲ ଭଲ୍ଲ କପି ଅଙ୍ଗଦ-ପ୍ରମୁଖ,
ଆସିବେ ସୁଗ୍ରୀବ ସଙ୍ଗେ ହର୍ଷେ ମାଜି ମୁଖ । ୫୨ ।
ମଣ୍ଡନ୍ତି ଯେ ଲୋଷ୍ଟ୍ରଖଣ୍ଡ ସମ ସାନୁମାନ,
ଅମିତ-ବିକ୍ରମ-ଶାଳୀ ବୀର ହନୁମାନ । ୫୩ ।
ମୁଦେ ହୃଦେ ଯେନ ସୀତାଦତ୍ତ ମୋତିହାର,
କରୁଥିବେ ତହିଁ ସିଂହ ସଦୃଶ ବିହାର । ୫୪ ।
ବିବିଧ ପାଳକ-ମାଳେ ମଣ୍ଡି କଳେବର,
ଆସିଥିବେ ଗୁହ ସଙ୍ଗେ ଅସଂଖ୍ୟ ଶବର । ୫୫
ଯେ ଦୁର୍ଲଭ ରାଜଲକ୍ଷ୍ମୀ-ପ୍ରେମ ଆଲିଙ୍ଗନ,
ଭ୍ରାତୃଭକ୍ତି ବଳେ ହେଳେ କରି ଉଲ୍ଲଙ୍ଘନ । ୫୬ ।
ଅଗ୍ରଜ-ପାଦୁକା ଥୋଇ ରାଜ-ସିଂହାସନେ,
ଯାପିଲେ ଚଉଦ ବର୍ଷ ଫଳମୂଳାସନେ । ୫୭ ।
ଜୀବନ ଉନ୍ନତ କଲେ ବାନ୍ଧି ଜଟାଜୁଟ,
ଊର୍ଦ୍ଧ୍ୱ ମୁଖେ ରହେଁ ଯାହା ହିମାଚଳ କୂଟ । ୫୮ ।
ସେ ଭରତ ଥିବେ ତହିଁ ରାମ ଅନୁହାର,
ବିଷ୍ଣୁ ପଦେ ବିଧୁତୁଲ୍ୟ କୀର୍ତ୍ତିକାନ୍ତି ଧରି । ୫୯ ।

---

୫୨ । ଅଙ୍ଗଦ—କିଷ୍କିନ୍ଧ୍ୟା ରାଜା ବାଳିର ପୁତ୍ର, ସୁଗ୍ରୀବ—ବନବାସ କାଳରେ ରାମଚନ୍ଦ୍ରଙ୍କର ମିତ୍ର, ପରେ କିଷ୍କିନ୍ଧାର ରାଜା ।

୫୩ । ଲୋଷ୍ଟ୍ରଖଣ୍ଡ—ପଥର ଖଣ୍ଡେ, ସାନୁମାନ—ପର୍ବତ, ହନୁମାନ—ରାମଙ୍କ ଦୂତ ।

୫୫ । ପାଳକ—ପକ୍ଷିଲୋମ, ଗୁହ—ଗୁହକ ଶୃଙ୍ଗବେରପୁରର ଶବର ରାଜା । ସେ ଥିଲେ ରାମଚନ୍ଦ୍ରଙ୍କର ପରମ ବନ୍ଧୁ । ବନବାସ କାଳରେ ଗୁହକ ରାମଚନ୍ଦ୍ରଙ୍କୁ ଆତିଥ୍ୟ ପ୍ରଦାନ କରି ଗଙ୍ଗା ପାରହେବା ପାଇଁ ସାହାଯ୍ୟ କରିଥିଲେ ।

କ୍ଷଣଜନ୍ମା ଲକ୍ଷ୍ମଣଙ୍କୁ ଦେଖିବ ତହିଁରେ,
ଯା' ସମ ଦ୍ୱିତୀୟ ଜଣେ ନାହାନ୍ତି ମର୍ତ୍ତ୍ୟରେ । ୬୦ ।
ନିଜେ ବଜ୍ରଧର ଯାର ଭୟରେ ଚଳିତ,
ତା' ଦର୍ପ ସେ କରିଛନ୍ତି ପଦ୍ମରେ ଦଳିତ । ୬୧ ।
ମେଘନାଦ-ବଧ-ବାର୍ତ୍ତା ହୋଇ କାଳାନଳ,
ରାବଣ-ହୃଦୟେ ପଶି ଜଳିଲା ପ୍ରବଳ । ୬୨ ।
ତହିଁ ସଙ୍ଗେ ଅଙ୍ଗ-ବଳ ଆହୁତି ପ୍ରଦାନ,
କରି ଉଗ୍ରତର କଲା ରାକ୍ଷସ-ପ୍ରଧାନ । ୬୩ ।
ତହିଁ ତପ୍ତ କରି ତାର ପ୍ରଦୀପ୍ତ ଶକତି,
ନିକ୍ଷେପିଲା ଧରି କୋପେ ସୌମିତ୍ର ପ୍ରତି । ୬୪ ।
ଶକତି-ଆଘାତ-ଜାତ କ୍ଷତର ଲକ୍ଷଣ
ବକ୍ଷେ ପୃଷ୍ଠେ ବହି ସାର୍ଥନାମା ସେ ଲକ୍ଷ୍ମଣ । ୬୫ ।
ଅକ୍ଷିରେ ଦେଖିବ ଯାହା ଦେଖିଛ ଅକ୍ଷରେ,
ଗାଇବ ସଭିଙ୍କ କଥା ସର୍ବ ସମକ୍ଷରେ । ୬୬ ।
ସଙ୍ଗୀତ ଶୁଣିବେ ଶତ ଶତ ନରପତି,
ତପଃପ୍ରଭାପୂର୍ଣ୍ଣତନୁ ଶତ ଶତ ଯତି । ୬୭ ।
କେହି ପଚାରିଲେ ତହିଁ ତୁମ୍ଭ ପରିଚୟ,
ବୋଲିବ, "ବାଲ୍ମୀକି-ଶିଷ୍ୟ ଆମ୍ଭେ ଭ୍ରାତୃଦ୍ୱୟ" । ୬୮ ।
ରାଜା ରାମଚନ୍ଦ୍ର ଯେବେ କରିବେ ଆହ୍ୱାନ,
କରିବ ଶ୍ରୀମୁଖରେ ତାଙ୍କ ରାମାୟଣ ଗାନ । ୬୯ ।
ପଚାରିଲେ ପରିଚୟ ଘେନି କୌତୂହଳ,
ବୋଲିବ, "ବାଲ୍ମୀକି-ଶିଷ୍ୟ ସୋଦର ଯୁଗଳ ।" ୭୦ ।

---

୬୧ । ବଜ୍ରଧର – ଇନ୍ଦ୍ର, ଯାର ଭୟରେ ··ରାବଣର ଜ୍ୟେଷ୍ଠପୁତ୍ର ଇନ୍ଦ୍ରଜିତ ଭୟରେ; ମେଘନାଦ – ଇନ୍ଦ୍ରଜିତ ।

୬୪ । ସୌମିତ୍ର—ଲକ୍ଷ୍ମଣ ।

୬୫ । ଲକ୍ଷଣ—ଚିହ୍ନ ।

ଧନ ଦେଲେ ଲୋଭ ତେଜି ବୋଲିବ ବିନୟେ,
"କି କରିବୁ ଧନ ନେଇ ତାପସ-ନିଳୟେ ?" ୭୧ ।

ତେବଣେ ଶୁଣି ମୁନି-ମୁଖୁ ଅଶ୍ୱମେଧ-କଥା,
ବୈଦେହୀ-ହୃଦୟେ ହେଲା ଆକସ୍ମିକ ବ୍ୟଥା । ୭୨ ।
ଭାବିଲେ ନିଶ୍ଚୟ ରଘୁକୁଳ ଚୂଡ଼ାମଣି,
ଅଙ୍କେ ବସାଇଲେ ଅଣି ଦ୍ୱିତୀୟା ରମଣୀ । ୭୩ ।

ଧନ୍ୟ ସେହି ଭାଗ୍ୟବତୀ ଫଳିଲେ ତା, ତପ,
ପାଦପେ ସାଗର-ବଂଶ-ସିନ୍ଧୁ-ଶୀତାତପ । ୭୪ ।

କାହିଁ କେଉଁରୂପେ କଲା କି ଘୋର ତପସ୍ୟା,
ତପସ୍ୟାକୁ ତାର ମୋର ବଳୁଛି ଲାଳସା । ୭୫ ।
କିଏ କହି ଦେବ ସେଇ ତପର ନିୟମ,
ନିଶ୍ଚୟ କରିବ ତହୁଁ ତପ ଗୁରୁତମ । ୭୬ ।

କେ ଜାଣିବ ତାହା ପୂର୍ବତପ ବିବରଣ,
ଜାଣିଥିବେ ବଶିଷ୍ଠାଦି ମହାଋଷିଗଣ । ୭୭ ।

ନ ହେଲେ କି କଲେ ତାକୁ ରାଜ୍ଞୀ ମନୋମତ ?
ତାଙ୍କମତେ ହୋଇଥିବେ ପ୍ରଭୁ ପରିଣୀତ । ୭୮ ।
ଉପାୟେ ଆଣିବି ସେହି ନିଗୂଢ଼ ମନ୍ତ୍ରର,
ବିଶ୍ୱର ଲେଖିଲେ ସତୀ ବିନୟ ପତ୍ରର । ୭୯ ।

---

୭୧ । ନିଳୟେ – ଘରେ ।
୭୩ । ଅଙ୍କେ – କୋଳରେ, ଦ୍ୱିତୀୟା ରମଣୀ – ଦ୍ୱିତୀୟଥର ବିବାହ କରିବା ।
୭୪ । ଶୀତାତପ— ଶୀତଳତା ଓ ଉଷ୍ଣତା ।
୭୫ । ଲାଳସା—ଇଚ୍ଛା, ଅଭିଲାଷ ।
୭୮ । ପରିଣୀତ—ବିବାହ କରିବା ।
୭୯ । ନିଗୂଢ଼—ଗୋପନୀୟ ।

"ଶରଣ-ବତ୍ସଲ-ଧ୍ୱଜା ରଘୁ-ଗଜାଙ୍କୁଶ,
ଦୁଃଖ-ଗିରି-ବଜ୍ର ଯହିଁ ଦେଖନ୍ତି ବିବୁଧ । ୮୦ ।
ରାଜରାଜେଶ୍ୱରଙ୍କ ସେ ପଦପଦ୍ମ ଦ୍ୱନ୍ଦେ,
ଦୀନ ଭିଖାରିଣୀ ଦୂରୁ ନତଶିରେ ବନ୍ଦେ । ୮୧ ।
କରିବାକୁ ମଧୁ-ଆଶା-ତିମିର-ଭେଦନ,
କାତରେ କାନ୍ତାରେ ଥାଇ କରେ ନିବେଦନ । ୮୨ ।
ମହାରାଜ ମହାଯଜ୍ଞେ ହୋଇଛ ଦୀକ୍ଷିତ,
ନବ-ବାମା ହେଉଥିବ ବାମାଙ୍କ ବୀକ୍ଷିତ । ୮୩ ।
ମୁଗ୍ଧ-ବଧୂ ମୁଗ୍ଧ ହେବ ହୋଇ ଶତ ଗୁଣ,
ବଢ଼ି ଯାଉଥିବ ତୁମ୍ଭ ସକଳ ସଦ୍‌ଗୁଣ ! ୮୪ ।
ଆଚରିତ ମହାଯଜ୍ଞେ କରିବ ପ୍ରଦାନ,
ଅଶେଷ ରତନ ଧନ କ୍ଷୌମ ବସ୍ତ୍ରମାନ । ୮୫ ।
ସିଦ୍ଧ-କାମ ହେବେ ତହିଁ ଅର୍ଥୀ ସମୁଦୟ,
ମୋ ମାନସ ଭିକ୍ଷା ଏକ ହୋଇଛୁ ଉଦୟ । ୮୬ ।
ଏ ଗୁରୁ ଭିକ୍ଷାରେ ନାଥ, ନ ହେବ କୃପଣ,
ଦୟା-ରତ୍ନମୟ-ଦାନ-ବାରିଧି ଆପଣ । ୮୭ ।
ମୁଁ କିଏ, ତା, ଜାଣିବାର ନୁହେଁ ଆବଶ୍ୟକ,
ସଦା ତୁମ୍ଭେ ତାପସଙ୍କ ଅଶାନ୍ତି-ନାଶକ । ୮୮ ।
ତାପସଙ୍କୁ କିଛି ତୁମ୍ଭ ନ ଥାଏ ଅଦେୟ,
ମୁହିଁ ତପସ୍ୱିନୀ ମୋତେ ନ କରିବ ହେୟ ! ୮୯ ।

---

୮୦ । ବିବୁଧ—ପଣ୍ଡିତ ।

୮୨ । କାତରେ—ଅତ୍ୟନ୍ତ ଭୟରେ, କାନ୍ତାରେ—ଦୁର୍ଗମ ପଥ, ନିବେଦନ—ପ୍ରାର୍ଥନା ।

୮୩ । ବୀକ୍ଷିତ—ଦୃଷ୍ଟ ।

୮୫ । କ୍ଷୌମ—ପଟ୍ଟବସ୍ତ୍ର ।

୮୬ । ଅର୍ଥୀ—ପ୍ରାର୍ଥୀ ।

ଯେ ହୋଇଛ ଆଜ ତୁମ୍ଭ ଅଙ୍କର ଭାଜନ,
ଭକ୍ତିଭରେ ଦେଖୁଥିବ ଜଗତର ଜନ । ୯୦ ।
ପୂର୍ବେ ସେହୁ କରିଥିଲେ କେଉଁ ଘୋର ତପ,
କେଉଁଠାରେ କେତେକାଳ କେଉଁ ମନ୍ତ୍ର ଜପ । ୯୧ ।

ଏତିକି ମାତ୍ର ପ୍ରଶ୍ନେ, ମୋତେ ଦେବଟି ଜଣାଇ,
ଅନ୍ୟ କିଛି ଧନେ ମୋର ପ୍ରୟୋଜନ ନାହିଁ । ୯୨ ।

କୋଟି ଅଶ୍ୱମେଧେ ଯେତେ ଧନ ହୁଏ ଦାନ,
ତହିଁରୁ ଅଧିକ ତାହା ହେବ ମୋର ଜ୍ଞାନ । ୯୩ ।

ଆଉ ଏକ କଥା ମାତ୍ର ଅଛି ଅନୁରୋଧ,
ଦୁଃଖିନୀର ପୁତ୍ର ଯୁଗ ଅତ୍ୟନ୍ତ ଅବୋଧ । ୯୪ ।
ନାହିଁ ତାଙ୍କ ପିତୃ-କୋଳ ଆରୋହଣ ଭାଗ୍ୟ,
ନ ଜାଣନ୍ତି ଜନ୍ମକାଳୁ ପିତୃ-ଅନୁରାଗ । ୯୫ ।
ଜାଣିଛନ୍ତି ଜନନୀର ଜୀବନ କନ୍ଦାଇ,
ବୀଣା-ତନ୍ତ୍ରୀ-ସହକାରେ ରାମାୟଣ ଗାଇ । ୯୬ ।
କିଏ ନ କାନ୍ଦିବ ବତ୍ସ ମାନବ-ହୃଦୟ ?
ତରୁଲତାଚୟ ଯହିଁ ହୁଅନ୍ତି ଅଥୟ । ୯୭ ।

ତୁମ୍ଭର ଚରିତେ ନତେ ହୋଇ ବିମୋହିତ,
ଯାଉଛନ୍ତି ଶିଶୁ ଦ୍ୱୟ ମହର୍ଷି ସହିତ । ୯୮ ।

କରିବାକୁ ତୁମ୍ଭ ପଦ-ପଙ୍କଜ ଦର୍ଶନ,
ମନ ତାଙ୍କ ନେଉଅଛି କରି ଆକର୍ଷଣ । ୯୯ ।

ଶୁଣାଇବେ ତୁମ୍ଭ ଗତ ଦୁଃଖର କାହାଣୀ,
ଯା' ଶୁଣିଲେ ଦୁଃଖିନୀର ହୃଦ ହୁଏ ହାଣି । ୧୦୦ ।
ନ ଶୁଣିଲେ ତହିଁ ପ୍ରତି ଧାଉଁଥାଏ ମନ,
ନ ହୁଅଇ କରି ତାର ଔତ୍ସୁକ୍ୟ-ଦମନ । ୧୦୧ ।

---

୧୦୧ । ଔତ୍ସୁକ୍ୟ—ଆଗ୍ରହ ।

ଧୀରବର, ସେ କଥାକୁ ଦେଇ ତୁମ୍ଭ ଶ୍ରୁତି,
ଆଣିବ ଯଦ୍ୟପି ଦୀନା ବୈଦେହୀର ସ୍ମୃତି । ୧୦୨ ।

ବୈଦେହୀର ପ୍ରଣୟକୁ ମଣିବ ସ୍ୱପନ,
ଗୃହିଁ ନବ ପ୍ରଣୟିନୀ-ପ୍ରଫୁଲ୍ଲ-ଲପନ । ୧୦୩ ।

ଲେଖୁଥାନ୍ତି ପତ୍ର ସତୀ ହୃଦୟ ବକଳେ,
ପତ୍ର ଧୌତ ହେଉଥାଏ ନୟନର ଜଳେ । ୧୦୪ ।

ଆଉ କ ଲେଖିବ ବୋଲି ଭାବୁଥିଲେ ବସି,
ଆସିଗଲେ କୁଶ ଲବ ମୃଦେ ହସି ହସି । ୧୦୫ ।

ବୋଇଲେ, "ଗୋ ମାତଃ, ଧନ୍ୟ ଧନ୍ୟ ରଘୁପତି,
ଧନ୍ୟ ତାଙ୍କ ପ୍ରଣୟିନୀ ସତୀ ଭାଗ୍ୟବତୀ । ୧୦୬ ।

ଅଶ୍ୱମେଧ କରୁଛନ୍ତି କୌଶଲ୍ୟା-ନନ୍ଦନ,
ଦୂତ ଏକ ଆସିଅଛି ଧରି ନିମନ୍ତ୍ରଣ । ୧୦୭ ।

ଦୂତକୁ ପଚାରି ଯାହା ହେଲୁ ଅବଗତ,
ରାମଚନ୍ଦ୍ର ଯୋଗୁଁ ଆଜି ଧନ୍ୟ ଏ ଜଗତ । ୧୦୮ ।

ଜନ-ଅପବାଦ ରାମ କଲେ ବିଭଞ୍ଜନ,
ପ୍ରାଣ-ପ୍ରଣୟିନୀ ସୀତା କରି ବିସର୍ଜନ । ୧୦୯ ।

ଅଶ୍ୱମେଧ-ଯଜ୍ଞେ ସହଧର୍ମିଣୀ ସକାଶେ,
କାନକୀ ଜାନକୀ ରାମ ରଖିଛନ୍ତି ପାଶେ । ୧୧୦ ।

ଥିଲା କି ଜନନି, ତାଙ୍କୁ ଦୟିତା ଦୁର୍ଲଭ ?
ଅନ୍ୟ ଜାୟା ନ ଇଚ୍ଛିଲେ ଜାନକୀ-ବଲ୍ଲଭ । ୧୧୧ ।

---

୧୦୯ । ବିଭଞ୍ଜନ—ଭଗ୍ନ ।
୧୧୦ । କାନକୀ—ସ୍ୱର୍ଣ୍ଣମୟୀ ।
୧୧୧ । ଦୟିତା—ସ୍ତ୍ରୀ, ଜାୟା—ସ୍ତ୍ରୀ ।

କାହିଁ ଗଲେ ଜାନକୀ ମା ନ ଥିବେ ଜୀବନେ ?
ନ ପାରିଲୁଁ ଜାଣି ସେହି କଥା ରାମାୟଣେ । ୧୧୨ ।
ଯିବୁଁ ମା, ଦେଖିବୁ ରାମ କମଳ-ପଦ୍ମର,
ସଙ୍ଗେ ନେବ ବୋଲି କହୁଛନ୍ତି ମୁନିବର । ୧୧୩ ।
କୁମରଙ୍କ ବାଣୀ-ସୁଧା-ସାଗର-ଲହରୀ,
ସତୀ-ଜୀବନକୁ ଦେଲା ନମଜ୍ଜିତ କରି । ୧୧୪ ।
ହୃଦ ହୋଇଥିଲା ଯେହ୍ନେ ତପ୍ତ ବାଲିମୟ,
ପ୍ଳାବିଦେଲା ରାମ-ପ୍ରୀତି-ପୟୋଧର ପୟ । ୧୧୫ ।
ମନେ ମନେ ବୋଇଲେ, 'ହା ! ମୁଁ ଚିରପାପିନୀ,
ଲେଖିଥିଲି ଭାଷା ପ୍ରଭୁ- ହୃଦୟ-ତାପିନୀ । ୧୧୬ ।
ମୁଁ ପିନା ଅବଳା ଅତି ଦୁର୍ବଳ ହୃଦୟା,
ଅନନ୍ତ ଅଗାଧ ମୋର ପ୍ରଭୁଙ୍କର ଦୟା । ୧୧୭ ।
ଅପରାଧ କ୍ଷମ ନାଥ, କ୍ଷମାର ସାଗର,
ବିଧି କଲା ମୋତେ ତୁମ୍ଭ ହୃଦୟର ଗର । ୧୧୮ ।
ବୋଇଲେ ଲୁଚାଇ ପୁଣି ପ୍ରକାଶି ହରଷ,
'ଯାଅ ବତ୍ସେ ! ଦେଖି-ରାଜ-ପଦ୍ମର-ସାରସ । ୧୧୯ ।
କହୁଥିଲେ ତାତ, ତହିଁ କରିବ ସଙ୍ଗୀତ,
ସ୍ୱଭାବେ ଅଟଇ ତା' ତ ପୀୟୂଷ-ସମ୍ମିତ । ୧୨୦ ।
ପୁଣ୍ୟମୟ ଯଜ୍ଞ-କ୍ଷେତ୍ରେ ହୋଇ ସୁଧା-ସ୍ରୋତ,
ହୃଦୟେ ହୃଦୟେ ହୋଇଯିବ ଓତପ୍ରୋତଃ । ୧୨୧ ।
ଡାକିଲେ ରାଘବ ଯିବ ତାଙ୍କ ସନ୍ନିଧାନେ,
ବନ୍ଦିବ ଚରଣେ ଭକ୍ତିପୂର୍ତ୍ତି ପ୍ରଣିଧାନେ । ୧୨୨ ।

---

୧୧୫ । ପୟୋଧର—ମେଘ, ପୟ—ଜଳ ।

୧୧୮ । ଗର—ବିଷ ।

୧୨୦ । ସମ୍ମିତ—ସମାନ ।

୧୨୧ । ଓତପ୍ରୋତଃ—ସର୍ବାଙ୍ଗୀଣ ବ୍ୟାପ୍ତ ।

୧୨୨ । ସନ୍ନିଧାନେ—ନିକଟକୁ, ପ୍ରଣିଧାନ—ନମସ୍କାର ।

ଦେଖିବ ତହିଁରେ ତାଙ୍କ ଅବରଜଦ୍ୱୟ,
ତାଙ୍କ ପଦେ ପ୍ରଣମିବ ଦେଖାଇ ବିନୟ । ୧୨୩ ।

ରାଜମାତାଙ୍କର ପୂତ-ଚରଣ କମଳ,—
ରଜଣିରେ ଧେନ ପ୍ରାଣ କରିବ ସଫଳ । ୧୨୪ ।

ଜାନକୀ-ଭଗିନୀ ତିନ ଥିବେ ତାଙ୍କ ପାଶେ,
ବନ୍ଦିବ ଚରଣ ତାଙ୍କ ଜାନକୀ ବିଶ୍ୱାସେ । ୧୨୫ ।

ପଚାରିବେ କେହୁ ଯେବେ କାହାର ନନ୍ଦନ,
ଉତ୍ତରେ ବୋଲିବ ‘ଆମ୍ଭେ ତପସ୍ୱିନୀ-ଧନ । ୧୨୬ ।

କୁମାରଙ୍କୁ ହୃଷ୍ଟ କଲା ମାତାଙ୍କ ବଚନ,
ନବ କୌତୂହଳେ ତାଙ୍କ ପୂର୍ଣ୍ଣ ହେଲା ମନ । ୧୨୭ ।

ଭୋଜନେ ଶୟନେ ଆଉ ନ ହେଲା ଆଦର ।
ହୃଦେ ନୃତ୍ୟ ହେଲା ରାମ-ପ୍ରଶଂସା-ବାଦର । ୧୨୮ ।

ରାମ-କଥା କୁହାକୁହି କରି ପରସ୍ପର,
ନିଦ୍ରା-ଅଭିଭୂତ ହେଲେ ଉଭୟ ସୋଦର । ୧୨୯ ।

ଜାନକୀ-ଜୀବନ ପତି-ଭକ୍ତି-ନଦୀ-ରୟେ,
ଭାସୁଥାଏ, ଭ୍ରମୁଥାଏ ଆବର୍ତ୍ତେ ଅଥୟେ । ୧୩୦ ।

କୋଳେ ଆଣିବାକୁ ତାକୁ ନିଦ୍ରାର ଶକତି
ନ ହେବାରୁ ଜଣାଇଲା ଯୋଗମାୟା କତି । ୧୩୧ ।

ବୋଇଲା, ‘ଦେବି ଗୋ, ଆଜି ଜାନକୀ ଜୀବନ,
କରିଛି ମାନବୀ-ହୃଦ-ସୀମାକୁ ଲଙ୍ଘନ । ୧୩୨ ।

---

୧୨୩ । ଅବରଜ—କନିଷ୍ଠଭ୍ରାତା ।

୧୨୯ । ଅଭିଭୂତ—ଜଡ଼ିତ; ସୋଦର—ଭାଇ ।

୧୩୦ । ରୟ—ସ୍ରୋତ, ଆବର୍ତ୍ତ— ଭଉଁରୀ ।

ବାର ବର୍ଷ ହେଲା ଶଯ୍ୟା ପ୍ଲାବ ନେତ୍ରନୀରେ,
ଥରେ ହେଲେ ଆସୁଥିଲା ମୋ କୋଳକୁ ଧୀରେ । ୧୩୩ ।

ଆଜି ଯେତେ ସୁମଧୁରେ କରୁଛ ଆହ୍ୱାନ,
ନ ଶୁଣି କରୁଛ ସ୍ୱର୍ଗ ରାଜ୍ୟକୁ ପ୍ରୟାଣ । ୧୩୪ ।

ନୟନ-ପ୍ରତିମା ତାର ଯେ ବେନି କୁମର,
ଏବେକ୍ଷଣି ହୋଇଯିବେ ନୟନୁ ଅନ୍ତର । ୧୩୫ ।

ଦଶ ଦିଗ ହେବ ତାକୁ ଅନ୍ଧକାରମୟ,
ଏ ଜୀବନେ ନାହିଁ ତାର ସୁଖ ସୂର୍ଯ୍ୟୋଦୟ । ୧୩୬ ।

ପ୍ରତି-ପ୍ରାଣା ହୋଇ ତାର ହେଲା କେଉଁ ଫଳ,
ଦେଖୁ ତ ଦୁଃଖିନୀ କର ଭବିଷ୍ୟ ଉଜ୍ଜ୍ୱଳ । ୧୩୭ ।

ପ୍ରାଣ-ଆଲବାଳେ ନେତ୍ର-ଜଳ କରି ଦାନ
ଅବଳା ଲଗାଇ ପତି-ଭକତି-ଉଦ୍ୟାନ । ୧୩୮ ।

ନ ଫୁଟିଲା ଫୁଲ ତହିଁ ନ ଫଳିଲା ଫଳ ,
କହ ତ ଜୀବନ ଦେବ କି ଘୋର ବିକଳ । ୧୩୯ ।

ଯୋଗମାୟା ଆଜ୍ଞାଦେଲେ, 'ଚାଲ ଲୋ ସଜନୀ,
ଶେଷ ହୋଇ ଆସିଲଣି ଶୀତଳା-ରଜନୀ । ୧୪୦ ।

ଏବେ ଯାଇଁ ବେଗେ ଦୁହେଁ ସତୀ-ସନ୍ନିକଟ,
କରିଦେବା ତା, ଭବିଷ୍ୟ ରହସ୍ୟ ପ୍ରକଟ । ୧୪୧ ।

ନିଦ୍ରା ସହ ଯୋଗମାୟା ଆସିଲେ ସତ୍ୱରେ,
ପଶିଲେ ଜାନକୀ-ପର୍ଣ୍ଣ-କୁଟୀର-ଭିତରେ । ୧୪୨ ।

---

୧୩୮ । ଉଦ୍ୟାନ—ଉପବନ ।
୧୪୧ । ପ୍ରକଟ—ପ୍ରକାଶ କରିଦେବା ।

ସ୍ୱର୍ଗୀୟ-ଜ୍ୟୋତିରେ ହେଲା କାନନ ଉଜ୍ଜ୍ୱଳ
ସ୍ୱର୍ଗୀୟ ସୌରଭେ ପୂର୍ଣ୍ଣ ହେଲା ମହୀତଳ । ୧୪୩ ।

ସୌରଭେ ଜାନକୀ-ପ୍ରାଣ ହେଲା ପୁଲକିତ,
ପ୍ରଭା ପ୍ରଭାବରେ ହେଲା ନେତ୍ର ନିମୀଳିତ । ୧୪୪ ।

ଦେଖିଲା ଜାନକୀ ହୋଇଛନ୍ତି ଜ୍ୟୋତିର୍ମୟୀ,
ତାଙ୍କ ଜ୍ୟୋତି ଆଲୋକିତ କରୁଅଛି ମହୀ । ୧୪୫ ।

ଜ୍ୟୋତିର୍ମୟ ରାମଚନ୍ଦ୍ର ରତ୍ନ ସିଂହାସନେ,
ବସିଛନ୍ତି ତାଙ୍କୁ ଚାହିଁ ପ୍ରସନ୍ନ ଆନନେ । ୧୪୬ ।

ରାମଚନ୍ଦ୍ର-କୋଳେ କୁଶ, ସୀତାକୋଳେ ଲବ,
ଛତ୍ର ଧରି ପାଶେ ଉଭା ଊର୍ମିଳା-ବଲ୍ଲଭ । ୧୪୭ ।

ଚନ୍ଦ୍ରିକା-ଧବଳ-ଚାରୁ-ଚାମର ଚାଳନ,
କରନ୍ତି ଭରତ କରି ସ୍ୱଧର୍ମ-ପାଳନ । ୧୪୮ ।

ଶିଖଣ୍ଡି-ଶିଖଣ୍ଡ-ଜାଲେ ରଚିତ ବ୍ୟଜନ,
କରେ ଧରି ଶତ୍ରୁଘ୍ନ କରନ୍ତି ବ୍ୟଜନ । ୧୪୯ ।

ସଭିଙ୍କ ଜୀବନ-ଜ୍ୟୋତି ଭବିଷ୍ୟ-ମୁଖରେ,
ସ୍ରୋତସ୍ୱତୀ ସ୍ରୋତରୂପେ ବହୁଛି ପ୍ରଖରେ । ୧୫୦ ।

କୋଟି କୋଟି ନର-ନାରୀ ମହାତୀର୍ଥ-ଜ୍ଞାନ,
କରି ସେ ପବିତ୍ର- ସ୍ରୋତେ କରୁଛନ୍ତି ସ୍ନାନ । ୧୫୧ ।

---

୧୪୬ । ଆନନ—ମୁଖ ।
୧୪୭ । ଊର୍ମିଳା—ବଲ୍ଲଭ—ଲକ୍ଷ୍ମଣ ।
୧୪୮ । ଚାମର—ଚଅଁର ।
୧୪୯ । ଶିଖଣ୍ଡି—ମୟୂର, ବ୍ୟଜନ—ପଙ୍ଖା କରିବା ।

ଝୁଲୁଛି ସୁଦୂର-କାଳ-ସିନ୍ଧୁ ପ୍ରତି ଧାର,
ବେଳୁ ବେଳ କରି ନିଜ ଆକାର ପ୍ରସାର । ୧୫୨ ।
ଉପରୁ ଅମରଗଣ ବିଦ୍ୟାଧରଗଣ,
କରୁଥାନ୍ତି ମନୋହର କୁସୁମ-ବର୍ଷଣ । ୧୫୩ ।
ଅମର ଅସୁର ନାଗ ନର ଅପସରୀ,
'ଜୟ ସୀତା-ରାମ' ନାଦେ ପୂରାଇଲେ ଧରା । ୧୫୪ ।
ଘରେ ଘରେ ପ୍ରାଣେ ପ୍ରାଣେ ନଗରେ ନଗରେ,
ନଦୀ-ନାବେ ସିନ୍ଧୁ-ପୋତେ-କନ୍ଦରେ କନ୍ଦରେ । ୧୫୫ ।
ରଜନୀ ବାସରେ ସନ୍ଧ୍ୟା ପ୍ରଭୃତି ସମୟେ,
ସୁଖେ ଦୁଃଖେ ଧନୀ ଧନ-ହୀନର ହୃଦୟେ । ୧୫୬ ।
ଉଚ୍ଚାରିତ ହେଉଅଛି 'ଜୟ ସୀତା ରାମ',
ଶୁହିଁ ମୁଗ୍ଧ ହେଲେ ସତୀ-ଲଳନା-ଲଲାମ । ୧୫୭ ।

✳ ସ ମା ପ୍ତ ✳

---

୧୫୨ । ପ୍ରସାର—ବିସ୍ତାରିତ ।
୧୫୫ । କନ୍ଦରେ—ପର୍ବତର ଗୁହା ବା ଖୋଲ ।
୧୫୭ । ଲଲାମ – ଶ୍ରେଷ୍ଠ ।


ତପସ୍ୱିନୀ
ଗଙ୍ଗାଧର